ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୧୯/୨୦୧୮ (୨୦ ପୃଷ୍ଠା) Sambalpur, Wednesday, December 19/ 2018 | ★★

୧୫ଶ ଭାଗ ୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

DSPL-306

ଆମ ଗାଁ ଆମ ବିକାଶ

ନବୀନ ଓଡ଼ିଶାର ନୂତନ କିରଣ

ପିଠା

PEETHA

(Peoples' Empowerment - Enabling Transparency and Enhancing Accountability on Odisha Initiatives)

ଘରେ ଘରେ ଆଭି ବିଜୁଳି
ଓଡ଼ିଶା ଗଲାଣି ବଦଳି



ଆମ ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଆଜି କାର୍ଯ୍ୟରେ ପରିଣତ ହୋଇଛି । ଓଡ଼ିଶାର ସବୁ ଘରକୁ ବିଜୁଳି ଶକ୍ତି ଯୋଗାଇବା କଥା ଆଜି ସତ ହୋଇଛି । ୯୫ ଲକ୍ଷରୁ ଅଧିକ ଘରକୁ ଆମେ ବିଦ୍ୟୁତ୍ ସଂଯୋଗ ପହଞ୍ଚାଇ ସାରିଛୁ । ଯଦି କୌଣସି ପରିବାର ବିଦ୍ୟୁତ୍ ସଂଯୋଗ ଏଯାଏଁ ପାଇ ପାରି ନାହାନ୍ତି, ସେମାନେ ଏହି ଡିସେମ୍ବର ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା 'ପିଠା' (PEETHA) ଶିବିରରେ ପହଞ୍ଚି ବିନା ଜମାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର

04056/13/0001/1819

ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍

ସଂକ୍ଷେପରେ

ସମୁଦ୍ରରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

ପୁରୀ ଅଫିସ,୧୮।୧୨: ସମୁଦ୍ରରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଞ୍ଚିର ଶ୍ରୀକ୍ରିଷ୍ଣା କୁମାର(୧୮)। ସେ ବୋକାରୋସ୍ଥିତ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ଥିଲେ। ସମୁଦ୍ରକୂଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶ୍ରୀକ୍ରିଷ୍ଣାଙ୍କ ବଡ଼ଭଉଣୀ ଜୟୀ କୁମାରୀ ଭୁବନେଶ୍ୱରରେ ରହୁଛନ୍ତି। ସୋମବାର ଶ୍ରୀକ୍ରିଷ୍ଣା ଓ ତାଙ୍କ ତିନି ସାଙ୍ଗ ବଡ଼ଉଭଣୀଙ୍କ ସହ ପୁରୀ ଆସି ସିଟିରୋଡସ୍ଥିତ ଏକ ହୋଟେଲରେ ରହିଥିଲେ। ପୂର୍ବାହ୍ନରେ ହୋଟେଲ ହଲିଡେ ରିସର୍ଟ ପଛପଟ ସମୁଦ୍ରରେ ଗାଧୋଇବାକୁ ଯାଇଥିଲେ। ତିନିଜଣ ବେଳାଭୂମିରେ ବସିଥିବା ବେଳେ ଶ୍ରୀକ୍ରିଷ୍ଣା ଏବଂ ଅନ୍ୟ ଜଣେ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ଶ୍ରୀକ୍ରିଷ୍ଣା ସମୁଦ୍ର ଗଭୀରକୁ ଚାଲି ଯାଇଥିଲେ। ଅନ୍ୟମାନଙ୍କ ପାଟି ଶୁଣି ଲାଇଫଗାର୍ଡ ପହଞ୍ଚି ଦୀର୍ଘ ସମୟ ଖୋଜି ବିଫଳ ହୋଇଥିଲେ। ଦୁଇ ଘଣ୍ଟା ପରେ ହୋଟେଲ ସି-ହକ୍ ସମ୍ମୁଖ ସମୁଦ୍ରରେ ତାଙ୍କ ମୃତଦେହକୁ ଲାଇଫଗାର୍ଡ ଉଦ୍ଧାର କରିଥିଲେ।

ମହାପ୍ରସାଦ ପ୍ରତି ଅସମ୍ମାନ

ଜୋତା ପିନ୍ଧି କାର ବନେଟ୍ ଉପରେ ଖାଇଲେ

ପୁରୀ ଅଫିସ,୧୮।୧୨

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ମହାପ୍ରସାଦ ପାଇବାକୁ ଇଚ୍ଛା କରିଥାନ୍ତି। ଅବଢା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରନ୍ତି। ଆନନ୍ଦ ବଜାରରେ ବସି ମହାପ୍ରସାଦ ସେବନ ଭାଗ୍ୟରେ ଥିଲେ ମିଳେ। ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ରହିଛି ଗଭୀର ଭକ୍ତି ଏବଂ ବିଶ୍ୱାସ। ହେଲେ ଏମିତି ବିଶ୍ୱାସରେ ଶକ୍ତ ଆଘାତ ପହଞ୍ଚାଇଲା ଭଳି ଘଟଣା ନଜରକୁ ଆସିଛି। ଜୋତା ପିନ୍ଧି ମହାପ୍ରସାଦ ସେବନ କରିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଭଳି ବିଧର୍ମୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି।

କୋଲକାତାର ମାନସ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ସୋମବାର ଅପରାହ୍ନରେ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିର ସମ୍ପର୍କିତ ୨୧ ଫଟୋ ପୋଷ୍ଟ କରାଯାଇଥିଲା। ଏଥିରେ ମହାପ୍ରସାଦକୁ ନେଇ ଥିବା ୯ଟି ଫଟୋ ଭକ୍ତ, ସେବାୟତ ଏବଂ ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଛି। ଜଣେ ମହିଳାଙ୍କ ସମେତ ୭ ଜଣ ବ୍ୟକ୍ତି ଜଗନ୍ନାଥବଲ୍ଲଭ ପରିସରରେ ଠିଆ ହୋଇ ଏକ କାର ବନେଟ୍ ଉପରେ ମହାପ୍ରସାଦ ସେବନ କରୁଛନ୍ତି। ସବୁଠୁ ସଙ୍ଗିନ କଥା ହେଉଛି ସମସ୍ତେ ଜୋତା ପିନ୍ଧିଛନ୍ତି। ଏହି ଘଟଣା ଜଣାପଡିବା ପରେ ଏହାକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ମଙ୍ଗଳବାର ମାନସଙ୍କ ଆକାଉଣ୍ଟରୁ ମହାପ୍ରସାଦ ସମ୍ପର୍କିତ ଫଟୋଗୁଡ଼ିକ ଡିଲିଟ୍ ହୋଇଯାଇଥିବା ବେଳେ ଶ୍ରୀମନ୍ଦିର ସମ୍ମୁଖରେ ଏବଂ ପୁରୀ ବେଳାଭୂମିରେ ସେମାନେ ଉଠାଇଥିବା କେତେକ ଫଟୋ ରହିଛି।

ଜୋତା ପିନ୍ଧି କାର୍ ବନେଟ୍ ଉପରେ ମହାପ୍ରସାଦ ସେବନ କରୁଛନ୍ତି।

ତେବେ ଏହାକୁ ନେଇ ପୁରୀରେ ଭକ୍ତ, ସେବାୟତ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ତୁରନ୍ତ ମାନସଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, କୌଣସି ଲୋକ ମହାପ୍ରସାଦ ସେବନ କରିବା ପୂର୍ବରୁ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ବିଷୟରେ ପ୍ରଥମେ ଜାଣିବା ଦରକାର। ତଳେ ବସି କଦଳୀ ପତ୍ରରେ ମହାପ୍ରସାଦ ଖାଇବା କଥା। ଯିଏ ଖାଉଛି ଏବଂ ଯିଏ ବାଢୁଛି ସେମାନେ ସଚେତନ ହେବା ଜରୁରୀ। ବିଶେଷକରି ବାଢିବା ଲୋକ ମହାପ୍ରସାଦ ଖାଇବାର ପରମ୍ପରା ସମ୍ପର୍କରେ ଦେଉଥିବା ଲୋକଙ୍କୁ ବୁଝାଇବା ଦରକାର।

ଭିଏତ୍‌ନାମରେ ଓଡ଼ିଆ ଯୋଗ ଶିକ୍ଷକଙ୍କୁ ନିର୍ଯାତନା

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

ଭିଏତ୍‌ନାମରେ ଓଡ଼ିଆ ଯୋଗ ଶିକ୍ଷକ ଭାଗିରଥିଙ୍କୁ ନିର୍ଯାତନା ଦିଆଯାଇଛି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ଜଣେ ପୂର୍ବତନ କନସୁଲେଟ୍ ଜେନେରାଲ ତାଙ୍କୁ ନିର୍ଯାତନା ଦେଇଥିବା ଭାଗିରଥି ମଙ୍ଗଳବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏ ନେଇ ସେ ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, ରାଜ୍ୟପାଳ, ଜିଲାପାଳଙ୍କୁ ଅଭିଯୋଗ କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ନ ମିଳିଲେ ସେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଖୋର୍ଦ୍ଧାର ଭାଗିରଥି ଅଭିଯୋଗ କରିଛନ୍ତି ଯେ, ୨୦୦୭ରୁ ସେ ଲାଓସ, ଥାଇଲାଣ୍ଡ, ମାଲେସିଆ, କମ୍ବୋଡିଆ, ସିଙ୍ଗାପୁର ଏବଂ ଭିଏତନାମ ଆଦି ସ୍ଥାନରେ ଯୋଗ ଶିକ୍ଷା ଦେଇଆସୁଛନ୍ତି। ଏହିକ୍ରମରେ ସେ ସମ୍ପୃକ୍ତ ପୂର୍ବତନ କନ୍‌ସୁଲେଟ୍ ଜେନେରାଲଙ୍କୁ ଭିଏତ୍‌ନାମର ହୋଚିମନ୍ ସିଟ୍ସ୍ଥିତ ଭାରତୀୟ ଦୂତାବାସ କାର୍ଯ୍ୟାଳୟରେ ଯୋଗ ଶିକ୍ଷା ପ୍ରଦାନ କରିଆସୁଥିଲେ। ଦୀର୍ଘ ୪ ମାସ ଧରି ସେ ଯୋଗ ଶିକ୍ଷା ଦେଇଥିଲେ ମଧ୍ୟ ତାଙ୍କୁ ତାଙ୍କ ପ୍ରାପ୍ୟ ମିଳି ନ ଥିଲା। ସେ ତାଙ୍କ ପ୍ରାପ୍ୟ ମାଗିବାରୁ ସମ୍ପୃକ୍ତ ପୂର୍ବତନ କନ୍‌ସୁଲେଟ ଜେନେରାଲ ତାଙ୍କ ପଦବୀର ଅପବ୍ୟବହାର କରି ନିଜ କାର୍ଯ୍ୟାଳୟ ଅଧିକାରୀଙ୍କ ଜରିଆରେ ବିଭିନ୍ନ ଧମକ ଦେଇ ମାନସିକ ନିର୍ଯାତନା ଦେଇଥିଲେ। ୩ବର୍ଷ ଧରି ନ୍ୟାୟ ପାଇଁ ଲଢେଇ ଜାରି ରଖିଥିବାବେଳେ ଜଣେ ଉଚ୍ଚ ପଦାଧିକାରୀଙ୍କ ଧମକ ଯୋଗୁ ନିଜ ଜୀବନ ପ୍ରତି ବିପଦ ଥିବାରୁ ସେ ନିଜ ସ୍ତ୍ରୀ ଓ ଝିଅକୁ ଧରି ଭାରତ ଚାଲିଆସିଛନ୍ତି। ଖବରଦାତା ସମ୍ମିଳନୀରେ ଓଡିଶା ସ୍ୱାବଲମ୍ବୀ ସୁରକ୍ଷା ମହାମଞ୍ଚର ସଭାପତି ବିଭୂତି ଭୂଷଣ ରାଉତ, ସମ୍ପାଦକ ନିରାକାର ବେଉରା, ଉପସଭାପତି ନୀରଦ ବରଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

ମହାନଦୀ ଜଳ ବିବାଦ ସମାଧାନ ସମ୍ଭାବନା

ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ମହାନଦୀ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଛତିଶଗଡ଼ରେ କ୍ଷମତାର ପରିବର୍ତ୍ତନ ହୋଇଛି। ଭାଜପା ଗାଦିଚ୍ୟୁତ ହେବା ପରେ କଂଗ୍ରେସ ଶାସନକୁ ଫେରିଛି। ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଭୂପେଶ ବାଘେଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନୂତନ ମୁଖ୍ୟମନ୍ତ୍ରୀ ବାଘେଲଙ୍କୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଛି। ମହାନଦୀ ଜଳ ବିବାଦ କ୍ଷେତ୍ରରେ ପୂର୍ବର ରମଣ ସିଂଙ୍କ ସରକାର ମହାନଦୀ ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଆସିଥିଲା। ସେଥିପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରତିବାଦସ୍ୱରୂପ ପର୍ଯ୍ୟାୟକ୍ରମେ ଅନେକ ଆନ୍ଦୋଳନ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଛତିଶଗଡ଼ରେ କ୍ଷମତାର ପରିବର୍ତ୍ତନ ପରେ ମହାନଦୀ ଜଳ ବିବାଦ ସମାଧାନର ଅନେକ ସମ୍ଭାବନା ସୃଷ୍ଟି ହୋଇଛି। ଦୁଇ ରାଜ୍ୟ ପରସ୍ପର ବୁଝାମଣା ଭିତରକୁ ଆସିବାର ସୁଯୋଗ ସୃଷ୍ଟି ହୋଇଛି। ଏହି ସୁଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନ ତାର ପ୍ରୟାସ ଜାରି ରଖିବ ବୋଲି ମଙ୍ଗଳବାର ସାମ୍ବାଦିକ ଭବନଠାରେ ସଂଗଠନ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ମହାନଦୀ ବଞ୍ଚାଅ ଆନ୍ଦୋଳନର ଏକ ପ୍ରତିନିଧି ଦଳ ଛତିଶଗଡ଼ ଯାଇ ମୁଖ୍ୟମନ୍ତ୍ରୀ ବାଘେଲଙ୍କୁ ଭେଟି ବିବାଦର ସମାଧାନ ଦିଗରେ ତାଙ୍କ ସହାୟତା ଲୋଡ଼ିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଆବାହକ ସୁଦର୍ଶନ ଦାସ, ଉପଦେଷ୍ଟା ଲଳିତ ମୋହନ ପଟ୍ଟନାୟକ, ଯୁଗ୍ମ ଆବାହକ ବାସୁଦେବ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

ମହାନଦୀ ଜଳ ବିବାଦ

ସମାଧାନର ସ୍ୱପ୍ନ ଦେଖାଇଲେ ନିରଞ୍ଜନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଅନୌପଚାରିକ ଆଲୋଚନା

ନିରଞ୍ଜନ ପଟ୍ଟନାୟକ

ମହାନଦୀ ପାଣି ଆଉ ଅଟକିବ ନାହିଁ। ଆଗରୁ ଯେମିତି ବୋହି ଆସୁଥିଲା ସେମିତି ଆସିବ। ତତ୍କାଳୀନ ଭାଜପା ସରକାର କରିଥିବା ବ୍ୟାରେଜଗୁଡିକର ସବୁଗେଟ ଖୋଲି ଦିଆଯିବ। ପଡୋଶୀ ରାଜ୍ୟ ସହ ଝମେଲା ରହିବ ନାହିଁ। ଶପଥଗ୍ରହଣ ଉତ୍ସବରୁ ଫେରିବା ପରେ ନିରଞ୍ଜନ ରାଜ୍ୟବାସୀଙ୍କୁ ଏମିତି ରଙ୍ଗିନ ସ୍ୱପ୍ନ ଦେଖାଇଛନ୍ତି। ମଙ୍ଗଳବାର କଂଗ୍ରେସ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ନିରଞ୍ଜନ କହିଛନ୍ତି, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ସହ ରାୟପୁରଠାରେ ମହାନଦୀ ଜଳ ବିବାଦ ସମ୍ପର୍କରେ ଏକ ଅନୌପଚାରିକ ଆଲୋଚନା ହୋଇଛି। ଏହି ବିବାଦର ସମାଧାନ ପାଇଁ ବାଘେଲ ଅନୁକୂଳ ମତ ପୋଷଣ କରିଛନ୍ତି । ମହାନଦୀ ବିବାଦକୁ ନେଇ ବିଜେଡି ଓ ଭାଜପା ଅଯଥାରେ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିଛନ୍ତି। ଖୁବ୍‌ଶୀଘ୍ର ଏ ନେଇ ଛତିଶଗଡ ସରକାରଙ୍କ ସହ ରାଜ୍ୟ କଂଗ୍ରେସର ଏକ ଆଲୋଚନା ହେବ । ବିବାଦର ସମାଧାନ ରାସ୍ତା ଫିଟିଯିବ ବୋଲି ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ମହାନଦୀ ଉପର ମୁଣ୍ଡରେ ୬ଟି ବୃହତ୍ ବ୍ୟାରେଜ ନିର୍ମାଣକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ବିବାଦ ଚାଲିଛି। ଏହାର ସମାଧାନ କରିବାରେ କେନ୍ଦ୍ର ସରକାର ଫେଲ୍ ମାରିବା ପରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଛନ୍ତି। ଏହି ବିବାଦର ଆପୋସ ସମାଧାନ ହୋଇ ନ ପାରିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରାଯାଇଛି। ଏହି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ଆରମ୍ଭ ହୋଇଛି। ଇତିମଧ୍ୟରେ ଛତିଶଗଡରେ ସରକାର ପରିବର୍ତ୍ତନ ହୋଇଛି। ଭାଜପା ବଦଳରେ ଏବେ ସେଠାରେ କଂଗ୍ରେସ ସରକାର ଗଠନ କରିଛି। କଂଗ୍ରେସ ସରକାର ଗଠନ କରିବା ପରେ ରାଜ୍ୟ କଂଗ୍ରେସ ମୁଖିଆଙ୍କ ଠାରୁ ଆରମ୍ଭ କରି ଦଳୀୟ ନେତାମାନେ ମଧ୍ୟ ଉତ୍ସାହିତ ହୋଇପଡିଛନ୍ତି। ଛତିଶଗଡରେ କଂଗ୍ରେସ କ୍ଷମତାକୁ ଆସିଥିବାରୁ ମହାନଦୀ ବିବାଦ ସମାଧାନ ହୋଇଯିବ ବୋଲି ଦୃଢୋକ୍ତି ଦେଖାଇଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ଛତିଶଗଡ ଭଳି ଓଡିଶାରେ ପରିବର୍ତ୍ତନ ହେବ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ନିରଞ୍ଜନ କହିଛନ୍ତି ଯେ, ଓଡିଶାରେ ମଧ୍ୟ ପଡୋଶୀ ରାଜ୍ୟ ଭଳି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

କନିଷ୍ଠ କିରାଣିଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

କଟକ ଅଫିସ,୧୮।୧୨: ରାଜସ୍ୱ ପର୍ଷଦଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣୀ କିରଣ କୁମାର ସାମନ୍ତରାୟଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର କିରାଣୀ ସାମନ୍ତରାୟଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ କଟକ ବିଡ଼ାନାସୀଠାରେ ଥିବା ଦୁଇ ମହଲା କୋଠା, ସହରର ସେକ୍‌ବଜାରସ୍ଥିତ ତିନି ମହଲା କୋଠା, ଦେଉଳସାହିଠାରେ ଥିବା ତିନି ମହଲା କୋଠା, ସିଡିଏଠାରେ ଥିବା ୪ ମହଲା କୋଠା ଓ ରାଜସ୍ୱ ପର୍ଷଦଙ୍କ କାର୍ଯ୍ୟାଳୟ ରହିଛି। ତେବେ ଯାଞ୍ଚରୁ ମୋଟ ୨ କୋଟି ୩୯ ଲକ୍ଷ ୩୯ହଜାର ୨୧୬ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।



ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୧୯/୨୦୧୮ Sambalpur, Wednesday, December 19/ 2018 | ପୃଷ୍ଠା-୧

ପଦ୍ମିନୀଙ୍କୁ ସ୍ୱର୍ଣ୍ଣ ପଦକ

ଫିଲିପାଇନ୍ସର ମାକାତିଠାରେ ମଙ୍ଗଳବାର ଉଦ୍‌ଯାପିତ ଏସିଆନ କଣ୍ଟିନେଣ୍ଟାଲ ଚେସରେ ଓଡ଼ିଶା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୭

୧୪

ଟପ୍ ଷ୍ଟାର ତାଲିକା ଶୀର୍ଷରେ ଦୀପିକା

ଭାରତୀୟ ସିନେମା-୨୦୧୮ର ଟପ୍ ଷ୍ଟାର ତାଲିକା ଶୀର୍ଷରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍।

CBSE
Exam Mate
ପୃଷ୍ଠା – ୧୩

■ ଉଣେଇଶ ପୂର୍ବରୁ ଚାଷୀ ଭୋଟର ଉପରେ ନଜର

ତେଜିଲା ଋଣଛାଡ଼ ରାଜନୀତି

ନୂଆଦିଲ୍ଲୀ,୧୮।୧୨(ପି.ଟି./ଆଇଏଏନ୍‌ଏସ୍)

୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରେ ସାଧାରଣ ନିର୍ବାଚନ ଆଡ଼କୁ ମୁହାଁଉଛି ଦେଶ। ଏଭଳି ସମୟରେ ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କ୍ଷମତାସୀନ ହେବା ପରେ କୃଷିଋଣ ଛାଡ଼ କରିଛି କଂଗ୍ରେସ। ରାଜସ୍ଥାନରେ ମଧ୍ୟ ୧୦ ଦିନ ମଧ୍ୟରେ କୃଷକଙ୍କ ମୁଣ୍ଡ ଉପରୁ ଋଣବୋଝ ହଟାଇ ଦିଆଯିବ ବୋଲି ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଘୋଷଣା କରିଛନ୍ତି। ଋଣଛାଡ଼ ପ୍ରତିଶ୍ରୁତି ଦେଇ ୩ ରାଜ୍ୟରେ ସରକାର ଗଢ଼ିଥିବା କଂଗ୍ରେସ ଏବେ ସାଧାରଣ ନିର୍ବାଚନ ପାଇଁ ସମାନ ସୂତ୍ର ପ୍ରୟୋଗ କରିବାକୁ ଯାଉଛି। ଏହାର ମୁକାବିଲା ପାଇଁ ଭାଜପା ଶାସିତ ରାଜ୍ୟଗୁଡ଼ିକର କେତେଜଣ ମୁଖ୍ୟମନ୍ତ୍ରୀ ମଧ୍ୟ ଚାଷୀଙ୍କ ଋଣଛାଡ଼ ପାଇଁ ପଦକ୍ଷେପ ନେବା ଆରମ୍ଭ କଲେଣି।

- ■ ମଧ୍ୟପ୍ରଦେଶ ପରେ ଛତିଶଗଡ଼ରେ କୃଷିଋଣ ଛାଡ଼
- ■ ୬୦୦ କୋଟି ଋଣଛାଡ଼ ଘୋଷଣା କଲେ ଆସାମ ସରକାର
- ■ ଗୁଜରାଟ ଗ୍ରାମାଞ୍ଚଳରେ ୬୫୦ କୋଟିର ବିଦ୍ୟୁତ୍ ବିଲ୍ ଛାଡ଼

"ସାରା ଦେଶର ଚାଷୀଙ୍କ କୃଷିଋଣ ଛାଡ଼ ନ କରିବା ଯାଏ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଶୋଇବାକୁ ଦେବେ ନାହିଁ।
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

କାରଣ କୃଷି ଏକ ଅସଙ୍ଗଠିତ କ୍ଷେତ୍ର ହୋଇଥିଲେ ହେଁ ଏହା ହେଉଛି ଦେଶର ସର୍ବବୃହତ୍ ଭୋଟ ବ୍ୟାଙ୍କ।

ତିନି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟକୁ ଭାଜପା ହାତରୁ ଛଡ଼ାଇନେବା ପରେ କଂଗ୍ରେସ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର କମଲନାଥ ସରକାର ଶପଥ ନେଉ ନେଉ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଛନ୍ତି। ସେ ରାଜ୍ୟର ଚାଷୀଙ୍କ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରିଛନ୍ତି। ଏହାଦ୍ୱାରା ୩.୪ ନିୟୁତ ଚାଷୀ ଉପକୃତ ହେବେ ବୋଲି କୁହାଯାଉଛି। କମଲନାଥଙ୍କ ପରେ ଛତିଶଗଡ଼ର ବାଘେଲ ସରକାର ମଧ୍ୟ ୧.୬୬ ନିୟୁତ କୃଷକଙ୍କ ପାଇଁ ୬,୧୦୦ କୋଟିର ଋଣଛାଡ଼ ଘୋଷଣା କରିସାରିଲେଣି। ଏହାସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨,୫୦୦ ଟଙ୍କାକୁ ବୃଦ୍ଧି କରିବା ☞ପୃଷ୍ଠା–୨

ପେଥାଇ: ଭାସିଲା ପାଚିଲା ଧାନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ବାତ୍ୟା 'ପେଥାଇ' ବର୍ଷା ଯୋଗୁ ରାଜ୍ୟର ୧୭ଟି ଜିଲାରେ ଧାନ, ପନିପରିବା ଓ କପା ଚାଷ କ୍ଷତିଗ୍ରସ୍ତ ହୋଇଛି। ପାଚିଲା ଧାନ ପାଣିରେ ଭାସୁଛି। ବର୍ଷକର ପରିଶ୍ରମ ପେଥାଇ ମାଡ଼ରେ ଛାରଖାର ହୋଇଯାଇଛି। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। କେଉଁ ଜିଲାରେ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରି କ୍ଷୟକ୍ଷତି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ ☞ପୃଷ୍ଠା–୨

୧୦୦ ବ୍ଲକ ପ୍ରଭାବିତ

- ■ ଧାନ, ପନିପରିବା, କପା ଫସଲ ନଷ୍ଟ
- ■ ଚାଷୀଙ୍କୁ ମିଳିବ କ୍ଷତିପୂରଣ

NCCC NATIONAL EGG CO-ORDINATION COMMITTEE 18.12.2018 Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	71	120	130
CTC	71	120	130
DKL	71	120	130
BDK	71	120	130
BLS	73	123	133
ANG	74	124	134

*Conditions Apply

Eggs Retail Price- 53/-Dozen
Issued in the Interest of Consumers

ଆଜିର ସମ୍ପାଦକୀୟ

ଋଣ ଛାଡ଼

ସୁନ୍ଦର ଜାଗା, ଭଲ ଲୋକ

.....୪.....

ଆଜିର ମନ୍ତବ୍ୟ

"ଚାଇନା କ'ଣ କରିବ ବା ନ କରିବ ସେ ନେଇ ଅନ୍ୟ ଦେଶର ପରାମର୍ଶ ଲୋଡ଼ା ନାହିଁ।
- ଜି ଜିନପଙ୍ଗ୍, ଚାଇନା ରାଷ୍ଟ୍ରପତି

ଏମ୍‌ଏସ୍‌ପି ୧୭୫୦, ଚାଷୀ ପାଉଛନ୍ତି ୧୧୦୦

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ହିସାବରେ ଯୋଗାଇ ଦେଉଛନ୍ତି। ମାତ୍ର ରାଜ୍ୟ ସରକାର ଓ ବ୍ୟବସାୟୀଙ୍କ ମଧ୍ୟରେ ରହିଥିବା ଅସାଧୁ ମେଣ୍ଟ କାରଣରୁ ଚାଷୀମାନେ ୧୧୦୦–୧୨୦୦ ଟଙ୍କାରେ ନିଜର କଷ୍ଟ ଅର୍ଜିତ ଧାନକୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଚାଷୀମାନେ ସରକାରଙ୍କୁ ଜବାବ ମାଗୁଛନ୍ତି ବୋଲି ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶିବାଜୀ କହିଛନ୍ତି ଯେ, ୪ରୁ ୫କିଲୋ ନ କାଟିଲେ ଚାଷୀଙ୍କଠାରୁ ଧାନ କିଣାଯାଉନାହିଁ। ଗତବର୍ଷଠାରୁ ଭାଜପା ମଣ୍ଡି ଜଗି ତଥ୍ୟ ପ୍ରମାଣ ଯୋଗାଡ଼ କରି ସରକାରଙ୍କୁ ପ୍ରଦାନ କରିଛି। ଚାଷୀଙ୍କୁ ଶୋଷଣ କରୁଥିବା ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ ଯୋଗାଣ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଶିବାଜୀ କହିଛନ୍ତି ଯେ, ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ନଭେମ୍ବର ୧୪ରୁ ରାଜ୍ୟର ସବୁ ମଣ୍ଡି ଖୋଲାଯିବା ନେଇ ଘୋଷଣା କରିଥିଲେ। ମାତ୍ର ମନ୍ତ୍ରୀଙ୍କ ଘୋଷଣା ଅନୁସାରେ ମଣ୍ଡି ଖୋଲା ନ ଯିବା କାରଣରୁ ନଭେମ୍ବର ୨୬ରେ ବଲାଙ୍ଗୀର ଜିଲାପାଳଙ୍କ ସହ କଥା ହେଲୁ। ଖୁବ୍‌ଶୀଘ୍ର ମଣ୍ଡି ଖୋଲାଯିବ ବୋଲି ସେ କହିଥିଲେ। ହେଲେ ନଭେମ୍ବର ୩୦ରେ ଆମେ ଗସ୍ତକରି ଦେଖିଲୁ ସେପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇ ନାହିଁ। ସରକାର କେବଳ ଘୋଷଣା କରି ରହିଗଲେ। ପଶ୍ଚିମ ଓଡିଶାର ଚାଷୀମାନେ ☞ପୃଷ୍ଠା–୨

Hero

DESTiNi 125

ଭାରତର ପ୍ରଥମ ଫାମିଲି ସ୍କୁଟର i3S ଜାରିଗରୀ ସହିତ

- ନିଷ୍କ୍ରିୟ ଥିବା ବେଳେ ବନ୍ଦ ହୁଏ
- ତତ୍‌କ୍ଷଣାତ୍ ରିଷ୍ଟାର୍ଟ ହୁଏ
- ପେଟ୍ରୋଲ୍ ବଞ୍ଚାଏ

"ଭାବନ୍ତୁ ଦି ପାଦ ଆଗକୁ"

ଜାରିଗରୀ ଦି ପାଦ ଆଗରେ – ଉତ୍ତରଦସ୍ତ ମାଇଲେଜ ପାଇଁ ଅତ୍ୟାଧୁନିକ i3s ଜାରିଗରୀ
ପାୱାର୍ ଦି ପାଦ ଆଗରେ – ଶକ୍ତିଶାଳୀ ପ୍ରଦର୍ଶନ ପାଇଁ 125cc ଏନର୍ଜୀ ବୁଷ୍ଟ ଇଞ୍ଜିନ୍
ଆରାମ ଦି ପାଦ ଆଗରେ – ସୁଖ ଗାଡି ଚାଳନା ପାଇଁ ଟେଲିସ୍କୋପିକ୍ ଫ୍ରଣ୍ଟ ସସ୍‌ପେନଶନ୍
ବୈଶିଷ୍ଟ୍ୟ ଦି ପାଦ ଆଗରେ – ଏକ୍ସଟର୍ଣ୍ଣାଲ୍ ଫୁଏଲ୍ ଫିଲିଙ୍ଗ୍, ମୋବାଇଲ୍ ଚାର୍ଜିଂ ପୋର୍ଟ, ସର୍ଭିସ ରିମାଇଣ୍ଡର ଏବଂ ଆହୁରି ବହୁତ କିଛି

ରାଜ୍ୟ ପୁଲିସ୍ କର୍ମୀ ମାନଙ୍କ ପାଇଁ ବିଶେଷ ଅଫର

ସମସ୍ତ ହିରୋ ଦୁଇ-ହୁଇଲର ର କ୍ରୟ ଉପରେ ₹1500* ପର୍ଯ୍ୟନ୍ତ ଲାଭ

ପ୍ରାରମ୍ଭିକ ମୂଲ୍ୟ ₹56,950/-#

କମ ଡାଉନ ପେମେଣ୍ଟ ₹8999/-*

INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: 34, Community Centre, Basant Lok, Vasant Vihar, New Delhi- 110057, India. CIN: L35911DL1984PLC017354. For more information, contact the nearest Hero MotoCorp's authorised outlet or call Toll Free No: 1800-266-0018 or visit heromotocorp.com. Accessories and features shown may not be a part of standard fitment. Always wear a helmet while riding. *i3s Technology - Stops when scooter is idle, crank rotation up to 2000 RPM, irrespective of speed. Restarts with the press of the left brake lever.

Hero MILEAGE THODA EXTRA KILOMETERS PER LITRE

HeroMotoCorp.com | HeroMotoCorpIndia | HeroMotoCorpLimited | TheHeroMotoCorp | HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ବରଗଡ଼: ଆକାଶ ହୀରୋ – 7799766396. ଭବାନୀପାଟଣା : ଅରୁନ୍ଧତୀ ହୀରୋ – 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ – 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ – 7799766368. ରାଉରକେଲା: ଫୁଆ ହୀରୋ – 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ – 7799766356. ସୋନପୁର: ଜୟ ଜଗନ୍ନାଥ ହୀରୋ – 7799766419. ସୁନ୍ଦରଗଡ଼: ରୋଡୋଟେକ୍ ହୀରୋ – 8448183659. ଅଥରାଇଜ୍‌ଡ ସର୍ଭିସ୍ ଦୋକାନ: କାମଗା: ଚୌଧୁରି ହୀରୋ – (06642) 229045, 9437247739. ବରପାଲି: ଦୁର୍ଗା ମୋଟର୍ସ– 256278. ବେଲପାହାଡ଼: ବର୍ଷା ମୋଟର୍ସ – 250417. ବୌଧ: ବନ୍‌ସଲ ଅଟୋ – 22948. ବ୍ରଜରାଜନଗର: ବୀନା ମୋଟର୍ସ – 240695. ଦେବଗଡ଼ : ହିରାଲ ମୋଟର୍ସ – 9437056659. ଝାରସୁଗୁଡ଼ା: ବିଦ୍ୟା ଅଟୋମୋବାଇଲ୍‌ସ – 272465. ଜୁମାଗଡ଼: ଶ୍ରୀ ବିମଳା ମୋଟର୍ସ – 243679. କାନ୍ତାବାଞ୍ଜି: ଆଶୀର୍ବାଦ ମୋଟର୍ସ – (06657) 220033. ନୂଆପଡ଼ା: ମାଝି ଅଟୋ – 9237099660, 9937928818. ପଦ୍ମପୁର: ଦେବେଶ ମୋଟର୍ସ – 223880. ରାଜଖରିଆଳ: ଜଗଦମ୍ବା ଅଟୋ କମ୍ବାଇନ – 9937302262. ରାଜଗାଙ୍গପୁର: ଛେଡ଼ିଆ ଆଣ୍ଡ ଛେଡ଼ିଆ – 220181. ସୁନ୍ଦରଗଡ଼: ଯମୁନା ମୋଟର୍ସ – 275341. ଟିଟିଲାଗଡ଼: ଦ୍ୱେଷା ମୋଟର୍ସ – 221073. ଜିଲରର ଅନୁମୋଦିତ ପ୍ରତିନିଧି: ବଙ୍ଗମୁଣ୍ଡା – କାବା ଅଟୋମୋବାଇଲ୍‌ସ – 9937626216. ଭବାନୀପାଟଣା: ବିଷ୍ଣୁ ଅଟୋମୋବାଇଲ୍‌ସ – 7894767744. ପାରଳାଖେମୁଣ୍ଡି: ଚନ୍ଦନ ଅଟୋମୋବାଇଲ୍‌ସ – 9708962543. ସାଲେଭାଟା: ମା ମଙ୍ଗଳା ମୋଟର୍ସ – 9556924110. ଭୁଞ୍ଜୁରା: ନୀତା ଅଟୋମୋବାଇଲ୍‌ସ – 7606001133. ଲାଥୋର: ରାଧାରାଣୀ ମୋଟର୍ସ– 8457978797. ଆରଇପୁର: ଏସ.କେ. ମୋଟର୍ସ – 9776886751. ସାଲିଟରା: ବିନୋଦେଶ୍ୱରୀ ମୋଟର୍ସ – 9178138893. ଭୁଜୁରିପାଲି: ସମଲେଶ୍ୱରୀ ମୋଟର୍ସ – 9437158433. ରାମପୁର: କାଳୁଆ ମୋଟର୍ସ – 9437319101. ବିଂକା: ଦୀପକ ମୋଟର୍ସ – 9583354141. ବୀରମହାରାଜପୁର: ବୃଷ୍ଟି ମୋଟର୍ସ – 7605928594. ବାଲିଗୁଡ଼ି: ଜୟ ଜଗନ୍ନାଥ ମୋଟର୍ସ – 8249258726. ପୁରୁଣାଳଟକ: ଅମିନ ମୋଟର୍ସ – 7008416244. ତରଲା: ସିଂହଲ ମୋଟର୍ସ – 9937220523. ନରଲା: ଶ୍ରୀ ଗଣେଶ ମୋଟର୍ସ – 8249378978, ଏମ ରାମପୁର: ସଞ୍ଜମ ମୋଟର୍ସ – 7077788809. କେସିଙ୍ଗା: ଶ୍ରୀ ଶ୍ୟାମ ମୋଟର୍ସ – 9437992920. ଜୟପାଟଣା: ରୟାଲ ମୋଟର୍ସ – 801821819. ଜୀରବହାଲ: ଲଣ୍ଡିୟାନ ମୋଟର୍ସ – 9938607678, ଧର୍ମଗଡ଼: ଶ୍ରୀ ରାୟଗ୍ରୀ ମୋଟର୍ସ – 8328869765. ସିନାପାଲି: ବରଗଙ୍ଗବଲା ମୋଟର୍ସ – 8018926518. ରେଙ୍ଗାଲି: ରେଙ୍ଗାଲି ମୋଟର୍ସ – 9437881075. କେଶଲବାହାଲ: ଶ୍ରୀ ଅଟୋମୋବାଇଲ୍‌ସ – 9438258055. କଣ୍ଟାମାଳ: ମହାଲକ୍ଷ୍ମୀ ମୋଟର୍ସ – 9437243262.

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

ଜନ୍ମଦିନର ଶୁଭେଚ୍ଛା

ନାମ: .....

ବୟସ:.....

ଜନ୍ମ ତାରିଖ: .....

ପ୍ରଭୁ
ପରିବାରବର୍ଗ

ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

BRIDE WANTED

Wanted bride (graduate, height 5'4" above) for a handsome Khandayat boy, Engineer 5'9", 33yrs. having house at Bhubaneswar. 9437907531, 9556567581. D-65247

Brahmin bride for 30/5'6" (22/10) commerce Graduate, only son, private Job, 15000/- pm, Father Govt. Servant. 9861390809. D-63886

Educated brahmin bride required for brahmin groom 33/5'7" BTech, MBA Manager Govt. bank. 8356953726. D-10041

Wanted Karana/ Khandayat working bride for a Electrical Engineer working in Bhubaneswar. M: 7574881171. D-10091

GROOM WANTED

ବିଏ, ବିଇଡି ଓ କମ୍ପ୍ୟୁଟର ଯୋଗ୍ୟତା ଥିବା ବିଶ୍ୱକର୍ମା ଝିଅ ପାଇଁ ବର ଆବଶ୍ୟକ। ରାଶି-ତୁଳା, ଉଚ୍ଚତା- 5'6" (Caste No Bar) Contact No: 9861470189. D-10052

Divorcee bride Engineer 29, Teacher 36, Railway 43 (caste-no-bar): 7873374269. D-65405

Wanted Brahmin groom for a beautiful Brahmin bride, 26 yrs, 5'5", Kumbha Rasi, M.Phil. 8917265475, 7978718226. D-10089

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired Senior Executive of a PSB. Contact: 9619485527, 9167149844. D-10040

Now Matrimonial ads. only on Wednesday & Sunday Book 1 Get 1 FREE

classified

real estate

SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଉତ୍ତରାଛକଠାରୁ ୧୦ କିମି ଦୂରରେ ବିଲିପାଟଣା ଶିଶୁ ଅନନ୍ତ ମହାବିଦ୍ୟାଳୟ କାନ୍ଥକୁ ଲାଗି ୫ ଗୁଣ୍ଠ ଘରବାରି ଜମି ବିକ୍ରିହେବ। 9937163844. D-64928

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10054

ନଖରା ପଞ୍ଚବଟି main road ପାଖରେ immediate ଘରକରିବା ପାଇଁ ଘରବାରି boundary ପଙ୍କା ଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64665

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65407

Three storied 7000 sqft. building with lift for office/ commercial purposes near Bhubaneswar Airport. 9958003695. D-58023

3BHK flat at Sundarapada with all facilities for rent. Mobile No: 8249761534. D-10099

HEALTH CARE

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-10073

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା

(ପ୍ରଭୁ)
ସାଇ ଶୁଭମ୍
ବ୍ରାହ୍ମଣ ସାହି, ପଟିଆ

ଶୁଭ ଜନ୍ମଦିନ ଅବସରରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: କେକେମା, ବାବା, ମାମା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ଦୀପୁ ଏବଂ ଖୁସି। ଧ-୧୯୮୯

ସପ୍ତମ ଜନ୍ମଦିନ ଶୁଭେଚ୍ଛା

(ସୋମ୍)
ସତ୍ୟପ୍ରକାଶ ପାତ୍ର
୪୨ ମଉଜା, କଟକ

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳା ତୋତେ ନୀରୋଗ, ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ ବାପା, ବୋଉ, ମାମା, ପାପା, ଲିପୁ ପାପା, ଛୁଆପାପା, ମାନି ମାମା, ଅଜା ଓ ଆଈ। ଧ-୧୦୦୯୪

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
(ଏକାଦଶାହ ଉପଲକ୍ଷେ)



✓ **ଗଣେଶ୍ୱର ମହାପାତ୍ର**
ଆବିର୍ଭାବ : ୦୨.୦୯.୧୯୨୪
ତିରୋଧାନ : ୦୯.୧୨.୨୦୧୮

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

-: ଶୋକସନ୍ତପ୍ତ :-
ଝିଅ-କମଳିନୀ, ଜ୍ୱାଇଁ-ଭରଦ୍ୱାଜ, ପୁତ୍ର-କୈଳାସ, ଉମେଶ, ସୁରେଶ, ଗିରିଶ, ସତୀଶ, ବୋହୂ-ଗୀତା, ମନି, ବିନ୍ଦୁ, ମାମୀ, ସୀମା, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୧୦୦୯୮

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରାଜକିଶୋର ପ୍ରଧାନ
ପୂର୍ବତନ ବିଧାୟକ, ଆଠମଲ୍ଲିକ
ପାଇକସାହି, ଅନୁଗୋଳ
ଆବିର୍ଭାବ: ୨୦।୦୧।୧୯୩୪
ତିରୋଧାନ: ୦୯।୧୨।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ମାହେଶ୍ୱରୀଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ-ବିଲିପ, ଅନିଲ, ଝିଅ-ଆରତୀ, ଭାରତୀ, ବୋହୂ- ସବିତା, ସୁରଭୀ, ପୁତୁରା- ବିବେକା, ସୁନୀଲ, ସୁଜିତ, ନାତି-ଗୁଡୁ, ଭିକି, ନିକି, ପପୁଲ, ବବୁଲ, ନାତୁଣୀ-ମାମାଲି, ଲୁଚୁଲି, ମାମୁଲ, ରିମାମ, ନାତୁଣୀବୋହୂ-ଟୁଇଙ୍କିଲ ବନ୍ଧୁ ଶ୍ରୀକିତି ଓ ପାଇକସାହି ଗ୍ରାମବାସୀ। ଧ-୧୦୦୯୫

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ବସନ୍ତ ମଞ୍ଜରୀ ମହାନ୍ତି
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧
ମାର୍ଗଶିର ମାସ
ତିରୋଧାନ: ୧୩।୧୨।୨୦୧୩
(ଏକାଦଶୀ)

ଆଜି ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତୁରା, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୦୭୦

ନିରୁଦ୍ଦିଷ୍ଟ

ଛତିଶଗଡ଼ ରାଜ୍ୟ ବାଗବାହାରା ଥାନା ଅନ୍ତର୍ଗତ ସାକିନ ୱାର୍ଡ ନଂ-୩ର **ଲଖନଲାଲ ଦେୱାଙ୍ଗନ** (୭୫), ପି- ଲୋକନାଥ ଦେୱାଙ୍ଗନ, ଉଚ୍ଚତା- ୫ଫୁଟ ୩ଇଞ୍ଚ, ଭାଷା- ହିନ୍ଦୀ ଘରୁ କିଛି ନ କହି କୁଆଡେ ଚାଲିଯାଇଛନ୍ତି। ଯିବାବେଳେ ସଫାରି ଗାମୁଛା ଧରିଥିଲେ। କୌଣସି ସହୃଦୟ ବ୍ୟକ୍ତି ଜାଣିଲେ ତୁରନ୍ତ ଲିଖିତ ମୋ. ନମ୍ବର- ୯୯୨୬୬୦୨୨୦୬ କିମ୍ବା ପୁଲିସ କଣ୍ଟ୍ରୋଲ ରୁମ ମହାସମୁନ୍ଦ- ୦୭୭୨୨୩-୨୨୩୧୫୫ରେ ଜଣାଇବାକୁ ଅନୁରୋଧ। ଧ-୧୦୧୦୩

କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ରିଜିଅନାଲ କମ୍ପ୍ରିହେନସିଭ ଇକୋନୋମିକ ପାର୍ଟନର (ଆର୍‌ସିଇପି) ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଭାରତର ବାଣିଜ୍ୟ ନିୟଣ୍ଟ ୧୦୫ ବିଲିୟନ ଡଲାର ରହିଛି।

-ବାଣିଜ୍ୟ ମନ୍ତ୍ରଣାଳୟ

ପ୍ରଥମ ପୃଷ୍ଠାରୁ...

ପେଥାଇ: ଭାସିଲା ...

କମିଶନର (ଏସଆରସି)ବିଷ୍ଣୁପଦ ସେଠୀ କହିଛନ୍ତି, ପୁରୀ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଜଗତ୍‌ସିଂହପୁର ଜିଲା ବ୍ୟତୀତ ଅନ୍ୟ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇଥିବା ରିପୋର୍ଟ ମିଳିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ଧାନ ଫସଲ ନଷ୍ଟ ହୋଇଥିବା ରିପୋର୍ଟ ଆସିଛି। ପେଥାଇ ଯୋଗୁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ଧାନ ବିଲରୁ ନେଇଯିବାକୁ ଆଗୁଆ ପରାମର୍ଶ ଦିଆଯାଇଥିଲା। ତେବେ କେତେକ ସ୍ଥାନରେ ଧାନ ବିଲରେ ପଡ଼ି ରହିଛି। କେଉଁଠି କେତେ କ୍ଷତି ହୋଇଛି ସେ ନେଇ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)ରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଯେଉଁମାନେ ଶସ୍ୟବୀମା କରିଛନ୍ତି ସେମାନଙ୍କୁ କ୍ଷତିପୂରଣ ମିଳିବ ବୋଲି ଏସଆରସି କହିଛନ୍ତି।

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ପେଥାଇ' ମଙ୍ଗଳବାର ଦୁର୍ବଳ ହୋଇଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ସାଙ୍ଗକୁ କୋହଳିଆ ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଗତ ତିନି ଦିନ ହୋଇଥିବା ବର୍ଷାରେ ୧୭ ଜିଲାର ୧୦୦ ବ୍ଲକ ପ୍ରଭାବିତ ହୋଇଛି। ଏହି ସବୁ ବ୍ଲକରେ ୫୦ରୁ ୧୦୦ମିଲିମିଟର ବର୍ଷା ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ଗଜପତି, ବଲାଙ୍ଗୀର, କେନ୍ଦୁଝର, ସମ୍ବଲପୁର, କନ୍ଧମାଳ, କୋରାପୁଟ, ସୁବର୍ଣ୍ଣପୁର, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ମୟୂରଭଞ୍ଜ, ରାୟଗଡ଼ା ଏବଂ ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ହେଉଛି। ସୁନ୍ଦରଗଡ଼ ଜିଲାର ଗୁରୁଣ୍ଡିଆ ବ୍ଲକରେ ସର୍ବାଧିକ ୯୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ା ଜିଲାର କିରମିରା ବ୍ଲକରେ ୯୬, ଗଜପତି ଜିଲାର କେସିଙ୍ଗାରେ ୯୫, ବଲାଙ୍ଗୀର ବ୍ଲକରେ ୯୨.୪, କେନ୍ଦୁଝରର ଚମ୍ପୁଆରେ ୮୮.୬, ଗଜପତି ଜିଲାର ନୂଆଗଡ଼ରେ ୮୬.୨, ସମ୍ବଲପୁରର ବାମରାରେ ୮୬, କନ୍ଧମାଳର ଜି. ଉଦୟଗିରିରେ ୮୧, କୋରାପୁଟର ପଟାଙ୍ଗୀ ୭୯.୨, ଦେବଗଡ଼ର ରିଆମାଳରେ ୮୧, ସୁବର୍ଣ୍ଣପୁରର ବିନିକାରେ ୭୮.୮, କଳାହାଣ୍ଡିର ଲାଞ୍ଜିଗଡ଼ରେ ୬୪.୬, ନୂଆପଡ଼ାରେ ୬୩, ମୟୂରଭଞ୍ଜର ତିରିଙ୍ଗିରେ ୬୦.୪, ରାୟଗଡ଼ାର ଗୁଣ୍ଡୁପୁର ବ୍ଲକରେ ୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଏମ୍‌ଏସ୍‌ପି ୧୭୫୦,...

ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଧାନ ଅମଳ କରିଥାଆନ୍ତି। ଅମଳ ପରେ ଚାଷୀମାନେ ବେଶି ଦିନ ପର୍ଯ୍ୟନ୍ତ ଧାନ ରଖିପାରିବେ ନାହିଁ। ତେଣୁ ମଣ୍ଡି ଖୋଲା ନ ଯିବା କାରଣରୁ ଚାଷୀମାନେ ନିଜ ଖର୍ଚ୍ଚ ପାଇଁ ବାଧ୍ୟ ହୋଇ ଦଲାଲମାନଙ୍କ ମାଧ୍ୟମରେ ୧୧୦୦ରୁ ୧୨୦୦ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାର ମଣ୍ଡି ଖୋଲାଯିବା ଏବଂ ଏମ୍‌ଏସ୍‌ପି ସମ୍ପର୍କରେ ପ୍ରଚାର କରି ଚାଷୀଙ୍କୁ ସଚେତନ କରିବାକୁ ହଜାର ହଜାର କୋଟି ରାଜ୍ୟ ସରକାରଙ୍କୁ ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ଅର୍ଥ ଯେପରି ବାଟମାରଣା ନ ହେବ ତା'ଉପରେ ଧ୍ୟାନ ଦିଆଯାଉଛି ବୋଲି କହୁଛନ୍ତି। ମାତ୍ର ତାହା କେବଳ ସରକାରଙ୍କ ବାକ୍ୟବାଣ। ନିକଟରେ ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ମହିମୁଣ୍ଡା ସୋସାଇଟିରେ ଚାଷୀଙ୍କୁ ୭ କିଲୋ ଲେଖାଏ ଧାନ ଛାଡ଼ କରିବାକୁ ବାଧ୍ୟ କରାଗଲା। ଏନେଇ ସମସ୍ୟା ଉପୁଜିବାରୁ ଜିଲାପାଳ ଘଟଣାରେ ହସ୍ତକ୍ଷେପ କଲେ। ମାତ୍ର କୌଣସି ଫଳ ମିଳିଲା ନାହିଁ। ସୋସାଇଟି ନିଜ ଜିଦ୍‌ରେ ଅଟଳ ରହିବା ହେତୁ ଚାଷୀମାନେ ବାଧ୍ୟ ହୋଇ ୭ କିଲୋ ଲେଖାଏ ଧାନ କାଟି ବିକ୍ରି କଲେ। ଏହିଭଳି ବହୁ ଚାଷୀଙ୍କୁ ଆମେ ଭେଟି କେତେ ଟଙ୍କାରେ ଧାନ ବିକ୍ରି କରୁଛନ୍ତି ବୋଲି ପଚାରିଛୁ। ସେମାନେ ଏହିସବୁ ତଥ୍ୟ ରଖିଛନ୍ତି ବୋଲି ଶିବାଜୀ କହିଛନ୍ତି।

ଏହି ଅବସରରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ରାଜ୍ୟ ସରକାର ବିଭିନ୍ନ ପ୍ରକାର କୃଷକମାରଣ ନୀତି ଦ୍ୱାରା ଚାଷୀ ସମାଜକୁ ଶୋଷଣ କରିଚାଲିଛନ୍ତି। ଆଜି ଆମେ ସ୍ପଷ୍ଟ କରୁଛୁ, ଯଦି ୨୦୧୯ ନିର୍ବାଚନରେ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇ ଭାଜପା ସରକାରକୁ ଆସିବ, ତେବେ ନିଶ୍ଚିତଭାବେ କୃଷିଋଣ ଛାଡ଼ କରିବ। ସେନେଇ ନିଷ୍ପତ୍ତି ନିଆଯାଇ ସାରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଲୋକମାନଙ୍କ ସମ୍ମୁଖରେ ପୂର୍ବରୁ ଏ ସମ୍ପର୍କରେ କହିସାରିଛନ୍ତି। ଏହାସହ ସରକାରକୁ ଆସିଲେ ଚାଷୀଙ୍କୁ ସୁଧମୁକ୍ତ ଋଣ ମଧ୍ୟ ଯୋଗାଇ ଦେବୁ ବୋଲି ବସନ୍ତ ଘୋଷଣା କରିଛନ୍ତି। ବିଧାନସଭା ଚାଲୁ ନ ଥିବାରୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୮ତାରିଖରେ ସଚିବାଳୟ ଘେରାଉ କରାଯିବ। ଯଦି ସଚିବାଳୟରେ ଆମ ଦାବିକୁ ଗ୍ରହଣ କରା ନ ଯାଏ, ତେବେ ନବୀନ ନିବାସ ଘେରାଉ କରିବୁ ବୋଲି ସେ କହିଛନ୍ତି। ବୁଧବାରଠାରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସମଗ୍ର ରାଜ୍ୟରେ ମଣ୍ଡିଚାଲ ଅଭିଯାନ କରାଯିବ। ୨୦୧୫ ନଭେମ୍ବର ୧୯ରେ ଯେତେବେଳେ ସୋହେଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରାଟ ଚାଷୀ ସମାବେଶ କରିଥିଲେ, ସେତେବେଳେ ଚାଷୀମାନେ ମରୁଡ଼ିର ସମ୍ମୁଖୀନ ହୋଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଏମ୍‌ଏସ୍‌ପି ଉପରେ ୧୦୦ଟଙ୍କାର ବୋନସ୍ ଦେବାକୁ ଘୋଷଣା କରିଥିଲେ। ମାତ୍ର ଅଦ୍ୟାବଧି ରାଜ୍ୟ ସରକାର ତାହା ପ୍ରଦାନ କରିନାହାନ୍ତି ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ବସନ୍ତ ପଣ୍ଡାଙ୍କ ବକ୍ତବ୍ୟ ଏକ ନୂଆ ମିଛ। ଯେପରି ୨୦୧୪ରେ ସରକାରକୁ ଆସିଲେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ, ସେହିପରି ଚାଷୀଙ୍କୁ ଋଣ ଛାଡ଼ କରିବା କଥା କହିବା ଆଉ ଏକ ଧୋକା। ଧାନର ଏମ୍‌ଏସ୍‌ପିକୁ ଦେଢ଼ଗୁଣା କଲେ ନାହିଁ। ସ୍ୱାମୀନାଥନ ରିପୋର୍ଟକୁ କାର୍ଯ୍ୟକାରୀ କଲେନାହିଁ। ଏଥିରୁ ଭାଜପାର ଚାଷୀ ଓ ରାଜ୍ୟ ବିରୋଧୀ ମନୋଭାବ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପ୍ରତାପ କହିଛନ୍ତି।

ତେଜିଲା ଋଣଛାଡ଼...

ପାଇଁ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ପ୍ରଥମ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଅନୁରୂପ ଭାବେ କ୍ୟାବିନେଟ ଗଠନର ୧୦ ଦିନ ଭିତରେ ରାଜସ୍ଥାନରେ ମଧ୍ୟ କୃଷିଋଣ ଛାଡ଼ କରି ନିର୍ବାଚନୀ ପ୍ରତିଶ୍ରୁତିକୁ ରଖିବେ ବୋଲି ଗେହଲଟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନ୍ୟପକ୍ଷରେ ଚାଷୀ ଭୋଟ ହାତଛଡ଼ା ହେଉଥିବା ଦେଖି ଭାଜପା ରଣନୀତି ବଦଳାଇବା ଆରମ୍ଭ କରିଛି। ଭାଜପା ଶାସିତ ଆସାମ ଓ ଗୁଜରାଟ ସମେତ ଅନ୍ୟ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୂପ ଫର୍ମୁଲା ଆପଣେଇବା ଆରମ୍ଭ କରିଛନ୍ତି। ଆସାମର ସର୍ବାନନ୍ଦ ସୋନୋୱାଲ ସରକାର ଖୁବ୍‌ଶୀଘ୍ର ରାଜ୍ୟରେ ୬୦୦ କୋଟି ଟଙ୍କାର କୃଷିଋଣ ଛାଡ଼ କରିବାକୁ ଯାଉଛନ୍ତି। ଏହାଦ୍ୱାରା ୮ ଲକ୍ଷ ଚାଷୀ (ଜଣ ପିଛା ୨୫,୦୦୦ ଟଙ୍କା) ଉପକୃତ ହେବେ। ସେହିପରି ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗ୍ରାମାଞ୍ଚଳରେ ଚାଷୀଙ୍କ ୬୫୦ କୋଟି ଟଙ୍କାର ବିଦ୍ୟୁତ୍‌ବିଲ୍ ଛାଡ଼ କରିବାକୁ ମଙ୍ଗଳବାର ଘୋଷଣା କରିଛନ୍ତି।

ଏହି ପରିପ୍ରେକ୍ଷୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ନୁହନ୍ତି, ବରଂ ତାଙ୍କର ଧନୀ ବ୍ୟବସାୟୀ ବନ୍ଧୁଙ୍କ ପାଇଁ ଚିନ୍ତିତ ବୋଲି ରାହୁଲ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ ପରିସରରେ ରାହୁଲ କହିଛନ୍ତି, ମୋଦି ସରକାର ବିଗତ ୪ ବର୍ଷରେ ଚାଷୀଙ୍କ ପାଇଁ ଟଙ୍କାଏ ମଧ୍ୟ କୃଷିଋଣ ଛାଡ଼ କରିନାହାନ୍ତି। ସାରା ଦେଶର ଚାଷୀଙ୍କ କୃଷିଋଣ ଛାଡ଼ ନ କରିବା ଯାଏ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଶୋଇବାକୁ ଦେବେ ନାହିଁ। ରାହୁଲଙ୍କ ଏହି ଚେତାବନୀ ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ଓ ଭାଜପା ଶାସିତ ରାଜ୍ୟ ସରକାରଗୁଡ଼ିକ ଉପରେ ଚାପସୃଷ୍ଟି କରିଛି।

■ ହାଇକୋର୍ଟରେ ପଶ୍ଚିମ ଓଡ଼ିଶା ବନ୍ଦ ମାମଲା

ପଦକ୍ଷେପ ସମ୍ପର୍କିତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କଟକ ଅଫିସ,୧୮।୧୨

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



ଓଡ଼ିଶାରେ ୯୨ ନୂତନ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ: ଜୁଏଲ

ସୁନ୍ଦରଗଡ଼,୧୮।୧୨(ଡି.ଏନ୍.ଏ.): ଏକଲବ୍ୟ ଆବାସିକ ବିଦ୍ୟାଳୟଗୁଡିକୁ କେନ୍ଦ୍ର ସରକାର ପୁନର୍ଗଠନ କରିଛନ୍ତି। ଏହା ଦ୍ୱାରା ନବୋଦୟ ବିଦ୍ୟାଳୟ ଢାଞ୍ଚାରେ ସର୍ବଭାରତୀୟସ୍ତରରେ ଏକ ସ୍ୱତନ୍ତ୍ର ସୋସାଇଟି ଗଠନ କରାଯାଇ ଅଧ୍ୟୟନ କରୁଥିବା ଆଦିବାସୀ ଛାତ୍ରୀ, ଛାତ୍ରମାନଙ୍କୁ ଉଚ୍ଚମାନର ଶିକ୍ଷା ସାଙ୍ଗକୁ ଆବାସିକ ସୁବିଧା ପ୍ରଦାନ କରାଯିବ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଓରାମ ସୁନ୍ଦରଗଡ଼ ସର୍କିଟ ହାଉସରେ ଆହୂତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ୯୨ଟି ନୂତନ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ବର୍ତ୍ତମାନ ରାଜ୍ୟରେ ୧୯ଟି ଏକଲବ୍ୟ ବିଦ୍ୟାଳୟ ଚାଲୁଥିବା ବେଳେ ୮ଟି ନିର୍ମାଣଧୀନ ଅବସ୍ଥାରେ ଅଛି। ସୋମବାର କେନ୍ଦ୍ର ସରକାରଙ୍କ କ୍ୟାବିନେଟ ଅର୍ଥ କମିଟି ଏହି ନୂଆ ବିଦ୍ୟାଳୟ ଖୋଲିବା ପାଇଁ ମଞ୍ଜୁର କରିଥିବାରୁ ମନ୍ତ୍ରୀ ଓରାମ ଭାରତ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ କୃତଜ୍ଞତା ଜଣାଇଛନ୍ତି। ଏହି ବିଦ୍ୟାଳୟଗୁଡିକରେ ଷଷ୍ଠରୁ ୧୨ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବବତ୍ ସିବିଏସ୍‌ଇ ଢାଞ୍ଚାରେ ଶିକ୍ଷା ଦିଆଯିବ। ଏଥିସହିତ ଉଭୟ ବାଳିକା, ବାଳକଙ୍କ ସକାଶେ ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ଦିଆଯିବ। ୩୨୦ ଲେଖାଏଁ ଶଯ୍ୟାବିଶିଷ୍ଟ ଛାତ୍ରାବାସ ନିର୍ମାଣ ହେବ। ୨୦କୋଟିରୁ ଆରମ୍ଭ କରି ସ୍ଥଳବିଶେଷରେ ୨୪ରୁ ୨୫ କୋଟି ଲେଖାଏଁ ଅନୁଦାନ ଛାତ୍ରାବାସ ନିର୍ମାଣ ପାଇଁ ପ୍ରଦାନ କରାଯିବ। ପ୍ରତ୍ୟେକ ଆଦିବାସୀ ଛାତ୍ରୀଛାତ୍ରଙ୍କ ପିଛା ପାଠପଢା ପାଇଁ ପ୍ରତିବର୍ଷ ୧ଲକ୍ଷ ୯ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ଉପରେ ଇଟାଭାଟି ମାଲିକଙ୍କ ନିର୍ଯାତନା

ପାଉଣା ବଦଳରେ ଏସିଡ୍ ମାଡ଼

ଏସିଡ୍ ମାଡ଼ରେ ଗୁରୁତର ଜୟଦେବ ଚନ୍ଦନିଆଁଙ୍କୁ ହେମଗିର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

- ଅନ୍ୟ ଜଣେ ଶ୍ରମିକଙ୍କ ଆଙ୍ଗୁଠି କାଟିଲେ
- ବନ୍ଧା ପଡିଛନ୍ତି ମହିଳାଙ୍କ ସହ ୭ ଶ୍ରମିକ
- ଜୀବନ ବଞ୍ଚାଇ ୪ ଦାଦନ ଗାଁରେ ପହଞ୍ଚିଲେ

ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ)

ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌କୁ ଇଟାଭାଟିରେ କାମ କରିବାକୁ ଯାଇଥିବା ସୁନ୍ଦରଗଡ଼ ଜିଲା ହେମଗିର ଥାନା ବୁରତା ଗ୍ରାମର ୧୧ଜଣ ଦାଦନ ଶ୍ରମିକ ନିର୍ଯାତନାର ଶିକାର ହୋଇଛନ୍ତି। ପାଉଣା ବଦଳରେ ମିଳିଛି ଏସିଡ୍ ମାଡ଼। ଏସିଡ୍ ମାଡ଼ରେ ଜୟଦେବ ଚନ୍ଦନିଆଁ (୩୫) ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଶ୍ରମିକ କିରଣ ବାରିକଙ୍କ ୩ଟି ଆଙ୍ଗୁଠି କାଟି ଦିଆଯାଇଛି। ଜୀବନ ବଞ୍ଚାଇ ସେଠାରୁ ଜଣେ ଶିଶୁଙ୍କୁ ଧରି ଜୟଦେବ ଚନ୍ଦନିଆଁଙ୍କ ସହ ୪ଜଣ ଶ୍ରମିକ ଖସି ଆସିଥିବାବେଳେ କିରଣ ବାରିକ, ତାଙ୍କ ସ୍ତ୍ରୀ ଓ ଅନ୍ୟ ୭ଜଣ ଶ୍ରମିକ ସେଠାରେ ବନ୍ଧା ପଡ଼ିଛନ୍ତି। ସେମାନଙ୍କ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ଇଟାଭାଟି ମାଲିକଙ୍କ ଏସିଡ୍ ମାଡ଼ରେ ଗୁରୁତର ହୋଇ ନିଜ ଗ୍ରାମରେ ପହଞ୍ଚିଥିବା ଜୟଦେବ ମଙ୍ଗଳବାର ହେମଗିର ଡାକ୍ତରଖାନା ଆସିଥିବାବେଳେ ଏହି ନିର୍ଯାତନା ଘଟଣା ଜଣାପଡ଼ିଛି। ମଙ୍ଗଳବାର ରାତିରେ ଜୟଦେବଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ସହକାରୀ ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ଓ ହେମଗିର ଥାନା ପୋଲିସ ଏହି ଶ୍ରମିକଙ୍କ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଧିକାରୀମାନେ ଘଟଣା ସମ୍ପର୍କରେ ଏସିଡ୍ ମାଡ଼ରେ ଗୁରୁତର ଶ୍ରମିକ ଓ ଖସି ଆସିଥିବା ଅନ୍ୟ ଶ୍ରମିକଙ୍କୁ ପଚାରି ବୁଝିଛନ୍ତି। ଶ୍ରମିକଙ୍କ ସୂଚନା ମୁତାବକ, ବରଗଡ଼ ଅଞ୍ଚଳର ସୁମିତ୍ରା ଡୁଲୁଙ୍ଗିଆ ଓ ତାଙ୍କ ସ୍ୱାମୀ ବିଳାସ ଡୁଲୁଙ୍ଗିଆଙ୍କ ସହ ଗତ ଦଶହରା ପରେ ଜୟଦେବ ଓ ତାଙ୍କ ସ୍ତ୍ରୀ ଭୂମି (୩୦) ଇଟା ଗଢ଼ିବା ପାଇଁ ବିଜୟନଗରମ୍ ଯାଇଥିଲେ। ଏହା ସହ ବୁରତା ଗାଁର କିରଣ ବାରିକଙ୍କ ସହ ମୋଟ ୧୧ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କିଛିଦିନ କାମ କରିବା ପରେ ଜୟଦେବ ଇଟାଭାଟି ମାଲିକଙ୍କଠାରୁ ଶ୍ରମିକଙ୍କ ୧୫ଦିନର ମଜୁରି ଧରି ସେମାନଙ୍କ ପରିବାର ଲୋକଙ୍କୁ ଦେବାକୁ ଗାଁକୁ ଆସିଥିଲେ। ଏହା ପରେ ଠିକାଦାର ଓ ମାଲିକ ମିଶି ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ପାଉଣା ବଦଳରେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଏପରିକି ପାରିଶ୍ରମିକ ପାଇଁ ଇଟାଭାଟି ମାଲିକଙ୍କ ସହିତ ଯୁକ୍ତିତର୍କ କରିଥିବା କିରଣ ବାରିକଙ୍କ ୩ଟି ଆଙ୍ଗୁଠି କାଟିଦେବା ପରେ ଶ୍ରମିକମାନେ ଭୟଭୀତ ହୋଇପଡ଼ିଥିଲେ। ସୁଯୋଗ ଦେଖି ସେଠାରୁ ଲୁଚି ଚାଲିଆସୁଥିବାବେଳେ ଇଟାଭାଟି ମାଲିକଙ୍କ ଲୋକମାନେ ସେମାନଙ୍କ ପିଛା କରି ପୁଣି ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ବଳପୂର୍ବକ ଗାଡ଼ିରେ ବସାଇ ନେଇ ଯାଇଥିଲେ। ଅନ୍ୟ ୪ଜଣ ଖସି ଆସି ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଶ୍ରମିକଙ୍କ ଉପରେ ନିର୍ଯାତନା ଘଟଣା ଜାଣି ନ ଥିବା ଜୟଦେବ ବିଜୟନଗରମ୍ ଇଟାଭାଟିରେ ପହଞ୍ଚିବା ପରେ ତାଙ୍କ ଉପରେ ମଧ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ଏପରି କି ତାଙ୍କ ଉପରକୁ ଏସିଡ୍ ମାଡ଼ କରାଯାଇଥିଲା। ତାଙ୍କ ଦେହରୁ ଲୁଗାପଟା ମଧ କାଢ଼ି ନିଆଯାଇଥିଲା। ଗତ ୪/୫ଦିନ ତଳେ ରାତିରେ ଉଲଗ୍ନ ଅବସ୍ଥାରେ ଜୟଦେବ ଲୁଚି ଜଙ୍ଗଲକୁ ଚାଲିଯାଇଥିଲେ। ପରେ କିଛି ପ୍ଲାଷ୍ଟିକ ଦେହରେ ଗୁଡ଼ାଇ ହୋଇ ଚାଲିଚାଲି ଆସିବା ପରେ ଟ୍ରେନ୍ ଯୋଗେ ଗତ ୧୬ ତାରିଖରେ ହେମଗିର ବ୍ଲକ କନିକାରେ ପହଞ୍ଚିଥିଲେ। ପରେ ନିଜ ଗାଁରେ ପହଞ୍ଚି ପରିବାର ଲୋକ ଓ ଗ୍ରାମବାସୀଙ୍କ ଆଗରେ ସବୁକଥା ବର୍ଣ୍ଣନା କରିଥିଲେ।

ବଦଳିଲେ ୭ ଏଏସ୍‌ପି, ପଦୋନ୍ନତି ପାଇଲେ ୧୦ ଅଧିକାରୀ

କଟକ ଅଫିସ,୧୮।୧୨

ଓଡ଼ିଶା ପୋଲିସରେ କାର୍ଯ୍ୟରତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୋଲିସ (ଡିଏସ୍‌ପି) ର୍ୟାଙ୍କର ୧୦ ଅଧିକାରୀଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ୍ ପୋଲିସ (ଏଏସ୍‌ପି)କୁ ପଦୋନ୍ନତି ମିଳିଛି। ଅନ୍ୟପକ୍ଷରେ ୭ଜଣ ଏଏସ୍‌ପିଙ୍କର ବଦଳ ହୋଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏସିପି ଅସୀମ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ଭାବେ ନିଯୁକ୍ତ କରାଯାଇଛି। ସେହିପରି ସୁନ୍ଦରଗଡ଼ର ପିସିଆର ସେଲ୍ ଡିଏସ୍‌ପି ସବିତାରାଣୀ ପଣ୍ଡାଙ୍କୁ ସେହି ଜିଲାର ଏଏସ୍‌ପି, କଳାହାଣ୍ଡି ଡିଆଇବି ଡିଏସ୍‌ପି ସୁନିଲ ଆଚାର୍ଯ୍ୟଙ୍କୁ ନୂଆପଡ଼ା ଏଏସ୍‌ପି, ଖୋର୍ଦ୍ଧା ଡିଏସ୍‌ପି ଅମରେଶ ପଣ୍ଡାଙ୍କୁ ଗଞ୍ଜାମ ଏଏସ୍‌ପି, ମୟୂରଭଞ୍ଜ ଡିଆଇବି ଡିଏସ୍‌ପି ଦିଲୀପ ପଟେଲଙ୍କୁ ମୟୂରଭଞ୍ଜ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, ଗୋଇନ୍ଦା ବିଭାଗ ଡିଏସ୍‌ପି ସନ୍ତୋଷ ଦାସଙ୍କୁ ଭଞ୍ଜନଗର ଗୋଇନ୍ଦା ବିଭାଗ ଏଏସ୍‌ପି, କମିଶନରେଟ ପୋଲିସ ଟ୍ରାଫିକ୍ ଏସିପି ତ୍ରିନାଥ ମିଶ୍ରଙ୍କୁ କମିଶନରେଟ ପୋଲିସ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, ଭୁବନେଶ୍ୱର ବିପିଏସ୍‌ପିଏ ଡିଏସ୍‌ପି ପ୍ରଶାନ୍ତ ମହାନ୍ତିଙ୍କୁ ବିପିଏସ୍‌ପିଏ ଏଏସ୍‌ପି,ଏଚ୍‌ଆର୍‌ପିସି ଡିଏସ୍‌ପି ଅମିତା ପଟ୍ଟନାୟକଙ୍କୁ କେନ୍ଦ୍ରପଡା ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, ଖୋର୍ଦ୍ଧା ଡିଆଇବି ଡିଏସ୍‌ପି ଅର୍ଜୁନ ବାରିକଙ୍କୁ ଭୁବନେଶ୍ୱର ବିପିଏସ୍‌ପିଏ ଏଏସ୍‌ପି, ଗୋଇନ୍ଦା ବିଭାଗ ଡିଏସ୍‌ପି ସୁବାଶ ଚନ୍ଦ୍ର ସ୍ୱାଇଁ ଓ ଆଲୋକ ଦେଓଙ୍କୁ ଗୋଇନ୍ଦା ବିଭାଗର ଏଏସ୍‌ପି ଭାବେ ନିଯୁକ୍ତ ଭାରାଯାଇଛି । କମିଶନରେଟ ପୋଲିସର ଅତିରକ୍ତ ଡିସିପି ସୀତାରାମ ଶତପଥୀଙ୍କୁ ଗଞ୍ଜାମ ଏଏସ୍‌ପି ଓ ଗୁଣୁପର ଏଏସ୍‌ପି ପତିତପାବନ ଚୌଧୁରୀଙ୍କୁ ଗଞ୍ଜାମ ଆଇୟୁସିଏଡବ୍ଲ୍ୟୁର ଏଏସ୍‌ପି ଭାବେ ବଦଳି କରାଯାଇଛି। କୋରାପୁଟ ଏଏସ୍‌ପି ରଘୁନାଥ ରାଓଙ୍କୁ ରାୟଗଡା ଏଏସ୍‌ପି, ଭୁବନେଶ୍ୱର ଗୋଇନ୍ଦା ବିଭାଗ ଏସ୍‌ଆଇଡବ୍ଲ୍ୟୁ ଏଏସ୍‌ପି ସୁବଳ ଚନ୍ଦ୍ର କରଙ୍କୁ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଅଭିଯୋଗ ବିଭାଗ ଏଏସ୍‌ପି, ଗୋଇନ୍ଦା ବିଭାଗର ସ୍ପେଶାଲ ବ୍ରାଞ୍ଚ ଏଏସ୍‌ପି ବିପିନ ବିହାରୀ ମଲ୍ଲିକଙ୍କୁ ଭୁବନେଶ୍ୱର ଗୋଇନ୍ଦା ବିଭାଗ ଏସ୍‌ଆଇଡବ୍ଲ୍ୟୁ ଏଏସ୍‌ପି, କେନ୍ଦ୍ରପଡା ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଅରୁଣ ଜେନାଙ୍କୁ କେନ୍ଦ୍ରାପଡା ଏଏସ୍‌ପି, ଭଞ୍ଜନଗର ଏଏସ୍‌ପି ପ୍ରଦୀପ ମହାପାତ୍ରଙ୍କୁ ସମ୍ବଲପୁର ବଦଳି କରାଯାଇଛି।

ପାର୍ସଲ ବୋମା ବିସ୍ଫୋରଣ ମାମଲା

ପୁଞ୍ଜିଲାଲଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଲା

ପୁଞ୍ଜିଲାଲ ମେହେର

କଟକ ଅଫିସ,୧୮।୧୨: ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନର ଶୁଣାଣିକୁ ହାଇକୋର୍ଟ ଘୁଞ୍ଚାଇ ଦେଇଛନ୍ତି। ମଙ୍ଗଳବାର ପୁଞ୍ଜିଲାଲଙ୍କ ଜାମିନ ଆବେଦନର ଶୁଣାଣି ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କ କୋର୍ଟରେ ହୋଇଥିଲା। ତେବେ ଜଷ୍ଟିସ ଦାସ ଏହି ଶୁଣାଣିକୁ ଜାନୁୟାରୀ ୧୭ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ସୂଚନାଥାଉକି, ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ ଫେବୃୟାରୀ ୨୩ରେ ଘଟଣାଟି ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା' ଜେମାମଣୀଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରାମାରାଣୀ ଗୁରୁତର ଆହତ ହୋଇଥିଲେ। ସୌମ୍ୟଶେଖର ଓ ରାମାମଣିଙ୍କ ବିବାହର ୫ଦିନ ପରେ ଘରକୁ କୋରିୟର ଆସିଥିଲା। ତାହାକୁ ଖୋଲିବାମାତ୍ରେ ବିସ୍ଫୋରିତ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଏପ୍ରିଲ ୨୫ରେ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପ୍ରାଥମିକ ଚାର୍ଜଶିଟ ଦାଖଲ କରିଛି।

ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରହ । ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ । ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ବିପଦ ଘଟିବ ନାହିଁ । –ଶ୍ରୀମା

ଋଣ ଛାଡ଼

ଡିସେମ୍ବର ୧୭ରେ କମଲନାଥ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ ହେବ ବୋଲି ଘୋଷଣା କରିଛନ୍ତି । କ୍ଷମତାକୁ ଆସିଲେ ୧୦ ଦିନ ମଧ୍ୟରେ କୃଷିଋଣ ଛାଡ଼ କରାଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିବାରୁ କମଲନାଥ ତତ୍‌କ୍ଷଣାତ୍ ପଦକ୍ଷେପ ନେଇଛନ୍ତି । ସେହିପରି ଏହିଦିନ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାକୁ ସମ୍ପ୍ରସାରିତ କରି ସବୁ ଗରିବ ପରିବାରକୁ ମାଗଣା ସିଲିଣ୍ଡର ଦେବା ବିଷୟ ଘୋଷଣା କରିଛନ୍ତି । ଅନୁରୂପଭାବେ ଡିସେମ୍ବର ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରରେ ୪୧ ହଜାର କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ଆଗକୁ ନିର୍ବାଚନ ଆସୁଥିବାରୁ ଆହୁରି ଅନେକ ଏଭଳି ଘୋଷଣା ଆଶା କରାଯାଇପାରେ ।

ନିକଟରେଚାଷୀଅସନ୍ତୋଷସମସ୍ତଙ୍କଦୃଷ୍ଟିଆକର୍ଷଣକରିଛି।ମହାରାଷ୍ଟ୍ରଚାଷୀଙ୍କର ବମ୍ବେକୁ ପଦଯାତ୍ରା, ଦିଲ୍ଲୀରେ ବିଭିନ୍ନ ରାଜ୍ୟରୁ ଆସିଥିବା କୃଷକଙ୍କ ସମାବେଶ ଏବଂ ଓଡ଼ିଶାରେ ମଧ୍ୟ ଚାଷୀଙ୍କ ଭୁବନେଶ୍ୱରକୁ ଯାତ୍ରା ଏକ ଗମ୍ଭୀର ସଂକେତ ଦେଉଛି । ତାହା ହେଲା ଚାଷୀ ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି । କୃଷକକୁ ଘୋର କ୍ଷତି ଘଟିଲେ ଭାରତ ଭଳି କୃଷିପ୍ରଧାନ ଓ ଜନସଂଖ୍ୟାବହୁଳ ଦେଶରେ ବିରାଟବଡ଼ ବିପଦ ସୃଷ୍ଟି ହେବ । ସରକାରଙ୍କୁ ଅନେକ ହଜାର କୋଟି ଟଙ୍କା କେବଳ ଖାଦ୍ୟଶସ୍ୟ ଆମଦାନିରେ ଖର୍ଚ୍ଚ କରିବାକୁ ପଡ଼ିବ । ସେଥିରେ ମଧ୍ୟ ପଥ ଜଟିଳ । ସମୟରେ ଖାଦ୍ୟଶସ୍ୟ ପହଞ୍ଚି ନ ପାରିଲେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଉଭା ହେବ । ଏସବୁକୁ ଆଖିରେ ରଖିଲେ କୃଷକର ମଙ୍ଗଳ ସବୁଠାରୁ ଊର୍ଦ୍ଧ୍ୱରେ ରହିବା ଦରକାର ।

କୃଷକଙ୍କ ସ୍ୱାର୍ଥକୁ ଦେଖିଲେ ଏ ଦେଶରେ କୃଷି ଭିତ୍ତିଭୂମିର ଘୋର ଅଭାବ ରହିଛି । ଜଳସେଚନ ଅତ୍ୟନ୍ତ ନିମ୍ନସ୍ତରରେ ଥିବାବେଳେ ପର୍ଯ୍ୟାପ୍ତ ମାଲଗୋଦାମ ଓ ଶୀତଳଭଣ୍ଡାର ନାହିଁ । କୃଷିକ୍ଷେତରେ ପ୍ରଯୁକ୍ତିବିଦ୍ୟାର କମ୍ ବିନିଯୋଗ ଓ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଅତି ତଳେ ରହିଛି । ସାମାନ୍ୟ ଅଧିକ ଶସ୍ୟ ଉତ୍ପାଦନ ହେଲେ ଚାଷୀ ତାହାକୁ ସାଇତି ନ ରଖି କମ୍ ଦରରେ ବିକ୍ରି କରିଦେଉଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି । ଜୈବିକ ଖତରେ ଚାଷ କିମ୍ବା ନିଜେ ବିହନ ସାଇତି ରଖି ପରବର୍ତ୍ତୀ ବର୍ଷରେ ତାହାକୁ ଶସ୍ୟକ୍ଷେତରେ ବିନିଯୋଗ କରିବା ଭଳି ଆବଶ୍ୟକ ପରାମର୍ଶ ଓ ଶିକ୍ଷା ଦିଆଯାଉ ନାହିଁ । ବର୍ତ୍ତମାନ ବ୍ୟାଙ୍କର ଅନାଦେୟ ଋଣ (ଏନ୍‌ପିଏ) ପରିମାଣ ଦେଖିଲେ ସାଢ଼େ ୮ ଲକ୍ଷ କୋଟି ଟଙ୍କା ରହିଛି । କରଦାତାଙ୍କ ଅର୍ଥ ବ୍ୟାଙ୍କରୁ ଋଣ ଆକାରରେ ନେଇ ଶୁଝି ନ ଥିବା ବଡ଼ବଡ଼ିଆଙ୍କ ତାଲିକା କଲେ ତାହା ଲମ୍ବି ଚାଲିବ । ସେହି ସମୟରେ ଚାଷୀକୁ ସହଜରେ ଋଣ ମିଳି ନ ଥାଏ । ଯେଉଁମାନେ ଖିଲାପକାରୀ ଅବସ୍ଥାକୁ ଚାଲିଯାଆନ୍ତି, ସେମାନଙ୍କୁ ଏଭଳି ହଇରାଣ କରାଯାଏ ଯେ, କେତେକେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାନ୍ତି । ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ଦେଖାଦେଇଛି । ସରକାର ଋଣ ଛାଡ଼କୁ ପ୍ରୋତ୍ସାହନ ଦେବା ଅପେକ୍ଷା କୃଷକକୁ କୃଷି ସମ୍ବନ୍ଧୀୟ ସୁବିଧା ଯୋଗାଇଦେଲେ ତାହା ଭାରତର ଭବିଷ୍ୟତ ପାଇଁ ମଙ୍ଗଳଦାୟକ ହୁଅନ୍ତା ।

ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ କଲ୍ୟାଣ ସର୍ବାଗ୍ରେ ରହିବା ବାଞ୍ଛନୀୟ । ଭାରତର ପ୍ରତ୍ୟେକ ରାଜନୈତିକ ଦଳ ଓ ସରକାର କ୍ଷଣସ୍ଥାୟୀ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ବ୍ୟସ୍ତ । ଆଧାର କାର୍ଯ୍ୟକ୍ରମରେ ଅନେକ ଶହ କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ସେଥିରୁ ଭାରତୀୟ ଅର୍ଥନୀତିକୁ କି ଲାଭ ମିଳିଛି ଏ ପର୍ଯ୍ୟନ୍ତ ଲୋକେ ବୁଝିପାରୁ ନାହାନ୍ତି । ନିର୍ବାଚନ ସମୟ ଆସିଲେ ଲୋକଙ୍କୁ ଲୋଭ ଦେଖାଇ ସେମାନଙ୍କ ମନ ଜିଣିବା ସକାଶେ ଦୌଡ଼ ଆରମ୍ଭ ହୋଇଥାଏ । ମନେ ରଖିବାକୁ ହେବ ଯେ ପୂର୍ବରୁ ମଧ୍ୟ ଭାରତୀୟ ଭୋଟର ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେଇଛି । କଂଗ୍ରେସର ଦୁର୍ନୀତି ଅସହ୍ୟ ହେବା ପରେ ଲୋକେ ସେହି ଦଳକୁ ପ୍ରତ୍ୟାଖ୍ୟାନ କଲେ । ନିକଟରେ ଭାଜପାକୁ ବିଧାନସଭା ନିର୍ବାଚନରେ ଜନସାଧାରଣ ଗାଦିଚ୍ୟୁତ କରିଛନ୍ତି । ରାଜନୈତିକ ଦଳଗୁଡ଼ିକ ବୁଝିବା ଦରକାର ଯେ ଋଣ ଛାଡ଼ ଭଳି ଉପରଠାଉରିଆ ବାଟ ଆପଣାଇ ଭୋଟରଙ୍କୁ ବାଉଳା କରିହେବ ନାହିଁ ।

ଚିରନ୍ତନୀ

ଶ୍ରେଷ୍ଠ ମାନବ ଅନ୍ତର କେତେ ଏଥି ଆସିଅଛି ଧାଇଁ,
ଭକତି ପ୍ରେମର କେତେ ରସ–ଉତ୍ସ ଦେଇଛି ବୁହାଇ,
ତରଳାଇ ନିର୍ଜୀବ ଏ ପାଷାଣର ଅଙ୍ଗ
ଜୀବନ–ରସର କେତେ ଉଠିଛି ତରଙ୍ଗ,
କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର
ହୋଇଛି ପବିତ୍ର
ଲାଗି ଯେଣୁ
ପଦ–ରେଣୁ । (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୩

- ମାନବ ଜାତିର ଉଲ୍ଲେଖନୀୟ ସେବା ପାଇଁ ମଦର ଟେରେସାଙ୍କୁ ୟୁନେସ୍କୋ ଶାନ୍ତି ଶିକ୍ଷା ପୁରସ୍କାର ପ୍ରଦାନ ।
- ପୂର୍ବତନ ସୋଭିଏଟ ୟୁନିୟନ ସମୟରୁ ୟୁକ୍ରେନରେ ଖଞ୍ଜାଯାଇଥିବା ପରମାଣୁ ଅସ୍ତ୍ରଶସ୍ତ୍ରଗୁଡିକ ଅପସାରଣ ନିମନ୍ତେ ୟୁକ୍ରେନ ସରକାର ରୁଷିଆ ଏବଂ ଆମେରିକାର ପ୍ରସ୍ତାବ ସହିତ ଏକମତ ହୋଇଛନ୍ତି ।

su | do | ku ସୁ–ଡୋ–କୁ

0				9					D		3			6
8				D			9	A	7	6		E		0
C			0									8	9	
		9		3	4					5		B	C	2
		E			7			B	1					
		5			D		B	C					0	E
	0			4						E	5			9
				C	9		A	E			1		3	7
9	4		5						A	2		C		
	E				B			6	3	4	7			
	8	7				5						1		B
		6					E		2	7	C		5	8
			1			C						2	7	
4					2	B	0	7			D			A
	B				E	A		D			8	0		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

6	0	D	9	3	2	5	B	1	8	7	4	E	A	C
1	3	E	A	7	D	8	4	C	B	9	2	6	0	5
B	8	5	C	0	1	7	9	E	6	D	A	4	2	3
7	A	C	8	4	5	6	2	0	1	3	E	B	D	9
9	2	4	6	B	E	D	A	3	0	C	5	7	8	1
5	D	3	4	1	A	B	E	6	C	8	7	0	9	2
4	C	0	E	9	B	A	8	D	5	2	3	1	6	7
8	B	6	7	2	C	9	0	4	A	1	D	5	3	E
2	9	A	5	D	0	1	3	7	E	4	6	8	C	B
E	7	1	3	8	6	2	C	5	9	0	B	D	4	A
C	E	8	1	6	9	3	7	2	4	B	0	A	5	D
A	6	2	B	C	3	0	D	8	7	5	1	9	E	4
D	5	B	0	A	4	C	1	9	2	E	8	3	7	6
0	4	9	D	5	7	E	6	B	3	A	C	2	1	8
3	1	7	2	E	8	4	5	A	D	6	9	C	B	0

ଗତକାଲିର ଉତ୍ତର

ସୁନ୍ଦର ଜାଗା, ଭଲ ଲୋକ

ନବୀନ ପଟ୍ଟନାୟକ

ଗତ କେତେ ସପ୍ତାହ ଧରି ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ତଥା ପ୍ରସିଦ୍ଧ ଅନେକ ବ୍ୟକ୍ତିଙ୍କୁ ଆତିଥେୟତା ପ୍ରଦାନ କରିଛି । ଭୁବନେଶ୍ୱରରେ ଅନୁଷ୍ଠିତ ମେକ୍–ଇନ୍–ଓଡ଼ିଶା କାର୍ଯ୍ୟକ୍ରମରେ ବିଶିଷ୍ଟ ଭାରତୀୟ ଶିଳ୍ପପତିମାନେ ଏକାଠି ହୋଇଥିଲେ । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଶ୍ୱ ପ୍ରସିଦ୍ଧ କଳାକାର, ସାଂସ୍କୃତିକ ତଥା କ୍ରୀଡ଼ା ଜଗତର ଖ୍ୟାତନାମା ବ୍ୟକ୍ତିତ୍ୱ, ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ୧୬ଟି ଦେଶର ଖେଳାଳି, କର୍ମକର୍ତ୍ତା ତଥା ଉଚ୍ଚ ପଦାଧିକାରୀମାନେ ମଧ୍ୟ ଏହି ସମୟରେ ଓଡ଼ିଶା ଭ୍ରମଣରେ ଆସିଛନ୍ତି । ନିକଟରେ ସ୍ମାର୍ଟ ସିଟି ଭୁବନେଶ୍ୱରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ପୁରୁଷ ହକି ବିଶ୍ୱ କପ୍ ସଫଳତାର ସହ ଶେଷ ହୋଇଛି । ଏସବୁ କାର୍ଯ୍ୟକ୍ରମ ମଧ୍ୟରେ ମୁଁ ଓଡ଼ିଶା ତରଫରୁ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଯେତେବେଳେ ଭେଟିଛି, ସେତେବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା ବାରମ୍ବାର ପ୍ରତିଧ୍ୱନିତ ହୋଇଛି, ''କେତେ ସୁନ୍ଦର ଏ ଜାଗା, କେତେ ଭଲ ଲୋକ ।'' ଘନ ଅରଣ୍ୟାନୀ, ସ୍ନିଗ୍ଧ, ମନୋରମ ବେଳାଭୂମି ଏବଂ କାଳଜୟୀ କୀର୍ତ୍ତିରାଜିରେ ବିମଣ୍ଡିତ ଓଡ଼ିଶା ବାସ୍ତବିକ ଧରାପୃଷ୍ଠରେ ଏକ ସୁନ୍ଦର ଭୂମି । ଏହା ଈଶ୍ୱରଙ୍କ ଉପହାର । ତା' ସହିତ ଓଡ଼ିଆ ଜାତିର ଭଲପଣିଆ... ଏହା ମୋତେ ଭାବପ୍ରବଣ କରିଦେଇଛି ।

ଭଲ ଲୋକଙ୍କ ସାନ୍ନିଧ୍ୟ ସବୁବେଳେ ଉତ୍ସାହପ୍ରଦ । ଏହା ଏକ ଅନନ୍ୟ ଅନୁଭବ । ଭଲପଣ ମଣିଷକୁ ସହଜ କରିବା ସହିତ ବ୍ୟକ୍ତି ଭିତରେ ଥିବା ସର୍ବୋତ୍କୃଷ୍ଟ ଗୁଣକୁ ପ୍ରକାଶ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ଓଡ଼ିଶା ଆସୁଥିବା ଲୋକମାନେ ଆମର ଭଲଗୁଣ ଦ୍ୱାରା ଏତେ ଗଭୀର ଭାବରେ ପ୍ରଭାବିତ ଯେ ସେମାନେ ଅନ୍ୟ ସ୍ଥାନକୁ ଗଲେ ଏହି ଭଲ ପାଇବାର ଅଭାବକୁ ଅନୁଭବ କରି ଆମକୁ ସେମାନଙ୍କ ସହିତ ତୁଳନା କରିବସୁଛନ୍ତି । ଏହି ଭଲ ପାଇବାର ଅଭାବ ଦ୍ୱାରା ମଣିଷପଣିଆର କ୍ଷତି ହେଉଛି ।

ମୁଁ ଭାବେ ଆମ ଓଡ଼ିଆଙ୍କ ବ୍ୟବହାରର ୪ଟି ମୌଳିକ ଦିଗ ଆମର ଭଲପଣିଆର ପରିପ୍ରକାଶ କରେ । ପ୍ରଥମଟି ହେଉଛି, ଅନ୍ୟମାନଙ୍କ ପ୍ରତି ଆମର ସମ୍ମାନବୋଧ । ଆମର ପୂର୍ବପୁରୁଷମାନଙ୍କର ସମସ୍ତଙ୍କ ପ୍ରତି ଗଭୀର ସମ୍ମାନ ରହିଥିଲା–ସେ ସଜୀବ ହେଉ ବା ନିର୍ଜୀବ । ଏହା ସେମାନଙ୍କ ବୌଦ୍ଧିକ ଜ୍ଞାନ ବା ପାଣ୍ଡିତ୍ୟର ଉଦାହରଣ ନ ଥିଲା ବରଂ ଏହା ସେମାନଙ୍କ ଆଧ୍ୟାତ୍ମିକ ଅନୁଭବରୁ ହିଁ ଆସିଥିଲା । ଆଧ୍ୟାତ୍ମିକ ଅନୁଭୂତିରୁ ଆମେ ଜାଣୁ ଯେ ଆମର ସମସ୍ତ ବସ୍ତୁ ସହିତ ସମ୍ପର୍କ ରହିଛି, ତେଣୁ ଆମେ ସମସ୍ତଙ୍କୁ ସମ୍ମାନର ସହିତ ଦେଖିବା ଉଚିତ ।

ଆମର ବ୍ୟବହାରର ପରବର୍ତ୍ତୀ ଦିଗଟି ହେଉଛି ବିନମ୍ରତା । ଦେଖିବାକୁ ଗଲେ, ବିନମ୍ରତା ବିନା କେହି ଅନ୍ୟର ସମ୍ମାନଭାଜନ ହୋଇପାରିବ ନାହିଁ । ଦୁର୍ଭାଗ୍ୟବଶତଃ, ବିନମ୍ରତାକୁ ଅନେକ ସମୟରେ ଭୟାଳୁ ଓ ଆଜ୍ଞାବହ ସ୍ୱଭାବର ପରିପ୍ରକାଶ ବୋଲି ଧରି ନିଆଯାଏ । ମୋ ମତରେ କିନ୍ତୁ ଏହା ଠିକ୍ ନୁହେଁ । ଆମର ଗଭୀର ଆତ୍ମବିଶ୍ୱାସରୁ ହିଁ ବିନମ୍ରତାର ଜନ୍ମ । ବିନମ୍ରତାର ଏପରି ଏକ ଶକ୍ତି ରହିଛି ଯାହା କି ପରିଶେଷରେ ସମସ୍ତଙ୍କୁ ପ୍ରଭାବିତ କରିଥାଏ । ବାସ୍ତବରେ ବିନମ୍ରତା ହେଉଛି ଅଧିକ ଶକ୍ତିଶାଳୀ । ବିନମ୍ରତା ନ ଥିଲେ ଆମେ ଭଲ କଥା ଗ୍ରହଣ କରିବାର ଶକ୍ତି ହରାଇଥାଉ । କଥାରେ ଅଛି, ଗିରିଶୃଙ୍ଗ ଯେତେ ଉଚ୍ଚ ଓ ଦୃଢ ହେଲେ ବି ବୁନ୍ଦାଏ ବର୍ଷା ଜଳ ଧାରଣ କରିବାର କ୍ଷମତା ତାହାର ନ ଥାଏ । ଅପରପକ୍ଷରେ ଉପତ୍ୟକାରେ ଥିବା ହ୍ରଦ ହିଁ କେବଳ ବର୍ଷାଜଳ ଧାରଣ କରିପାରେ । ତେଣୁ କୌଣସି ଉତ୍ତମ ବିଚାର ଧାରଣ କରିବାକୁ ହେଲେ, ଆମର ମନ ହ୍ରଦ ଭଳି ହେବା ଆବଶ୍ୟକ ।

ତୃତୀୟ ମୌଳିକ ଦିଗଟି ହେଉଛି ସରଳତା । ଓଡ଼ିଆ ଲୋକ ସରଳ । ସରଳ ହେବା ଅର୍ଥ ନିର୍ବୋଧ ନୁହେଁ । ଏହା କୁହାଯାଇ ପାରେ ଯେ, ଶ୍ରେଷ୍ଠ ବ୍ୟକ୍ତି ହିଁ ସବୁଠାରୁ ସରଳ । ନମ୍ରତା ଆକର୍ଷିତ କରେ । ଉଚ୍ଚ ଆଦବକାଇଦା ମଣିଷ ମଧ୍ୟରେ ଦୂରତା ସୃଷ୍ଟି କରେ । ଏସବୁ ବ୍ୟତୀତ ମୋ ବିବେଚନାରେ ଚତୁର୍ଥ ଦିଗଟି ହେଉଛି ଶିଷ୍ଟାଚାରୀ ହେବା ପାଇଁ ଆମ ମଧ୍ୟରେ କିଛି ପରିମାଣର କ୍ଷମା ଗୁଣ ମଧ୍ୟ ରହିବା ଜରୁରୀ । ଭଲ ଲୋକମାନେ ସହଜରେ କ୍ଷମା କରିଦିଅନ୍ତି । କ୍ଷମାର ଆତ୍ମଶୋଧନ ଶକ୍ତି ରହିଛି । ମଣିଷପଣିଆ କାଳେ କାଳେ ବଞ୍ଚିରହିଛି । କାରଣ କେବେ କେବେ କେଉଁଠି ନା କେଉଁଠି ଆମେ କ୍ଷମା ଦେଇଛୁ । ଆମେ ଯେତେବେଳେ କ୍ଷମା କରିବାର ଶକ୍ତି ହରାଇ ବସୁ, ସେତେବେଳେ ପରିବାର, ସମାଜ ଓ ଦେଶ ଭାଙ୍ଗିଯାଏ ।

ମୁଁ ଚାହେଁ ଆମେ ସମସ୍ତେ ଜାଣିବା ଦରକାର ଯେ, ଆମ ସୌଜନ୍ୟତା ଏବେ ଦୁନିଆର ନଜରକୁ ଆସିଛି । ଏହାକୁ ଦୁନିଆ ପସନ୍ଦ ମଧ୍ୟ କରିଛି । ଏହା ସମଗ୍ର ଓଡ଼ିଆ ଜାତିର ସାମୂହିକ ତଥା ସାମଗ୍ରିକ ଚରିତ୍ର । ଯଦି ପାଖରେ ଟଙ୍କା ଅଛି, ତେବେ ଆପଣ ସୁଦୃଶ୍ୟ ସଡ଼କ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବନ୍ଦର, କାରଖାନା ଓ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସବୁକିଛି ଗଢ଼ିପାରିବେ । କିନ୍ତୁ ଭଲ ମଣିଷପଣିଆକୁ ଟଙ୍କାରେ ମୂଲ କରାଯାଇ ପାରିବ ନାହିଁ । ଏହା ଅମୂଲ୍ୟ । ଆମେ ବହୁତ ଭାଗ୍ୟବାନ୍ ଯେ ପିଢି ପରେ ପିଢି ଆମ ପୂର୍ବପୁରୁଷମାନେ ଆମକୁ ସମ୍ମାନବୋଧ, ବିନମ୍ରତା, ସରଳତା ଓ କ୍ଷମାଶୀଳତା ଆଦି ସଦ୍‌ଗୁଣ ଶିଖେଇଛନ୍ତି । ଏହାକୁ ଆମେ ଉତ୍ତରାଧିକାର ସୂତ୍ରରେ ପାଇଛୁ । ଏହିସବୁ ସୁଗୁଣଗୁଡିକ ମିଶି ଆମକୁ ସୌଜନ୍ୟଶୀଳ କରିଛି ଏବଂ ଏହା ଆମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆମେମାନେ ଉତ୍ତରାଧିକାର ସୂତ୍ରରେ ପାଇଥିବା ଏହି ମହାନ୍ ସଂସ୍କାର ପାଇଁ ନିଜକୁ ଗୌରବାନ୍ୱିତ ମନେକରିବା ଉଚିତ । ଏହା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ବା ନିର୍ଦ୍ଦିଷ୍ଟ ସମୟର ଉପଲବ୍ଧି ନୁହେଁ । ଶତାବ୍ଦୀ ଶତାବ୍ଦୀ ଧରି ସମୟର କଷଟି ପଥରରେ ପରୀକ୍ଷିତ ଏହା ଆମର ସାମୂହିକ ଉତ୍ତରାଧିକାର । ଓଡ଼ିଆ ଜାତିର ଭଲପଣିଆ ହେଉଛି ଓଡ଼ିଆଙ୍କ ଶ୍ରେଷ୍ଠ ପରିଚୟ । ଏହି ଭଲପଣିଆ ସବୁକାଳେ ଆମ ପରିଚୟ ହୋଇ ରହିବା ଉଚିତ ।

(ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଇଂଲିଶରେ ରଚିତ ପ୍ରବନ୍ଧ 'Beautiful Place, Good People'ର ମର୍ମାନୁବାଦ)

ଆତ୍ମହତ୍ୟା ମହାପାପ

ଇଂ. ବିଦ୍ୟାଧର ପଣ୍ଡା

ହାଡୁ ପୁରୋହିତଙ୍କର ପୁରାଣ ଜ୍ଞାନ ଭଲ । ଛକ ଚା'ଦୋକାନରେ ବସି କେତେ କଥା ଆଲୋଚନା କରନ୍ତି । କାଲି ପେଥାଇ ବାତ୍ୟାର କୋହଲା ପାଗରେ ଅଦିନିଆ ଚାଷୀମାନେ ଚା' ପିଇବାକୁ ଛକକୁ ଝଡପରି କୁଆଡୁ ମାଡିଆସି ଭିଡ କରିଥାନ୍ତି । ଗୋସେଇଁଙ୍କୁ ଦେଖିବା ମାତ୍ରେ ପାଦତଳେ ଓଳଗି ହୋଇ ଚାରିପଟେ ଚକ୍ରାକାରରେ ଛିଡା ହୋଇଗଲେ । ଚା' ପିଇବା ସହ ଟିଭି ଖବର ଦେଖିବେ ଓ ଲୋକଙ୍କଠାରୁ ଆଗାମୀ ବର୍ଷା ଓ ବାତ୍ୟା କଥା ଜାଣିବେ । ଏମିତି ପ୍ରକାରର ଲୋକଙ୍କୁ ଦେଖି ହାଡୁ ପୁରୋହିତଙ୍କର ପାକୁଆ ପାଟିରେ ପ୍ରବଚନ ଶକ୍ତି ବଢିଯାଏ । ଗତବର୍ଷ ଚାଷକାମରେ ହାରି ଚାରିଜଣ ଅଧାବରଷିଆ ଚାଷୀ ଆତ୍ମହତ୍ୟା କଲେ । ଏକଥା ଗୋସେଇଁଙ୍କୁ ବାଧିଛି । ପ୍ରଥମେ ବିଭିନ୍ନ ପାପ ବିଷୟରେ ବିସ୍ତୃତ ବର୍ଣ୍ଣନା ହେଲା । ପରେ ମହାପାପ ବିଷୟରେ ଲୋକମାନଙ୍କୁ ବୁଝାଇ କହିଲେ– ଦୁନିଆରେ ଯେତେ ମହାପାପ ଅଛି ତନ୍ମଧ୍ୟରୁ ଆତ୍ମହତ୍ୟା ମହାପାପର ଦଣ୍ଡ ବେଶି ବୋଲି ପ୍ରମାଣ ଅଛି । ପିତୃହତ୍ୟା, ମାତୃହତ୍ୟା, ଶିଶୁବଧ, ନାରୀବଧ, ଗୁରୁନିନ୍ଦା, ଗୋହତ୍ୟା, ବ୍ରହ୍ମହତ୍ୟା ଭଳି ଅନେକ ମହାପାପ ଶ୍ରେଣୀର, କିନ୍ତୁ ଆତ୍ମହତ୍ୟା କରିଥିବା ପାପୀକୁ ସହଜରେ ମୁକ୍ତି ମିଳେ ନାହିଁ । ଯମ ଉପରକୁ ନେଇ ବିଭିନ୍ନ ନର୍କଦଣ୍ଡ ଦେବା ପୂର୍ବରୁ ଧରାତଳେ ପ୍ରେତ ରୂପରେ ଅନେକ କଷ୍ଟ ଦିଏ । ସବୁ ପ୍ରକାରର ପ୍ରେତ ଆତ୍ମହତ୍ୟାକାରୀକୁ ଗୋଠରେ ମିଶାନ୍ତିନି, ନାନା ପ୍ରକାରର ହଇରାଣ ହରକତ କରନ୍ତି ।

ହାଡୁ ପୁରୋହିତଙ୍କର ଅନ୍ତର ସବୁବେଳେ ଚାଷୀ ପାଇଁ କାନ୍ଦେ । ଖଣ୍ଡମଣ୍ଡଳରେ ହଜାରେ ଚାଷୀଘର ଯଜମାନ । ବୁଢା ହୋଇଗଲେଣି । ଦାନ୍ତ ପଡିଗଲାଣି, ଆଉ ପାରୁ ନାହାନ୍ତି । ଏଥର ଗୋଟିଏ ନିୟମ କରିଛନ୍ତି– ଯେଉଁ ଚାଷୀ ଫସଲ ନଷ୍ଟ ହେବାରୁ ଋଣ ଶୁଝିବା ଭୟରେ ଆତ୍ମହତ୍ୟା କରୁଛି, ତାଙ୍କ ଶୁଦ୍ଧିକ୍ରିୟା କାମକୁ ସିଏ ଯିବେନି । କାରଣ ଯେତେ ଭଲରେ ମନ୍ତ୍ର ଉଚ୍ଚାରଣ କରି ଶ୍ରାଦ୍ଧକର୍ମ ସହ ପୁଷ୍କର ଛଡାଇଲେ ମଧ୍ୟ ତାହାର ଉଦ୍ଧାର ହେବା ଅସମ୍ଭବ । ଆତ୍ମହତ୍ୟା କରିଥିବା ଅଶାନ୍ତ ଆତ୍ମାଟି ଡହଳ ବିକଳ ହୋଇ ବାରବର୍ଷ ଭୋକଶୋଷରେ ଘୂରିବ ହିଁ ଘୂରିବ । ପୁଅନାତି ପାଣି ଦେଲେ ସୁଦ୍ଧା ସିଏ ଗ୍ରହଣ କରିବାକୁ କ୍ଷମତା ନ ଥାଏ । ଏବେ ଯେଉଁ ପେଥାଇ କି ପତେଇ ବ

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

ରାଫାଲ ନିର୍ମାଣ ପାଇଁ ହାଲ୍‌କୁ ପ୍ରସ୍ତାବ ଦିଆଯାଇ ନ ଥିଲା

ବଲାଙ୍ଗୀର ଅଫିସ,୧୮।୧୨

ରାଫାଲ ଯୁଦ୍ଧବିମାନ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିବା ଚର୍ଚ୍ଚା ଏଯାଏ ଥମିନାହିଁ। ଏହି ପ୍ରସଙ୍ଗରେ ମୋଦି ସରକାର ବିରୋଧରେ କଂଗ୍ରେସ ଅଭିଯୋଗ ଶାଣିତ କରିବା ଜାରି ରଖିଛି। ରାଫେଲ ନିର୍ମାଣକୁ ନେଇ ଦେଶର ସୁନାମଧନ୍ୟ ଓ ଅଭିଜ୍ଞତା ସମ୍ପନ୍ନ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)କୁ ଅଣଦେଖା କରାଯାଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇ ଆସୁଛି। ଏଭଳି ସମୟରେ ସୂଚନା ଅଧିକାର ଆଇନ ଜରିଆରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ରାଫାଲ ଯୁଦ୍ଧବିମାନ ନିର୍ମାଣକୁ ନେଇ ହାଲ୍‌କୁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ହାଲ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମାଗିଥିଲେ। ରାଫାଲ ଯୁଦ୍ଧବିମାନ ନିର୍ମାଣ ସମ୍ପର୍କରେ ହାଲ୍‌କୁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିଲା ବୋଲି କମ୍ପାନୀର ବେଙ୍ଗାଲୁରୁସ୍ଥିତ ମୁଖ୍ୟ କାର୍ଯ୍ୟାଳୟରୁ ପଣ୍ଡାଙ୍କୁ ସୂଚନା ପ୍ରଦାନ କରାଯାଇଛି। ଏହା ସହିତ ହାଲ୍‌ରେ ତିଆରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧବିମାନ ଓ ହେଲିକପ୍ଟରର ସୂଚନା ପ୍ରଦାନ କରାଯାଇଛି। ହାଲ୍ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଏପର୍ଯ୍ୟନ୍ତ ହାଲ୍‌ରେ ୪୧୦୦ରୁ ଊର୍ଦ୍ଧ୍ୱ ବିମାନ ଓ ହେଲିକପ୍ଟର ତିଆରି ହୋଇସାରିଛି। ସ୍ୱଦେଶୀ ଜ୍ଞାନକୌଶଳରେ ଏଚ୍‌ଟି-୨, ପୁଷ୍ପକ, କ୍ରିଷକ, ମାରୁତ ଏମ୍‌କେ-୧/୧ଏ (ଏଚ୍‌ଜେ ଟି୧୬), ବସନ୍ତ, ଅଜିତ୍, କିରନ ଏମ୍‌କେ-୨ (ଏଚ୍‌ଜେ ଟି୧୬), ଏଚ୍‌ପିଟି ୩୨, ଏଚ୍‌ଟିଟି ୩୪, ଏ ଏଲ୍‌ଏଚ୍, ଲକ୍ଷ୍ୟ (ପିଟିଏ), ଏଲ୍‌ସିଏ, ଆଇଜେଟି, ଏଚ୍‌ଟିଟି -୪୦, ଏଲ୍‌ସିଏଚ୍, ଏଲ୍ ୟୁଏଚ୍, ମାରୁତ ଟ୍ରେନର, ଏବଂ ଅଜିତ ଟ୍ରେନର ନିର୍ମାଣ କରାଯାଇଥିବାବେଳେ ବିଦେଶୀ ଜ୍ଞାନକୌଶଳରେ ପ୍ରେଣ୍ଟସ୍, ଭେମ୍ପାୟାର ଫାଇଟର୍, ଜିନାଟ, ଏଚ୍‌ଏସ୍-୭୪୮/ଏମ୍, ଚେତକ, ମିଗ୍-୨୧ ଏଫ୍‌ଏଲ୍, ଚିତାହ, ମିଗ୍-୨୧ଏମ୍, ମିଗ୍-୨୧ ବିଆଇଏସ୍, ଜାଗୁଆର, ମିଗ-୨୭ଏମ୍, ଡୋରନିଏର୍-୨୨୮, ଏସ୍‌ୟୁ-୩୦ ଏମ୍‌କେଆଇ, ହକ୍, ଭେମ୍ପାୟାର ଟ୍ରେନର, ଚିତଲ ନାମକ ବିମାନ ଓ ହେଲିକପ୍ଟର ସିରିଜ ନିର୍ମାଣ କରାଯାଇ ସାରିଛି। ଗତ ସେପ୍ଟେମ୍ବର ପର୍ଯ୍ୟନ୍ତ ହାଲ୍‌ରେ ସମୁଦାୟ ୨୮ ହଜାର ୬ ଶହ ୧୬ ଜଣ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ରହିଥିବା ସୂଚନା ଦିଆଯାଇଛି। ଏହା ସହ ବର୍ତ୍ତମାନ ଏଠାରେ ଏସ୍‌ୟୁ-୩୦, ଏମ୍‌କେୟୁ, ଡିଓ-୨୨୮, ହକ୍, ଏଲ୍‌ସିଏ ବିମାନ ଏବଂ ଏ ଏଲ୍‌ଏଚ୍, ଚିତଲ, ଚେତକ, ଚିତା ହେଲିକପ୍ଟର ନିର୍ମାଣ ଚାଲିଥିବା ତଥ୍ୟ ପ୍ରଦାନ କରାଯାଇଛି। ଯୁଦ୍ଧବିମାନ ଓ ହେଲିକପ୍ଟର ନିର୍ମାଣ ପାଇଁ ଅଭିଜ୍ଞତାରେ ପରିପୂର୍ଣ୍ଣ ଦେଶର ଏହି ସଫଳ ସରକାରୀ ଅନୁଷ୍ଠାନ ହାଲ୍‌କୁ ରାଫାଲ ନିର୍ମାଣ ପାଇଁ ବିଶ୍ୱାସକୁ ନିଆ ନ ଯାଇ ଡାସଲ୍ଟ ସହ ରିଲାଏନ୍ସ ଡିଫେନ୍ସ ଭଳି ଅଭିଜ୍ଞତା ନ ଥିବା ନୂତନ କମ୍ପାନୀକୁ ନିର୍ମାଣ ପାଇଁ ଅନୁମତି ଦେବା ଦ୍ୱାରା ମୋଦି ସରକାରଙ୍କ ସାଧୁତା ଉପରେ ପ୍ରଶ୍ନ ଚିହ୍ନ ଲାଗିବା ସ୍ୱାଭାବିକ ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

ମାଲକାନଗିରି/ଖଇରପୁଟ, ୧୮।୧୨ (ଡି.ଏନ୍.ଏ.)

ଅବିଭକ୍ତ କୋରାପୁଟର ଜୟପୁରଠାର ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମାଲକାନଗିରି ଜିଲା ବାର୍ ଆସୋସିଏଶନ୍ ମଙ୍ଗଳବାର ଜିଲା ବନ୍ଦ ଡାକରା ଦେଇଥିଲେ। ଫଳରେ ଜିଲା ସଦର ମହକୁମାରେ ସମସ୍ତ ଦୋକାନ ବଜାର,ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳ, ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଇଥିଲା। କେତେକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାଲି ଚାଲି ବିଦ୍ୟାଳୟକୁ ଯାଉଥିଲେ। ତେବେ ଓକିଲ ସଂଘର ବିରୋଧ ଯୋଗୁ ବିଦ୍ୟାଳୟଗୁଡିକ ବନ୍ଦ ଥିବାରୁ ଛାତ୍ରୀଛାତ୍ରମାନେ ଫେରି ଆସିଥିଲେ। ଓକିଲ ସଂଘ ସମ୍ପାଦକ ଲମ୍ବୋଦର ତୁରୁକ, ଏବଂ ଗୋବିନ୍ଦ ପାତ୍ର, ଅନବର ଶାହା, ବିଜୟ ମହାନ୍ତିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଏଥିରେ ସାମିଲ ହୋଇଥିଲେ। ଖଇରପୁଟ ଓ ମାଥିଲି ବ୍ଲକର ଆଇନଜୀବୀମାନେ ଏହି ଦାବି ନେଇ ଗୋବିନ୍ଦପାଲ୍ଲୀ ଛକଠାରେ ରାସ୍ତାରୋକୋ କରି ଦିନିକିଆ ବନ୍ଦ ପାଳନ କରିଛନ୍ତି। ଏଥିଯୋଗୁ ସାଧାରଣ ସେବା ସଂପୂର୍ଣ୍ଣ ଠପ ହୋଇପଡିଥିଲା। ସକାଳ ୬ଟାରୁ ଏହି ବନ୍ଦ ପାଳନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଜାରି ରହିଥିଲା। ଏନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସେହିପରି କାଲିମେଳାରେ ମଧ୍ୟ ବନ୍ଦ ପାଳନର ପ୍ରଭାବ ପଡିଥିଲା। ଦୋକାନ ବଜାର ବନ୍ଦ ରହିଥିଲା। ଗାଡିମୋଟର ଚଳାଚଳ ବନ୍ଦ ଥିଲା। ବ୍ଲକର ଏମଭି-୭୯୦ଠାରେ ଥିବା କୋର୍ଟରେ ଆଇନଜୀବୀମାନେ କୋର୍ଟ ବର୍ଜନ କରିଥିଲେ।

ଓଡ଼ିଶା ମାନବାଧିକାର କମିଶନ ପଦବୀ ଖାଲି ମାମଲା

ସରକାରଙ୍କ ସତ୍ୟପାଠ ଦାଖଲ, ଆଜି ବୈଠକ

କଟକ ଅଫିସ, ୧୮।୧୨

ଗତ ମେ ମାସରୁ ଓଡ଼ିଶା ମାନବାଧିକାର କମିଶନ ଅଧକ୍ଷ ପଦବୀ ଖାଲି ପଡ଼ିଛି। ଏହାକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଥିଲା। ସରକାରଙ୍କ ପକ୍ଷରୁ ମହାଧିବକ୍ତା (ଆଡ୍‌ଭୋକେଟ ଜେନେରାଲ) ସୂର୍ଯ୍ୟ ପ୍ରସାଦ ମିଶ୍ର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ମାନବାଧିକାର କମିଶନ ଅଧକ୍ଷ ପଦବୀ ପୂରଣ ନିମନ୍ତେ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ନିୟମ ଅନୁଯାୟୀ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କ ଉପସ୍ଥିତିରେ ବୈଠକ ବସି ଏହି ପଦବୀ ପୂରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଥାଏ। ଏହି ଅନୁଯାୟୀ ବୁଧବାର ବୈଠକ ବସିବା ନିମନ୍ତେ ସ୍ଥିର କରାଯାଇଥିବା ମହାଧିବକ୍ତା ମିଶ୍ର ଖଣ୍ଡପୀଠଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୧ ସୁଦ୍ଧା ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ସରକାରଙ୍କୁ ଆଦେଶ ଦେଇଛନ୍ତି।

ସୂଚନାଥାଉକି, ପୂର୍ବରୁ ମଧ୍ୟ ସ୍ଥାୟୀ ଅଧକ୍ଷ ନିଯୁକ୍ତିକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ସରକାର ଦୀର୍ଘଦିନ ହେବ ଭାରପ୍ରାପ୍ତ ଅଧକ୍ଷରେ ମାନବାଧିକାର କମିଶନକୁ ପରିଚାଳନା କରୁଥିବାରୁ ଗତ ମାର୍ଚ୍ଚରେ ସରକାରଙ୍କଠାରୁ ଜବାବ ତଲବ କରାଯାଇଥିଲା। ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାୟୀ କମିଶନ ନିଯୁକ୍ତି ଦିଆଯିବ ବୋଲି ସତ୍ୟପାଠ ଆକାରରେ କୋର୍ଟଙ୍କୁ ଅବଗତ କରାଯାଇଥିଲା। ମାତ୍ର ଗତ ମେ ୧୩ରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଫାଙ୍କା ପଡ଼ିଥିବାରୁ ଏ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ।

ଝାରସୁଗୁଡ଼ା ବିମାନବନ୍ଦର

ଜାନୁୟାରୀରୁ ପୁଣି ଉଡ଼ିବ ବିମାନ

ଝାରସୁଗୁଡ଼ା ଅଫିସ,୧୮।୧୨

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ପୁଣିଥରେ ବିମାନ ସେବା ଆରମ୍ଭ ହେବ। ଜାନୁୟାରୀ ପ୍ରଥମ ସପ୍ତାହରୁ ବିମାନ ସେବା ଆରମ୍ଭ ହୋଇପାରେ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରିଜିଓନାଲ କନେକ୍ଟିଭିଟି ସ୍କିମ୍ ଅଧୀନ ଉଡାନ୍ ପାଇଁ ତୃତୀୟ ପର୍ଯ୍ୟାୟ ବିଡିଂ ଚାଲୁ ରହିଛି। ଏହା ଡିସେମ୍ବର ୩୧ରେ ସାର୍ବଜନୀନ ହେବ। ଭିଏସ୍‌ଏସ୍ ଏୟାରପୋର୍ଟରୁ ବିମାନ ଚଳାଚଳ ପାଇଁ ସ୍କାଇସ୍‌ଜେଟ୍, ଇଣ୍ଡିଗୋ ଏୟାରଲାଇନ୍ ଭଳି ୩ଟି ପ୍ରମୁଖ ବିମାନ କମ୍ପାନୀ ବିଡିଂରେ ଅଂଶଗ୍ରହଣ କରିଛନ୍ତି। ଡିସେମ୍ବର ୩୧ରେ ଏହି ବିଡିଂ ଖୋଲାଯିବା ପରେ

ଭିଏସ୍‌ଏସ୍ ବିମାନବନ୍ଦର।

ଚୟନ ହୋଇଥିବା କମ୍ପାନୀ ଭିଏସ୍‌ଏସ୍ ଏୟାରପୋର୍ଟରୁ ବିମାନସେବା ପ୍ରଦାନ କରିବେ। ଅନ୍ୟପକ୍ଷରେ ପୂର୍ବଭଳି ଛୋଟ ବିମାନ ନ ଚଳାଇ ଏଥର ବୋଇଂ ଏବଂ ଏୟାରବସ-୩୨୦ ଭଳି ବିମାନ ଉଡ଼ିବ। ତେବେ ଜାନୁୟାରୀ ପ୍ରଥମ ସପ୍ତାହରୁ ହିଁ ସିଡ୍ୟୁଲ୍ ଫ୍ଲାଇଟ୍ ଉଡ଼ିବା ନେଇ ଆଶା ସଞ୍ଚାର ହୋଇଛି। ସେହିପରି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ ଝାରସୁଗୁଡ଼ାରୁ ନୂଆଦିଲ୍ଲୀକୁ ବିମାନ ସେବା ପାଇଁ ସର୍ବାଧିକ ବ୍ୟକ୍ତି ଇଚ୍ଛା ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀ ସମେତ କୋଲକାତା, ରାୟପୁର ଏବଂ ଭୁବନେଶ୍ୱରକୁ ବିମାନ ଚଳାଚଳ ସପକ୍ଷରେ ମତ ଦେଇଛନ୍ତି। କିନ୍ତୁ ପୂର୍ବରୁ ଏକ ବେସରକାରୀ ସଂସ୍ଥା ଦ୍ୱାରା ୧୦୮୮ ଲୋକଙ୍କୁ ନେଇ ଅନ୍ୟ ଏକ ସର୍ଭେ କରାଯାଇଥିଲା। ସର୍ବେକ୍ଷଣରେ ଝାରସୁଗୁଡ଼ା ଭିଏସ୍‌ଏସ୍ ଏୟାରପୋର୍ଟରୁ ଦେଶର ପ୍ରମୁଖ ସହର କୋଲକାତା, ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ବିଶାଖାପାଟଣା, ହାଇଦ୍ରାବାଦ, ଭୁବନେଶ୍ୱର, ଚେନ୍ନାଇକୁ ବିମାନ ଚଳାଚଳ ବାବଦରେ ମତ ସଂଗ୍ରହ କରାଯାଇଥିଲା। ଯେଉଁଥିରେ ସର୍ବାଧିକ ୨୬.୯% ଲୋକ ଝାରସୁଗୁଡ଼ାରୁ ନୂଆଦିଲ୍ଲୀକୁ ବିମାନସେବା ପାଇଁ ମତ ଦେଇଥିବା ଜଣାପଡ଼ିଥିଲା। ଅନ୍ୟ ସହରଗୁଡ଼ିକ ମଧ୍ୟରେ କୋଲକାତାକୁ ୧୮.୭%, ବେଙ୍ଗାଲୁରୁକୁ ୧୮.୮%, ମୁମ୍ବାଇକୁ ୧୩.୭% ଲୋକ ବିମାନସେବା ଚାହୁଁଥିବା ମତ ପ୍ରକାଶ କରିଥିଲେ। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ କୋଲକାତା ସପକ୍ଷରେ ୭୮.୧% ଲୋକ ମତ ଦେଇଥିବାବେଳେ ଅବଶିଷ୍ଟ ୪ଟି ସହର ବିଶାଖାପାଟଣା, ଚେନ୍ନାଇ, ଭୁବନେଶ୍ୱର ଏବଂ ହାଇଦ୍ରାବାଦ ସପକ୍ଷରେ ମାତ୍ର ୨୧.୯% ଲୋକ ମତ ଦେଇଥିଲେ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଉଦ୍‌ଘାଟନ କରିଥିଲେ। ଏୟାର ଓଡ଼ିଶା ଏଠାରୁ ଉଡାନ୍ ଯୋଜନାରେ ବିମାନ ଚଳାଚଳ ଆରମ୍ଭ କରିଥିଲା। କିନ୍ତୁ ଅବ୍ୟବସ୍ଥିତ ଏବଂ ଅନିୟମିତ ବିମାନ ଚଳାଚଳ ଯୋଗୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ କରିଥିଲେ। ବର୍ତ୍ତମାନ ତୃତୀୟ ପର୍ଯ୍ୟାୟ ବିଡିଂ ଡିସେମ୍ବର ୩୧ରେ ଖୋଲାଯିବାକୁ ଥିବାବେଳେ ଝାରସୁଗୁଡ଼ାରୁ ବିମାନ ଉଡ଼ିବା ଆଶା ପୁଣି ସଞ୍ଚାର ହୋଇଛି।

ତହସିଲଦାର, ବିଡିଓଙ୍କୁ ଗୁହାରି କରି ଶ୍ୟାମଲାଲ ହତାଶ

ଦଦ୍‌ରା କୁରିଆରେ ବିନ୍ଧୁଛେ ଜୀବନ୍

କର୍ଲାମୁଣ୍ଡା,୧୮।୧୨(ଡି.ଏନ.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ନିଆଁସିମାନକର ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନା, ବିଜୁ ପକ୍କାଘର ଲେଖେଁ ଯୋଜ୍‌ନା କରିଛନ୍ୱ। ହେଲେ ସରକାରୀ ଅଧିକାରୀମାନକର ଆଁତରିକତା ଅଭାବ୍ ଲାଗି ବହୁତ୍ ଜାଗାରେ ହକ୍‌ଦାର, ନିହାତି ଗରିବ୍ ହିତାଧିକାରୀମାନେ ଇ ଯୋଜ୍‌ନାର ସୁଫଲ ପାଏବାରୁ ବଂଚିତ ହେଉଛନ୍ୱ। ଏନ୍‌ତାଗୁଟେ ଉଦାହରନ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଯୋରାଡବ୍ରା ପଂଚେତର ଶିଶାଖାଲ ଗାଁରେ। ଇ ଗାଁର ବାସିନ୍‌ଦା ହେଉଛନ୍ ଶ୍ୟାମଲାଲ ମାଝି। ପରିବାର କହେଲେ ମାଏକିନା ଆର ଦୁଇ ପୁଏକୁ ନେଇ ତାକର ସୁଖର ସଁସାର। ଚଲତି ବଛର ବର୍ଷାରେ ତାକର ମାଏଟ କୁରିଆର ପଛଫାଲଟା ପୂରାପୂରି ଭାଂଗି ଯାଇଛେ। ସରକାରୀ ସାହାଯ୍ ଲାଗି ଥାନାୟ ସରପଂଚ୍‌ନୁ ମୂଲ୍ କରି ତହସିଲଦାର, ବିଡିଓଙ୍କୁ ଲିଖିତ ସେ ଜନେଇଛନ୍ୱ। ହେଲେ ଆଏଜ୍‌ତକ୍ କେହେନ୍‌ସିନୁ କିଛି ବି ସରକାରୀ ସାହାଯ୍ ନାଇଁ ପାଇଥିବାର ଶ୍ୟାମଲାଲ କହିଛନ୍ୱ। ପରିବାରଟା ନିହାତି ଗରିବ ହେଇଥିଲା ବେଲେ ସଖାଲ ପାଏଲେ ପରହର କାମବୁତାଥି ବାହାଜାଂଗଲ ମାଜଲେ ଯାଇ ଘରର ଚୁଲି ଜଳୁଛେ। ଏନ୍‌ତାଥି ନୂଆଁ ଘର ତିଆରିବାର ତ ଦୂରର କଥା ଘର ମରାମତି ଲାଗି ବି ସେ ସକ୍ଷମ ନୁହଁନ୍ୱ। ବହୁତ୍ ଦିନ୍ ହେଲା ଶ୍ୟାମଲାଲଙ୍କର ଘର ଭାଂଗି ଯାଇଥିଲେ ବି ସେ କେହେନ୍‌ସି ପରକାର ସରକାରୀ ସାହାଯ୍ ନାଇଁ ପାଇଥିବାର ଗାଁର ୱାର୍ଡମେମ୍ବର ସୁରେନ୍ଦ୍ର ନାଗ କହିଛନ୍ୱ। ଆରଗୁଟେ ଆଡେ ରାଏଜ୍ ସରକାର ନିଜର ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍ କରବାର ସଂଗେ ଲୁକ୍‌କର ନିକଟତର ହେବାର ଲାଗି 'ପିଠା' ଲେଖେଁ କାଯ୍‌କରମ ଆୟୋଜନ କରି କୋଟି କୋଟି ଟଂକା ସାରୁଛନ୍ୱ। ହେଲେ ସରକାରଙ୍କର ଇ ମହତ୍ ଯୋଜ୍‌ନାମାନକର ସୁଫଲ ପାଏବାରୁ ଶ୍ୟାମଲାଲ ଲେଖେଁ ନିହାତି ଗରିବଦୁଖି ବଂଚିତ୍ ହେଉଥିବାରଟା ଗୁଟେ ନିହାତି ଦୁଖର କଥା। ଇ ଦିଗେ ପରଶାସନ ଦୁରୁଖ୍‌ଟି ଦେଇ ଶ୍ୟାମଲାଲଙ୍କୁ ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

ନିଜର ଦଦ୍‌ରା କୁରିଆ ଆଘେ ପରିବାର ସଂଗେ ଶ୍ୟାମଲାଲ।

ଦାଦନଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ଘଣ୍ଟାପଡା, ୧୮।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ନାରାୟଣ ପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ପଣ୍ଡରାପିଟା (ଉପରପଡା) ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ବମ୍ବେରେ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରକାଶ ନାଏକ (୧୯) । ସେଠାକାର ପୋଲିସ ଶବ ଜବତ କରି ଛାନଭିନ ଚଳାଇଛି । ତେବେ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିବା ପ୍ରକାଶଙ୍କ ମୃତଦେହ ଆଣିବାକୁ ବମ୍ବେ ଯାଇଥିବା ପରିବାର ଲୋକେ ଫୋନ ଯୋଗେ ଜଣାଇଛନ୍ତି ।

ତା୧୫।୧୨।୧୮ରୁ ୨୦।୧୨।୧୮ ପର୍ଯ୍ୟନ୍ତ 'PEETHA' ପିଠା କାର୍ଯ୍ୟକ୍ରମରେ ବହୁଳମାତ୍ରାରେ ଯୋଗଦାନ କରି ଓଡ଼ିଶା ସରକାରଙ୍କ ବହୁମୁଖୀ ଯୋଜନା ବିଷୟରେ ଅବଗତ ହେବା ପାଇଁ ଜନସାଧାରଣଙ୍କୁ ନିବେଦନ।

→ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ SECC ତାଲିକାରେ ଥିବା ହିତାଧିକାରୀଙ୍କୁ କ୍ରମାନ୍ୱୟରେ ଗୃହ ଯୋଗାଇ ଦିଆଯାଇଥାଏ।

ଶ୍ରୀମତୀ ରୀନା ମେହେର
ଅଧ୍ୟକ୍ଷା, ଦେଓଗାଁ ବ୍ଲକ

ଗ୍ରାମୀଣ ଆବାସରେ ମିଳୁଥିବା ସୁବିଧା ସୁଯୋଗ-

- ଘର ନିର୍ମାଣ ପାଇଁ ଏକଲକ୍ଷ ୩୦ ହଜାର ଟଙ୍କା।
- ମନରେଗା ଯୋଜନାରେ ୯୫ ଦିନର ମଜୁରି ପ୍ରଦାନ।
- ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା।
- ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ।
- ୬ ମାସ ମଧ୍ୟରେ ଘର ନିର୍ମାଣ କଲେ ୧୦ ହଜାର ମିଳିବ।

→ ମନରେଗା ବ୍ୟକ୍ତିଗତ ପ୍ରକଳ୍ପ ମାଧ୍ୟମରେ ଗାଈଗୁହାଳ, ଛେଳି ଗୁହାଳ, ଜମି ଉନ୍ନତୀକରଣ, ଜିଆ ବା ଜୈବକ ଖତ ପାଇଁ ଆର୍ଥିକ ସହାୟତା ପାଇପାରିବେ।

ଉପରୋକ୍ତ ସୁବିଧା ସୁଯୋଗ ପାଇବା ପାଇଁ ତଥା ଘର ନିର୍ମାଣର ବିଲ୍ ପାଇଁ ଯେ କୌଣସି ବ୍ୟକ୍ତି ଲାଞ୍ଚ ମାଗିଲେ କାହାରିକୁ ଟଙ୍କା ଦିଅନ୍ତୁ ନାହିଁ। ଯଦି କେହି ଲାଞ୍ଚ ମାଗୁଛନ୍ତି ତେବେ, ବିଡିଓ ଦେଓଗାଁ, ପ୍ରକଳ୍ପ ନିର୍ଦ୍ଦେଶକ, ବଲାଙ୍ଗୀର ଓ ଜିଲ୍ଲାପାଳ ବଲାଙ୍ଗୀରଙ୍କ ନିକଟରେ ଅଭିଯୋଗ କରନ୍ତୁ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ ବ୍ଲକ, ବଲାଙ୍ଗୀର

ଜିଲ୍ଲା ଯୋଗାଣ ନିଗମ ଲିଃ. କେନ୍ଦ୍ରାପଡା
ଧାନ କ୍ରୟ ନିମନ୍ତେ ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ, ବର୍ତ୍ତମାନ ଖରିଫ ବର୍ଷ ୨୦୧୮-୧୯ ନିମନ୍ତେ ତା. ୧୫.୧୨.୨୦୧୮ରିଖ ଠାରୁ ଯୋଗାଣ ନିଗମ ଜରିଆରେ ଜିଲ୍ଲାର ନିମ୍ନଲିଖିତ ୧୧୫ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି। ଧାନକ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ

ସଂକ୍ଷେପରେ

ଏଏସ୍‌ଆଇ ଡିଜିଙ୍କ ସତ୍ୟପାଠ ଦାଖଲ

ସୂର୍ଯ୍ୟମନ୍ଦିର ପ୍ରତି ସାମାନ୍ୟତମ ବିପଦ ନାହିଁ

କଟକ ଅଫିସ, ୧୮।୧୨: ସୂର୍ଯ୍ୟମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ଏଥିରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ଉଷା ଶର୍ମା ସତ୍ୟପାଠ ଦାଖଲ କରିଛନ୍ତି। କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଦାୟିତ୍ୱ ୧୯୩୮ରୁ ଏଏସ୍‌ଆଇ ହାତରେ ନ୍ୟସ୍ତ ରହିଛି। ଏଥିପାଇଁ ଏଏସ୍‌ଆଇ ଆବଶ୍ୟକ ପଦକ୍ଷେପ ନେଉଥିବା ନିର୍ଦ୍ଦେଶକ ଶର୍ମା ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ଏପରିକି ଉତ୍ତରାଖଣ୍ଡ ରୁଡ୍‌କିସ୍ଥିତ ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିବିଆର୍‌ଆଇ) ପରାମର୍ଶ ଅନୁଯାୟୀ ମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଛି। ସିବିଆର୍‌ଆଇ ପକ୍ଷରୁ ଏ ନେଇ ସ୍ୱତନ୍ତ୍ର ଅଧ୍ୟୟନ କରାଯାଇଛି। ୨୦୦୦ ଫେବୃୟାରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ କୋଣାର୍କ ମନ୍ଦିରର ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣର ବୃତ୍ତାନ୍ତ ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟ ମନ୍ଦିରରୁ ଖଣ୍ଡେ ହେଲେ ପଥର ହଟାଯାଇ ନାହିଁ। ମନ୍ଦିର ପ୍ରତି କୌଣସି ବିପଦ ନ ଥିବା ଏଏସ୍‌ଆଇ ନିର୍ଦ୍ଦେଶକ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପରବର୍ତ୍ତୀ ଶୁଣାଣି ସମୟରେ ଏଏସ୍‌ଆଇ ଆକ୍ସନ ପ୍ଲାନ ସମ୍ପର୍କିତ ପୂର୍ଣ୍ଣାଙ୍ଗ ତଥ୍ୟ ହାଇକୋର୍ଟରେ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଜାନୁୟାରୀ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବା ନେଇ ଆଡ୍‌ଭୋକେଟ ଦିଲୀପ ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ ଏ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ଏଏସ୍‌ଆଇକୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

ଜିଏସ୍‌ଟିର ୧୮% ସ୍ଲାବ୍ ଭିତରେ ରହିବ ୯୯% ସାମଗ୍ରୀ

ମୁମ୍ବାଇ,୧୮।୧୨

ସଙ୍କେତ ଦେଲେ ପ୍ରଧାନମନ୍ତ୍ରୀ

- ୨୮% ସ୍ଲାବ୍‌ରେ ରହିବ କେବଳ ବିଳାସ ସାମଗ୍ରୀ
- ୫୫ ଉଦ୍ୟୋଗୀଙ୍କ ପଞ୍ଜୀକରଣ ବଢ଼ିଛି
- ୨୦୧୪ ସୁଦ୍ଧା ୫୫%ଙ୍କ ଘରେ ଥିଲା ରୋଷେଇ ଗ୍ୟାସ୍

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)କୁ ଆହୁରି ସରଳ କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କେତ ଦେଇଛନ୍ତି। କେନ୍ଦ୍ର ସରକାର ୯୯% ସାମଗ୍ରୀକୁ ଜିଏସ୍‌ଟିର ୧୮% ସ୍ଲାବ ଭିତରେ ରଖିବା ଲାଗି ଉଦ୍ୟମ ଚଳାଇଛନ୍ତି ବୋଲି ଏକ ଘରୋଇ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି। ନିଜର ଅଭିଭାଷଣରେ ସେ କହିଛନ୍ତି ଯେ, ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାକୁ ଯେତେଦୂର ସମ୍ଭବ ଆହୁରି ସରଳ କରିବାକୁ ତାଙ୍କ ସରକାର ପ୍ରୟାସରତ। ଆଜି ଜିଏସ୍‌ଟି ବ୍ୟବସ୍ଥା ଦେଶରେ ପ୍ରାୟତଃ ସ୍ଥିର ହୋଇସାରିଥିବାରୁ ୯୯% ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ୧୮% ସ୍ଲାବ ଭିତରେ ଆଣିବାକୁ ଉଦ୍ୟମ ହେଉଛି। ବିଳାସ ସାମଗ୍ରୀ ଭଳି କିଛି ସାମଗ୍ରୀକୁ କେବଳ ୨୮% ସ୍ଲାବ୍‌ରେ ରଖାଯିବ ବୋଲି ସେ କହିଛନ୍ତି। ଦେଶରେ ଅପ୍ରତ୍ୟକ୍ଷ ଟିକସର ନୂଆ ବ୍ୟବସ୍ଥା ଲାଗୁ ହେବା ପୂର୍ବରୁ ମାତ୍ର ୬୫ ଲକ୍ଷ ଉଦ୍ୟୋଗୀ ଟିକସ ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଥିଲେ। ଏହି ସଂଖ୍ୟାରେ ଆହୁରି ୫୫ ଲକ୍ଷ ବୃଦ୍ଧି ପାଇଛି। ମୋଦି କହିଛନ୍ତି ଯେ, ଉଦ୍ୟୋଗ ଜଗତ ଲାଗି ଜିଏସ୍‌ଟିକୁ ଯେତେଦୂର ସମ୍ଭବ ସରଳ କରାଯିବା ଆବଶ୍ୟକ। ପ୍ରାରମ୍ଭରେ ଜିଏସ୍‌ଟିକୁ ଭିନ୍ନ ଭିନ୍ନ ରାଜ୍ୟ ତଥା ଭାଟ୍ ଅଥବା ଉତ୍ପାଦ ଶୁଳ୍କ ଆଧାରରେ ତିଆରି କରାଯାଇଥିଲା। ତେବେ ଆଲୋଚନା ମାଧ୍ୟମରେ ଏଥିରେ ଅନେକ ସୁଧାର କରାଗଲାଣି। ମୋଦି କହିଛନ୍ତି ଯେ, ପ୍ରାୟ ଏକ ଦଶନ୍ଧି ଧରି ଦେଶରେ ଜିଏସ୍‌ଟି ଲାଗୁ ପାଇଁ ଦାବି ହେଉଥିଲା। ଏବେ ଏହା ଲାଗୁ ହୋଇଛି। ଏହାଦ୍ୱାରା କାରବାର କରିବାରେ ଥିବା ବାଧା ଧୀରେ ଧୀରେ ଦୂର ହେଉଛି । ପ୍ରଣାଳୀକୁ ଅଧିକ ଦକ୍ଷତାସମ୍ପନ୍ନ କରାଯାଉଥିବାରୁ ସେ ଖୁସି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ଦେଶର ଅର୍ଥନୀତି ପାରଦର୍ଶୀ ହେଉଛି। ଦେଶରେ ଦୁର୍ନୀତି ଦୂର କରିବା ଲାଗି ତାଙ୍କ ସରକାରଙ୍କ ଉଦ୍ୟମ ସମ୍ପର୍କରେ ମୋଦି କହିଛନ୍ତି ଯେ, ଦିନଥିଲା ଦୁର୍ନୀତିକୁ ଦେଶ ଏକ ସାମାନ୍ୟ ଘଟଣା ଭାବେ ସ୍ୱୀକାର କରିନେଇଥିଲା। କମ୍ପାନୀ ଋଣ ପରିଶୋଧ ନ କଲେ ମାଲିକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। କାରଣ ସେମାନଙ୍କୁ କିଛି ସ୍ୱତନ୍ତ୍ର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସୁରକ୍ଷା ମିଳୁଥିଲା। ଏନ୍‌ଡିଏ ସରକାର ଏବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ୨୦୧୪ ପର୍ଯ୍ୟନ୍ତ ଦେଶରେ ୫୫% ଘରେ ରୋଷେଇ ଗ୍ୟାସ୍ ଥିଲା। ତାଙ୍କ ସରକାର ଦୀର୍ଘ ଦଶନ୍ଧି ଧରି ସୃଷ୍ଟି ହୋଇଥିବା ସମସ୍ୟାର ସବୁଦିନିଆ ସମାଧାନ ଲାଗି ଉଦ୍ୟମ କରୁଛନ୍ତି। ନୂଆ ଭାରତ ଗଢ଼ିବା କାର୍ଯ୍ୟ ଆଗେଇ ଚାଲିଛି ବୋଲି ସେ କହିଛନ୍ତି।

ନୂଆଦିଲ୍ଲୀରେ ବିକ୍ଷୋଭ ପାଇଁ ବିଜେଡିର ପ୍ରସ୍ତୁତି

ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)୨୯୩୦ ଟଙ୍କା ଦେବା ଦାବିରେ ବିଜୁ କୃଷକ ଜନତା ଦଳ ଆସନ୍ତା ଜାନୁୟାରୀ ୮ ତାରିଖରେ ନୂଆଦିଲ୍ଲୀରେ ବିକ୍ଷୋଭ କରିବ। ଏହି କାର୍ଯ୍ୟକ୍ରମକୁ କିପରି ସୂଚାରୁ ରୂପେ କରି ହେବ ସେ ନେଇ ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ବିଜେଡିର କେତେଜଣ ବିଧାୟକ, ଲୋକ ସଭା ଏମପି ଓ ରାଜ୍ୟ ସଭା ସଦସ୍ୟ ଯୋଗ ଦେଇଥିଲେ।

ବୈଠକ ଶେଷରେ ବିଜୁ କୃଷକ ଜନତା ଦଳ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ନୂଆଦିଲ୍ଲୀଠାରେ ଆମେ ଦିନତମାମ ପ୍ରତିବାଦ କରିବୁ। ବିଧାୟକ, ଏମପି, ବିଭିନ୍ନ ଚାଷୀ ସଂଗଠନ ସଦସ୍ୟ ଏବଂ ପଞ୍ଚାୟତ ପ୍ରତିନିଧିମାନେ ଏହି ବିକ୍ଷୋଭରେ ସାମିଲ ହେବେ। ଏଥିସହିତ ଆମେ ସେହିଦିନ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିବୁ। ତେବେ ପ୍ରତିବାଦ କରିବା ପାଇଁ ଏପର୍ଯ୍ୟନ୍ତ ସ୍ଥାନ ଚୂଡାନ୍ତ ହୋଇ ନାହିଁ। ବିକ୍ଷୋଭ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯିବ ବୋଲି ସେ କହିଛନ୍ତି। ବିଜେଡି ଏମ୍‌ପିମାନେ ଭାଜପା ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବା ଅଭିଯୋଗ କରିଛନ୍ତି। ଦେଶରେ ତଥା ରାଜ୍ୟର ଚାଷୀମାନଙ୍କ ପାଇଁ ଧାନର ଏମ୍‌ଏସପି ବୃଦ୍ଧି କରିବା ସହ ସ୍ୱାମୀନାଥନ୍ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବାକୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ତାହା ପାଳନ କରି ପାରିଲା ନାହିଁ। ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା କେନ୍ଦ୍ର ସରକାର ୧୭୫୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଆମେ ୨୯୩୦ ଟଙ୍କା ଦାବି କରୁଛୁ ବୋଲି ଆଚାର୍ଯ୍ୟ କହିଛନ୍ତି।

ନୂଆଦିଲ୍ଲୀଠାରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଜେଡି ନେତାମାନେ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଭଲ ବେଳେ ନ ମାଛୁ ପାଖ
ଅସମୟ ହେଲେ ନାନୀ କି ଡାକ ।

ବ୍ୟକ୍ତି ଯେତେବେଳେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଥାଏ ସେତେବେଳେ ସେ ଚିନ୍ତାଶୂନ୍ୟ ହୋଇପଡ଼ିଥାଏ। ମନ ଆକାଶରେ ଉଡ଼ି ବୁଲିବା ସହ କାହାରିକୁ ପାଖ ମଡ଼ାଇ ଦେଇ ନ ଥାଏ। କିନ୍ତୁ ଯେତେବେଳେ ବିପଦର ସମ୍ମୁଖୀନ ହୁଏ, ସେତେବେଳେ ତା' ମନ ଘର ଧରିବା ସହ ବ୍ୟଥିତ ହୋଇ ପଡ଼ିଥାଏ। ଏପରିସ୍ଥଳେ ସେ ନିଜ ଆତ୍ମୀୟର ସହାୟତା ଲୋଡିବା ଛଡ଼ା ଆଉ କିଛି ଚାରା ପାଇ ନ ଥାଏ। ସୁଖ ବେଳେ ସୁଖ ଭୋଗୀ ବିପଦ ବେଳକୁ ନିଜ ଆତ୍ମୀୟର କଥା ମନେପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଭାଗ୍ୟକୁ ଘଟେ
ଗଣ୍ଠି ସୁନା ପିତ୍ତଳ ପାଲଟେ ।

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟ ସାଥି ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ସେହିପରି ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ମୋରିନୋ ବହିଷ୍କୃତ

ମାଞ୍ଚେଷ୍ଟର, ୧୮।୧୨ (ଏଏଫ୍‌ପି): ସିଜନରେ ଦଳର ଖରାପ ଆରମ୍ଭ ପାଇଁ ମାଞ୍ଚେଷ୍ଟର ୟୁନାଇଟେଡ ଏହାର ମ୍ୟାନେଜର ଜୋସ୍ ମୋରିନୋଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଛି। ଦଳ ୩୦ ବର୍ଷ ମଧ୍ୟରେ ଏଭଳି ଖରାପ ପ୍ରଦର୍ଶନ କରି ନ ଥିଲା। ୫୫ ବର୍ଷୀୟ ପର୍ତ୍ତୁଗାଲର ମୋରିନୋ ମାଞ୍ଚେଷ୍ଟର ୟୁନାଇଟେଡ ସହିତ ୩ ବର୍ଷିଆ ଚୁକ୍ତି କରିଥିଲେ। ମାତ୍ର ତାଙ୍କୁ ଅଢେଇବର୍ଷ ପରେ ବିଦା ହେବାକୁପଡ଼ିଛି। ଚଳିତ ପ୍ରିମିୟର ଲିଗ୍‌ରେ ମୋରିନୋଙ୍କ ଅଧୀନରେ ମାଞ୍ଚେଷ୍ଟର ଏହାର ଶେଷ ମ୍ୟାଚ ଟେବୁଲ ଲିଡର ଲିଭରପୁଲ ସହିତ ଖେଳିଥିଲା। ଏଥିରେ ଦଳ ୧-୩ରେ ପରାସ୍ତ ହୋଇଥିଲା। ଏହି ପରାଜୟ ଦ୍ୱାରା ମାଞ୍ଚେଷ୍ଟର ପଏଣ୍ଟ ଟେବୁଲରେ ଲିଭରପୁଲ୍‌ଠାରୁ ୧୯ ପଏଣ୍ଟ ପଛରେ ରହିଛି। ମୋରିନୋ ଏହା ପୂର୍ବରୁ ନେତୃତ୍ୱରେ ଚେଲ୍‌ସି ଦଳର ମ୍ୟାନେଜର ଥିଲେ। ଏହି ଦଳକୁ ଟାଇଟଲ ଜିତାଇବାର କିଛି ମାସ ପରେ ସେ ବହିଷ୍କୃତ ହୋଇଥିଲେ। ବର୍ତ୍ତମାନ କୋଚିଂ ଷ୍ଟାଫ୍‌ର ଜଣେ ଅନ୍ୟତମ ସଦସ୍ୟ ଭାବେ କାର୍ଯ୍ୟକରୁଥିବା ପୂର୍ବତନ ଖେଳାଳି ମାଇକେଲ କ୍ୟାରିକ୍ ୟୁନାଇଟେଡ୍‌ର କାମଚଳା ମ୍ୟାନେଜର ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବା
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କେଟିଂ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାଉନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଣ୍ଟିକାରୁ ଅପରାହ୍ନ ୨ ଘଣ୍ଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ କ୍ଲାମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-II। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୩, ହୋଟେଲ ସୁଜାତା, ଭି.ଏଚ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରା ରୋଡ୍, ରେଲ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୫, ହୋଟେଲ ଉପହାର, ୟମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଉଦାଳାପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, ଜେନାଲ ଆଜେନ୍ସ୍ୟ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ବାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ଫ୍ଲାଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

COMMERCIAL SPACE FOR SALE
3600 sqft (1200 X 3 floor) furnished commercial space in Indradhanu Market Bhubaneswar.
(Expected cost 1.8 crores)
7894416003
7008994500

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ

ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ତ ତୁଳସୀଦାସ

ସଂକ୍ଷେପରେ

ରେଳଯାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା

ସମ୍ବଲପୁର,୧୮।୧୨(ବ୍ୟୁରୋ)
ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ ପୂର୍ବରୁ ଝାରସୁଗୁଡା ଜଙ୍କସନ ଦେଇ ଚଳାଚଳ କରୁଥିଲା। ମଙ୍ଗଳବାରଠାରୁ ଏହା ଝାରସୁଗୁଡା ଜଙ୍କସନ ପରିବର୍ତ୍ତେ ଝାରସୁଗୁଡା ରୋଡ ଷ୍ଟେଶନ ଦେଇ ଚଳାଚଳ ଆରମ୍ଭ କରିଛି। ଏହି ଟ୍ରେନର ଗତିପଥ ପରିବର୍ତ୍ତନ ଯୋଗୁ ସଂରକ୍ଷିତ ଯାତ୍ରୀମାନଙ୍କ ସୁବିଧା ପାଇଁ ସମ୍ବଲପୁର ରେଳ ପ୍ରଶାସନ ମାଗଣା ବସ୍ ସୁବିଧା ଯୋଗାଇ ଦେଇଛି। ଏହା ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ମଙ୍ଗଳବାର ଏକ ପ୍ରେସ ବିବୃତିରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଜନସମ୍ପର୍କ ଅଫିସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

୫ମାସ ପରେ ରେଙ୍ଗାଲି ସମବାୟ ସମିତି ସମ୍ପାଦକ ପଦ ପୂରଣ ହେଲା

ରେଙ୍ଗାଲି,୧୮।୧୨(ଡି.ଏନ.ଏ)
ରେଙ୍ଗାଲି ସମବାୟ ସମିତିରେ ବହୁ ଦିନରୁ ଖାଲି ପଡିଥିବା ସମ୍ପାଦକ ପଦ ପୂରଣ ହୋଇଛି । ମଙ୍ଗଳବାର ରେଙ୍ଗାଲି ସମବାୟ ସମିତିର ଉପସଭାପତି ପ୍ରଭାସିନୀ ବାରିକ, ତ୍ରିଲୋଚନ ଦେହୁରୀ, ସମ୍ବଲପୁର ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖା ପରିଚାଳକ ରମାକାନ୍ତ ଦୀକ୍ଷିତଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଦିତ୍ୟ ପ୍ରସାଦ ବାରିକଙ୍କୁ ନୂତନ ସମ୍ପାଦକ ଭାବରେ ଚୟନ କରାଯାଇଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧ରୁ ସମ୍ପାଦକ ପଦ ଖାଲି ପଡିଥିଲା । ଗତ ସପ୍ତାହରେ ରେଙ୍ଗାଲି ବିଧାୟକ ରମେଶ ପଟୁଆ ସମ୍ପାଦକ ପଦ ପୂରଣ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଦାବି କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଆର ବୃନ୍ଦାବନ ଛତ୍ରିଆ ରେଙ୍ଗାଲି ସମବାୟ ସମିତି ବୋର୍ଡକୁ ଏବଂ ଦାୟିତ୍ୱରେ ଥିବା ସମ୍ପାଦକଙ୍କୁ ୭ଦିନ ଭିତରେ ଚୟନ କରାଯାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନୂତନ ସମ୍ପାଦକଙ୍କୁ ନିଯୁକ୍ତ କରାଯାଇଛି।

କୁରାଳପଞ୍ଚମୀ ଉତ୍ସବରେ ସାହାଜବାହାଲ ଗାଁ ମୁଖରିତ

ଚିପିଲିମା,୧୮।୧୨(ଡି.ଏନ.ଏ)
ମାର୍ଗଶିର ମାସ ଶୁକ୍ଳପଞ୍ଚମୀ ତିଥିରେ କୁରାଳ ପଞ୍ଚମୀ ଅବସରରେ ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତ ସାହାଜବାହାଲ ଗ୍ରାମରେ ରତ୍ନପାଳ ରତ୍ନେଶ୍ୱରୀ ପୂଜା ଉତ୍ସବ ପାଳିତ ହୋଇଛି। ଏଥିପାଇଁ ଗାଁ ଉତ୍ସବ ମୁଖର ହୋଇଥିଲା । ଧନକଉଡା ବ୍ଲକ କୁରାଳ ସମାଜ ସଭାପତି କୁଞ୍ଜବିହାରୀ ରଣାଙ୍କ ନେତୃତ୍ୱରେ ଆୟୋଜିତ ସମାରୋହରେ ଗାଁ କୁମ୍ଭାରପଡା ପୂଜା ମଣ୍ଡପରେ ରୁଦ୍ରପାଲ, ରୁଦ୍ରେଶ୍ୱରୀ, ବ୍ରହ୍ମା, ବିଷ୍ଣୁ, ଉମାମହେଶ୍ୱର, ଲକ୍ଷ୍ମୀନାରାୟଣ, ଗଣେଶ, କାର୍ତ୍ତିକ, ନାରଦ, ମାଁ ସମଲେଶ୍ୱରୀ, ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା । ପୁରନ୍ଦର ପାଣିଗ୍ରାହୀ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ପୂଜାକାର୍ଯ୍ୟ ସହ ହବନ, ଆରତୀ, ପୁଷ୍ପାଞ୍ଜଳି ହୋଇଥିଲା। ହୀରାଲଲ ବେହେରା, ଇଂ. ଦୀଲିପ ଦୁରିଆ, ବିଜେଡି ଜିଲା ସଭାପତି ପ୍ରମୋଦ ରଥ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କର୍ତ୍ତା ଭାବରେ କୁଞ୍ଜବିହାରୀ ରଣା ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିଲେ। କୁରାଳପଞ୍ଚମୀ ଉତ୍ସବ ୫ଦିନ ଧରି ଚାଲିଥିବା ବେଳେ ଭଜନ, କୀର୍ତ୍ତନ, ପାଲା, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

କୁଚିଣ୍ଡାରେ ବିଜେଡିର ବୈଠକ

କୁଚିଣ୍ଡା, ୧୮।୧୨ (ଡି.ଏନ.ଏ)– କୁଚିଣ୍ଡାର ଶ୍ରମିକ ଭବନରେ ବିଜେଡି କର୍ମୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେଡି ନେତା ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସମ୍ପାଦକ ସୁବାଷ ନାୟକ, ପୂର୍ବତନ ଜମନକିରା ବ୍ଲକ ସଭାପତି ସଞ୍ଜୀବ ସାହୁ, ପୂର୍ବତନ ବାମରା ବ୍ଲକ ସଭାପତି ଦିଲୀପ ଚୌଧୁରୀ, ପୂର୍ବତନ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ କରୁଣାକର କିସାନ, ଶ୍ରମିକ ନେତା ମହମ୍ମଦ ମୁର୍ଦ୍ଧୁଜା, ସମ୍ବଲପୁର ଜିଲା ମହିଳା ଉପସଭାନେତ୍ରୀ ତୁଳସୀ ମଞ୍ଜରୀ ବହିଦାର, କୁଚିଣ୍ଡା ନଗର ସଭାପତି ଗଣେଶରାମ ଅଗ୍ରୱାଲ, କୁଲେଇଗଡର ସମିତି ସଭ୍ୟା ଜ୍ୟୋତିମଞ୍ଜରୀ ପଟେଲ, ସୌଦାମିନୀ ପଟେଲ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ରଜନୀ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ହିଣ୍ଡାଲ୍‌କୋ ବ୍ଲୁଫଙ୍କ୍ସ ଠିକା ଶ୍ରମିକଙ୍କ ମୃତ୍ୟୁ

କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ଉଠିଲା

ହୀରାକୁଦ, ୧୮।୧୨ (ଡି.ଏନ.ଏ.)

ହିଣ୍ଡାଲ୍‌କୋର ବ୍ଲୁଫଙ୍କ୍ସ କାରଖାନା ପରିସରରେ ସୋମବାର ରାତିରେ ଦୁର୍ଘଟଣା ଯୋଗୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ସ୍ଥାନୀୟ ଖ୍ରୀଷ୍ଟିଆନପଡାର ଜୟରାଜ ସୁନା (୩୦)। ମଙ୍ଗଳବାର କାରଖାନା କର୍ତ୍ତୃପକ୍ଷ ବ୍ୟବଚ୍ଛେଦ କରାଇ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ହେଲେ ଜୟରାଜଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଘରଲୋକେ ଓ ପଡ଼ାବାସୀ ମୃତଦେହ ନ ନେଇ କାରଖାନା ଗେଟ୍ ଆଗରେ ରଖି ଧାରଣା ଦେଇଥିଲେ। ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଠିକାଦାର ବାହନ୍ ସୁନା, ସାଜାତ୍ ରହମାନ ପ୍ରଥମେ ୧୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ। ଅବଶ୍ୟ ୨୫ ହଜାର ଟଙ୍କା କରାଇ ଦେବାକୁ ପୋଲିସ ମଧ୍ୟସ୍ଥତା କରିଥିଲା। କିନ୍ତୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ନ ଦେଲେ କାରଖାନା ଗେଟ୍‌ରେ ତାଲା ପକାଇ ଦିଆଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। କାରଖାନା କର୍ତ୍ତୃପକ୍ଷ ପୋଲିସ ଉପରେ ସବୁ ଦାୟିତ୍ୱ ଦେଇ ଚୁପ ବସିଯାଇଥିଲେ। ଶେଷରେ ରାତିରେ ଏହି ଘଟଣାର ସମାଧାନ ହୋଇଛି। ମୋଟ ୫୦ ହଜାର ଟଙ୍କା କ୍ଷତିପୂରଣ ବାବଦ ଦେବାକୁ କଥା ଛିଣ୍ଡିଛି। ପୋଲିସ ଉପସ୍ଥିତିରେ ଠିକାଦାର ମୃତକଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ୩୦ ହଜାର ଟଙ୍କା ଦେଇଛନ୍ତି। ପରେ ଆଉ ୨୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ମୃତଦେହ ନେଇ ଜୟରାମଙ୍କ ଘରଲୋକ ଓ ପଡ଼ାବାସୀ ସଂସ୍କାର କରିବାକୁ ବାହାରିଥିଲେ। ଅନ୍ୟପକ୍ଷେ ହୀରାକୁଦ ପୋଲିସ ଅଭିଯୋଗ ରଖୁନାହିଁ ବୋଲି ମୃତକଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି।

ଜୟରାଜ ୬ ବର୍ଷ ହେଲା ଠିକା ଶ୍ରମିକ ଭାବେ ବ୍ଲୁଫଙ୍କ୍ସ କାରଖାନାରେ କାମ କରିଆସୁଥିଲେ। ସୋମବାର ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ତାଙ୍କ ଡ୍ୟୁଟି ଥିଲା। ଏଣୁ ସେ ଘରୁ ଡ୍ୟୁଟି ପୋଷାକ, ଜୋତା, ହେଲମେଟ ସହ କାରଖାନାକୁ ବାହାରି ଯାଇଥିଲେ । ରାତି ୨ଟାରେ ଘରକୁ ଫୋନ ଆସିଥିଲା ଯେ, ଜୟରାଜ ପ୍ଲାଣ୍ଟ ଭିତରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି । ପରିବାର ଲୋକେ ବୁର୍ଲା ପହଞ୍ଚି ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ହୀରାକୁଦ ଥାନାରେ କୌଣସି ସୂଚନା ନ ଦେଇ ବୁର୍ଲା ଡାକ୍ତରଖାନାକୁ କିପରି ନିଆଗଲା ବୋଲି ଉତ୍ତ୍ୟକ୍ତ ଲୋକେ ପ୍ରଶ୍ନ କରିଛନ୍ତି। କାରଖାନାର ସୁରକ୍ଷା କର୍ମଚାରୀ ମନୋଜ ମେହେର କହିଛନ୍ତି ଯେ, ସୋମବାର ରାତି ସାଢ଼େ ୧୧ଟାରେ ତାଙ୍କୁ ଆମ୍ବୁଲାନ୍ସରେ କାରଖାନା ବାହାରୁ ହିଁ ମେଡିକାଲ ନିଆଯାଇଥିଲା । କାରଖାନାର ସିକ୍ୟୁରିଟି ଅଫିସର ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି ଯେ, ସେ କାରଖାନାକୁ କାମ କରିବାକୁ ଆସି ନ ଥିଲେ। ହୀରାକୁଦ ଏସଡିପିଓ ଶିଶୁରଞ୍ଜନ ମହାପାତ୍ର କହିଛନ୍ତି ଯେ, କାରଖାନା ସାମନାରେ ପଡିଥିବା ବେଳେ ରାତିରେ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ହିଣ୍ଡାଲ୍‌କୋର ଆମ୍ବୁଲାନ୍ସରେ ତାଙ୍କୁ ଚିକିତ୍ସା ପାଇଁ ନେଇଥିଲେ। କେତେକ ପ୍ରତ୍ୟକ୍ଷଦର୍ଶୀ କିନ୍ତୁ କାରଖାନା ଭିତରୁ ହିଁ ଆମ୍ବୁଲାନ୍ସରେ ସେ ମେଡିକାଲ ଯାଇଥିଲେ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ହିଣ୍ଡାଲକୋ ମାନବ ସମ୍ବଳ ବିଭାଗର ମୁଖ୍ୟ ଅମିତ ସରଙ୍କୁ ଯୋଗାଯୋଗ କରି ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, କାରଖାନା ପରିସର ବାହାରେ ଜୟରାମ ପଡିଥିଲେ। ଏଣୁ କ୍ୟାମ୍ପସ ବାହାରେ ହୋଇଥିଲେ ବି କର୍ତ୍ତବ୍ୟ, ଦାୟିତ୍ୱ ଏବଂ ମାନବିକତା ଦୃଷ୍ଟିକୋଣରୁ ତାଙ୍କୁ କମ୍ପାନୀର ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଛି। ହେଲେ ତାଙ୍କ ଜୀବନ ରକ୍ଷା ହୋଇପାରିନି। କମ୍ପାନୀ କ୍ୟାମ୍ପସ ବାହାରେ ଏହା ଘଟିଥିବାରୁ ନିୟମ ଅନୁସାରେ କୌଣସି ସହାୟତା ଦେବା ସମ୍ଭବ ନୁହେଁ। ଯଦି ପରିସର ଭିତରେ କିଛି ଘଟଣା, ଦୁର୍ଘଟଣା ଘଟିଥାନ୍ତା ତେବେ ନିଶ୍ଚିତ କମ୍ପାନୀ ବୁଝିଥାନ୍ତା। ତେବେ ଏହି ଘଟଣା ରହସ୍ୟ ଘେରରେ ରହି ଯାଉଛି। ପ୍ରକୃତରେ କିଭଳି ମୃତ୍ୟୁ ଘଟିଛି ପୋଲିସ ତାହା କୌଣସି ଚାପରେ ନ ପଡି ପର୍ଦ୍ଦାଫାଶ କରୁ ବୋଲି ଲୋକେ ଦାବି କରିଛନ୍ତି। ସେହିଭଳି ଏହି ଘଟଣାରେ ମାନବାଧିକାର କମିଶନ ମଧ୍ୟ ହସ୍ତକ୍ଷେପ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ହିଣ୍ଡାଲ୍‌କୋ ବ୍ଲୁ ଫଙ୍କ୍ସ କାରଖାନା ଗେଟ ଆରେ ଠିକା ଶ୍ରମିକଙ୍କ ମୃତଦେହ ରଖି ଲୋକେ କ୍ଷତିପୂରଣ ପାଇଁ ଅଡି ବସିଛନ୍ତି।

ସଟ୍ଟା ଖେଳାଉଥିବା ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର,୧୮।୧୨(ବ୍ୟୁରୋ)
ସମ୍ବଲପୁର ଧନୁପାଲି ଥାନା ପୋଲିସ କମ୍ବାରପଡାରେ ସଟ୍ଟା ଖେଳାଉଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଶମ୍ଭୁ ମେହର। ଅଭିଯୁକ୍ତଙ୍କ ପାଖରୁ ୩୧୦ ଟଙ୍କା ସହ ସଟ୍ଟା, ପେପର ଓ କାର୍ବନ ଜବତ ହୋଇଛି।

ଭିମ୍‌ସାର ନିର୍ଦ୍ଦେଶକଙ୍କୁ ଭେଟିଲା ଜେଡିଏ

ସମ୍ବଲପୁର,୧୮।୧୨(ବ୍ୟୁରୋ)
ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ମହାପତ୍ରଙ୍କୁ ଭେଟି ଜୁନିୟର ଡାକ୍ତର ସଂଘ ମଙ୍ଗଳବାର ଆଲୋଚନା କରିଛି । ଡାକ୍ତରଖାନାରେ ଥିବା ଏମ୍‌ଆରଆଇ ମେସିନ ଅଚଳ ରହିଥିବା, ଆଇସିୟୁ, ଓଟିରେ ସମସ୍ୟା, ରୋଗୀ ସମ୍ପର୍କୀୟମାନଙ୍କ ପାଇଁ ଆବଶ୍ୟକ ଜରୁରୀ ଶୌଚାଳୟ, ନୂତନ ଭାବେ ନିର୍ମାଣ ହୋଇଥିବା ମେଡିଶିନ ୱାର୍ଡ ଶୀଘ୍ର କାର୍ଯ୍ୟକାରୀ କରିବା, ଲିଫ୍ଟ ଚାଲାଚଳ କରିବା ଭଳି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ନିର୍ଦ୍ଦେଶକ ମହାପାତ୍ର ଶୀଘ୍ର ଏହି ସମସ୍ୟା ଗୁଡକର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଆଜିଠାରୁ କ୍ଷୟକ୍ଷତି ଆକଳନ ହେବ

ସମ୍ବଲପୁର,୧୮।୧୨(ବ୍ୟୁରୋ)

ଉପଜିଲାପାଙ୍କ ପ୍ରସ୍ତୁତି ବୈଠକ
- କ୍ଷେତ୍ର ପରିଦର୍ଶନରେ ଯିବେ ଜିଲାପାଳ
- ଆରଆଇ, କୃଷି କର୍ମଚାରୀଙ୍କୁ ଦାୟିତ୍ୱ

ସାମୁଦ୍ରିକ ଝଡ଼ ପେଥାଇ ଯୋଗୁ ଜିଲାରେ ଦୁଇ ଦିନ ଧରି ଅଦିନିଆ ବର୍ଷା ଲାଗି ରହିଛି। ଏହା ଦ୍ୱାରା ଚାଷୀ ପ୍ରଭାବିତ ହୋଇଛନ୍ତି। ବିଲ ଆଉ ଖଳାରେ ଧାନ ପଡିଛି। ବୁଧବାରଠାରୁ କ୍ଷୟକ୍ଷତି ଆକଳନ କରିବାକୁ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତହସିଲଦାରମାନଙ୍କୁ ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୁଧବାର ଆରଆଇ ଓ କୃଷି ବିଭାଗ ଅଧିକାରୀ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରିବେ। ଏପରିକି ଜିଲାପାଳ ବର୍ମା ମଧ୍ୟ କ୍ଷେତ୍ର ପରିର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିବାକୁ ଯିବେ। ଜିଲାରେ ୨୭ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିଲା । ନଭେମ୍ବର ୧୯ ତାରିଖରୁ ମାର୍କେଟୟାର୍ଡ ଖୋଲି ଧାନ ସଂଗ୍ରହ ଆରମ୍ଭ ହୋଇଛି। ମାସକ ଭିତରେ ମାତ୍ର ୯ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ବାକି ୧୮ ଲକ୍ଷ କୁଇଣ୍ଟାଲ ବାକି ରହିଛି। ଏଣୁ ମୋଟା ମୋଟି ଭାବେ ୫୦ ପ୍ରତିଶତ ଧାନ ସଂଗ୍ରହ ହୋଇ ପାରିନାହିଁ, ଯାହାକି ବିଲ ଓ ଖଳାରେ ପଡି ରହିଛି । ଅନେକ ସ୍ଥାନରେ ପେଟା ପାଣିରେ ଭାସୁଛି। ଗଜା ହେବା ଅବସ୍ଥାରେ ଚୁନା ଧାନ ରହିଛି । ଟାଣ ଖରା ନ ହେଲେ ଧାନ ଗଜା ହୋଇ ନଷ୍ଟ ହୋଇଯିବ । ବିକ୍ରି ହୋଇପାରିବ ନାହିଁ। ମାନେଶ୍ୱର ମାର୍କେଟକୁ ଆସିଥିବା ଧାନ ବର୍ଷାରେ ଭିଜି ଯାଇଛି। ଶୁଖାଇବା ପାଇଁ ଚାଷୀ ନାକେଦମ ହେଲେଣି। ମଙ୍ଗଳବାର ସନ୍ଧ୍ୟାରେ ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତକୁ ରାଜସ୍ୱ ବିଭାଗର ଏକ ଟିମ୍ ପରିଦର୍ଶନ କରିଛି।

ତବଲା ପଞ୍ଚାୟତରେ ଜଣେ ଚାଷୀ ଭିଜିଲା ଧାନକୁ ଦେଖାଉଛନ୍ତି (ବାମ)। ମାନେଶ୍ୱର ମାର୍କେଟରେ ଭିଜିଲା ଧାନକୁ ଚାଷୀ ଶୁଖାଉଛନ୍ତି ।

ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପଡିଆବାହାଲ,୧୮।୧୨(ଡି.ଏନ.ଏ.)
ଝୁଝୁମୁରା ବ୍ଲକ ବଡସାହିସ୍ଥିତ ଉଚ୍ଚ ବିଦ୍ୟାଳୟରଠାରେ ମଙ୍ଗଳବାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକଙ୍କ ସଭାପତିତ୍ୱରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସ୍କୁଲରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ସନ୍ତୋଷ କୁମାର ସାହୁ, ସୁଷମା ନାୟକ ଏବଂ ସୁରେନ୍ଦ୍ର ସରାଫଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ଗଙ୍ଗାଧର ବଘାର, ସବିତା ପଣ୍ଡା, ଗୁଣନିଧି କାଉ, ବିଦ୍ୟାଧର ଭୋଇ, ପ୍ରଶାନ୍ତ ବେହେରା, ଉତ୍କଳ ମହାକୁର ପ୍ରମୁଖଙ୍କ ସମେତ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ବର୍ଷାରେ ରାସ୍ତା ଶୋଚନୀୟ

କୁଚିଣ୍ଡା, ୧୮।୧୨ (ଡି.ଏନ.ଏ)
କୁଚିଣ୍ଡା ଅଞ୍ଚଳରେ ଦୁଇଦିନ ଧରି ଝିପିଝିପି ବର୍ଷା ହେତୁ ବାଉରାଗୋଡା ପଞ୍ଚାୟତର କୁର୍ମିମୁଣ୍ଡା ଗ୍ରାମର ରୁଗୁଡିପଡା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏଣୁ ଲୋକେ ହଇରାଣ ହେଉଛନ୍ତି। ରାସ୍ତା ନିର୍ମାଣ ଲାଗି ଲୋକେ ଦାବି କରିଛନ୍ତି ।

ସାହେବୀ ପଞ୍ଚାୟତରେ ଧାନମଣ୍ଡି ଖୋଲିବାକୁ ଚାଷୀମାନେ ବିଧାୟକଙ୍କୁ ଦାବିପତ୍ର ଦେଉଛନ୍ତି।

ସାହେବୀ ପଞ୍ଚାୟତରେ ଧାନମଣ୍ଡି ଖୋଲିବାକୁ ଦାବି

ନାକଟିଦେଉଳ,୧୮।୧୨–(ଡି.ଏନ.ଏ.)
ସାହେବୀ ପଞ୍ଚାୟତରେ ଏକ ଧାନମଣ୍ଡି ଖୋଲିବାକୁ ଅଞ୍ଚଳର ଚାଷୀମାନେ ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ନାକଟିଦେଉଳ ଆସିଥିବା ବେଳେ ତାଙ୍କୁ ବ୍ଲକ ଅଫିସରେ ସାକ୍ଷାତ କରି ଏହି ଦାବିପତ୍ର ସେମାନେ ଦେଇଥିଲେ। ସାହେବୀରୁ ନାକଟିଦେଉଳ ଧାନମଣ୍ଡି ପ୍ରାୟ ୧୦କି.ମି. ଦୂର। ଏଣୁ ଚାଷୀ ଧାନ ବିକ୍ରି କରିନେବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନାକଟିଦେଉଳ ମଣ୍ଡିରେ ଧାନ ବେପାରୀ ଓ ଦଲାଲମାନଙ୍କ ରାଜ ଚାଲିଛି। କଟନିଛଟନି ଯୋଗୁ ବହୁ ସମୟରେ ଧାନ ବିକ୍ରି କରି ନ ପାରି ହଇରାଣ ହେଉଛନ୍ତି । ତେଣୁ ଚାଷୀଙ୍କ ସୁବିଧା ଦୃଷ୍ଟିରୁ ସାହେବୀରେ ଏକ ଧାନ ମଣ୍ଡି ଖୋଲାଯାଉ। ମାସକୁ ଦୁଇ ଥର ଧାନ କିଣାଯିବାକୁ ଦାବିପତ୍ରରେ ଚାଷୀମାନେ ଉଲ୍ଲେଖ କରିଛନ୍ତି । ରାମ ପ୍ରସାଦ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଜଗବନ୍ଧୁ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ବିଧାୟକଙ୍କୁ ଭେଟିଥିଲେ । ସେହିପରି ନାକଟିଦେଉଳ ମଣ୍ଡି ମାରଓ୍ୱାଡ଼ିମୁଣ୍ଡାଠାରେ ନ ଖୋଲି ବ୍ଲକ ସଦରରେ ଖୋଲାଯିବାକୁ ମଧ୍ୟ ନାକଟିଦେଉଳ ଅଞ୍ଚଳର ଚାଷୀମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ଷା ଉଜାଡ଼ିଲା ଧାନ, ପରିବା ଚାଷ

ନାକଟିଦେଉଳ,୧୮।୧୨(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅଞ୍ଚଳରେ ପେଥାଇ ପ୍ରଭାବରେ ସୋମବାର ସନ୍ଧ୍ୟାରୁ ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ବର୍ଷା ସହିତ ପବନ ଲାଗି ରହିବାରୁ ଧାନ ଚାଷ ସମେତ ପନିପରିବା ଚାଷରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଚଳିତ ବର୍ଷ ଚାଷରେ ଏହି ଅଞ୍ଚଳର ଚାଷୀ ପତ୍ରପୋଡ଼ା ରୋଗ ଏବଂ ମରୁଡ଼ି ସମସ୍ୟାର ସମ୍ମୁଖୀନ ହୋଇ ବିଶେଷ କ୍ଷତି ସହିଥିଲା । ଅମଳ ପାଇଁ ଯାହା କିଛି ଧାନ ଥିଲା ଏବେ ଅଦିନିଆ ବର୍ଷା ସାରିଦେଲା। ପେଥାଇ ପ୍ରଭାବରେ ବର୍ଷା ଯୋଗୁ ବିଲରେ ପାଣି ରହିଛି। ଧାନ ପେଟା ଭାସୁଛି । କଟା ଯାଇ ନ ଥିବା ଧାନଗଛଗୁଡ଼ିକ ମଧ୍ୟ ବର୍ଷା ଓ ପବନର ପ୍



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

ସଂକ୍ଷେପରେ

ପେଥାଇ ନେଲା ଜୀବନ

ଝାରସୁଗୁଡା ଅଫିସ,୧୮।୧୨- ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ଝାରସୁଗୁଡା ସମେତ ପଶ୍ଚିମ ଓଡ଼ିଶାରେ ଗତ ଦୁଇ ଦିନ ଧରି ଅଦିନିଆ ବର୍ଷା ଲାଗି ରହିଛି। ଝିଡ଼ିଝିଡ଼ି ବର୍ଷା ସାଙ୍ଗକୁ କୋହଳା ପବନ ସାଧାରଣ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି କରିଥିଲା। ଫଳରେ ଏହି ପ୍ରତିକୂଳ ପାଣିପାଗ ଯୋଗୁ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ଝାରସୁଗୁଡା ବଡମାଲ ଥାନା କୁକୁର୍ଜଙ୍ଗାର ପ୍ରଦୀପ ସିଂ(୫୫)। କୁକୁର୍ଜଙ୍ଗା ରଥଯାତ୍ରାରେ ଛେରାପହଁରା ଦେଉଥିବା ଜମିଦାର ପ୍ରଦୀପ ସିଂ ରବିବାର କୌଣସି କାମରେ ଘରୁ ବାହାରିଥିଲେ। ସେହିଦିନ ଆଉ ଘରକୁ ଫେରି ନ ଥିଲେ। ତେଣୁ ଜମିଦାରଙ୍କ ପୁଅ ବଡମାଲ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଛାନଭିନ କରୁଥିବାବେଳେ ଅଚାନକ୍ ସୋମବାର ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳ ଏକ ଜଙ୍ଗଲରୁ ତାଙ୍କୁ ମୁମୂର୍ଷୁଃ ଅବସ୍ଥାରେ ରେଙ୍ଗାଲି ପୋଲିସ ଉଦ୍ଧାର କରିଥିଲା। ରବିବାର ରାତି ସାରା ଏବଂ ସୋମବାର ବର୍ଷା ଏବଂ ଜାଡରେ ପ୍ରଦୀପଙ୍କ ଶରୀର ଶୀଥିଳ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ରେଙ୍ଗାଲି ହସ୍ପିଟାଲ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସୋମବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବଡମାଲ ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ ହୋଇଛି।

ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା

ବଡ଼ଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ବଡଗାଁ ବ୍ଲକ। ମାଟ୍ରିକ ଶିକ୍ଷା ପାଇଁ ଏହି ଅଞ୍ଚଳର ସର୍ବ ପୁରାତନ ଅନୁଷ୍ଠାନ ବଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ। ୬୩ ବର୍ଷର ଏହି ହାଇସ୍କୁଲରେ ବିଗତ କିଛି ବର୍ଷ ହେଲା ଶ୍ରେଣୀ କୋଠରି ଅଭାବ ଯୋଗୁ ଶିକ୍ଷାରେ ସମସ୍ୟା ଦେଖାଦେଇଛି । ଏହାର ସମାଧାନ ପାଇଁ ରାଜନୈତିକ ନେତୃବୃନ୍ଦଙ୍କ ଇଚ୍ଛାଶକ୍ତିର ଅଭାବ ଓ ସରକାରୀ କଳର ଉଦାସୀନତା ଯୋଗୁ ଦୀର୍ଘ ୮ବର୍ଷ ହେଲା ଅନେକ ଶ୍ରେଣୀ କୋଠରି ଭଙ୍ଗାଦଦରା ଅବସ୍ଥାରେ ପଡି ରହିଛି। ସ୍କୁଲର ୪ଟି ଶ୍ରେଣୀ କୋଠରି ଭାଙ୍ଗି ଯାଇଥିଲା ବେଳେ ସୋମବାର ରାତିରେ ଗଛ ପଡିବାରୁ ଆଉ ଏକ କୋଠରି ଭାଙ୍ଗିଯାଇଛି।

ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪ଶହରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ୧୨ଟି ଶ୍ରେଣୀ ଗୃହରୁ ୫ଟି ଅନୁପଯୋଗୀ ହୋଇଥିବାରୁ ୭ଟି ଶ୍ରେଣୀ କୋଠରିରେ ପାଠପଢ଼ା ହେଉଛି। ୨୦୧୬ ଡିସେମ୍ବର ୨୧ ତାରିଖ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ସ୍କୁଲକୁ ଆସିଥିଲାବେଳେ ଗ୍ରାମବାସୀ ଓ ସ୍କୁଲ ଷ୍ଟାଫ୍ ଶ୍ରେଣୀ

ସୋମବାର ରାତିରେ ଗଛପଡି ଭାଙ୍ଗିଥିବା ଶ୍ରେଣୀ ଗୃହ ।

କୋଠରି ଅଭାବ ଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପି ଓରାମ ଏଥିପାଇଁ ପାଣ୍ଠି ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨ବର୍ଷ ପୂରିବାକୁ ବସିଲାଣି ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ପ୍ରତିଶ୍ରୁତି ପ୍ରତାରଣା ହେଲା ବୋଲି ଆଲୋଚନା ହେଉଛି। ପ୍ରଧାନଶିକ୍ଷକ ସତ୍ୟପ୍ରିୟ ପଟେଲଙ୍କଠାରୁ ମିଳିଥିବା ସୂଚନାନୁଯାଇ, ୨୦୧୬ ଡିସେମ୍ବର ୨୧ ତାରିଖ ଏମ୍‌ପିଙ୍କୁ କୁହାଯାଇଥିଲା । ଜୁନ ୧୬ ତାରିଖ ଗ୍ରାମ୍ୟ ଉନ୍ନୟନ (ଆର୍‌ଡ଼ି)

- ବଡ଼ଗାଁ ହାଇସ୍କୁଲର ଭଙ୍ଗା ଶ୍ରେଣୀ ଗୃହ
- ଏମ୍‌ପିଙ୍କ ନିର୍ମାଣ ପ୍ରତିଶ୍ରୁତିକୁ ୨ବର୍ଷ ପୂରିବ

ବିଭାଗକୁ ୬ଟି କୋଠରି ମରାମତି ପାଇଁ ଚିଠି କରାଯାଇଥିଲା । ତନ୍ମଧ୍ୟରୁ ୨ଟି ମରାମତି କରାଗଲା। ବାରମ୍ବାର ଚିଠି କରାଯାଇଥିବା ସେ କହିଛନ୍ତି। ତେବେ ଏମ୍‌ପି. ଜୁଏଲ ଓରାମ ପ୍ରତିଶ୍ରୁତିଦେଇ ୨ବର୍ଷ ଗଡାଇନେଇଥିଲାବେଳେ ବାରମ୍ବାର ଆର୍‌ଡି ବିଭାଗକୁ ଜଣାଇ ନିରାଶ ହେବାକୁ ପଡିଥିବା ଦେଖିଲେ ଶିକ୍ଷାର ଭିତ୍ତିଭୂମୀ ପ୍ରସ୍ତୁତ କରିବାରେ ଜନପ୍ରତିନିଧି, ନେତା ଓ ସରକାରୀ ଅଧିକାରୀମାନେ କିପରି ଅବହେଳା ଓ ଦାୟୀତ୍ୱ ସମ୍ପାଦନ କରୁଛନ୍ତି ବୁଝାପଡ଼େ। ୨ବର୍ଷ ପୂର୍ବରୁ ପାଣ୍ଠି ଦେଲେ ଲୋକେ ଭୁଲିଯିବା ସମ୍ଭାବନା ଥିବାରୁ ନିର୍ବାଚନ ପାଖେଇ ଆସିଲେ ଅନୁଦାନ ମିଳିବ ବୋଲି ଚର୍ଚ୍ଚା ଆଲୋଚନା ହେଉଛି। ତେବେ ବିଳମ୍ବରେ ହେଉ ପଛେ ଅନୁଦାନ ମିଳୁ। ପ୍ରତିଶ୍ରୁତି ପ୍ରତାରଣା ନ ହେଉ ବୋଲି କୁହାଯାଉଛି।

ତେଲେନପାଲିରେ ମହିମା ଆଶ୍ରମ ଉଦ୍‌ଘାଟିତ

ଲଖନପୁର,୧୮।୧୨ (ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତେଲେନପାଲି ଗ୍ରାମରେ ନିର୍ମିତ ହୋଇଥିବା ଅଲେଖ ମହିମା ଆଶ୍ରମ କୋଠାକୁ ମଙ୍ଗଳବାର ବାବା କ୍ଷେତ୍ରବାସୀ ଦାସ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାବା କ୍ଷେତ୍ରବାସୀ ମହିମାଧର୍ମ ରୀତିନୀତିରେ ପୂଜା ଅର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟା ଆଳତୀ କରି ବିଶ୍ୱର ମଙ୍ଗଳ କାମନା କରିଥିଲେ । ଏଥିରେ ତେଲେନପାଲି ଓ ଏହାର ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏଥି ମଧ୍ୟରେ ସତ୍ୟାନନ୍ଦ ବିଶି, ଉଦ୍ଧବ ପ୍ରଧାନ, ଡୋଲାମଣି ପ୍ରଧାନ, ନୀରାକର ଖମାରୀ, ବାହାବଳ ସା, ଗୋବର୍ଦ୍ଧନ ପ୍ରଧାନ, ଶରତ ପ୍ରଧାନ, ଲକ୍ଷ୍ମଣ ଖମାରୀ, ପ୍ରମୋଦ ପ୍ରଧାନ, ପ୍ରଶାନ୍ତ ସା, ଭରତ ବିଶି, ଗୌର ସା, ଦେବ ଖମାରୀ ପ୍ରମୁଖ ଶ୍ରଦ୍ଧାଳୁ ଉପସ୍ଥିତଥିଲେ । ସୂଚନାଯୋଗ୍ୟ, ଗ୍ରାମରେ ଏକ ମହିମା ଆଶ୍ରମ ନିର୍ମାଣ କରିବା ପାଇଁ ବାବା କ୍ଷେତ୍ରବାସୀ ଦାସ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲେ । ଏଥିପାଇଁ ଏକ ଅସ୍ଥାୟୀ ସ୍ଥାନରେ ଦୀର୍ଘ ବର୍ଷ ହେବ ଯଜ୍ଞ ଓ ଭଜନ ଆଦି ଚାଲିଆସୁଥିଲା । ବାବାଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମମୁଣ୍ଡରେ ଏକ ସ୍ଥାୟୀ ଆଶ୍ରମ ଗଢି ଉଠିଛି । ଏଥିପାଇଁ ବ୍ଲକ୍ ପାଣ୍ଠିରୁ ସାଢେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କୋଠା ନିର୍ମିତ ହୋଇଛି ।

ଆଶ୍ରମ ଉଦ୍‌ଘାଟନ ଉତ୍ସବରେ ବାବା କ୍ଷେତ୍ରବାସୀ ଦାସ ଓ ଶ୍ରଦ୍ଧାଳୁମାନେ ।

ଲଖନପୁର ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ସଭାପତି ଶୋଭନାଥ, ସମ୍ପାଦକ ମୃତ୍ୟୁଞ୍ଜୟ

ଲଖନପୁର,୧୮।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ମଙ୍ଗଳବାର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିନୋଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବସମ୍ମତିକ୍ରମେ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏଥିରେ ପର୍ଯ୍ୟବେକ୍ଷକଭାବେ ପ୍ରଶାନ୍ତ ପାଟ୍ଟଯୋଶୀ, ପ୍ରହ୍ଲାଦ ନାୟକ ଓ ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ । ସଂଘର ନୂତନ କର୍ମକର୍ତ୍ତାଭାବେ ସଭାପତି ଶୋଭନାଥ ରାଉତ, ଉପସଭାପତି ନରେନ୍ଦ୍ର ରାଉତ ଓ ନିରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ବିଶ୍ୱାଳ, ଜୋନ୍‌ସ୍ତରୀୟ ସମ୍ପାଦକ ସୁଶୀଲ ଜୟପୁରିଆ, ଲଳିତ ପ୍ରଧାନ ଓ ଅରୁଣ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ବିଜୟ ସାହୁ, ମନୋହର ଓ ରୀନାରାଣି ଦେହୁରୀ, କୋଷାଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସହକୋଷାଧ୍ୟକ୍ଷ କାର୍ତ୍ତିକ ପାଣ୍ଡେ, ସମୀକ୍ଷକ ଭାବେ ଅନିରୁଦ୍ଧ ଡନ୍‌ସେନା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜିତା ନାୟକ, ସମ୍ପାଦିକା ମମତା ଗର୍ଡିଆ ପ୍ରମୁଖ କର୍ମକର୍ତ୍ତା ମନନୀତ ହୋଇଛନ୍ତି । ଏଥି ମଧ୍ୟରେ ସଂଘ ଆଗାମୀ ଦିନରେ ଜିଲା ଶିକ୍ଷକ ସଂଘ ଜରିଆରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧନ ଦିଗରେ ଚେଷ୍ଟା କରିବ । ଏ ନେଇ ସଂଘ ସମସ୍ତ ସଦସ୍ୟଙ୍କ ଏକତା ବଳରେ ଲଢେଇ ଜାରି ରଖିବବୋଲି ଦୃଢୋକ୍ତି ପ୍ରକାଶ କରିଛି । ସଂଘ ତରଫରୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ନାୟକଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବ୍ଲକ୍‌ର ବହୁଶିକ୍ଷୟିତ୍ରିଶିକ୍ଷକ ଯୋଗଦେଇଥିଲେ ।

ମନୋନୀତ ହୋଇଥିବା ସଂଘର ନୂତନ କର୍ମକର୍ତ୍ତାମାନେ ।

ସିଆର୍‌ସିସିଙ୍କ ରାଜନୈତିକ ସମ୍ପୃକ୍ତି ମାମଲା

କାରଣ ଦର୍ଶାଅ ନୋଟିସ ଦେଇ ବିଭାଗ ଚୁପ୍

କୋଲାବିରା,୧୮।୧୨ (ଡି.ଏନ୍.ଏ.)

କୋଲାବିରା ବିଇଓଙ୍କ ଅଧୀନରେ କାର୍ଯ୍ୟରତ ସିଆର୍‌ସିସି ସନ୍ତୋଷ କିଷାନଙ୍କ ରାଜନୈତିକ ସମ୍ପୃକ୍ତିକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିବା ବେଳେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ କେବଳ କାରଣ ଦର୍ଶାଅ ନୋଟିସ ଦେଇ ମାମାଲାକୁ ଶିଥିଳ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏକ ଟିଭି ଚାନେଲକୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସମର୍ଥନରେ ସିଆର୍‌ସିସି କିଷାନ ବୟାନ ଦେବା ପରେ ବିଭିନ୍ନ ମହଳରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଜିଲା ଡିଇଓ ଓ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ କରାଯାଇ ସିଆର୍‌ସିସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ ଦ୍ୱୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ଘଟଣାକୁ ୧୫ରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ କୋଲାବିରା ବିଇଓ ଗିରିଧାରୀ ଭୋଇଙ୍କୁ ପଚାରିବାରୁ ସେ କହିଲେ, ସିଆର୍‌ସିସି କିଷାନଙ୍କୁ ଗତ ୧୨ ତାରିଖରେ କାରଣ ଦର୍ଶାଆ ନୋଟିସ ଜାରି କରାଯାଇଛି। ମାତ୍ର ୪ ଦିନ ମଧ୍ୟରେ ପକ୍ଷ ରଖିବାକୁ ନୋଟିସରେ ନିର୍ଦ୍ଦେଶ ରହିଛି ବୋଲି ସେ କହିଥିଲେ। ତେବେ ୬ଦିନ ପରେ ମଧ୍ୟ କିଷାନ କାହିଁକି ଉତ୍ତର ଦେଇନାହାନ୍ତି ବୋଲି ପଚରାଯିବାରୁ ନୋଟିସ ଦିଆଯାଇଛି, ଉତ୍ତର ଦେଇଦେବେ ବୋଲି ବିଇଓ ଭୋଇ ଅତି ହାଲୁକା ଭାବରେ କହିଥିଲେ। ସୂଚନାଯୋଗ୍ୟ, ଗତ ୨ ତାରିଖ ଲଇକେରା ବ୍ଲକ ଅଞ୍ଚଳରେ ଝାରସୁଗୁଡ଼ା ବିଧାୟକ ନବ ଦାସ ଏକ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ବିଧାୟକ କର୍ମୀଙ୍କ ସମର୍ଥନ ଜୁଟାଇବାକୁ ପ୍ରୟାସ କରିଥିଲେ। ସିଆର୍‌ସିସି କିଷାନ ଉକ୍ତ କର୍ମୀ ସମ୍ମିଳନୀରେ ସାମିଲ ହୋଇ ଏକ ଟିଭି ଚାନେଲକୁ ବୟାନ ଦେଇ ବିଧାୟକ ଦାସଙ୍କ ପ୍ରତି ଖୋଲାଖୋଲି ସମର୍ଥନ ଜଣାଇଥିଲେ। କିଷାନଙ୍କ ଏହି ବୟାନ ମଧ୍ୟ ସମ୍ପୃକ୍ତ ଟିଭି ଚାନେଲରେ ପ୍ରସାରିତ ହୋଇଥିଲା। ସରକାରୀ ଚାକିରିରେ ଥାଇ ମଧ୍ୟ ଏକ ରାଜନୈତିକ ଦଳ ପାଇଁ ନିଜକୁ ନିୟୋଜିତ ରଖିବା କେତେଦୂର ଆଇନ ସଙ୍ଗତ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟ୍ରେନ୍ ଲାଇନ୍ କଡ଼ରୁ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୧୮।୧୨

ଝାରସୁଗୁଡା ସାହ୍ଲେଟିକ୍ରା ଟ୍ରେନ୍ ଲାଇନ୍ କଡରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଙ୍କ ବୟସ ୨୨ ବୋଲି ପୋଲିସ ଅନୁମାନ କରିଛି। ହେଲେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୋମବାର ରାତିରେ ମୃତଦେହ ଠାବ ହୋଇଥିବାବେଳେ ବୁଧବାର ଉଦ୍ଧାର କରାଯାଇଛି। ଟ୍ରେନ୍ ଧକ୍କାରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଝାରସୁଗୁଡା ଜିଆରପି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷଣ କରାଯାଇଛି।

ପୋଷାକ ବିତରଣ କାର୍ଯ୍ୟକ୍ରମ

ନୂଆଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସୋରଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଗହଣରେ ବିଇଓ ସସ୍ମିତା ବେହେରା ସେମାନଙ୍କୁ ପାଠପଢ଼ାରେ ଧ୍ୟାନ ଦେବା ସହ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ । ପୂର୍ବତନ ଶିକ୍ଷକ ବଳରାମ ପଣ୍ଡା, ସିଆରସିସି ମଙ୍ଗଳ କେର୍କେଟା ଯୋଗଦେଇ ସରକାରଙ୍କ ସ୍କୁଲ ପ୍ରତି ଯେଉଁ ଯେଉଁ ଯୋଜନା କାର୍ଯ୍ୟକାରୀ ହେଉଛି ସେଗୁଡିକ ଉପରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଧାରଣା ଦେଇଥିଲେ । ସ୍କୁଲର ପ୍ରଧାନଶିକ୍ଷକ ଫିରୋଜ ଉଦ୍ଦିନ ଖାନ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲ କମିଟିର ସଭାପତି, ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ପ୍ରଥମ ଥର ପାଇଁ ଛାତ୍ରୀଛାତ୍ରଙ୍କୁ ପୋଷାକ ସହ ଜୋତା ଓ ମୋଜା ଦିଆଯାଇଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସ୍କୁଲର ଶିକ୍ଷକ ଆଶିଷ ନାଏକ, ନାଜମା ଖାତୁନ, ଭାନୁଲତା ନାଏକ, ରେବତୀ ତ୍ରିପାଠୀ, ଜ୍ୟୋତ୍ସାରାଣୀ ପଣ୍ଡା ପ୍ରମୁଖ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟନ୍ତୀ ପାଇଲେ ବ୍ୟକ୍ତିଗତ ଚାମ୍ପିୟନ ପୁରସ୍କାର

ବେଲପାହାଡ଼,୧୮।୧୨(ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବେଲପାହାଡ଼ ପୌରପରିଷଦ ଉପାଧ୍ୟକ୍ଷା ଅନୁପମା ଭଇଁକ୍ଷା ମୁଖ୍ୟଅତିଥି ଏବଂ ଝୁମଲିଆ ମହାବିଦ୍ୟାଳୟର ଅଧ୍ୟାପିକା ଧରିତ୍ରୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ଡ଼ିଭିଜନ(ରୋଡ୍ ଆଣ୍ଡ ବ୍ରିଜ୍) ଏସଡ଼ିଓ ଗାୟତ୍ରୀ ପଟେଲ, ବରିଷ୍ଠ ନାଗରିକ ଅଖତର ହୁସେନ ଓ କାଉନସିଲର ପ୍ରିୟଙ୍କା କଂସାରୀ ଯୋଗଦେଇଥିଲେ । ଏହି ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଭବିଷ୍ୟତ ଗଠନ କରିବା ପାଇଁ ଏବଂ ସମାଜ ପାଇଁ କିଛି ଭଲ କାମ କରିବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ । ୧୦୦ମିଟର ଦୌଡ଼ ଜୁନିୟର ବିଭାଗରେ ଜୟନ୍ତୀ କିସାନ, ୨୦୦ମିଟର ଦୌଡ଼ରେ ପୂଜା ଭୋଇ, ପୁଟିଂ ଦି ସଟ୍‌ରେ ଜାଗୃତି ବେହେରା, ଜାଭେଲିଂ ଥ୍ରୋରେ ଅନୀତା ଦିଗି, ଡ଼ିସକସ୍ ଥ୍ରୋରେ ବିନିତା ଖଡ଼ିଆ, ଲଙ୍ଗ୍ ଜମ୍ପରେ ଜୟନ୍ତୀ କିସାନ, ହାଇଜମ୍ପରେ ସରିତା ଛତ୍ରିଆ, ସ୍ଲୋ ସାଇକେଲିଂରେ ଲକ୍ଷ୍ମୀ କିଣ୍ଡୋ ଏବଂ ମ୍ୟୁଜିକ ଚେୟାରରେ ଆରତୀ ଯାଦବ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସେହିପରି ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ବିନିତା ଖଡ଼ିଆ, କୁଇଜ୍ ପ୍ରତିଯୋଗିତାରେ ମେଘା ପଟ୍ଟନାୟକ ଓ ବର୍ଷା ସେଠ୍ ଏବଂ ସଙ୍ଗୀତରେ ଡିଲେଶ୍ୱରୀ ଖଣ୍ଡିତ ପ୍ରଥମ ପୁରସ୍କାର ପାଇଛନ୍ତି। ନୃତ୍ୟ ପ୍ରତିଯୋଗିତାରେ ସୋନାଲି ବିଶ୍ୱାଳ, ଲବେଶ୍ୱରୀ କିସାନ, ପୂଜା ପଟେଲ, ଶିବାନୀ ମହାନନ୍ଦିଆ ଓ ତାରା ବିଶ୍ୱାଳ ପ୍ରଥମ ହୋଇଛନ୍ତି। ରଙ୍ଗୋଲି ପ୍ରତିଯେଗିତାରେ ବିନିତା ଖଡ଼ିଆ ପ୍ରଥମ, ରାଖୀ ମେହେର ଦ୍ୱିତୀୟ ଓ ଲିଳାବତୀ ସାହୁ ତୃତୀୟ ପୁରସ୍କାର ପାଇଛନ୍ତି । ଇକୋ କ୍ଲବ୍ ପ୍ରଦର୍ଶନୀରେ ଭିତିସ୍ମିତା ପୂଜାରୀ ଓ ଗଜାଲା ପରଭିନ ପ୍ରଥମ ପୁରସ୍କାର ପାଇଛନ୍ତି । ଛାତ୍ରୀ ଜୟନ୍ତୀ କିସାନଙ୍କୁ ବ୍ୟକ୍ତିଗତ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଛି ।

ବେଲପାହାଡ଼ସ୍ଥିତ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

Office of the Chief Engineer
Dam Safety Secha Sadan, Unit-V, Odisha, Bhubaneswar
Phone: 0674 - 2531935 / Fax - 0674 - 2531934
E-mail: cedamsafety.odisha@gmail com
No-CE-DS-DRIP-160/2018- Dated the

**CANCELLATION OF E-PROCUREMENT NOTICE No. CED

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହା ସମ୍ଭବତଃ ପାର୍ଲାମେଣ୍ଟର ଶେଷ ଅଧିବେଶନ, ଯେଉଁଠି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରାଯାଇପାରିବ। ତେଣୁ ସଦସ୍ୟମାନେ ଦାୟିତ୍ୱସମ୍ପନ୍ନ ହୋଇ ଗୃହକୁ ଚଳାଇବାକୁ ଦିଅନ୍ତୁ।
- ସୁମିତ୍ରା ମହାଜନ, ଲୋକ ସଭା ବାଚସ୍ପତି

ସଂକ୍ଷେପରେ

ନାଗେଶ୍ୱର ରାଓ ସିବିଆଇ ଅତିରିକ୍ତ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୧୮।୧୨(ପି.ଟି.): କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଅନ୍ତରୀଣ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ତଦନ୍ତକାରୀ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ତାଙ୍କର ଏହି ପଦୋନ୍ନତି ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ନାଗେଶ୍ୱର ରାଓଙ୍କ ନାମକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ଅନ୍ତର୍ବିବାଦ ଲାଗିରହିଥିବା ପରିପ୍ରେକ୍ଷୀରେ ଅକ୍ଟୋବର ୨୪ରେ କେନ୍ଦ୍ର ସରକାର ଉଭୟଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଥିଲେ। ସେହି ସମୟରେ ନାଗେଶ୍ୱରଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ୨୦୧୬ରେ ସିବିଆଇରେ ଜଣେ ଯୁଗ୍ମ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ।

କଂଗ୍ରେସ ଛାଡ଼ିଲେ ସଜ୍ଜନ



ନୂଆଦିଲ୍ଲୀ,୧୮।୧୨(ପି.ଟି.): ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାର ୧୯୮୪ ଶିଖ୍ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ହେବା ପରେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ଚିଠି ଲେଖି ତାଙ୍କ ଇସ୍ତଫାପତ୍ରକୁ ତୁରନ୍ତ ଗ୍ରହଣ କରିନେବା ଲାଗି ଅନୁରୋଧ କରିଛନ୍ତି। ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ପ୍ରଥମ ରାଜନେତା ଭାବେ ସଜ୍ଜନ କୁମାରଙ୍କୁ ସୋମବାର ଦିଲ୍ଲୀ ହାଇକୋର୍ଟ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ଯୋଗୁ ଦଳ କୌଣସି ଅସୁବିଧାର ସମ୍ମୁଖୀନ ହେଉ ତାହା ସଜ୍ଜନ କୁମାର ଚାହୁଁ ନ ଥିବାରୁ ଇସ୍ତଫା ଦେବା ଲାଗି ନିଷ୍ପତ୍ତି ନେଇଥିବା ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ୧୯୮୪ ଅକ୍ଟୋବର ୩୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ୨ ଅଙ୍ଗରକ୍ଷୀ ହତ୍ୟା କରିବା ପରେ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଦିଲ୍ଲୀରେ ନଭେମ୍ବର ୧ରୁ ୪ ତାରିଖ ମଧ୍ୟରେ ୨୭୩୩ ଜଣ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ଦକ୍ଷିଣ ଦିଲ୍ଲୀର ପାଲାମ କଲୋନି ରାଜନଗର ଅଞ୍ଚଳରେ ୫ ଜଣ ଶିଖଙ୍କୁ ହତ୍ୟା ଘଟଣାରେ ସଂପୃକ୍ତିକୁ ନେଇ ସଜ୍ଜନ କୁମାରଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ।

ଜିସାଟ୍-୭ଏ ଉତ୍କ୍ଷେପଣ ଆଜି

ଚେନ୍ନାଇ,୧୮।୧୨(ପି.ଟି.): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ବୁଧବାର ଅପରାହ୍ନରେ ଏହାର ଯୋଗାଯୋଗ ଉପଗ୍ରହ ଜିସାଟ୍-୭ଏକୁ କକ୍ଷପଥରେ ଅବସ୍ଥାପିତ କରିବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡରୁ ଜିଓସିନକ୍ରୋନିଅସ୍ ସାଟେଲାଇଟ ଲଞ୍ଚ ଭେହିକିଲ ଜିଏସ୍‌ଏଲ୍‌ଭି-ଏଫ୍୧୧ ଏହି ଉପଗ୍ରହକୁ ନେଇ ଅପରାହ୍ନ ୪ଟା ୧୦ ମିନିଟରେ ଭୂପୃଷ୍ଠ ଛାଡ଼ିବ । ସେଥିପାଇଁ ମଙ୍ଗଳବାର ଅପରାହ୍ନ ୨ଟା ୧୦ ମିନିଟ୍‌ରୁ ଏହାର ୨୬ ଘଣ୍ଟିଆ ଅବଗଣନା ଆରମ୍ଭ ହୋଇଯାଇଛି।

ଇତିହାସର ଆଇନାରେ

ଡିସେମ୍ବର ୧୯ର ପ୍ରମୁଖ ଘଟଣା

୧୯୮୬ ଡିସେମ୍ବର ୧୯ରେ ସୋଭିଏତ୍ ୟୁନିୟନ୍ ନେତା ମିଖାଇଲ୍ ଗୋର୍ବାଚୋଭ୍ ଗୋର୍କିରେ ନିର୍ବାସିତ ଜୀବନ ଯାପନ କରୁଥିବା ଆଣ୍ଡ୍ରେଇ ସାକାରୋଭ୍ ଏବଂ ତାଙ୍କ ପତ୍ନୀଙ୍କୁ ମୁକ୍ତ କରିଥିଲେ।

୧୯୭୨ ଡିସେମ୍ବର ୧୯ରେ ଲୁନାର ଫ୍ଲାଇଟ୍ ଆପୋଲୋ ୧୭ ପୃଥିବୀ ପୃଷ୍ଠକୁ ଫେରିଥିଲା। କ୍ରିଉ ସଦସ୍ୟ ଭାବରେ ଏଥିରେ ଥିଲେ ଇଉଜିନି କେର୍ନାନ୍, ରୋନାଲ୍ଡ ଏଭାନ୍ସ ଏବଂ ହାରିଶନ୍ ସ୍କିମ୍‌ଟ। ଆପୋଲୋ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ଆପୋଲୋ ମଧ୍ୟ କୁହାଯାଇଥାଏ। ନାସା ଦ୍ୱାରା ପରିଚାଳିତ ଏହା ଥିଲା ତୃତୀୟ ଆମେରିକୀୟ ମାନବଯୁକ୍ତ ସ୍ପେସ୍‌ଫ୍ଲାଇଟ୍।

ପାକ୍ ପଞ୍ଜାରୁ ଖସିଆସିଲେ ଅନ୍‌ସାରୀ

ମୁମ୍ବାଇ,୧୮।୧୨(ପି.ଟି.)

୬ ବର୍ଷ ଜେଲ୍ ଦଣ୍ଡ ଭୋଗିବା ପରେ ପାକିସ୍ତାନ ପଞ୍ଜାରୁ ଖସିଆସିଛନ୍ତି ଭାରତୀୟ ସଫ୍ଟୱେର ଇଞ୍ଜିନିୟର ହମିଦ ଅନସାରୀ। ୩୧ ବର୍ଷୀୟ ଅନ୍‌ସାରୀଙ୍କର ଜଣେ ପାକିସ୍ତାନୀ ଯୁବତୀଙ୍କ ସହ ଅନ୍‌ଲାଇନରେ ପ୍ରେମ ସମ୍ପର୍କ ହେବା ପରେ ତାଙ୍କୁ ଭେଟିବା ଲାଗି ଆଫଗାନିସ୍ତାନ ଦେଇ ପାକିସ୍ତାନ ଚାଲିଯାଇଥିଲେ। ଗୁପ୍ତଚର ବୃତ୍ତି ଅଭିଯୋଗ ଆଣି ପାକ୍ ସାମରିକ ଅଦାଲତ ତାଙ୍କୁ ଜେଲଦଣ୍ଡରେ ଦଣ୍ଡିତ କରିଥିଲା। ସେ ମଙ୍ଗଳବାର ମୁମ୍ବାଇ ଫେରିବା ପରେ ଭାବବିହ୍ୱଳ ହୋଇପଡିଥିଲେ।

ଅନସାରୀ ୨୦୧୨ରେ କାବୁଲ ଯାଇଥିଲେ। ସେ ଭଲ ପାଉଥିବା ଯୁବତୀଙ୍କୁ ଅନ୍ୟ ଜଣେ ଜବରଦସ୍ତ ବିବାହ କରି ରଖିଥିବା ଜାଣିବା ପରେ ତାଙ୍କୁ ଉଦ୍ଧାର କରିବା ଲାଗି ସେ ବେଆଇନ ଭାବେ ସୀମା ଅତିକ୍ରମ କରି ପାକିସ୍ତାନ ଚାଲିଯାଇଥିଲେ। ପେଶାୱର ନିକଟସ୍ଥ ଏକ ସହରରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଗିରଫ କରିଥିଲା। ଏନେଇ ତାଙ୍କ ପରିବାର ପାଖରେ କୌଣସି ଖବର ନ ଥିଲା। ସେହିଦିନଠାରୁ ତାଙ୍କ ପିତା ନେହାଲ ଏବଂ ମାଆ ଫୌଜି ପୁଅର ଫେରିବା ବାଟକୁ ଚାହିଁ ରହିଥିଲେ। ୨୦୧୫ରେ ସେ ଦୋଷୀସାବ୍ୟସ୍ତ ହେବାର ୧୪ ମାସ ପରେ ତାଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଥିଲା। ସେବେଠୁ ସେ କୋହତ କେନ୍ଦ୍ରୀୟ ଜେଲ୍‌ରେ ଥିଲେ। ଅନ୍‌ସାରୀଙ୍କ ମୁକ୍ତି ପାଇଁ ଆଇନଗତ ସହାୟତା ଯୋଗାଇଦେବାକୁ ତାଙ୍କ ମା'ବାପା ବହିର୍ବ୍ୟାପାର ମନ୍ତ୍ରଣାଳୟ ସମେତ ବିଭିନ୍ନ ମାନବାଧିକାର କର୍ମୀଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ତେବେ ଜେଲ୍‌ଦଣ୍ଡ ମିଆଦ ପୂରଣ ନ ହେବା ପର୍ଯ୍ୟନ୍ତ ଛଡାଯାଇପାରିବ ନାହିଁ ବୋଲି ପାକ୍ ସରକାର କହିଥିଲେ। ଏପରି କି ଡିସେମ୍ବର ୧୫ରେ ଅନ୍‌ସାରୀଙ୍କ ଜେଲ୍ ମିଆଦ ପୂରିବା ପରେ ମଧ୍ୟ ତାଙ୍କୁ ଛାଡିବା ଲାଗି କାଗଜପତ୍ର କାମ ସାରିବାକୁ ଆଉ ମାସେ ସମୟ ଲାଗିବ ବୋଲି ପାକ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଭାରତ ସରକାର, ଅନ୍‌ସାରୀଙ୍କ ଓକିଲ ଏବଂ ବିଭିନ୍ନ ମାନବାଧିକାର କର୍ମୀଙ୍କ ମିଳିତ ଚାପ ଫଳରେ ଇସ୍‌ଲାମାବାଦ ତାଙ୍କୁ ଜେଲ୍‌ରୁ ମୁକ୍ତ କରି ଭାରତ ପଠାଇବାକୁ ବାଧ୍ୟ ହୋଇଥିଲା। ଅନ୍‌ସାରୀଙ୍କୁ ଘରକୁ ଫେରାଇ ଆଣିବାରେ ଯେଉଁମାନଙ୍କର ସର୍ବାଧିକ ଅବଦାନ ରହିଛି ସେମାନେ ହେଲେ ମୁମ୍ବାଇର ଖବରଦାତା ତଥା ସମାଜକର୍ମୀ ଯତିନ ଦେଶାଇ, ପାକିସ୍ତାନୀ ଆଇନଜୀବୀ ତଥା ଖାଇବର-ପଖତୁନଖ୍ୱାରେ ମହିଳା ଅଧିକାର ଲାଗି କାର୍ଯ୍ୟ କରୁଥିବା ରକ୍ଷାନ୍ଦ ନାଜ୍, ଆଇନଜୀବୀ କାଜି ମହମ୍ମଦ ଅନୱର, ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ଭାଜପା ନେତା କ୍ରିଷ୍ଣା ହେଗ୍‌ଡେ। ଅନ୍‌ସାରୀ ପ୍ରେମିକାଙ୍କୁ ଭେଟିବା ପାଇଁ ପାକିସ୍ତାନ ଯିବା ନିମନ୍ତେ ପ୍ରଥମେ ଯତିନଙ୍କ ସହାୟତା ଲୋଡିଥିଲେ, କିନ୍ତୁ ଏହା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ଅନ୍‌ସାରୀଙ୍କ ଗିରଫ ଖବର ପାଇବା ପରେ ଯତିନ ତାଙ୍କୁ ଫେରାଇଆଣିବା ଲାଗି ଉଦ୍ୟମ କରିଥିଲେ। ଅନସାରୀଙ୍କ ମାଆ ସୁଷମା ସ୍ୱରାଜଙ୍କୁ ଭେଟିବା ପରେ ସେ ପାକିସ୍ତାନୀ କୂଟନୀତିଜ୍ଞଙ୍କ ସହ ଯୋଗାଯୋଗ କରିଥିଲେ। ଏଥିସହିତ ପାକିସ୍ତାନରେ ଥିବା ଭାରତୀୟ ଦୂତାବାସ ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ଅନ୍‌ସାରୀଙ୍କ ମୁକ୍ତି ପାଇଁ ଓକିଲ ଯୋଗାଇଦେବାକୁ କହିଥିଲେ। ଫଳରେ ପାକିସ୍ତାନୀ ଓକିଲ ରକ୍ଷାନ୍ଦ ନାଜ ଏବଂ କାଜି ମହମ୍ମଦ ଅନୱର ଉକ୍ତ ମାମଲାକୁ ହାତକୁ ନେଇଥିଲେ। ପାକିସ୍ତାନର ପୂର୍ବତନ ଆର୍ମି ଜେନେରାଲ ଅନୱର ଏ ସମ୍ପର୍କରେ ପାକ୍ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଭଗବାନଙ୍କ ଦୟାରୁ ସେ ପାକିସ୍ତାନରୁ ଫେରିଆସିଥିବା ଫୌଜି କହିଛନ୍ତି। ଅନ୍‌ସାରୀଙ୍କ ମୁକ୍ତି ଲାଗି ଭାଜପା ନେତା କ୍ରିଷ୍ଣା ହେଗ୍‌ଡେ ଗତ ମାସରେ ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଭୁଲ୍‌ବଶତଃ ସୀମା ଅତିକ୍ରମ କରି ପାକିସ୍ତାନ ଚାଲିଯାଇଥିବା ଅଧିକାଂଶ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରି ନାହାନ୍ତି। ପଞ୍ଜାବର ସରବଜିତ୍ ସିଂଙ୍କୁ ପାକିସ୍ତାନ ଜେଲ୍‌ରେ ବନ୍ଦୀମାନେ ଆକ୍ରମଣ କରି ହତ୍ୟା କରିଥିବାବେଳେ ପୂର୍ବତନ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କୁ ପାକିସ୍ତାନୀ ସୁରକ୍ଷା ବଳ ଇରାନରୁ ଅପହରଣ କରି ଜେଲ୍‌ରେ ରଖିଛି। ତାଙ୍କ ବିରୋଧରେ ସେଠାକାର ସାମରିକ ଅଦାଲତ ଫାଶୀଦଣ୍ଡାଦେଶ ଦେଇଥିବାବେଳେ ଏହି ମାମଲା ଅନ୍ତର୍ଜାତୀୟ ଅଦାଲତରେ ବିଚାରାଧୀନ ରହିଛି। ଏଭଳି ସମୟରେ ଅନ୍‌ସାରୀ ମୁମ୍ବାଇ ଫେରିଆସିବା ଭାରତର ଏକ କୂଟନୈତିକ ବିଜୟ ବୋଲି କୁହାଯାଉଛି।

ମା' ଫୌଜି ଅନ୍‌ସାରୀଙ୍କ ସହ ହମିଦ

ଗୁପ୍ତଚର ବୃତ୍ତି ଅଭିଯୋଗରେ ଜେଲ୍‌ରେ ଥିଲେ ୬ ବର୍ଷ

ଷଷ୍ଠ ଦିନରେ ଅଚଳାବସ୍ଥା

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ରାଫାଲ ଝଡ଼

ରାଫାଲ ଡିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ଅଚଳାବସ୍ଥା ଲାଗି ରହିଛି। ମଙ୍ଗଳବାର ମାତ୍ର ଏକ ଘଣ୍ଟା ଲୋକ ସଭା କାର୍ଯ୍ୟ ଚାଲିବା ପରେ ବିରୋଧୀ ସଦସ୍ୟଙ୍କ ହୋହଲ୍ଲା ଏବଂ ସ୍ଲୋଗାନବାଜି ଯୋଗୁ ବାଚସ୍ପତି ସୁମିତ୍ରା ମହାଜନ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ରାଫାଲ ଚୁକ୍ତିନାମାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେହିପରି ଟିଡିପି ସଦସ୍ୟମାନେ ଗୃହ ମଧ୍ୟଭାଗରେ ଏକତ୍ରିତ ହୋଇ ଆନ୍ଧ୍ରପ୍ରଦେଶ ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିବାବେଳେ ଏଆଇଏଡିଏମ୍‌କେ ଏମ୍‌ପିମାନେ କାବେରୀ ନଦୀରେ ଡ୍ୟାମ୍ ନିର୍ମାଣକୁ ବିରୋଧ କରି ନାରାବାଜି ଦେଇଥିଲେ।

ସେହିପରି କ୍ରମାଗତ ଷଷ୍ଠ ଦିନ ପାଇଁ ରାଜ୍ୟ ସଭାରେ ଅଚଳାବସ୍ଥା ଜାରି ରହିଛି। ରାଫାଲ ପ୍ରସଙ୍ଗକୁ ନେଇ ଭାଜପା ଏବଂ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଏବଂ କାବେରୀ ପ୍ରସଙ୍ଗକୁ ନେଇ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ପକ୍ଷରୁ ହଙ୍ଗାମା ଯୋଗୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ରାଫାଲ ଜେଟ ଚୁକ୍ତିନାମା ବିରୋଧରେ କଂଗ୍ରେସ ଆଣିଥିବା ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଗ୍ରହଣ କରିବାକୁ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଦାବି କରିଥିଲେ। ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଜୟ ଗୋଏଲ୍ କହିଥିଲେ, ସରକାର ରାଫାଲ ସମେତ ସମସ୍ତ ପ୍ରସଙ୍ଗରେ ଆଲୋଚନା ଲାଗି ପ୍ରସ୍ତୁତ ଅଛନ୍ତି। ରାଫାଲ ମାମଲାରେ ଏସ୍‌ଆଇଟି ତଦନ୍ତ ଦାବିକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେବା ଏବଂ ଦିଲ୍ଲୀ ହାଇକୋର୍ଟ ସଜ୍ଜନ କୁମାରଙ୍କୁ ଦୋଷୀସାବ୍ୟସ୍ତ କରିଥିବାରୁ କଂଗ୍ରେସ କ୍ଷମାମାଗୁ ବୋଲି ଗୋଏଲ୍ ଦାବି କରିଥିଲେ। ହଙ୍ଗାମା ଜାରି ରହିବାରୁ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଟ୍ରମ୍ପଙ୍କୁ ଜିନ୍‌ପିଙ୍ଗଙ୍କ ଜବାବ

ଆମକୁ ପାଠ ପଢ଼ାଅନି

ବେଜିଂ,୧୮।୧୨(ପି.ଟି.)



ଚାଇନା କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ ସେନେଇ ବେଜିଂକୁ କେହି ପାଠ ପଢ଼ାଇ ପାରିବେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଙ୍ଗଳବାର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଏଭଳି ଭାଷାରେ ଜବାବ ଦେଇଛନ୍ତି।

ଚାଇନାରେ ଆର୍ଥିକ ସଂସ୍କାରର ୪୦ ବର୍ଷ ପୂର୍ତ୍ତି ଅବସରରେ ଜିନ୍‌ପିଙ୍ଗ୍ ୮୦ ମିନିଟ ଧରି ନିଜ ବକ୍ତବ୍ୟ ରଖିଛନ୍ତି। ବେଜିଂର ଗ୍ରେଟ୍ ହଲ୍ ଅଫ୍ ଦି ପିପ୍ଲୁରେ ସେ ଚାଇନାବାସୀଙ୍କ କଠିନ ପରିଶ୍ରମ, ଜ୍ଞାନ ଓ ସାହସକୁ ପ୍ରଶଂସା କରିଛନ୍ତି। ଏହାସହ ୧୯୭୮ରେ ସ୍ୱର୍ଗୀୟ ନେତା ଡେଙ୍ଗ୍ ଜିଆଓପିଙ୍ଗଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ସଂସ୍କାର ଓ ଆରମ୍ଭ' ଯୁଗ ପରଠାରୁ ଚାଇନାର ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଜିନ୍‌ପିଙ୍ଗ୍ କହିଛନ୍ତି, ଚାଇନା ଅର୍ଥନୀତି ଏଭଳି ବିସ୍ମୟକର ଉତ୍ପାଦନ କରିବ, ଯାହାକୁ ନେଇ ଆଗାମୀ ଦିନରେ ସାରା ବିଶ୍ୱ ଚକିତ ହୋଇଯିବ।

'ଲୋକଙ୍କୁ ୬୦ ବର୍ଷ ଶୋଇବାକୁ ଦେଇ ନ ଥିଲା କଂଗ୍ରେସର ଦୁର୍ନୀତି'

ନୂଆଦିଲ୍ଲୀ,୧୮।୧୨(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ। ତାଙ୍କ ଦଳ କ୍ଷମତାରେ ଥିବାବେଳେ ଏପରି ଦୁର୍ନୀତି କରିଥିଲା ଯେ, ଦେଶବାସୀ ୬୦ ବର୍ଷ ଧରି ଶୋଇପାରି ନ ଥିଲେ ବୋଲି ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସମାଲୋଚନା କରିଛନ୍ତି। ସାରା ଦେଶରେ କୃଷିଋଣ ଛାଡ଼ ନ ହେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୋଇବାକୁ ଦିଆଯିବ ନାହିଁ ବୋଲି ରାହୁଲ ଚେତାବନୀ ଦେବା ପରେ ରବିଶଙ୍କରଙ୍କ ଏହି ମନ୍ତବ୍ୟ ଆସିଛି। ସେ କହିଛନ୍ତି, ଜାତୀୟ ରାଜନୀତିରେ ସାଧାରଣରେ ବାକ୍‌ଯୁଦ୍ଧ ମଧ୍ୟରେ କୌଣସି ନେତା ଏତେ ନିମ୍ନକୁ ଖସିବା ପୂର୍ବରୁ ଦେଖିବାକୁ ମିଳି ନ ଥିଲା। ବିଗତ ୭୦ ବର୍ଷରୁ ୬୦ ବର୍ଷ ଧରି ଦେଶକୁ କଂଗ୍ରେସ ଶାସନ କରିଛି। ସେମାନେ କୃଷକଙ୍କ ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ରବିଶଙ୍କର।

ଫୁରସତ

ଚିଡ଼ିଆଖାନାର ନବକଳେବର

ଜମ୍ମୁ: ଉତ୍ତର ଭାରତର ସର୍ବବୃହତ୍ ଜମ୍ମୁ ଚିଡ଼ିଆଖାନା ନୂଆ ରୂପ ପାଇବାକୁ ଯାଉଛି। ଆର୍ଥିକ ସ୍ଥିତି ଯୋଗୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିବା ବେଳେ ୨୦୧୯ ଜୁନ୍‌ରେ ପୁନର୍ବାର ଜନସାଧାରଣଙ୍କ ନିମନ୍ତେ ଏହା ଖୋଲିବାକୁ ଯାଉଛି। ଏଥିରେ କୃତ୍ରିମ ଜଳପ୍ରପାତ ସାଙ୍ଗକୁ ୨୭ଟି ବିଭିନ୍ନ ପ୍ରଜାତିର ପ୍ରାଣୀ ରହିବେ। ତନ୍ମଧ୍ୟରେ ମହାବାଳ ବାଘ, ଏସୀୟ ସିଂହ, ଚିତାବାଘ, ଭାଲୁ, କୁମ୍ଭୀର, ଘଡିଆଳ ଏବଂ ଶମ୍ବର ଅନ୍ୟତମ। ଆସନ୍ତା ୬ମାସ ମଧ୍ୟରେ 'ଜୁମ୍ବୋ ଜୁ' କାର୍ଯ୍ୟକ୍ଷମ ହେବ।

ବିଦେଶରେ ରହିବା ଆମେରିକୀୟଙ୍କ ପସନ୍ଦ

ଲଣ୍ଡନ: ବିଭିନ୍ନ ଦେଶର ଲୋକେ ଆମେରିକାରେ ରହିବାକୁ ଉଦ୍ୟମ ଜାରି ରଖିବା ସହିତ ସୁଯୋଗ ଅପେକ୍ଷାରେ ଥାଆନ୍ତି। କିନ୍ତୁ ବିଶ୍ୱାସ କରନ୍ତୁ ବା ନ କରନ୍ତୁ, ଅଧିକାଂଶ ଆମେରିକୀୟ ବିଦେଶରେ ବାସ କରିବାକୁ ଚାହାନ୍ତି ବୋଲି ଏକ ନୂଆ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଆମେରିକାରେ ଜନ୍ମିତ ନାଗରିକଙ୍କ ମଧ୍ୟରୁ ପ୍ରତି ୩ ଜଣରେ ଜଣେ ବିଦେଶରେ ରହିବାକୁ ଚିନ୍ତା କରନ୍ତି। ଅଜ୍ଞାତ ଅଞ୍ଚଳ ଅନୁସନ୍ଧାନ ଉଦ୍ଦେଶ୍ୟରେ ୮୭.୪% ନାଗରିକ ଆମେରିକା ଛାଡ଼ିବାକୁ ଇଚ୍ଛା କରନ୍ତି ବୋଲି ବ୍ରିଟେନ୍‌ର କେଣ୍ଟ୍ ୟୁନିଭର୍ସିଟିର ଗବେଷକ ଆମଣ୍ଡ କ୍ଲେକୋସ୍କି ଭନ୍ କୋପେଫେଲ୍‌ସ ପ୍ରକାଶ କରିଛନ୍ତି। ଇଣ୍ଟରନ୍ୟାଶନାଲ ମାଇଗ୍ରେଶନ୍ ରିଭ୍ୟୁରେ ଏ ସମ୍ପର୍କିତ ବିସ୍ତୃତ ଅଧ୍ୟୟନ ପ୍ରକାଶ ପାଇଛି। ଆମେରିକୀୟ ଲୋକେ ଦେଶାନ୍ତର ହେବାପାଇଁ ଇଚ୍ଛା କରିବା ପଛରେ ରହିଛି ଆମେରିକାର ଜାତୀୟ ପରିଚୟ। ରାଜନୈତିକ ଆଦର୍ଶବାଦ ସହ ଏହାର ପ୍ରାୟତଃ ସମ୍ପର୍କ ନାହିଁ ବୋଲି ଗବେଷକ

ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ତ ତୁଳସୀଦାସ

ସଂକ୍ଷେପରେ

କାର୍ଯ୍ୟରତ କନଷ୍ଟେବଳଙ୍କ ଅସ୍ୱାଭାବିକ ମୃତ୍ୟୁ

ଭବାନୀପାଟଣା,୧୮।୧୨(ଡି.ଏନ.ଏ.) ଭବାନୀପାଟଣା ଟାଉନ୍ ଥାନା ଅଧୀନ କଲେଜ ଛକରେ ଥିବା ପୋଲିସ ଆଉଟ୍ ପୋଷ୍ଟରେ ୧୬ ତାରିଖ ରାତିରେ ଡ୍ୟୁଟିରେ ଥିବା ଜଣେ କନଷ୍ଟେବଳଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ କନଷ୍ଟେବଳ ଜଣକ ହେଲେ ବୃନ୍ଦାବନ ଶବର। ତାଙ୍କ ଘର ସଦର ଥାନ ଅନ୍ତର୍ଗତ କୁସୁମଦର ଗାଁ। ୧୬ ତାରିଖ ରାତିରେ ବୃନ୍ଦାବନ ଏବଂ ଆଉ ଜଣେ କନଷ୍ଟେବଳ ରାତିରେ ଆଉଟ୍ ପୋଷ୍ଟରେ ଡ୍ୟୁଟିରେ ଥିଲେ। ତେବେ ସୋମବାର ସକାଳୁ ବୃନ୍ଦାବନ ନ ଉଠିବାରୁ ସାଥୀ କର୍ମଚାରୀ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ସେ ନ ଉଠିବାରୁ ତୁରନ୍ତ ତାଙ୍କୁ ଡକ୍ତରଖାନାକୁ ନିଆଯାଇଥିଲା। ସେଠାରେ ବୃନ୍ଦାବନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ୍ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ଘଟଣାର ତଦନ୍ତ ଚାଲାଇଛି। ପ୍ରାଥମିକ ତଦନ୍ତରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି।

ୟୁଏଇରେ ଓଡ଼ିଶା କପ୍ କ୍ରିକେଟ

କଳିଙ୍ଗବୀର ଚାମ୍ପିୟନ, ଓଡ଼ିଶା ବ୍ଲଷ୍ଟର୍ସ ରନର୍ସଅପ୍

ସମ୍ବଲପୁର,୧୮।୧୨(ବ୍ୟୁରୋ) ୟୁନାଇଟେଡ୍ ଆରବ ଏମିରେଟସ୍-ୟୁଏଇର ଅଜମାନ୍ ଓଭାଲଠାରେ ଷଷ୍ଠ ଓଡ଼ିଶା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । କଳିଙ୍ଗ ବୀର ଏକାଦଶ ଚମ୍ପୟନ୍ ଓ ଓଡ଼ିଶା ବ୍ଲାଷ୍ଟର୍ସ ଏକାଦଶ ରନର୍ସଅପ୍ ଟ୍ରଫି ହାସଲ କରିଛି । କଳିଙ୍ଗ ବୀର ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୫୭ ରନ ସଂଗ୍ରହ କରିଥିଲା । ଓଡ଼ିଶା ବ୍ଲାଷ୍ଟର୍ସ ଦଳ ବୃହତ ରନ ହାରର ଚାପର ବଶବର୍ତ୍ତୀ ହୋଇ ମାତ୍ର ୭୫ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲେ। ଆଇପିଏଲ ଢାଞ୍ଚାରେ ଫାଇନାଲ ମ୍ୟାଚ ହୋଇଥିଲା। ନୃତ୍ୟ ଓ ସଂଗୀତର ଆସର ଜମିଥିଲା । ଶିଶୁ କଳାକାରମାନେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ଇଥିଓପିଆରୁ ଆସିଥିବା ପ୍ରବାସୀ ନାଗରିକ ନିଲିପ୍ତ ମହାନ୍ତି ପ୍ରତିଯୋଗିତା ଆୟୋଜନର ଇତିବୃତ୍ତି ବିଷୟରେ ସୂଚନା ଦେଇଥିଲେ। ତୁରାୟା କମ୍ୟୁନିକେସନର ବରିଷ୍ଠ ଆର୍ଥିକ ସମୀକ୍ଷକ ତଥା ଆୟୋଜନ କମିଟିର ରଜତ ରଥ କହିଥିଲେ ଯେ, ପ୍ରବାସୀ ଓଡ଼ିଆମାନେ ଗୋଟିଏ ସ୍ଥାନରେ ସମବେତ ହୋଇ ଭାବବିନିମୟ କରିବା ଉଦ୍ଦେଶ୍ୟରେ ଏହି କ୍ରିକେଟ ଟୁର୍ନାମେଣ୍ଟର ମୂଳ ଲକ୍ଷ୍ୟ। ଆୟୋଜକ କମିଟି ଉପଦେଷ୍ଟା ତଥା ୱିପ୍ରୋ ମଧ୍ୟ ପ୍ରାଚ୍ୟ ସାଧାରଣ ପ୍ରବନ୍ଧକ ପ୍ରିୟଦର୍ଶୀ ପଣିଗ୍ରାହୀ କଠିନ ପରିଶ୍ରମ ଓ ନିଷ୍ଠା ଯୋଗୁ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଛି ବୋଲି ମତ ବ୍ୟକ୍ତ କରିଥିଲେ । ଓଡ଼ିଶାରେ ଆୟୋଜିତ ବିଶ୍ୱକପ୍ ହକିର ସଫଳତା ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଥିବାରୁ ୟୁଏଇରେ ଖୁସି ଜାହିର କରାଯାଇଥିଲା। ୟୁଏବିର ପ୍ରବନ୍ଧକ ସୁଶାନ୍ତ ଜେନା ଏହି ପ୍ରତିଯୋଗତାକୁ ଆହୁରି ସମ୍ପ୍ରସାରିତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

ୟୁଏଇରେ ଆୟୋଜିତ ଓଡିଶା କପ୍ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ କଳିଙ୍ଗ ବୀର ଏକାଦଶ ଟ୍ରଫି ସହ ।

ପ୍ରତିଯୋଗିତାରେ ସର୍ବାଧିକ ୧୦ଟି ଦଳ ଭାଗ ନେଇଥିଲେ । ରଣଜୀ ଟ୍ରଫିର ଭାଷ୍ୟକାର ସଦାବ ଆଫ୍ରିଦି ଧାରା ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ବର୍ଷଗୁଡିକରେ ମଧ୍ୟ ଚାମ୍ପିୟନଶିପର କଳେବର ବୃଦ୍ଧି କରିବାକୁ ଘୋଷଣା କରାଯାଇଥିଲା ।

ଦୁର୍ଘଟଣାରେ ପଞ୍ଚାୟତ ଇଓ ମୃତ

ଅମ୍ବାଭୋନା,୧୮।୧୨(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବୁଙ୍ଗାପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ଦେବତାଙ୍କ ମଙ୍ଗଳବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ତାଙ୍କ ଶବ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ପ୍ରକାଶ ଯେ, ପିଇଓ ଦେବତା ସନ୍ଧ୍ୟାରେ ଅମ୍ବାଭୋନା ବ୍ଲକ ଅଫିସରୁ ବାହାରି ତାଙ୍କ ବାଇକ୍ (ନଂ.ଓଆର୧୭ଜେ/୧୫୯୧) ଯୋଗେ ବରଗଡ଼ ଅଭିମୁଖେ ଯାଉଥିଲେ। ସେ ଭୁକ୍ତା ଏମ.ଜି ଡିଗ୍ରୀ କଲେଜ ନିକଟରେ ପହଞ୍ଚିବା ସମୟରେ ଏକ ଟ୍ରକ ସହ ତାଙ୍କର ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତରଖାନା ଆସିବା ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ସେ ବିଜେପୁର ବ୍ଲକ ତାଳପାଲି ନିକଟ ମୁଣ୍ଡାପାଲି ମୂଳ ବାସିନ୍ଦା ।

୩୦ରେ ବିଶାଳ ହିନ୍ଦୁ ସମ୍ମିଳନୀ

ଶ୍ରୀରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣ ପ୍ରସଙ୍ଗ

ସମ୍ବଲପୁର, ୧୮।୧୨ (ବ୍ୟୁରୋ)

ଶ୍ରୀରାମ ଜନ୍ମ ଭୂମିରେ ମନ୍ଦିର ନିର୍ମାଣ ସକାଶେ ବିଶାଳ ହିନ୍ଦୁ ସମ୍ମିଳନୀ ଆସନ୍ତା ୩୦ ତାରିଖ ସମ୍ବଲପୁର ମନ୍ଦଲିଆ ପଡିଆଠାରେ ହେବ । ଏଥିରେ ସମ୍ବଲପୁଲ, ବରଗଡ, ଝାରସୁଗୁଡା ଓ ଦେବଗଡ ଜିଲାର ୧୫ ହଜାର ଭକ୍ତଙ୍କ ସମାଗମ ହେବ। ଦୀର୍ଘ ୨୪ ବର୍ଷ ହେବ ଶ୍ରୀରାମ ଲାଲା ଅଯୋଧ୍ୟାରେ ତମ୍ବୁ ତଳେ ରହିଛନ୍ତି । ଏହା ହିନ୍ଦୁ ଧର୍ମ ପ୍ରତି ଲଜ୍ଜା, ଅପମାନ, ଦୁଃଖ ଓ କ୍ଷୋଭର

- ୧୫ ହଜାର ଭକ୍ତଙ୍କ ସମାଗମ
- କେନ୍ଦ୍ର ସରକାରଙ୍କୁ ଚେତାବନୀ

ବିଷୟ। ତେଣୁ ମନ୍ଦିର ନିର୍ମାଣ ନେଇ ଅପେକ୍ଷା କରାଯିବ ନାହିଁ । ମନ୍ଦିର କିପରି ନିର୍ମାଣ ହେବ ସେନେଇ ଦେଶ ସାରା ଜନଜାଗରଣ କରିବା ଲକ୍ଷ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ରହିଛି। ମଙ୍ଗଳବାର ରାତିରେ ଭିଏସଏସ ମାର୍ଗସ୍ଥିତ ହୋଟେଲ ଶୀଳା ଟାୱାରଠାରେ

ମଙ୍ଗଳବାର ସମ୍ବଲପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜୀବ ଶତପଥୀ, ଅଚ୍ୟୁତାନନ୍ଦ କର, ପ୍ରଦୀପ ବହିଦାର ସୂଚନା ଦେଉଛନ୍ତି ।

ଭୁବନେଶ୍ୱର,୧୮-୧୨: ଟାଟା ମୋଟର୍ସ ପକ୍ଷରୁ ନୂଆ ନେକ୍ସନ ମଡେଲକୁ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ମାନକ ପ୍ରଦାନ କରାଯାଇଛି। ନେକ୍ସନର ସୁରକ୍ଷା ପରୀକ୍ଷଣ ଏନ୍‌ସିଏପି କ୍ରାସ ଟେଷ୍ଟରେ ସଫଳ ହୋଇଛି। ଏହାକୁ ଉଭୟ ସମ୍ମୁଖ ଏବଂ ପାର୍ଶ୍ୱବର୍ତ୍ତୀ କ୍ଷେତ୍ରରୁ ସମ୍ପୂର୍ଣ୍ଣ କରାଯାଇଥିଲା। ଏଥିରେ ଡିଜିଟାଲ ସିମ୍ପୁଲେଶନ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ମଡେଲର ବଜାର ଦର ୬.୪୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହା ସହିତ ଗ୍ରାହକମାନେ ପ୍ରାୟ ୬୦ ହଜାର ଟଙ୍କାର ଲାଭ ପାଇପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ଗ୍ରାହକଙ୍କ ସୁବିଧାକୁ ଧ୍ୟାନରେ ରଖି ବିଭିନ୍ନ ଉତ୍ପାଦ ତଥା ସେବାର ପ୍ରଚଳନ କରାଯାଉଥିବା ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ବିଜନେସ ୟୁନିଟ୍ ସଭାପତି ମୟଙ୍କ ପାରିକ ସୂଚନା ଦେଇଛନ୍ତି।

ହୀରାକୁଦ ଏକ୍ସପ୍ରେସର ଗତିପଥ ପରିବର୍ତ୍ତନ

ଭୁବନେଶ୍ୱର,୧୮-୧୨: ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ ମଙ୍ଗଳବାରଠାରୁ ଗତିପଥ ପରିବର୍ତ୍ତନ କରି ଚଳାଚଳ କରୁଛି। ଏହି ଟ୍ରେନ ଝାରସୁଗୁଡା ମୁଖ୍ୟ ଷ୍ଟେଶନର ବାହ୍ୟ ପଥ ଦେଇ ଭାୟା ଝାରସୁଗୁଡ଼ା ରୋଡ , ଇବ୍, ବେଲପାହାଡ ରୁଟରେ ଚଳାଚଳ କରିବ। ଏହା ଏକ ତ୍ରି-ସାପ୍ତାହିକ ଟ୍ରେନ ହୋଇଥିବା ବେଳେ ଫେରିବା ବାଟରେ ମଧ୍ୟ ଏହା ବାହ୍ୟ ପଥ ଦେଇ ଯାତ୍ରା କରିବ। ଯାତ୍ରୀମାନଙ୍କୁ ଯେଭଳି ଭାବେ କୌଣସି ଅସୁବିଧା ନ ଆସେ ତାହା ଧ୍ୟାନରେ ରଖି ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଏବଂ ଝାରସୁଗୁଡ଼ା ରୋଡ ମଧ୍ୟରେ ଯାତ୍ରୀ ମାନଙ୍କ ପାଇଁ ମାଗଣା ବସ୍ ସେବା ସୁବିଧା ରହିଛି। ଝାରସୁଗୁଡା ରୋଡ଼ ଷ୍ଟେଶନ ରାଜ୍ୟର ଏକ ଉତ୍ତମ ରେଳ ଷ୍ଟେଶନ ଭାବେ ବିକଶିତ ହୋଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଝାରସୁଗୁଡା ରୋଡ ଏବଂ ମେନ୍ ଷ୍ଟେଶନ ମଧ୍ୟରେ ଦୂରତ୍ୱ ମାତ୍ର ୧.୫ କିମି। ଝାରସୁଗୁଡା ରୋଡ ଷ୍ଟେଶନରେ ଯାତ୍ରୀଙ୍କ ଲାଗି ସମସ୍ତ ପ୍ରକାର ଜରୁରୀ ସୁବିଧା କରାଯାଇଛି। ସମ୍ବଲପୁର ରେଳମଣ୍ଡଳର ପ୍ରବନ୍ଧକ ଜୟଦେବ ଗୁପ୍ତା ଏହି ଷ୍ଟେଶନକୁ ଆହୁରି ଉନ୍ନତ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

ଦୀର୍ଘ ଦିନ ବାଣିଜ୍ୟ କାରବାରରେ ଜଡିତ ନ ଥିବା ପ୍ରାୟ ୧ ଲକ୍ଷ କମ୍ପାନୀର ପଞ୍ଜୀକରଣକୁ ଚଳିତ ବର୍ଷ ସରକାରୀ ରେକର୍ଡରୁ ବାଦ୍ ଦିଆଯାଇଛି।
– ପି.ପି. ଚୌଧରୀ, କେନ୍ଦ୍ର କର୍ପୋରେଟ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ

ବିମୁଦ୍ରୀକରଣ ଯୋଗୁ ୨୦୧୬ ଶେଷ ତ୍ରୈମାସରେ ଭାରତର ଜିଡ଼ିପି ୨% ହ୍ରାସ ଘଟିଥିଲା।
– ଗୀତା ଗୋପୀନାଥ, ଅର୍ଥନୀତିଜ୍ଞ

ଟ୍ରାଇ ଜାରି କଲା ନୂଆ ଦର: ୧୩୦ ଟଙ୍କାରେ ୧୦୦ ଚ୍ୟାନେଲ

ଗ୍ରାହକଙ୍କ ମାସିକ ବିଲ୍ ବଢ଼ିବ

ନୂଆଦିଲ୍ଲୀ,୧୮-୧୨

- ଅନ୍ୟ ୨୫ ଫ୍ରି ଚ୍ୟାନେଲ ପାଇଁ ଲାଗିବ ୨୦ ଟଙ୍କା।
- ଇଚ୍ଛା ମୁତାବକ ଚ୍ୟାନେଲ ଦେଖିବାର ମିଳିବ ସୁବିଧା
- ଦେଶରେ ୮୬୭ ପଞ୍ଜୀକୃତ ଓ ୩୦୯ପେ ଟିଭି ଚ୍ୟାନେଲ

କେବୁଲ ଅପରେଟର ଓ ଡିଟିଏଚ୍ ଦେଖଣାହାରୀଙ୍କ ପାଇଁ ନୂଆ ଚ୍ୟାନେଲ ଦରକୁ ଟେଲିକମ୍ ରେଗୁଲେଟୋରୀ ଅଫ୍ ଇଣ୍ଡିଆ(ଟ୍ରାଇ) ମଙ୍ଗଳବାର ଜାରି କରିଛି। ତଦନୁଯାୟୀ ଗ୍ରାହକ ସର୍ବନିମ୍ନ ୧୦୦ ଚ୍ୟାନେଲ ଦେଖିବା ପାଇଁ ଅତିକମ୍‌ରେ ୧୩୦ ଟଙ୍କା ଦେବେ। ଏଥିସହ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ ହେବ। ତେବେ ଗ୍ରାହକଙ୍କୁ ନିଜ ପସନ୍ଦର ଚ୍ୟାନଲ ବାଛିବାର ସ୍ୱାଧୀନତା ମିଳିବ। ଏଥିପାଇଁ କେବୁଲ ଅପରେଟର କିମ୍ବା ଡିଟିଏଚ୍ କମ୍ପାନୀ ବାଧ କରିପାରିବେ ନାହିଁ। ଟ୍ରାଇ ପକ୍ଷରୁ ପ୍ରତ୍ୟେକ ଚ୍ୟାନେଲର ଏମ୍‌ଆର୍‌ପି ଦର ଧାର୍ଯ୍ୟ କରାଯାଇଛି। ଜାନୁୟାରୀ ପହିଲାରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ଏଥିଯୋଗୁ ମାସିକ ଦେୟ ବଢ଼ିବ ବୋଲି ଜଣାପଡ଼ିଛି।

ଡାଇରେକ୍ଟ ଟୁ ହୋମ୍ ଅପରେଟରମାନେ ନିଜ ଇଚ୍ଛାରେ ଗ୍ରାହକଙ୍କ ବାରଣ ସତ୍ତ୍ୱେ ଚ୍ୟାନେଲ ଦେଖାଉଥିବା ନେଇ ଟ୍ରାଇ ନିକଟରେ ଅଭିଯୋଗ ଆସିଥିଲା। ଏହାକୁ ଦୂର କରିବା ଲାଗି ଟ୍ରାଇର ନୂଆ ନିୟମ ଅନୁଯାୟୀ ୧୦୦ ଚ୍ୟାନେଲରେ ୬୫ ଫ୍ରି ଟୁ ଏୟାର ଚ୍ୟାନେଲ, ଦୂରଦର୍ଶନର ୨୩, ୩ଟି ମ୍ୟୁଜିକ୍, ୩ଟି ନ୍ୟୁଜ୍ ଓ ୪ଟି ସିନେମା ଚ୍ୟାନେଲ ସାମିଲ ହୋଇଛି। ଡିସେମ୍ବର ୨୯ ପରେ କୌଣସି କେବୁଲ ଅପରେଟର ଅଥବା ଡିଟିଏଚ୍ ସର୍ଭିସ ପ୍ରୋଭାଇଡର କମ୍ପାନୀ ଗ୍ରାହକଙ୍କୁ ଜବରଦସ୍ତି ପ୍ୟାକେଜ ଲଦି ପାରିବେ ନାହିଁ। ଅନ୍ୟ ୨୫ ଫ୍ରି ଟୁ ଏୟାର ଚ୍ୟାନେଲ ପାଇଁ ୨୦ ଟଙ୍କା ଅଧିକ ଦେବାକୁ ପଡିବ। ଦୂରଦର୍ଶନକୁ ଛାଡ଼ି ଦେଲେ ଗ୍ରାହକଙ୍କୁ ଅନ୍ୟ ଚ୍ୟାନେଲ ବାଛିବାର ସୁଯୋଗ ମିଳିବ। ଟ୍ରାଇ ନିର୍ଦ୍ଦେଶ ଅନୁଯାୟୀ ପ୍ରସାରଣକର୍ତ୍ତାମାନେ ପ୍ରତି ମାସରେ ସେମାନଙ୍କ ଚ୍ୟାନେଲ ମୂଲ୍ୟକୁ ପ୍ରକାଶ କରିବେ। ତେବେ କେବୁଲ ଅପରେଟର ଏବଂ ଡିଟିଏଚ୍ କମ୍ପାନୀ ଅନେକଗୁଡ଼ିଏ ଚ୍ୟାନେଲକୁ ଏକାଠି କରି ଗ୍ରାହକଙ୍କୁ ଦେଖିବା ପାଇଁ ପ୍ରସ୍ତାବ ଦେଇପାରିବେ। ତେବେ ଏହାର ମୂଲ୍ୟ ମୋଟ୍ ଚ୍ୟାନେଲ ମୂଲ୍ୟର ସର୍ବାଧିକ ୮୫% ହେବ। ଅନ୍ୟପକ୍ଷରେ ଟ୍ରାଇ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ପରେ ଗ୍ରାହକଙ୍କ ପାଇଁ ଟିଭି ଚ୍ୟାନେଲ ମହଙ୍ଗା ହେବାକୁ ଯାଉଛି। ଛୋଟ ସହର ଅଥବା ଗ୍ରାମାଞ୍ଚଳ ପାଇଁ କେବୁଲ/ଡିଟିଏଚ୍‌ରେ ମାସକୁ ପ୍ରାୟ ୨୦୦ରୁ ୨୫୦ ଟଙ୍କା ଚାର୍ଜ ଲାଗୁଛି। ଛୋଟ ସହର ପାଇଁ ଏହା ପ୍ରାୟ ୩୫୦ରୁ ୪୦୦ ଟଙ୍କା ରହିଛି। ଏହି ଟଙ୍କାରେ ପ୍ରାୟ ସମସ୍ତ ଆଞ୍ଚଳିକ ତଥା କିଛି ପ୍ରିମିୟମ ଚ୍ୟାନେଲ ଦେଖିବାର ସୁଯୋଗ ମିଳୁଛି। କିନ୍ତୁ ଆସନ୍ତା ମାସରୁ ଖର୍ଚ୍ଚ ବଢ଼ିବାକୁ ଯାଉଛି। ଏହା ପ୍ରାୟ ୪୨୦ରୁ ୪୫୦ ଟଙ୍କା ହେବାକୁ ଯାଉଛି। ଏଥିରେ ଆପଣଙ୍କୁ ପସନ୍ଦଯୋଗ୍ୟ ଚ୍ୟାନେଲ ଦେଖିବାକୁ ମିଳିବ। ଯଦି ଆପଣ ପ୍ରିମିୟମ, ଏର୍‌ଡି ଓ ସ୍ପୋର୍ଟ୍ସ ଚ୍ୟାନେଲ ଦେଖିବାକୁ ଚାହାନ୍ତି ତେବେ ଆପଣଙ୍କୁ ମାସକୁ ପ୍ରାୟ ୬୦୦ ଟଙ୍କା ଦେବାକୁ ହେବ। ସୂଚନାଥାଉ କି, ଦେଶରେ ଏବେ ୮୬୭ ପଞ୍ଜୀକୃତ ଓ ୩୦୯ପେ ଟିଭି ଚ୍ୟାନେଲ ରହିଛି।

ଅନ୍‌ଲାଇନରେ ମାତ୍ର ୧ ଟଙ୍କାରେ ମିଳୁଛି ସୁନା

ନୂଆଦିଲ୍ଲୀ,୧୮-୧୨: ଏବେ ଭାରତୀୟମାନେ ମାତ୍ର ୧ ଟଙ୍କାରେ ସୁନା କିଣୁଛନ୍ତି। ଚାହିଦା କମୁଥିବାରୁ ସୁନା ବ୍ୟବସାୟୀମାନେ ନିଜର ବିକ୍ରି ବଢ଼ାଇବା ଲାଗି ନୂଆ ପଦ୍ଧତି ଆପଣାଇଛନ୍ତି। ବିଟ୍ ସାଇଜ ସୁନା ଅନ୍‌ଲାଇନରେ କିଣିବାର ସୁଯୋଗ ସେମାନେ ଏବେ ଦେବା ଆରମ୍ଭ କରିଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସରକାର ନିୟମକୁ କଡ଼ାକଡ଼ି କରିବା, ଅଧିକ ମୂଲ୍ୟ ଏବଂ ଯୁବ କ୍ରେତାଙ୍କ ମଧ୍ୟରେ ସୁନା ପ୍ରତି ଆକର୍ଷଣ ହ୍ରାସ ପାଉଥିବା କାରଣରୁ ଏହି ଧାତୁ ଚାହିଦା ଦିନକୁ ଦିନ କମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜୁଏଲର୍ସମାନେ ଏବେ ଅନ୍‌ଲାଇନ ସେଲ୍ ଜରିଆରେ ଇଣ୍ଟରନେଟ୍ ପ୍ରତି ଆସକ୍ତ ଉପଭୋକ୍ତାଙ୍କୁ ଆକର୍ଷିତ କରୁଛନ୍ତି। ପେଟିଏମ୍ ଓ ଫୋନ୍ ପେ ଭଳି ପେମେଣ୍ଟ ଆପ୍‌ର ପାର୍ଟନର ସେଫ୍ ଗୋଲ୍ଡର ଡିଜିଟାଲ ପ୍ଲାଟଫର୍ମର ମ୍ୟାନେଜିଂ ଡାଇରେକ୍ଟର ଗୌରବ ମାଥୁର କହିଛନ୍ତି ଯେ, ଅଧିକାଂଶ ଲୋକ ଏବେ ୧ ଟଙ୍କାରେ ସୁନା କିଣୁଛନ୍ତି। ଏହା ନେବା କମ୍ ବିପଦପୂର୍ଣ୍ଣ। କ୍ରେତା ଯେବେ ୧ ଗ୍ରାମ୍ ସୁନା ନେବା ଲାଗି ଏହାର ମୂଲ୍ୟ ଜମା କରନ୍ତି, ସେତେବେଳେ ତାଙ୍କୁ ବାସ୍ତବରେ ସୁନା ପ୍ରଦାନ କରାଯାଏ। ଏବେ ୧ ଗ୍ରାମ୍ ସୁନାର ମୂଲ୍ୟ ପ୍ରାୟ ୩୨୦୦ ଟଙ୍କା ରହିଛି। ବଜାରରେ ସର୍ବନିମ୍ନ ୧ ଗ୍ରାମ୍ ସୁନା କିଣିବାକୁ ପଡେ। କିନ୍ତୁ ଅନ୍‌ଲାଇନରେ ମାତ୍ର ୪୦ ସେକେଣ୍ଡରେ ଘରେ ବସି ଜଣେ ବ୍ୟକ୍ତି ମାତ୍ର ୧ ଟଙ୍କାରେ ସୁନା କିଣିପାରିବେ।

ବିଭିନ୍ନ ପୁରସ୍କାର ପାଇଁ ନାଲ୍‌କୋ ପକ୍ଷରୁ ଆବେଦନପତ୍ର ଆହ୍ୱାନ

ଭୁବନେଶ୍ୱର,୧୮-୧୨

NALCO SMILES AWARD

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ପକ୍ଷରୁ ଆସନ୍ତା ମାସରେ ଏହାର ପ୍ରତିଷ୍ଠା ଦିବସ ପାଳନ ସହ ବିଭିନ୍ନ ପୁରସ୍କାର ପ୍ରଦାନ କରାଯିବ। ଏଥି ପାଇଁ କମ୍ପାନୀ ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଉଛି। ଦିବ୍ୟାଙ୍ଗ ଏବଂ ଶିଶୁମାନଙ୍କ ହିତସାଧନ ପାଇଁ ନାଲ୍‌କୋ ସ୍ମାଇଲ ପୁରସ୍କାର, ସଂସ୍କୃତ ଭାଷା ଶିକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟରତ ବିଶାରଦଙ୍କୁ କାଳିଦାସ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ରାଜ୍ୟରେ ଆଇଟି ଏବଂ ଆଇଟି ସେବା ସମ୍ବଳିତ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ପାଇଁ ନାଲ୍‌କୋ ଷ୍ଟାର୍ଟ ଅପ୍ ପୁରସ୍କାର ଆଦି ସାମିଲ ରହିଛି। ଏହାବାଦ ଓଡିଶୀ ନୃତ୍ୟଶିଳ୍ପୀ ଏବଂ ଗୁରୁଙ୍କ ପାଇଁ ନାଲ୍‌କୋ ଖାରବେଳ ପୁରସ୍କାର ଦିଆଯିବ। ଆବେଦନର ଶେଷ ତାରିଖ ଚଳିତ ମାସ ୩୧ ତାରିଖ ରହିଛି। ପୁରସ୍କାର ସଂକ୍ରାନ୍ତ ସମସ୍ତ ବିବରଣୀ କମ୍ପାନୀର ୱେବ୍‌ସାଇଟରେ ଉପଲବ୍ଧ ହେଉଛି।

ସୁଧୀର କୁମାର ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ

ସୁଧୀର କୁମାର

ଭୁବନେଶ୍ୱର,୧୮-୧୨

ପୂର୍ବତଟ ରେଳପଥର ନୂଆ ଅତିରିକ୍ତ ମହାପ୍ରବନ୍ଧକ ଭାବେ ସୁଧୀର କୁମାର ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଆଲ୍ଲାହାବାଦସ୍ଥିତ ଉତ୍ତର କେନ୍ଦ୍ରୀୟ ରେଳପଥର ମୁଖ୍ୟ ସଙ୍କେତ ଓ ଟେଲିକମ୍ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଜବଲପୁର ରେଳ ମଣ୍ଡଳର ପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି। ସେହିଭଳି ରେଳବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସଙ୍କେତ), ଉତ୍ତର ରେଳପଥର ମୁଖ୍ୟ ସଙ୍କେତ ଏବଂ ଟେଲିକମ୍ ଯନ୍ତ୍ରୀ ଭଳି ରେଲୱେର ଅନ୍ୟାନ୍ୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ ଆଇଆଇଟି ରୁର୍କି ୟୁନିଭର୍ସିଟିରେ ବି.ଇ ଓ ଏମ୍‌ଟେକ୍ ପରେ ରେଲୱେର ସାଙ୍କେତିକ ଯନ୍ତ୍ରୀ ସେବାରେ ଯୋଗ ଦେଇଥିଲେ।

ଡ୍ୟୁକ୍ ଫ୍ୟାଶନ୍ସ ସମ୍ମାନିତ

ଭୁବନେଶ୍ୱର,୧୮-୧୨

ଡ୍ୟୁକ୍ ଫ୍ୟାଶନ୍ସ (ଇଣ୍ଡିଆ) ଲିମିଟେଡ ଫ୍ୟାଶନ ଶିଳ୍ପରେ ଅବଦାନ ଲାଗି 'ପଞ୍ଜାବ ଏମ୍‌ଏସ୍‌ଏମ୍‌ଇ ଆୱାର୍ଡ ୨୦୧୮' ଲାଭ କରିଛି। ଚଣ୍ଡୀଗଢ଼ଠାରେ ଅନୁଷ୍ଠିତ ଉଦୟ ସମ୍ମାନ ଆୱାର୍ଡ କାର୍ଯ୍ୟକ୍ରମରେ ପଞ୍ଜାବର ଅର୍ଥ ଏବଂ ଯୋଜନା ମନ୍ତ୍ରୀ ଏସ୍. ମନପ୍ରୀତ ସିଂ ବାଦଲଙ୍କଠାରୁ ଡ୍ୟୁକର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ଏହି ପୁରସ୍କାର ଗ୍ରହଣ କରିଥିଲେ। ସଦ୍ୟତମ ଷ୍ଟାଇଲିଂ ତଥା ଗୁଣବତ୍ତା ଗାର୍ମେଣ୍ଟ ମାନୁଫାକଚରିଂ କ୍ଷେତ୍ରରେ ଭଲ ଟ୍ରାକ ରେକର୍ଡ ରଖିଥିବା କମ୍ପାନୀ ସୂଚନା ଦେଇଛି। ଏଭଳି ଏକ ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି ଜୈନ କହିଛନ୍ତି। ଡ୍ୟୁକର ଫ୍ୟାଶନ ଇତିହାସରେ ଏହା ଆଉ ଏକ ମାଇଲ ଖୁଣ୍ଟ ଯୋଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି।

ହୋଣ୍ଡାର ନୂଆ ଏକ୍ସବ୍ଲେଡ ଏବିଏସ୍

ଭୁବନେଶ୍ୱର,୧୮-୧୨

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ୧୬୦ ସିସି ସ୍ପୋର୍ଟ ଏକ୍ସ ବ୍ଲେଡ ଏବିଏସ୍ (ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ) ଉନ୍ମୋଚିତ ହୋଇଛି। ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୮୭, ୭୭୬ ଟଙ୍କା ରହିଛି। ନୂଆ ମଡେଲଟି ଅତ୍ୟାଧୁନିକ ଷ୍ଟାଇଲ ଏବଂ ସୁପରିୟର ପ୍ରଯୁକ୍ତି ପ୍ରଦାନ କରୁଛି ବୋଲି କମ୍ପାନୀର ସଭାପତି ତଥା ସିଇଓ ମିନରୋ କାଟୋ ସୂଚନା ଦେଇଛନ୍ତି। ଷ୍ଟାଇଲ ଏବଂ ପ୍ରଦର୍ଶନ ଚାହୁଁଥିବା ମୋଟର ସାଇକେଲ ଉତ୍ସାହୀଙ୍କ ପାଇଁ ଏକ୍ସବ୍ଲେଡକୁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏହି ମେଡଲରେ କମ୍ପାନୀ ଏଲ୍‌ଇଡି ହେଡ ଲ୍ୟାମ୍ପ, ୧୬୧.୭୧ ସିସି ଏର୍‌ଇଟି ଇଞ୍ଜିନ, ଲମ୍ବା ସିଟ, ସିଲ୍ ଚେନ୍, ହାଜାର୍ଡ ସ୍ପିର୍, ସର୍ଭିସ ଡ୍ୟୁ ଇଣ୍ଡିକେଟର, ଡିଜିଟାଲ କ୍ଲକ୍, ଗିୟର ପୋଜିଶନ ଇଣ୍ଡିକେଟର ସୁବିଧା ପ୍ରଦାନ କରୁଛି। ଏହା ମୋଟେ ମାର୍ଭେଲ ବ୍ଲୁ ମେଟାଲିକ, ମୋଟେ ଫ୍ରୋଜେନ ସିଲଭର ମେଟାଲିକ୍, ପର୍ଲ ସ୍ପାର୍ଟାନ ରେଡ, ପର୍ଲ ଇଗ୍ନିୟସ ବ୍ଲାକ୍ ଏବଂ ମୋଟେ ମାର୍ସଲ ଗ୍ରୀନ ମେଟାଲିକରେ ଭଳି ରଙ୍ଗରେ ଆସୁଛି।

ହର୍ବାଲ ସ୍କିନ୍ କେୟାର ବଜାରରେ ଆମୱେର ପ୍ରବେଶ

ଭୁବନେଶ୍ୱର,୧୮-୧୨

ପ୍ରମୁଖ ଏଫ୍‌ଏମ୍‌ସିଜି ପ୍ରତ୍ୟକ୍ଷ ବିକ୍ରି କମ୍ପାନୀ ଆମୱେ ଇଣ୍ଡିଆ ପ୍ରମଥ ଥର ଲାଗି ହର୍ବାଲ ସ୍କିନ କେୟାର ବଜାରରେ ପ୍ରବେଶ କରିଛି। 'ଆଟିଚ୍ୟୁଡ ଦି ବ୍ରାଇଟ ହର୍ବାଲ' ବର୍ଗ ଜରିଆରେ କମ୍ପାନୀ ଏହି ବଜାରରେ ପ୍ରବେଶ କରିଥିବା ସୂଚନା ଦେଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ କାର୍ଯ୍ୟାଳୟରେ କମ୍ପାନୀର ପୂର୍ବାଞ୍ଚଳ ଉପସଭାପତି ଚନ୍ଦ୍ରା ଚକ୍ରବର୍ତ୍ତୀ, ବିୟୁଟି ପର୍ସନାଲ କେୟାର କ୍ୟାଟେଗୋରୀ ହେଡ ଅନିଶା ଶର୍ମା ପ୍ରଡକ୍ଟଗୁଡ଼ିକ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ଏହି ସ୍କିନ କେୟାର ବର୍ଗରେ ରହିଛି ଉଦ୍ଭିଦ ବିଜ୍ଞାନର ଉତ୍ତମଗୁଣ ଏବଂ ଆଧୁନିକ ଗବେଷଣାର ମିଶ୍ରଣ। ଦେଶରେ ୨,୦୦୦ କୋଟି ଟଙ୍କାର ହର୍ବାଲ ସ୍କିନ କେୟାର ବଜାର ରହିଛି। ଆଗାମୀ ୩ ବ

ଭାରତର ବ୍ୟାଟିଂ ଅଷ୍ଟ୍ରେଲିଆଠାରୁ ଦୁର୍ବଳ ବୋଲି ପର୍ଥଠାରେ ଖେଳାଯାଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପ୍ରତିଫଳିତ ହୋଇଛି।
–ରିକି ପଣ୍ଟିଂ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ

ବିରାଟ କୋହଲିଙ୍କ ସହିତ ମୋର ବାକ୍ୟ ବିନିମୟରେ ତିକ୍ତତା ନ ଥିଲା। ସିରିଜ ପରେ ଟିମ୍ ଇଣ୍ଡିଆକୁ ଆମେ ଏକ ବିୟର ପାର୍ଟି ପାଇଁ ଆମନ୍ତ୍ରଣ କରିବୁ।
–ଟିମ୍ ପେନ୍, ଅଷ୍ଟ୍ରେଲିଆ ଅଧିନାୟକ

ବରୁଣ, ଉନାଡକଟ ଦାମୀ ଖେଳାଳି

ଆଇପିଏଲ୍ ଖେଳାଳି ନିଲାମ

ଜୟପୁର, ୧୮।୧୨(ପି.ଟି.)

ଆର୍କିଟେକ୍ଚରୁ କ୍ରିକେଟର ବନିଥିବା ତାମିଲନାଡୁ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏଥର ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ଆଇପିଏଲ ଖେଳି ନ ଥିବା ବରୁଣ ଆଶ୍ଚର୍ଯ୍ୟଜନକ ଭାବେ ନିଜ ବେସ୍ ପ୍ରାଇସ୍‌ର ଆଶାତୀତ ୪୦ ଗୁଣ ଦାମ୍‌ରେ ବିକ୍ରି ହୋଇଛନ୍ତି। ୨୦୧୯ ଆଇପିଏଲ୍ ସଂସ୍କରଣ ପାଇଁ ମଙ୍ଗଳବାର ଜୟପୁରରେ ଅନୁଷ୍ଠିତ ଖେଳାଳି ନିଲାମରେ କିଙ୍ଗ୍ସ ଏକାଦଶ ପଞ୍ଜାବ ନବାଗତ ବରୁଣଙ୍କୁ ୮ କୋଟି ୪୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ବରୁଣଙ୍କ ବେଶ୍ ପ୍ରାଇସ୍ ମାତ୍ର ୨୦ ଲକ୍ଷ ଟଙ୍କା ଥିଲା। ବରୁଣଙ୍କୁ ନେବା ପାଇଁ ମଙ୍ଗଳବାର ଅନୁଷ୍ଠିତ ଖେଳାଳି ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ତାରକା ତଥା ଅଭିଜ୍ଞ ଅଲରାଉଣ୍ଡର ଯୁବରାଜ ସିଂଙ୍କୁ ପ୍ରଥମେ କୌଣସି ଫ୍ରାଞ୍ଚାଇଜ୍ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ। ତେବେ ଶେଷ ମୁହୂର୍ତ୍ତରେ ନିଜ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ବିନିମୟରେ ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ ହୋଇଛନ୍ତି। ସେହିପରି ଇଂଲଣ୍ଡ ଅଲରାଉଣ୍ଡର ସାମ କୁରାନଙ୍କୁ ପଞ୍ଜାବ ୭.୨ କୋଟି ଟଙ୍କା ବିନିୟମରେ କ୍ରୟ କରିଛି। ମିଡିୟମ ପେସର ଜୟଦେବ ଉନାଡକଟ ପୁଣି ଥରେ କୋଟିପତି ସାବ୍ୟସ୍ତ ହୋଇଛନ୍ତି। ୮.୪ କୋଟି ଟଙ୍କା ବିନିମୟରେ ଉନଡକଟ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଛନ୍ତି। ୨୭ ବର୍ଷୀୟ ବରୁଣ ସମାନ ମୂଲ୍ୟରେ ବିକ୍ରି ହୋଇଥିଲେ ମଧ୍ୟ ସେ ଫୋକସ୍‌ରେ ରହିଛନ୍ତି।

ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ବରୁଣ ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରୁଣଙ୍କ ପ୍ରଦର୍ଶନ ବଳରେ ମଦୁରାଇ ପାଣ୍ଟର୍ସ ଟିଏନପିଏଲ୍‌ରେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଉନାଡକଟ୍ ଚଳିତ ବର୍ଷ ରେକର୍ଡ ୧୧.୫ କୋଟି ଟଙ୍କା ବିନିମୟରେ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଥିଲେ। ତେବେ ଏଥର ତାଙ୍କ ଦାମ୍‌ରେ ଅବନତି ହୋଇଛି। ଏଥର ନିଲାମରେ ଭାରତୀୟ ଓ ୱେଷ୍ଟଇଣ୍ଡିଜ ଖେଳାଳିମାନଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା।

ଏକଦା ୧୬ କୋଟି ଟଙ୍କାରେ ବିକ୍ରି ହୋଇ ଆଇପିଏଲ୍‌ରେ ସବୁଠାରୁ ଦାମୀ ଖେଳାଳିଭାବେ ଚର୍ଚ୍ଚିତ ଥିବା ୩୭ ବର୍ଷୀୟ ଅଲରାଉଣ୍ଡର ଯୁବରାଜ ସିଂ ନିଲାମରେ ପ୍ରଥମେ ଅଣଦେଖା ହୋଇଥିଲେ। ୧ କୋଟି ଟଙ୍କା ବେଶ ପ୍ରାଇସ୍‌ରେ ଯୁବରାଜ ନିଲାମରେ ସାମିଲ ହୋଇଥିଲେ। ତେବେ ଶେଷରେ ମୁମ୍ବାଇ ୧ କୋଟି ଟଙ୍କାରେ ଯୁବିଙ୍କୁ କ୍ରୟ କରିଛି। ୨୦୧୮ ସଂସ୍କରଣରେ ଯୁବରାଜଙ୍କୁ ୨ କୋଟି ଟଙ୍କା ବିନିମୟରେ ପଞ୍ଜାବ କ୍ରୟ କରିଥିଲା। ତେବେ ଗତମାସ ଯୁବିଙ୍କୁ ପଞ୍ଜାବ ରିଲିଜ୍ କରିଥିଲା।

ଭାରତୀୟଙ୍କୁ ବାଦ ଦେଲେ ଶିମରନ ହେଟମେୟର, କାର୍ଲୋସ ବ୍ରାଥୱେଟ ଓ ନିକୋଲାସ ପୁରନ ନିଲାମର ପ୍ରଥମ ରାଉଣ୍ଡରେ ବେଶ୍ ଚଢା ଦରରେ ବିକ୍ରି ହୋଇଥିଲେ। ହେଟମେୟର ୪.୨ କୋଟି ଟଙ୍କାରେ ବାଙ୍ଗାଲୋର, ବ୍ରାଥୱେଟ ୫ କୋଟି ଟଙ୍କାରେ କୋଲକାତା, ପୁରନ ୪.୨ କୋଟି ଟଙ୍କା ବିନିମୟରେ ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି।

ସେହିପରି ସ୍ପିନର ଅକ୍ଷର ପଟେଲ (୫ କୋଟି), ଦ୍ରୁତ ବୋଲର ମୋହିତ୍ ଶର୍ମା (୫କୋଟି) ଓ ମହମ୍ମଦ ସାମି ୪.୮ କୋଟି ଟଙ୍କା ବିନିମୟରେ ବିକ୍ରି ହୋଇଛନ୍ତି। ଅକ୍ଷର ପଞ୍ଜାବରେ ସାମିଲ ଥିଲେ ମଧ୍ୟ ଶେଷରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି। ଗତ ସଂସ୍କରଣରେ ଦିଲ୍ଲୀ ପାଇଁ ଖେଳିଥିଲେ ମଧ୍ୟ ସାମି ଏଥର ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି। ମୋହିତ ଗତଥର ପଞ୍ଜାବ ପାଇଁ ଖେଳୁଥିଲେ ଓ ଏଥର ଚେନ୍ନାଇ ପାଇଁ ଆଇପିଏଲ୍ ଖେଳିବେ। ହେଟମେୟରଙ୍କ ବେଶ୍ ପ୍ରାଇସ୍ ୫୦ ଲକ୍ଷ ଥିଲେ ମଧ୍ୟ ତାଙ୍କୁ କିଣିବା ପାଇଁ କୋଲକାତା, ରାଜସ୍ଥାନ ଓ ଦିଲ୍ଲୀ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ସେ ୪.୨ କୋଟି ଟଙ୍କାରେ ବାଙ୍ଗାଲୋର ଦଳରେ ସାମିଲ ହୋଇଛନ୍ତି। ୨୦୧୬ ଟି୨୦ ବିଶ୍ୱକପ୍ ତାରକା ବ୍ରାଥୱେଟଙ୍କୁ ନେବା ପାଇଁ କୋଲକାତା ଓ ପଞ୍ଜାବ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ୭୫ ଲକ୍ଷ ଟଙ୍କା ବେଶ ପ୍ରାଇସ୍ ସତ୍ତ୍ୱେ ସେ ୫ କୋଟି ଟଙ୍କାରେ କୋଲକାତାରେ ସାମିଲ ହୋଇଛନ୍ତି। ୨୩ ବର୍ଷୀୟ ୱେଷ୍ଟଇଣ୍ଡିଜ୍ ଉଇକେଟକିପର ନିକୋଲାସ ପୁରନଙ୍କ ବେଶ୍ ପ୍ରାଇସ୍ ୭୫ ଲକ୍ଷ ଥିଲେ ମଧ୍ୟ ୪.୨୦ କୋଟି ଟଙ୍କାରେ ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି।

ଭାରତୀୟ ଟେଷ୍ଟ ଖେଳାଳି ହନୁମା ବିହାରୀ ୨ କୋଟି ଟଙ୍କାରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କ ବେଶ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କାଥିଲେ ମଧ୍ୟ ୧.୧ କୋଟି ଟଙ୍କାରେ ଦିଲ୍ଲୀ ତରଫରୁ ଖେଳିବେ। ଉଇକେଟ କିପର ରିଦ୍ଧିମାନ ଶାହା ୧.୨ କୋଟି ଟଙ୍କା ବିନିମୟରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏଥର ଆଇପିଏଲ୍ ଖେଳିବେ। ବିକ୍ରି ହୋଇ ନ ଥିବା ଅନ୍ୟ ହାଇପ୍ରୋଫାଇଲ୍ ଖେଳାଳିମାନେ ହେଲେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା, ବ୍ରେଣ୍ଡନ ମ୍ୟାକୁଲମ ଓ କ୍ରିସ୍ ୱୋକ୍ସ।

ବରୁଣ ଚକ୍ରବର୍ତ୍ତୀ

ଜୟଦେବ ଉନାଡକଟ

ବିକ୍ରି ହୋଇଥିବା ଖେଳାଳି

ନାମ	ବେଶ୍ ପ୍ରାଇସ୍	ଦଳ୍	ମୂଲ୍ୟ
ହନୁମା ବିହାରୀ	୫୦ ଲକ୍ଷ	ଦିଲ୍ଲୀ	୨ କୋଟି
ଶିମରନକ ହେଟମେୟର	୫୦ ଲକ୍ଷ	ବାଙ୍ଗାଲୋର	୪.୨ କୋଟି
କାର୍ଲୋସ ବ୍ରାଥୱେଟ୍	୭୫ ଲକ୍ଷ	କୋଲକାତା	୫ କୋଟି
ଗୁରକିରାତ ମାନ ସିଂ	୫୦ ଲକ୍ଷ	ବାଙ୍ଗାଲୋର	୫୦ ଲକ୍ଷ
ମୋଇସେସ୍ ହେନେରିକ୍ସ	୧ କୋଟି	ପଞ୍ଜାବ	୧ କୋଟି
ଅକ୍ଷର ପଟେଲ	୧ କୋଟି	ଦିଲ୍ଲୀ	୫ କୋଟି
ଜନୀ ବେୟାରଷ୍ଟୋ	୧.୫ କୋଟି	ହାଇଦ୍ରାବାଦ	୨.୨ କୋଟି
ନିକୋଲାସ ପୁରାନ	୭୫ ଲକ୍ଷ	ପଞ୍ଜାବ	୪.୨ କୋଟି
ରିଦ୍ଧିମାନ ଶାହା	୧ କୋଟି	ହାଇଦ୍ରାବାଦ	୧.୨ କୋଟି
ଜୟଦେବ ଉନଡକଟ୍	୧.୫ କୋଟି	ରାଜସ୍ଥାନ	୮.୪ କୋଟି
ଇଶାନ୍ତ ଶର୍ମା	୭୫ ଲକ୍ଷ	ଦିଲ୍ଲୀ	୧.୧ କୋଟି
ଲସିଥ୍ ମାଲିଙ୍ଗା	୨ କୋଟି	ମୁମ୍ବାଇ	୨ କୋଟି
ମହମ୍ମଦ ସାମି	୧କୋଟି	ପଞ୍ଜାବ	୪.୮ କୋଟି
ବରୁଣ ଆରୋନ	୫୦ ଲକ୍ଷ	ରାଜସ୍ଥାନ	୨.୪ କୋଟି
ମୋହିତ ଶର୍ମା	୫୦ ଲକ୍ଷ	ଚେନ୍ନାଇ	୫ କୋଟି
ଦେବଦତ୍ତ ପାଡିକଲ	୨୦ ଲକ୍ଷ	ବାଙ୍ଗାଲୋର	୨୦ ଲକ୍ଷ
ଅନମୋଲପ୍ରୀତ୍ ସିଂ	୨୦ ଲକ୍ଷ	ମୁମ୍ବାଇ	୮୦ ଲକ୍ଷ
ସର୍ଫରାଜ ଖାଁ	୨୦ ଲକ୍ଷ	ପଞ୍ଜାବ	୨୫ ଲକ୍ଷ
ଶିବମ ଦୁବେ	୨୦ ଲକ୍ଷ	ବାଙ୍ଗାଲୋର	୫ କୋଟି
ବରୁଣ ଚକ୍ରବର୍ତ୍ତୀ	୨୦ ଲକ୍ଷ	ପଞ୍ଜାବ	୮.୪ କୋଟି
ଅଙ୍କୁଶ ବେନ୍ସ	୨୦ ଲକ୍ଷ	ଦିଲ୍ଲୀ	୨୦ ଲକ୍ଷ
ନାଥୁ ସିଂ	୨୦ ଲକ୍ଷ	ଦିଲ୍ଲୀ	୨୦ ଲକ୍ଷ
କଲିନ୍ ଇନ୍‌ଗ୍ରାମ	୨ କୋଟି	ଦିଲ୍ଲୀ	୬.୪୦ କୋଟି
ସାମ କୁରାନ	୨ କୋଟି	ପଞ୍ଜାବ	୭.୨ କୋଟି
ହେନେରିକ କ୍ଲାସେନ୍	୫୦ ଲକ୍ଷ	ବାଙ୍ଗାଲୋର	୫୦ ଲକ୍ଷ
ବରିନ୍ଦର ଶରଣ	୫୦ ଲକ୍ଷ	ମୁମ୍ବାଇ	୩.୪ କୋଟି
ଲୋକି ଫର୍ଗୁଶନ	୧ କୋଟି	କୋଲକାତା	୧.୬ କୋଟି

ପ୍ରଥମ ପର୍ଯ୍ୟାୟରେ ବିକ୍ରି ହୋଇ ନ ଥିବା ଖେଳାଳି

ନାମ	ବେଶ୍ ପ୍ରାଇସ୍	ନାମ	ବେଶ୍ ପ୍ରାଇସ୍
ମନୋଜ ତିୱାରୀ।	୫୦ ଲକ୍ଷ	ଛମା ମିଲିନ୍ଦ	୨୦ ଲକ୍ଷ
ଚେତେଶ୍ୱର ପୂଜାରା	୫୦ ଲକ୍ଷ	ତୁଷାର ଦେଶପାଣ୍ଡେ	୨୦ ଲକ୍ଷ
ଆଲେକ୍ସ ହେଲ୍ସ	୧.୫ କୋଟି	ଜେ. ସୁଚିତ୍	୨୦ ଲକ୍ଷ
ବ୍ରେଣ୍ଡନ ମ୍ୟାକୁଲମ	୨ କୋଟି	ଯୁବରାଜ ଚୁଡାସମା	୨୦ ଲକ୍ଷ
ମାର୍ଟିନ ଗୁପ୍ଟିଲ୍	୧ କୋଟି	ଜାହିର ଖାଁ	୪୦ ଲକ୍ଷ
କ୍ରିସ୍ ୱୋକ୍ସ	୨ କୋଟି	କେ.ସି. କାରିଆପ୍ପା	୨୦ ଲକ୍ଷ
କ୍ରିସ୍ ଜୋର୍ଡାନ	୧ କୋଟି	ଆର. ସାଇ କିଶୋର	୨୦ ଲକ୍ଷ
ନମନ ଓଝା	୭୫ ଲକ୍ଷ	ଏମ୍. ଅଶ୍ୱିନ୍	୨୦ ଲକ୍ଷ
ବେନ ମ୍ୟାକଡର୍ମଟ	୫୦ ଲକ୍ଷ	ଉସ୍‌ମାନ ଖ୍ୱାଜା	୧ କୋଟି
ରାହୁଲ ଶର୍ମା	୫୦ ଲକ୍ଷ	ହଜରତୁଲ୍ଲା ଜଜାଇ	୫୦ ଲକ୍ଷ
ଆଡାମ ଜାମ୍ପା	୧ କୋଟି	ରିଜା ହେଣ୍ଡ୍ରିକ୍ସ	୫୦ ଲକ୍ଷ
ଖାରି ପିଏର	୫୦ ଲକ୍ଷ	ଶନ ମାର୍ଶ	୨ କୋଟି
ଫୱାଦ ଅହମ୍ମଦ	୫୦ ଲକ୍ଷ	ସୌରଭ ତିୱାରୀ	୫୦ ଲକ୍ଷ
ମନନ ଭୋରା	୨୦ ଲକ୍ଷ	ହାସିମ ଅମଲା	୧ କୋଟି
ସଚିନ ବେବି	୨୦ ଲକ୍ଷ	ଜେମ୍ସ ନିଶାମ	୭୫ ଲକ୍ଷ
ଅଙ୍କିତ ବାୱନେ	୨୦ ଲକ୍ଷ	ଆଞ୍ଜୋଲୋ ମାଥ୍ୟୁସ	୨ କୋଟି
ଅର୍ମାନ ଜାଫର	୨୦ ଲକ୍ଷ	ରିଷି ଧାୱନ	୫୦ ଲକ୍ଷ
ଅକ୍ଷଦୀପ ନାଥ	୨୦ ଲକ୍ଷ	କୋରି ଆଣ୍ଡରଶନ	୨ କୋଟି
ଆୟୁଷ ବାଦୋନୀ	୨୦ ଲକ୍ଷ	ପରଭେଜ ରସୁଲ	୫୦ ଲକ୍ଷ
ଜଲାଜ ସାକସେନା	୨୦ ଲକ୍ଷ	ଜାସନ ହୋଲ୍ଡର	୭୫ ଲକ୍ଷ
ଶେଲଡନ ଜ୍ୟାକସନ	୨୦ ଲକ୍ଷ	ଲୁକ ରୋଞ୍ଚି	୭୫ ଲକ୍ଷ
ବି. ଇନ୍ଦ୍ରଜିତ୍	୨୦ ଲକ୍ଷ	ମୁଶଫିକର ରହିମ	୫୦ ଲକ୍ଷ
ଅଞ୍ଜୁ ରାୱତ୍	୨୦ ଲକ୍ଷ	କୁଶଲ ପେରେରା	୭୫ ଲକ୍ଷ
କେ.ଏସ୍. ଭରତ	୨୦ ଲକ୍ଷ	ଗ୍ଲେନ ଫିଲିପ୍ସ	୫୦ ଲକ୍ଷ
ଅରୁନ କାର୍ତ୍ତିକ	୨୦ ଲକ୍ଷ	ବିନୟ କୁମାର	୫୦ ଲକ୍ଷ
ଅଙ୍କିତ୍ ଚୌଧୁରୀ	୨୦ ଲକ୍ଷ	କେନ୍ ରିଚାର୍ଡସନ	୧ କୋଟି
ଇଶାନ ପୋରେଲ	୨୦ ଲକ୍ଷ	ଅଭିମନ୍ୟୁ ମିଥୁନ	୫୦ ଲକ୍ଷ
ରଜନୀଶ ଗୁର୍ବାନୀ	୨୦ ଲକ୍ଷ	ମର୍ନ ମୋର୍କେଲ	୧.୫ କୋଟି
		ଡେଲ ଷ୍ଟେଇନ୍	୧.୫ କୋଟି

ସଂକ୍ଷେପରେ

ଇଷ୍ଟର୍ନ ଇଣ୍ଡିଆ ବଡିବିଲ୍ଡିଂ ଜନ୍ମେଜୟଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି): ଇଷ୍ଟର୍ନ ଇଣ୍ଡିଆ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ସିଲିଗୁଡ଼ିଠାରେ ଡିସେମ୍ବର ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଜନ୍ମେଜୟ ମହାନ୍ତି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ''ବଡିବିଲ୍ଡିଂ ଚାମ୍ପିୟନଶିପ୍ ୫ କେଜି ଓଜନ ବ୍ୟବଧାନ କାଟେଗୋରିରେ ହେବାକଥା। ପୂର୍ବରୁ ଏପରି ହୋଇ ଆସୁଥିଲା। ଆୟୋଜକମାନେ ୭୫ କେଜି ପର୍ଯ୍ୟନ୍ତ ଏହି ନିୟମରେ ପ୍ରତିଯୋଗିତା କରିଥିଲେ। ମାତ୍ର ୭୫ରୁ ୧୦୦ କେଜି ପର୍ଯ୍ୟନ୍ତ ଗୋଟିଏ କାଟେଗୋରି କରାଗଲା। ମୁଁ ୮୦ରୁ ୮୫ କେଜି କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିବା କଥା, ମାତ୍ର ୧୦୦ କେଜିର ପ୍ରତିଯୋଗୀମାନେ ଏଥିରେ ସାମିଲ ହୋଇଯିବାରୁ ମୁଁ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହେଲି'' ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ଜନ୍ମେଜୟ।

କଟକ ଜିଲା ଚେସ୍ ସୌମ୍ୟରଞ୍ଜନ, ସାଇରୂପାଙ୍କୁ ଟାଇଟଲ

କଟକ ଅଫିସ,୧୮।୧୨: କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ବତଟ ରେଲୱେ ପ୍ରତିଷ୍ଠାନରେ ଅନୁଷ୍ଠିତ କଟକ ଜିଲା ଚେସ୍ ଚାମ୍ପିୟନଶିପର ସିନିୟର ବର୍ଗର ଟାଇଟଲ ଜିତିଛନ୍ତି ସୌମ୍ୟରଞ୍ଜନ ମିଶ୍ର। ରାଜ୍ୟ ସ୍ତରୀୟ ଓପନ ପ୍ରତିଯୋଗିତାରେ ଏହା ସୌମ୍ୟରଞ୍ଜନଙ୍କର ୫୨ତମ ଏବଂ କଟକ ଜିଲା ଚାମ୍ପିୟନଶିପ୍‌ରେ ଲଗାତର ଦ୍ୱିତୀୟ ଟାଇଟଲ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାର ସିନିୟର ବର୍ଗରେ ସୌମ୍ୟରଞ୍ଜନ ୫.୫ ପଏଣ୍ଟ ହାସଲ କରି ଟାଇବ୍ରେକର ପଦ୍ଧତିରେ ଚାମ୍ପିୟନ ହୋଇଥିଲେ। ସମାନ ସଂଖ୍ୟକ ପଏଣ୍ଟ ହାସଲ କରି ସାର୍ଥକ ଦେବତା, ଆଶୀର୍ବାଦ ସ୍ୱାଇଁ, ସଞ୍ଜୀବନ ନାୟକ ଓ ପ୍ରିୟବ୍ରତ ସାମନ୍ତ ସିଂ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ରବୀନ୍ଦ୍ରକୁମାର ଓଝା, ହର୍ଷିତ ରଞ୍ଜନ ସାହୁ, ଚୈତନ୍ୟ ରାଉତ, ଲୋଚନ କୁମାର ଦାସ ଓ ନାରାୟଣ ସ୍ୱାଇଁ ୬ଷ୍ଠରୁ ୧୦ମ ସ୍ଥାନ ମଧ୍ୟରେ ରହିଥିଲେ। ସୌମ୍ୟରଞ୍ଜନଙ୍କୁ ୫ହଜାର ଟଙ୍କା ପୁରସ୍କାର ରାଶି ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରତିଯୋଗିତାର ଜୁନିୟର ବର୍ଗର ଟାଇଟଲ ଜିତିଛନ୍ତି ପି.ସାଇରୂପା। ସାଇରୂପା ୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। ସ୍ଥିତପ୍ରଜ୍ଞ ସାହୁ, ସ୍ୱୟାଂଶୁ ସାମନ୍ତରାୟ, ଅଧିଶା ଦାସ, ସୌରଭ ସାଇ ଦାସ, ନିଖିଲ ସାହୁ, ଆୟୁଷ ଅର୍ଣ୍ଣଭ ମହାପାତ୍ର, ବି ରାଜବୀର ପାଲ, କୌସ୍ତୁଭ ଦାସ, ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଏହି ବର୍ଗରେ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅଲିମ୍ପିଆନ ଅନୁରାଧା ବିଶ୍ୱାଲ ମୁଖ୍ୟ ଅତିଥି ଓ ଡ. ସେକ ରହମତୁଲ୍ଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଂଘ ସଭାପତି ଅସୀତ ମୁଖାର୍ଜୀ, ସମ୍ପାଦକ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଆଇଏମ ରାକେଶ ଜେନା ଓ କେ.କେ. ବିଶୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ସନ୍ତୋଷ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନିହାର ରଞ୍ଜନ ସାସମଲ ଖେଳ ପରିଚାଳନା କରିଥିଲେ।

ସିରିଜ ବରାବର୍ କଲା ଅଷ୍ଟ୍ରେଲିଆ

ପର୍ଥ ଟେଷ୍ଟରେ ଭାରତ ପରାସ୍ତ

ପର୍ଥ, ୧୮।୧୨(ପି.ଟି.)

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ୧୪୬ ରନରେ ଶୋଚନୀୟ ପରାଜୟବରଣ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୭ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ବିରାଟ ବାହିନୀ ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୧୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୪ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୧ର ବରାବର୍ ସ୍ତରକୁ ଆଣିଛି। ମ୍ୟାଚ୍‌ରେ ମୋଟ୍ ୮ଟି ଉଇକେଟ୍ ନେଇଥିବା ସ୍ପିନର ନାଥନ ଲିୟନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସିରିଜର ୩ୟ ମ୍ୟାଚ୍ ୨୬ରୁ ମେଲବୋର୍ନରେ ଆରମ୍ଭ ହେବ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌କୁ ୩୧ ରନରେ ଜିତିନେଇଥିଲା।

୨୮୭ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ଦଳ ସୋମବାର ଖେଳ ଶେଷ ସୁଦ୍ଧା ଲୋକେଶ ରାହୁଲ (୦), ମୁରଲୀ ବିଜୟ (୨୦), ଚେତେଶ୍ୱର ପୂଜାରା (୪), ବିରାଟ କୋହଲି (୧୭) ଓ ଅଜିଙ୍କ୍ୟ ରାହାନେ (୩୦)ଙ୍କ ଉଇକେଟ ହରାଇ ୧୧୨ ରନ କରିଥିଲା। ବିଜୟ ପାଇଁ ଭାରତ ମଙ୍ଗଳବାର ଅନ୍ତିମ ଦିନରେ ବଳକା ୫ ଉଇକେଟ୍‌ରେ ଆଉ ୧୭୫ ରନ ଆବଶ୍ୟକ କରୁଥିଲା। ଯେହେତୁ ଦଳର ଶୀର୍ଷକ୍ରମର ୫ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଯାଇଥିଲେ ତେଣୁ ପର୍ଥର ଏହି ଫାଷ୍ଟ ଓ ବାଉନ୍ସିଂ ପିଚ୍‌ରେ ଭାରତ ଏହି ଲକ୍ଷ୍ୟ ହାସଲ କରିବା ଆଶା କ୍ଷୀଣ ରହିଥିଲା। ପଞ୍ଚମ ଦିବସରେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋରରେ ଆଉ ୨୮ ରନ ଯୋଗ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦୁଇ ଅପରାଜିତ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓ ରିଷଭ

ଭାରତ ଯଦି ଅବଶିଷ୍ଟ ଟେଷ୍ଟ ମ୍ୟାଚ ନ ଜିତେ ତେବେ ଅଧିନାୟକ ଏବଂ କୋଚ୍ ଭାବେ କୋହଲି ଏବଂ ଶାସ୍ତ୍ରୀଙ୍କ ଭୂମିକାର ସମୀକ୍ଷା ଆବଶ୍ୟକ।
–ସୁନୀଲ ଗାଭାସ୍କର, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ

ପର୍ଥ ଟେଷ୍ଟ ପାଇଁ ଦଳରେ ଏକ ସ୍ପିନରଙ୍କୁ ନେବା କଥା ଚିନ୍ତା କରାଯାଇ ନ ଥିଲା। ଭାରତର ୪ ଜଣ ପେସ୍ ବୋଲର ଯଥେଷ୍ଟ ବୋଲି ମୋ ଦୃଢ ବିଶ୍ୱାସ ଥିଲା।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

ସଂକ୍ଷେପରେ

ମେସିଙ୍କୁ ରେକର୍ଡ ୫ମ ଗୋଲ୍‌ଡେନ ଶୁ' ପୁରସ୍କାର

ବାର୍ସିଲୋନା, ୧୮।୧୨ (ପି.ଟି.): ଲିଓନେଲ ମେସି ମଙ୍ଗଳବାର ରେକର୍ଡ ୫ମ ଥର ପାଇଁ ଗୋଲଡେନ୍ ଶୁ' ପୁରସ୍କାର ହାସଲ କରିଛନ୍ତି। ଗତ ସିଜନରେ ସେ ୟୁରୋପର ଟପ୍ ଗୋଲ ସ୍କୋରର ଥିଲେ। ଆର୍ଜେଣ୍ଟିନାର ଏହି ଷ୍ଟ୍ରାଇକର ବାର୍ସିଲୋନା ତରଫରୁ ୬୮ ଗେମ୍‌ରେ ୩୪ ଗୋଲ ସ୍କୋର କର ଗୋଲ୍ ସ୍କୋର ତାଲିକାରେ ଲିଭରପୁଲ୍‌ର ମହମ୍ମଦ ଶାଲା ଏବଂ ଟୋଟେନହାମ୍‌ର ହ୍ୟାରି କେନ୍‌ଙ୍କଠାରୁ ଆଗରେ ରହିଛନ୍ତି। ଚାରି ଥର ଏହି ପୁରସ୍କାର ଜିତିଥିବା କ୍ରିଷ୍ଟିଆନୋ ରୋନାଲ୍‌ଡୋ ରିୟଲ ମାଡ୍ରିଡ ତରଫରୁ ୫୨ ମ୍ୟାଚ ଖେଳି ୨୬ ଗୋଲ ସ୍କୋର କରିଛନ୍ତି। ପୁରସ୍କାର ଉତ୍ସବରେ ବାର୍ସିଲୋନା ସଭାପତି ଜୋସେପ୍ ମାରିଆ ବାର୍ତୋମେଉ ଏବଂ ସର୍ଗିଓ ବସ୍କେଟ ଓ ସର୍ଗି ରବର୍ଟୋଙ୍କ ଭଳି ଖେଳାଳି ଉପସ୍ଥିତ ଥିଲେ। ମେସି ଏହି ଅବସରରେ ସୋମବାରର ଚାମ୍ପିୟନ୍ସ ଲିଗ୍ ଡ୍ର ଉପରେ ଆଲୋଚନା କରିଥିଲେ। କାର୍ଯ୍ୟସୂଚୀ ଅନୁସାରେ ରାଉଣ୍ଡ ଅଫ୍ ୧୬ରେ ବାର୍ସିଲୋନା ଲିୟନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛନ୍ତି।

ଟାଉନ କ୍ଲବ ବିଜୟୀ

ଭୁବନେଶ୍ୱର, ୧୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ): ପ୍ରଗତି ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ଭୁବନେଶ୍ୱର ଜୁନିୟର (୧୯ ବର୍ଷରୁ କମ୍) କ୍ରିକେଟ ଲିଗ୍‌ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଟାଉନ୍ କ୍ଲବ ୯୫ ରନରେଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ୪୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୩୭.୨ ଓଭରରେ ୨୩୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସାଗର ମୂଳିଆ ୭୨ ବଲରେ ୧୩୩ ରନର (୧୩ ଚୌକା, ୨ ଛକା) ବିସ୍ଫୋରକ ଶତକ ହାସଲ କରିଥିଲେ। ଗ୍ରୀନ୍ସ କ୍ରିକେଟ ଏକାଡେମୀ ପକ୍ଷରୁ ଆୟୁଷ ସାମନ୍ତରାୟ ଓ ଆଦିତ୍ୟ ଜୟସିଂହ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ୍ସ ଏକାଡେମୀ ଏସ୍. ହିମାଂଶୁଙ୍କ ୬୫ ରନ ବଳରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୪୪ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ନିହାଲ ସିଂ ଓ ସାର୍ଥକ ଦାଶ ୨ଟି ଲେଖାଏ ଉଇକେଟ୍ ନେଇଥିଲେ।

ପଦ୍ମିନୀଙ୍କୁ ଟାଇଟଲ୍

ଭୁବନେଶ୍ୱର, ୧୮।୧୨ (କ୍ରୀଡ଼ା ପ୍ରତିନିଧି)

ଫିଲିପାଇନ୍ସର ମାକାତିଠାରେ ମଙ୍ଗଳବାର ଉଦ୍‌ଯାପିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍‌ର ମହିଳା ବିଭାଗରେ ଓଡ଼ିଶା ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ପଦ୍ମିନୀ ରାଉତ ସ୍ୱର୍ଣ୍ଣ

ଏସିଆନ କଣ୍ଟିନେଣ୍ଟାଲ ଚେସ୍

ପଦକ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ୭ ପଏଣ୍ଟ ସହ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଏଥିସହ ୨୪ ବର୍ଷୀୟା ପଦ୍ମିନୀ ୨୦୨୦ରେ ହେବାକୁଥିବା ମହିଳା ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସିଙ୍ଗାପୁରର ଗୋଙ୍ଗ କ୍ୱିଆନୟୁନ ୭ ପଏଣ୍ଟ ପାଇଥିଲେ ହେଁ ବୁକୋଲଜରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଭିଏତନାମର ଫାମ୍ ଲି ଥାଓ ନାଗୁଏନ ୬.୫ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ୨୩୪୫ ରେଟିଂପ୍ରାପ୍ତ

ପଦ୍ମିନୀ ରାଉତ

ପଦ୍ମିନୀ ଟୁର୍ନାମେଣ୍ଟରେ ଅପରାଜୟ ରହି ବାଜି ମାରିଥିଲେ। ସେ ୫ଟି ମ୍ୟାଚ ଜିତିଥିବାବେଳେ ୪ଟି ମ୍ୟାଚ ଡ୍ର ରଖିଥିଲେ।

୮ମ ର୍ୟାଙ୍କ୍‌ରୁ ଖେଳ ଆରମ୍ଭ କରିଥିବା ଏହି ଓଡ଼ିଆ ଆଇଏମ୍ ପ୍ରଥମ ରାଉଣ୍ଡରେ ଫିଲିପାଇନ୍ସର ଗାଲାସ ବେର୍ନାଟେଡ୍(୨୧୦୦) ଓ ଦ୍ୱିତୀୟ ରାଉଣ୍ଡରେ ଚାଇନାର ଲି ୟୁନ୍‌ସାନ୍(୨୧୯୬)ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ତୃତୀୟ ରାଉଣ୍ଡରେ ଚାଇନାର ଝୁ ଜିନେର(୨୪୦୯)ଙ୍କ ସହିତ ମ୍ୟାଚ ଡ୍ର ରଖିଥିବା ପଦ୍ମିନୀ ୪ର୍ଥ, ୫ମ ଓ ୬ଷ୍ଠ ରାଉଣ୍ଡରେ ଯଥାକ୍ରମେ ଭିଏତ୍‌ନାମର ଭୋ ଥି କିମ୍ ଫୁଙ୍ଗ୍(୨୩୫୨), ମଙ୍ଗୋଲିଆ ମହିଳା ଫିଡେ ମାଷ୍ଟର ମୁଙ୍ଖଜୁଲ ତୁର୍ମୁଙ୍ଖ(୨୨୫୫) ଓ ସିଙ୍ଗାପୁର ମହିଳା ଗ୍ରାଣ୍ଡମାଷ୍ଟର ଗଙ୍ଗ କ୍ୱିଆନୟୁନ(୨୩୧୨)ଙ୍କୁ ପରାସ୍ତ କରିଥିଲେ। ୭ମ ରାଉଣ୍ଡରେ ଚାଇନା ଅନ୍ତର୍ଜାତୀୟ ମାଷ୍ଟର ଗୁଓ କ୍ୱି(୨୩୬୮), ୮ମ ରାଉଣ୍ଡରେ ଭିଏତ୍‌ନାମ ଅନ୍ତର୍ଜାତୀୟ ମାଷ୍ଟର ଫାମ୍ ଲି ଥାଓ ନାଗୁଏନ(୨୩୬୩) ଓ ୯ମ ତଥା ଅନ୍ତିମ ରାଉଣ୍ଡରେ ଚାଇନା ମହିଳା ଗ୍ରାଣ୍ଡମାଷ୍ଟର ୱାଙ୍ଗ୍ ଜୁଇ(୨୩୬୭)ଙ୍କ ସହ ମ୍ୟାଚ ଡ୍ର ରଖି ପ୍ରତିଯୋଗିତା ଶେଷ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ପଦ୍ମିନୀଙ୍କୁ ୨୦.୨ ପଏଣ୍ଟର ଫାଇଦା ହୋଇଛି। ପଦ୍ମିନୀ ପୂର୍ବରୁ ୨୦୦୮ରେ ବିଶ୍ୱ ୧୪ ବର୍ଷରୁ କମ୍ ବାଳିକା ଚେସ୍ ଟାଇଟଲ ଜିତିଥିଲେ। ୨୦୧୦ରେ ସେ ୧୯ ବର୍ଷରୁ କମ୍ ବିଭାଗରେ ଭାରତୀୟ ଜୁନିୟର ବାଳିକା ଚେସ୍ ଚାମ୍ପିୟନ ହୋଇଥିଲେ। ଏହା ବ୍ୟତୀତ ସେ ଉଭୟ ଏସିଆନ ଏବଂ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୦୭ରେ ସେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଏବଂ ୨୦୦୯ରେ ଏକଲବ୍ୟ ପୁରସ୍କାର ପାଇଥିଲେ।

ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣର ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ପ୍ରତ୍ୟାଶା ରୟ।

■ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ

୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୮।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସନ୍ତରରକାରୀ ପ୍ରତ୍ୟାଶା ରାୟ ବର୍ଷ ଶେଷରେ ଚମକପ୍ରଦ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଚାଲିଥିବା ୬୪ତମ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ବାଳିକା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ସ୍ୱର୍ଣ୍ଣ ପଦକ(୧:୧୦.୫୭ ସେକେଣ୍ଡ) ହାସଲ କରିଛନ୍ତି। ଏହାକୁ ମିଶାଇ ସେ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସୋମବାର ପ୍ରତ୍ୟାଶା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ପାଇଥିଲେ। ସେ ୨:୩୪.୭୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ୧୪, ୧୭ ଓ ୧୯ ବର୍ଷରୁ କମ୍ ବର୍ଗରେ ଆୟୋଜନ ହେଉଛି। ବୁଧବାର ସେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଭାଗନେବେ।

ଜୟପୁରରେ ପ୍ରଥମଥର ରାଜ୍ୟ ସିନିୟର କରାଟେ

ଭୁବନେଶ୍ୱର, ୧୮।୧୨ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କରାଟେ ଚାମ୍ପିୟନଶିପ୍‌ର ୩୦ତମ ସଂସ୍କରଣ ପ୍ରଥମଥର ପାଇଁ କୋରାପୁଟ୍‌ର ଜୟପୁର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ। ଜୟପୁରସ୍ଥିତ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଏହି ପ୍ରତିଯୋଗିତା ଚେୟାରମ୍ୟାନ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହେବାକୁ ଯାଉଛି। ଉତ୍କଳ କରାଟେ ସ୍କୁଲ ଜୟପୁର ଶାଖାର ସମ୍ପାଦକ ଶ୍ରୀମୁନ ସିଂ ଲାଲ ଆୟୋଜକ କମିଟିର ସମ୍ପାଦକ ଥିବାବେଳେ କୋରାପୁଟ ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ରଥ ସହଯୋଗ କରିବେ। ୨୦୦ ପ୍ରତିଯୋଗୀ ଭାଗ ନେବାର ଥିବାରୁ ପ୍ରତିଯୋଗିତାର ସୁପରିଚାଳନା ପାଇଁ ୫୦ ଅଫିସିଆଲଙ୍କୁ ନିଯୁକ୍ତ କରାଯିବ ବୋଲି ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ତଥା ରାଜ୍ୟ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରୁ ଆଗାମୀ ଜାତୀୟ କରାଟେ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ ହେବେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି, ପ୍ରଦୀପ ସରକାର, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

DSPL-307



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

୧୪୦୦୦ ଟଙ୍କା ବିଲ୍ ପାସ କରିବାକୁ ୫୦୦୦ ଲାଞ୍ଚ

ମହିଳା ଡାକ୍ତରଙ୍କୁ ଗିରଫ କଲା ଭିଜିଲାନ୍ସ

ଝାରସୁଗୁଡ଼ା ଅଫିସ,୧୮।୧୨

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ତଥା ଜିଲା ମେଡିକାଲ ଅଫିସର ଡା. ଉଷାରାଣୀ ଦାଶଙ୍କୁ ମଙ୍ଗଳବାର ଭିଜିଲାନ୍ସ ଗିରଫ କରିଛି। ୧୪ ହଜାର ଟଙ୍କାର ବିଦ୍ୟୁତ୍ ଉପକରଣ ବିଲ୍ ପାସ୍ କରିବା ପାଇଁ ସେ ଦେବାନନ୍ଦ ବାରିକଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଡା. ଦାଶଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ରବୀନ୍ଦ୍ର ପ୍ରଧାନ କହିଛନ୍ତି।

ଗିରଫ ମହିଳା ଡାକ୍ତରଙ୍କୁ ଭିଜିଲାନ୍ସ ଅଫିସ ନିଆଯାଉଛି।

ଭିଜିଲାନ୍ସ ସୂଚନା ଅନୁସାରେ, ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେବାନନ୍ଦ ବିଦ୍ୟୁତ୍ ଠିକା କର୍ମଚାରୀ ଭାବେ କାମ କରନ୍ତି। ଗତ ମେ ମାସରେ ଜିଲା ମେଡିକାଲ ଅଫିସର (ଡିଏମ୍‌ଓ) ଡା. ଦାଶଙ୍କ ନିର୍ଦ୍ଦେଶକ୍ରମେ ବ୍ୟବଚ୍ଛେଦ ଗୃହ ଏବଂ ଅନ୍ୟ କେତେକ ସ୍ଥାନରେ ପ୍ରାୟ ୭୦ ହଜାର ଟଙ୍କାର ବିଦ୍ୟୁତ୍ ଉପକରଣ ଲଗାଇଥିଲେ ଦେବାନନ୍ଦ। ଏହି ଖର୍ଚ୍ଚ ବାବଦ ବିଲ୍ ସେ ଡିଏମ୍‌ଓ ଦାଶଙ୍କ ନିକଟରେ ଦାଖଲ କରିଥିଲେ। ସେଥିରୁ ୧୪,୮୮୩ ଟଙ୍କାର ଏକ ବିଲ୍ ପାସ୍ କରିବା ପାଇଁ ଦେବାନନ୍ଦ ଅନୁରୋଧ କରିଥିଲେ। ହେଲେ ଏହି ବିଲ୍ ପାସ୍ କରିବା ପାଇଁ ଡା. ଦାଶ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଦେବାନନ୍ଦ ଏ ନେଇ ସୋମବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଭିଜିଲାନ୍ସ ଏକ ମାମଲା (ନଂ.୭୧/୧୮) ରୁଜୁ କରିଥିଲା। ପୂର୍ବ ପ୍ରସ୍ତୁତି ମୁତାବକ ଦେବାନନ୍ଦ ମଙ୍ଗଳବାର ୫ ହଜାର ଟଙ୍କା ନେଇ ଡା. ଦାଶଙ୍କୁ ଦେଇଥିଲେ। ଡା. ଦାଶ ଅତି ଚତୁରତାର ସହ ଟଙ୍କା ହାତରେ ନ ଧରି ସିଧାସଳଖ ଭ୍ୟାନିଟି ବ୍ୟାଗ୍ ଖୋଲି ଦେଇଥିଲେ ଏବଂ ସେଥିରେ ଟଙ୍କା ପକାଇବାକୁ ଦେବାନନ୍ଦଙ୍କୁ କହିଥିଲେ। ଟଙ୍କା ଦେଇସାରି ଦେବାନନ୍ଦ ବାହାରି ଯିବାପରେ ଭିଜିଲାନ୍ସ ଚଢ଼ାଉ କରି ଡା. ଦାଶଙ୍କ ବ୍ୟାଗରୁ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏହାପରେ ଭିଜିଲାନ୍ସ ଅଧିକାରୀମାନେ ଡା. ଦାଶଙ୍କ ଘରେ ଚଢ଼ାଉ କରି ଯାଞ୍ଚ କରିଛନ୍ତି। ଏପରି କି ଡିଏମ୍‌ଓ ଅଫିସ ଆକାଉଣ୍ଟାଣ୍ଟଙ୍କୁ ଡାକି ଅନ୍ୟ ଜରୁରୀ କାଗଜପତ୍ର ଯାଞ୍ଚ କରାଯାଇଛି। ଭିଜିଲାନ୍ସ ଡିଏସ୍‌ପି ଦିଲୀପ କର, ଦାଶରଥି ସେଠୀ, ଇନ୍ସପେକ୍ଟର ପି.କେ. ଆଇଣ୍ଡ, ସୁଧାଂଶୁ ଶେଖର ପୂଜାରୀ, ରୀତାଞ୍ଜଳି ପ୍ରଧାନ, ଏସ୍. ତିର୍କା, କନଷ୍ଟେବଲ ଗୌରୀଶଙ୍କର ମେହେର, ପି.କେ. ଦାଶ, ରଞ୍ଜୁ ପଣ୍ଡା, ପ୍ରଭାତ ପଟେଲ, ରଜତ ନାଏକ, ଜେ.ଜେ. ରକ୍ସା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ନୂଆଦେଇ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ

ସ୍ୱାମୀ ମାଷ୍ଟରମାଇଣ୍ଡ୍

ବ୍ରଜରାଜନଗର,୧୮।୧୨(ଡି.ଏନ.ଏ.)

ଓରିଏଣ୍ଟ ଥାନା ଅନ୍ତର୍ଗତ ଯୋବାରେ ଚଳିତ ବର୍ଷ ଜୁନ ୧୬ରେ ହୋଇଥିବା ନୂଆଦେଇ କିସାନ(୫୦) ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି। ସ୍ୱାମୀ ସିଧେ(୫୬)ଙ୍କୁ ଗିରଫ କରିବା ସହ ସୁପାରୀ କିଲର୍ ସଞ୍ଜୟ କିସାନ(୩୧), ଉର୍ବଶୀ କିସାନ(୩୬)ଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଛି ଓରିଏଣ୍ଟ ଥାନା ପୋଲିସ। ଅନ୍ୟତମ ଅଭିଯୁକ୍ତ ଜଗନ୍ନାଥ ନାଏକ ଫେରାର ହୋଇଯାଇଛନ୍ତି। ମୃତକଙ୍କ ସ୍ୱାମୀ ସିଧେ ବିବାହ କରି ଛାଡପତ୍ର ଦେଇ ସାରିଥିବା ପରେ ଭରଣ ପୋଷଣ ପାଇବା ପାଇଁ କେଶ କରିଥିଲେ ନୂଆଦେଇ। ସିଧେ ଏମସିଏଲ କର୍ମଚାରୀ ହୋଇଥିବାରୁ ମୃତକ ୧୫ହଜାର ଟଙ୍କା ମାସିକ ଭରଣ ପୋଷଣ ପାଇଁ ଅଦାଲତର ଆଶ୍ରୟ ନେଇଥିଲେ। ସିଧେ ସରବାହାଲରେ ରହୁଥିଲେ। ପରେ ସବୁ ଦିନ ପାଇଁ ନିଜ ସ୍ତ୍ରୀ ନୂଆଦେଇଙ୍କୁ ରାସ୍ତାରୁ ହଟାଇବା ପାଇଁ ସଞ୍ଜୟଙ୍କୁ ୧ଲକ୍ଷ ସୁପାରୀ ଦେବ କହି ୫୦ହଜାର ଅଗ୍ରୀମ ଦେଇଥିଲେ। ୪ଜଣ ଯାକ ୨ଟି ବାଇକରେ ଆସି ମଧ୍ୟାହ୍ନରେ ମୃତକ ଏକୁଟିଆ ଥିବାର ସୁଯୋଗ ନେଇ ସ୍କାର୍ଫ ସାହାଯ୍ୟରେ ହତ୍ୟା କରି ଫେରାର ହୋଇଯାଇଥିଲେ । ଘଟଣା ଦିନ ଠାରୁ ସ୍ୱାମୀ ସିଧେ ସନ୍ଦେହରେ ଥିଲେ । ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରି ସଞ୍ଜୟ ପାଖରେ ପହଞ୍ଚି ତାଙ୍କୁ ପ୍ରଥମେ ପଚରାଉଚରା କରିବା ପରେ ସତ୍ୟ ଜଣାପଡିଥିଲା। ଥାନାରେ କେଶ ନଂ. ୫୬ରେ ମାମଲା ରୁଜୁ କରାଯାଇ ଥାନା ପ୍ରଭାରୀ ସାରଙ୍ଗଧର ପାଣିଗ୍ରାହୀ ତଦନ୍ତ ଜାରି ରଖିଥିଲେ।

ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲଟାୟାର

ସଂକ୍ଷେପରେ

ଦୁର୍ଘଟଣାରେ ପଞ୍ଚାୟତ ଇଓ ମୃତ

ଅମ୍ବାଭୋନା,୧୮।୧୨(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବୁଙ୍ଗାପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ଦେବତାଙ୍କ ମଙ୍ଗଳବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ତାଙ୍କ ଶବ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ପ୍ରକାଶ ଯେ, ପିଇଓ ଦେବତା ସନ୍ଧ୍ୟାରେ ଅମ୍ବାଭୋନା ବ୍ଲକ ଅଫିସରୁ ବାହାରି ତାଙ୍କ ବାଇକ୍ (ନଂ.ଓଆର୧୭ଜେ/୧୫୯୧) ଯୋଗେ ବରଗଡ଼ ଅଭିମୁଖେ ଯାଉଥିଲେ । ସେ ଭୁଲ୍ଲା ଏମ.ଜି ଡିଗ୍ରୀ କଲେଜ ନିକଟରେ ପହଞ୍ଚିବା ସମୟରେ ଏକ ଟ୍ରକ ସହ ତାଙ୍କର ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତରଖାନା ଆସିବା ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା । ସେ ବିଜେପୁର ବ୍ଲକ ତାଲପାଲି ନିକଟ ମୁଣ୍ଡାପାଲି ମୂଳ ବାସିନ୍ଦା ।

ପନିପରିବା ଚାଷରେ ରୋକପୋକ

ଅତାବିରା, ୧୮।୧୨ (ଡି.ଏନ.ଏ): ଅଦିନିଆ ବର୍ଷା ଯୋଗୁ ଅତାବିରା ବ୍ଲକ ଅଞ୍ଚଳରେ ବର୍ତ୍ତମାନ ପରିବା ଚାଷରେ ରୋକପୋକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ବାଇଗଣ, ସିମ୍ବ, ଭେଣ୍ଡି, ଫୁଲକୋବି, ବନ୍ଧାକୋବି ଆଦି ପନିପରିବା ଚାଷରେ ବିଭିନ୍ନ ରୋଗପୋକ ଲାଗିଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଖରିଫ ଧାନ ଫସଲ ରୋଗପୋକ ଓ ଅଦିନିଆ ବର୍ଷା ଯୋଗୁ ନଷ୍ଟ ହୋଇଥିବା ବେଳେ ଏବେ ପନିପରିବା ଚାଷରେ ରୋକପୋକ ଯୋଗୁ ଚାଷୀ ଅଧିକ କ୍ଷତିଗ୍ରସ୍ତ ହୋଇଛି ।

ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ

ବରଗଡ଼ ଅଫିସ୍,୧୮।୧୨: ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରରେ ପାନୀୟଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ୧କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜେଡ଼ିର ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକ, ସମିତିସଭ୍ୟା ଅଞ୍ଜଳି ବିଶି, ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଲୋକଗୀତକୁ ନେଇ ଜାତୀୟ ସମ୍ମାନ

ଅତାବିରା,୧୮।୧୨(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପାହାଡ଼ଶ୍ରୀଗିଡ଼ା ଆଞ୍ଚଳିକ ଡିଗ୍ରୀ କଲେଜ ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପଶ୍ଚିମ ଓଡ଼ିଶାର ଲୋକଗୀତ ଶୀର୍ଷକକୁ ନେଇ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଭାଗିରଥି କୁଅଁର ଏଥିରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଗୋପୀନାଥ ବାଗ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ସେହିପରି ଜୁନିୟର କଲେଜ ଅଧ୍ୟକ୍ଷ ରାମକୃଷ୍ଣ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଆତୃଷ୍ଣ ପ୍ରଧାନ ଏବଂ ରବିନ୍ଦ୍ର ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅଧ୍ୟାପକ ପବିତ୍ର ମୋହନ ଦଣ୍ଡସେନା ଏବଂ ଦିଲୀପ ଦୀପ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ନିର୍ମଳ କୁମାର ଅତିଥି ପରିଚୟ ପ୍ରଦାନ ଏବଂ ସୁଶୀଲ କୁମାର ମହାଲିଙ୍ଗ ସଭା ପରିଚାଳନା କରିଥିଲେ । ଛାତ୍ରୀ ଲତିକା ସାହୁ, ଛାତ୍ର ସୁମିତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ରୀତୁ ସାହୁ, ମାନାକ୍ଷୀ ଗୁରୁ, ସ୍ୱପ୍ନା ପାଇକ, ଚୁମକି ସାହୁ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପରେଶ ଚନ୍ଦ୍ର ରଣା, ସୁମନ୍ତ ମେହେର, ଷଡ଼ନେତ୍ରୀ ଭୋଇ, ତୃପ୍ତିମୟୀ ପତି, ତିଲେଶ୍ୱରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଭେଡେନ ବ୍ଲକ ଉଦେପୁର ଗାଁର ଚାଷୀ ଗଦାଧର ଭିଜିଲା ଧାନ ଟ୍ରାକ୍ଟର ଯୋଗେ ଘରକୁ ନେଉଛନ୍ତି ।



ବରଗଡ଼ ଜିଲା କଲାପାଣି ମଣ୍ଡିରେ ପଡ଼ିଥିବା ଧାନ ନିକଟରେ ପାଣି ଜମା ହୋଇ ରହିଛି ।

■ ବରଗଡ଼ ଜିଲାରେ ପେଥାଇ ବର୍ଷା ପ୍ରଭାବ

ଅମଳ ବେଳେ ଦାଉ ସାଧିଲା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୮।୧୨

ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ରବିବାର ବିଳମ୍ବିତ ରାତ୍ରିରୁ ମଙ୍ଗଳବାର ପର୍ଯ୍ୟନ୍ତ ହୋଇଥିବା ବର୍ଷା ଚାଷୀ ଉପରେ ଦାଉ ସାଧିଛି । ବରଗଡ଼ ଜିଲାରେ ଏବେ ଧାନ ଅମଳ ଚାଲିଥିବାବେଳେ ଏଭଳି ଆକସ୍ମିକ ବର୍ଷା ଚାଷୀଙ୍କୁ କ୍ଷତିରେ ପକାଇଛି। କୃଷିବିଭାଗର ପ୍ରାଥମିକ ଆକଳନରେ ଜିଲାର ୬ଟି ବ୍ଲକରେ କ୍ଷେତରେ ରହିଥିବା ୧ହଜାର ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ବରପାଲି, ଭେଡ଼େନ, ଭଟଲି ଓ ସୋହେଲା ବ୍ଲକରେ ୨ଶହ ହେକ୍ଟର ଲେଖାଏଁ ଜମିର ଧାନ ପ୍ରଭାବିତ ହୋଇଛି। ସେହିପରି ବରଗଡ଼ ଓ ଅତାବିରା ବ୍ଲକରେ ଶହେ ହେକ୍ଟର ଲେଖାଏଁ ଜମିର ଧାନ କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ତେବେ ବେସରକାରୀ ଭାବେ ଏଭଳି କ୍ଷୟକ୍ଷତି ଆହୁରି ଅଧିକ ହେବ ବୋଲି ଚାଷୀମାନେ କହିଛନ୍ତି । ସେପଟେ ମଣ୍ଡି ଗୁଡ଼ିକରେ ଧାନ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବା ଯୋଗୁ ମଣ୍ଡିରେ ଧାନ ଭିଜିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ଏକ ସୁଯୋଗ ମନେ କରି ମିଲର୍ସ ଏବଂ ବେପାରୀମାନେ କଟ୍‌ନୀଛଟ୍‌ନୀ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ତପିରାମ ମାଝି କହିଛନ୍ତି, ବର୍ଷା ପାଗ ଲାଗି ରହିଥିବା ଯୋଗୁ ଧାନ ସଂଗ୍ରହ ଓ ଉଠାଣ କାର୍ଯ୍ୟକୁ ଗତ ୨ଦିନ ଧରି ବନ୍ଦ ରଖାଯାଇଥିଲା । ବର୍ଷା ଛାଡ଼ି ଯିବା ପରେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ଏବଂ ମଣ୍ଡିରେ ସଂଗୃହୀତ ସମସ୍ତ ଧାନକୁ ଉଠାଯିବ । ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ କହିଛନ୍ତି, ସହକାରୀ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ ଏବଂ ରାଜସ୍ୱ ନିରୀକ୍ଷକମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି । ରିପୋର୍ଟ ମିଳିଲେ, ତାକୁ ସରକାରଙ୍କ ପାଖକୁ ପଠାଯିବ ଏବଂ ବିଧିବ୍ୟବସ୍ଥା ଅନୁସାରେ ସରକାର ଯାହା କିଛି ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ ।

ଚାଷୀମାନେ କୁହନ୍ତି...

"ଧାନ ବିକ୍ରି ହେବ ବୋଲି ମଣ୍ଡିକୁ ଧାନ ଆଣିଥିଲୁ । ମାତ୍ର ଦୀର୍ଘଦିନ ପରେ ମଧ୍ୟ ତାହା ବିକ୍ରି ହେଲା ନାହିଁ। ଶେଷରେ ବର୍ଷା ହେଲା । ଧାନକୁ ତାରପୋଲିନ ଘୋଡ଼ାଇ ରଖିଛି । ତଥାପି ମିଲର୍ସମାନେ କାଟ୍‌ଛାଟ୍ ଆଳ ଦେଖାଉଛନ୍ତି ।
-ରୁଲ୍ଲଣ ସାହୁ

"ମଣ୍ଡି କର୍ତ୍ତୃପକ୍ଷ ଯେଉଁ ତାରପୋଲିନ ଦେଉଛନ୍ତି, ତାହା ଫଟା ଏବଂ ପୁରୁଣା । ଆମେ ନିଜେ ତାରପୋଲିନ ଆଣି ଧାନ ଘୋଡ଼ାଇ ରଖୁଛୁ । ମିଲର୍ସଙ୍କୁ ଏଠାରେ ଟ୍ୟାଗ୍ ଦିଆଯାଉ ନ ଥିବାରୁ ଧାନ ବିକ୍ରି ହୋଇ ପାରୁ ନାହିଁ ।
-ପ୍ରଶାନ୍ତ ସାହୁ

"ଧାନ ବିକ୍ରି ହେଉ ନ ଥିବାରୁ ଆମକୁ ହଟହଟା ହେବାକୁ ପଡ଼ୁଛି । ଅନ୍ୟ କାମଧନ୍ଦା ଛାଡ଼ି ମଣ୍ଡିକୁ ଆସି ଧାନ ଜଗି ରହୁଛୁ । ଶୀଘ୍ର ଧାନ ଉଠା ନ ଗଲେ ଆଗକୁ ପୁଣି ବର୍ଷା ହେଲେ ଧାନ ନଷ୍ଟ ହୋଇଯିବା ସମ୍ଭାବନା ରହିଛି ।
-ଦୁର୍ଗା ବିଶ୍ୱାଳ

"ମଣ୍ଡିରେ ଧାନ ସୁରକ୍ଷିତ ରଖିବା ପ୍ରଶାସନର କାମ। ଏହାସତ୍ତ୍ୱେ ବର୍ଷା ପରେ ମଣ୍ଡିରେ ରହିଥିବା ଧାନରେ ଏବେ ମିଲର୍ସମାନେ କାଟ୍‌ଛାଟ୍ କରିବା ମସୁଧା ଚଳାଇଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବା ଉଚିତ ।
-ଅଲେଖ ସାହୁ

ବର୍ଷା ଛାଡ଼ିଲା, ଭିଜା ଧାନ ଘରକୁ ନେଉଛନ୍ତି ଚାଷୀ

ଅତାବିରା, ୧୮।୧୨ (ଡି.ଏନ.ଏ)

ଲଘୁଚାପ ଜନିତ ବର୍ଷା ଯୋଗୁ ଅତାବିରା ଓ ଭେଡେନ ଅଞ୍ଚଳରେ ବ୍ୟାପକ ଖରିଫ ଧାନ ଫସଲ ନଷ୍ଟ ହୋଇଛି । ମଙ୍ଗଳବାର ବର୍ଷା ଛାଡିବା ହେବା ପରେ ଚାଷୀମାନେ ଭିଜିଯାଇଥିବା ଧାନକୁ ଟ୍ରାକ୍ଟର ଯୋଗେ ଘରକୁ ଆଣିଛନ୍ତି । ହେଲେ ଚାଷ ଜମିରେ ପଡିଥିବା କଟାଧାନ (ପେଟା) ପାଣିରେ ଭିଜୁଛି । କେତେକ ଚାଷୀଙ୍କ ଧାନ ଗଜା ହୋଇଗଲାଣି । ଆଉ କେତେକ ଚାଷୀଙ୍କ ଧାନ ଓଦା ହୋଇ ନଷ୍ଟ ହୋଇଛି । ବୁଗବୁଗା ଗ୍ରାମର କିଶୋର ଚନ୍ଦ୍ର ଛନ୍ଦ ୧.୫ ଏକର, ଆନନ୍ଦ ବନଛୁର ୨ଏକର, ଗଙ୍ଗାଲୁ ଛନ୍ଦ, ଶୁକଦେବ ଛନ୍ଦ ୫ଏକର, କାର୍ତ୍ତିକ ଛନ୍ଦ ୭ଏକର, ହରିବୋଲ ପ୍ରଧାନ ୩ଏକର, ନେହେରୁ ଛନ୍ଦ ୨ଏକରଙ୍କ ପେଟା ଧାନ ଚାଷ ଜମିରେ ପଡି ଭିଜୁଛି । ଦେଶ ଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଗଦାଧର ଦନ୍ତା, ଗୁଣସାଗର ଝାଙ୍କର, ଜୟନାରାୟଣ ସେଟ, ଦେଶପର୍ଥଲାର ଶେଷଦେବ ସେଟଙ୍କ ପରି ଅନେକ ଚାଷୀଙ୍କ ଶତାଧିକ ଏକର ଖରିଫ ଧାନ ପାଣିରେ ଭିଜି ନଷ୍ଟ ହୋଇଛି । ସୁଦ୍ଧା ରାଜସ୍ୱ ଓ କୃଷି ବିଭାଗ କ୍ଷୟକ୍ଷତି ଆକଳନ କରିବାକୁ ପହଞ୍ଚି ନ ଥିବାରୁ ଚାଷୀ ମହଳରେ ଅସନ୍ତୋଷ ଦେଖାଯାଇଛି ।

ପୂର୍ବତନ ବିଧାୟକଙ୍କ ଧାନ ମଣ୍ଡି ପରିଦର୍ଶନ

ଭେଡ଼େନ, ୧୮।୧୨ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ମାର୍କେଟ ୟାର୍ଡ଼କୁ ମଙ୍ଗଳବାର ପୂର୍ବତନ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପରିଦର୍ଶନ କରିଥିଲେ। ସେ ସାଲେପାଲି, ରେଶମ, ପଧାନ ପାଲି, ପପଙ୍ଗା ଆଦି ୟାର୍ଡ଼ ପରିଦର୍ଶନ କରି ଧାନ ନ ଉଠିବା, ଗାଡ଼ି ଆସୁ ନ ଥିବା, ବର୍ଷାରେ ଖୋଲା ଆକାଶ ତଳେ ଧାନ ପଡ଼ିଥିବା, ଯୋଗାଣ ବିଭାଗର ଅବହେଳା ଯୋଗୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଆଦି ବିଷୟରେ ଉଦବେଗ ପ୍ରକାଶ କରିଥିଲେ ଏବଂ ବିଭାଗୀୟ ଅଧିକାରୀ ତଥା ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଏହି ସମୟରେ ବରଗଡ଼ ଲୋକସଭା ଯୁବ ସଭାପତି ସ୍ୱାଧୀନ ରଥ, ଜିଲା ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

ଲଘୁଚାପ ବର୍ଷା: ଜମିରେ ଭିଜୁଛି ଧାନ ପେଟା

ଭେଡେନ ବ୍ଲକ ଅଧୀନ ଗଣ୍ଡତୁରୁମ ଅଞ୍ଚଳରେ ଧାନ ପେଟା ପାଣିରେ ଭାସୁଛି ।

ଭେଡେନ ଅଞ୍ଚଳର ଚାଷୀମାନେ ବର୍ଷା ଭିଜା ଧାନକୁ ଖରାରେ ଶୁଖାଉଛନ୍ତି ।

ଭେଡ଼େନ/ଗଣ୍ଡତୁରୁମ,୧୮।୧୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅଞ୍ଚଳରେ ପେଥେଇ ଲଘୁଚାପ ଯୋଗୁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ହୋଇଥିବା ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବର୍ତ୍ତମାନ ଖରିଫ ଧାନ ଅମଳ ଜୋରସୋରରେ ଚାଲିଥିଲାବେଳେ ଅଦିନିଆ ବର୍ଷା ଚାଷୀଙ୍କୁ ଆଶଙ୍କିତ କରିଛି । ହଜାର ହଜାର ବସ୍ତା ଧାନ ମାର୍କେଟ ୟାର୍ଡ଼ ଗୁଡ଼ିକରେ ଖୋଲା ଆକାଶ ତଳେ ପଡ଼ିଛି । କ୍ଷେତ ଗୁଡ଼ିକରେ ଧାନ ପେଟା ସବୁ ବର୍ଷା ପାଣିରେ ଭାସୁଛି। ଚାଷୀମାନେ ଧାନପେଟା ସବୁ ନେଇ ରାସ୍ତା କଡ଼ରେ ଶୁଖାଉଛନ୍ତି । ଏହାସହ କୋବି, ବାଇଗଣ ଏବଂ ଶାଗ ଫସଲ ମଧ୍ୟ ବର୍ଷାପାଣିରେ କ୍ଷତି ହୋଇଛି। ଏପରି ଅବସ୍ଥାରେ କ୍ଷୟକ୍ଷତିର ଆକଳନ କରି ସରକାରୀ ସାହାଯ୍ୟ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏହି କ୍ରମରେ ପପଙ୍ଗା ଗ୍ରାମପଞ୍ଚାୟତର ଚାଷୀମାନେ ନଷ୍ଟ ହୋଇଥିବା ଧାନ ଫସଲ ଧରି ମଙ୍ଗଳବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏ ସମ୍ପର୍କରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ଏପରି କ୍ଷୟକ୍ଷତି ହୋଇଛି । ମୁ ସମସ୍ତ ଆର୍‌ଆଇଙ୍କୁ କ୍ଷୟକ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛି । ରିପୋର୍ଟ ଆସିଲେ ସରକାରୀ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ଲଘୁଚାପ ବର୍ଷାରେ ରାସ୍ତା ଶୋଚନୀୟ

ଅତାବିରା, ୧୮।୧୨ (ଡି.ଏନ.ଏ)

ଅତାବିରା ବ୍ଲକରେ ଲଘୁଚାପ ବର୍ଷା ଯୋଗୁ ରାସ୍ତାଘାଟ ଶୋଚନୀୟ ହୋଇପଡିଛି । କାଦୁଅରେ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଯାଉଥିବା ଦେଖିବାକୁ ମିଳିଛି। ବୁଗବୁଗା-ପୋଡବାଡି ଝାଉଁଯୋର ସୋର୍ଣ୍ଣା- କେନାଲ ଛକ, ଭେଡେନ ବ୍ଲକ ଦେଶକୁମ୍ଭାରୀ-ଉଦେପୁର, ପାଲିବୁଗବୁଗା ଝାଉଁଯୋର ଆଦି ରାସ୍ତା ଅବସ୍ଥା ନ କହିଲେ ଭଲ । ଏହିସବୁ ରାସ୍ତାରେ କାଦୁଅ ପଚପଚ ହୋଇ ଯାତାୟାତରେ ଅସୁବିଧା ହେଉଛି । ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ଦାବି ହେଉଛି ।

ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଖାରବେଳ

ଭେଡ଼େନ, ୧୮।୧୨ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଭେଡ଼େନ ଏବଂ ରେମଣ୍ଡାରେ ମଙ୍ଗଳବାର ଉତ୍କଳ ଭାରତ ଦଳର ସଭାପତି ତଥା ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ରାଜ୍ୟ ସରକାରଙ୍କ ଭୁଲ୍ ନୀତିକୁ ସମାଲୋଚନା କରିଛନ୍ତି। ଆଜି ସରକାରୀ ସ୍କୁଲ ଗୋଟିଏ ଗୋଟିଏ ବିପିଏଲ ହୋଟେଲରେ ପରିଣତ ହୋଇଛି। ଭଲ ପିଲାମାନେ ଶିଶୁମନ୍ଦିର କିମ୍ବା ପବ୍ଲିକ ସ୍କୁଲରେ ପଢୁଛନ୍ତି। ସରକାରଙ୍କ ଭୁଲ୍ ନୀତି ଯୋଗୁ ୧୮ ବର୍ଷ ଶାସନ ପରେ ମଧ୍ୟ ଓଡ଼ିଶା ଏକ ଅନଗ୍ରସର ରାଜ୍ୟ ଭାବେ ପରିଗଣିତ ହେଉଛି । ରାଜ୍ୟବାସୀଙ୍କ ଅଗ୍ରଗତି ବଦଳରେ ପଶ୍ଚାତ୍ ଗତି ହୋଇଛି ବୋଲି ସେ ତାଙ୍କ ବ୍ୟକ୍ତବ୍ୟରେ ମତ ପ୍ରକାଶ କରିଥିଲେ ।

ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ରାସ୍ତାରୋକୋ

ବରଗଡ଼ ଅଫିସ୍,୧୮।୧୨

ବରଗଡ଼ ସହରରେ ବିଦ୍ୟୁତ ବିଭ୍ରାଟକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ନରେ ସହରବାସୀ ରାସ୍ତାରୋକୋ କରି ବିଦ୍ୟୁତ ବିଭ୍ରାଟର ପ୍ରତିବାଦ କରିଥିଲେ । ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇ ପଡ଼ିଥିଲା । ପରେ ୱେସ୍କୋର ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ ଆନ୍ଦୋଳନସ୍ଥଳକୁ ଆସି ରାସ୍ତା ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଦ୍ୟୁତ ସରବରାହ ସ୍ୱାଭାବିକ ହେବା ପରେ ରାସ୍ତାରୋକୋ ହଟିଥିଲା ।

ବରଗଡ଼ ମ୍ୟୁନସିପାଲିଟିର ୱାର୍ଡ଼ ନଂ-୪ ଅଧୀନ ବିଭିନ୍ନ ପଡ଼ାରେ ଗତ କିଛିଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିଲା । ଏ ନେଇ ୱେସ୍କୋ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସେ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଅନ୍ୟପଟେ ସୋମବାର ବିଳମ୍ବିତ ରାତ୍ରିରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ମଙ୍ଗଳବାର ଦିନ ୧୦ଟା ସୁଦ୍ଧା ତାହା ସ୍ୱାଭାବିକ ହୋଇ ପାରି ନ ଥିଲା । ଫଳରେ ଲୋକେ ଟ୍ୟାପ୍ ପାଣି ପାଇବାରୁ ବଞ୍ଚିତ ହୋଇଥିବାବେଳେ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ମଧ୍ୟ ବାଧାପ୍ରାପ୍ତ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ସହରବାସୀ ମଙ୍ଗଳବାର ସକାଳେ ସହର ମୁଖ୍ୟରାସ୍ତାରେ ରହିଥିବା ଏସିସିର ରେଳ ଫାଟକ ନିକଟରେ ରାସ୍ତାରୋକୋ କରିଥିଲେ ।

ଲୋକମାନେ ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ରାସ୍ତାରୋକୋ କରିଛନ୍ତି ।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ

ସଂକ୍ଷେପରେ

ଅସହାୟ ବୃଦ୍ଧଙ୍କୁ ସହାୟତା

ପୁରୁଣାକଟକ, ୧୮।୧୨(ଡି.ଏନ.ଏ): ବୌଦ୍ଧ ଜିଲା ପୁରୁଣାକଟକ ବଜାରରେ ଗତ ୧ ମାସ ଧରି ଜଣେ ଅଜଣା ବୃଦ୍ଧ ଭିକ୍ଷାବୃତ୍ତି କରି ଚଳି ଆସୁଥିଲେ । ତେବେ ଗତ ତିନି ଦିନ ଧରି ଲଗାଣ ବର୍ଷାରେ ସେ ରୋଗାକ୍ରାନ୍ତ ଅବସ୍ଥାରେ ବୌଦ୍ଧ ସମବାୟ ବ୍ୟାଙ୍କ ପୁରୁଣାକଟକ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ପଡିରହିଥିଲେ । ଦୁର୍ବଳ ଓ ଗୋଡରେ ଘା ଯୋଗୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା । ସୋମବାର ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀଙ୍କ ଉଦ୍ୟମରେ ପୁରୁଣାକଟକ ପଞ୍ଚାୟତ ବିଜୁ ଯୁବ ବାହିନୀ ସଦସ୍ୟ ମାନେ ବୃଦ୍ଧଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ବିଜୁ ଯୁବ ବାହିନୀ ସଭାପତି ଅମିତ କୁମାର ବେହେରା, ସମ୍ପାଦକ ନରେଶ କୁମାର ସାହୁ, କୋଷାଧ୍ୟକ୍ଷ ସୁବ୍ରତ କୁମାର ସାହୁ, ଉପଦେଷ୍ଟା ସମରେନ୍ଦ୍ର ବେହେରା, ସଦସ୍ୟ ସୁବ୍ରତ ରାଜହଂସ, ବିକାଶ ହ୍ୱାରା, ଚୈତନ୍ୟ ପ୍ରଧାନ, ରାଜକିଶୋର ବାଘ, ବିଶ୍ୱଜିତ ପତି ଓ ବିକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ବର୍ଷାରେ ଚାଷୀ ବେହାଲ

ମନମୁଣ୍ଡା, ୧୮।୧୨ (ଡି.ଏନ.ଏ)

ବର୍ତ୍ତମାନ ପେଥାଇ ବର୍ଷା ଯୋଗୁ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳର ଚାଷୀମାନଙ୍କ ଅବସ୍ଥା ବେହାଲ ହୋଇପଡିଛି। ଋଣ କରି ଧାନ ଚାଷ କରିଥିବା ଚାଷୀ କିଛି ଦିନ ତଳେ ରୋଗପୋକ ଫସଲ ନଷ୍ଟ କରି ଦେଇଥିଲା । ଯେଉଁମାନଙ୍କ ଫସଲ ଏହି ରୋଗରୁ ରକ୍ଷା ପାଇଥିଲା ସେମାନେ ପେଥାଇ ବର୍ଷାରେ ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇଛନ୍ତି । ମନମୁଣ୍ଡା ଆର୍‌ଆଇ ସର୍କଲ ନୂର୍ପା ମୌଜାର ବୈଦ୍ୟନାଥ ହୋତାଙ୍କ ଏ ୩.୫୦ ଡି, କୃଷ୍ଣଚନ୍ଦ୍ର ମହାଲାଙ୍କ ଏ୪.୦୦, ଶିବନାରାୟଣ ଚୌଲିଆଙ୍କ ଏ୫.୦୦, ମହୁଲବାହାଲି–କଲତାପାଲି ଶୋଭାଗିନୀ ସିଂଙ୍କ ୪ ଏକର, ପ୍ରଫୁଲ୍ଲ ସିଂଙ୍କ ୩ଏକର, ପୂର୍ଣ୍ଣ ସିଂଙ୍କ ୫ଏକର, ଶଙ୍ଖାଳି କଲତାଙ୍କ ଏ.୧. ୫୦, ଡଙ୍ଗାଝୋଲ ମୌଜା ଶିବରାତ୍ର ସିଂଙ୍କ ୫ଏକର, ରଙ୍ଗପାଲି ମୌଜା ସନ୍ତୋଷ ନାଏକ, କୁତାର୍ଥ ନାଏକଙ୍କ ୫ଏକର ଲେଖାଏଁ, ଦେଉଳି ମୌଜା ବିପ୍ର ଭୋଇଙ୍କ ଏ.୧. ୫୬୦ ଡି ପରିମିତ ଜମିରେ କଟାଧାନ ବିଲରେ ପଡିଥିଲା । ଦୁଇ ଦିନ ବର୍ଷାରେ ବିଲରେ ପ୍ରାୟ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିବା ଫଳରେ ପାଚିଲା ଧାନ ସବୁ ପାଣିରେ ଭାସୁଛି । ସେଗୁଡିକ ବିଲରୁ କାଢ଼ି ଶୁଖାଇବା କଷ୍ଟକର ହୋଇପଡିଥିବାରୁ ଗଜା ହେବା ଆଶଙ୍କା ରହିଛି । ଏହିପରି ଭାବେ ଯୋଗିନ୍ଦ୍ରପୁର, ଘିକୁଣ୍ଡି, ଶିମିଳିପଦର, ଖଟଖଟିଆ, ବିଲାସପୁର, ଶୁଣ୍ଠିପଦର, ବରଗୋଛା, ଶଗଡା, ଗୁଡଭେଲିପଦର, କସୁରବନ୍ଧ, ଖଲିଆପାଲି, ମନୁପାଲି, ଦଦ୍ୟା ଆଦି ଗ୍ରାମ ପଞ୍ଚାୟତର ହଜାର ହଜାର ଏକର ଧାନ ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି । ସେହିପରି ଚାଷୀମାନେ ଘର ବାରଣ୍ଡା, ଦୁଆର ଓ ଖଳାମାନଙ୍କରେ ଗଦା କରିଥିବା ହଜାର ହଜାର କୁଇଣ୍ଟାଲ ଧାନ ନଷ୍ଟ ହୋଇଛି। ସେହିପରି ଏହି ଅଞ୍ଚଳରେ ଚଳିତ ବର୍ଷ ଅନେକ ଚାଷୀ ଶତାଧିକ ଏକର କପା ଚାଷ କରିଥିଲେ । ବର୍ଷା ଯୋଗୁ ସେମାନଙ୍କ ବ୍ୟାପକ କ୍ଷତି ଘଟିଛି। ପ୍ରଶାସନ କ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସହଯୋଗ ଯୋଗାଇ ଦେବାକୁ ବିଜେଡି ଯୁବନେତା ଶାନ୍ତନୁ ଥାଜି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା କଂଗ୍ରେସ ସଭାପତି ସୁଧିର ମହାକୁଡ ଓ ଖବରଦାତା ଯୋଗେଶ ପ୍ରସାଦ ନାୟକ ପ୍ରମୁଖ ଦାବି କରିଛନ୍ତି ।

ବର୍ଷାରେ ହରଭଙ୍ଗା ବ୍ଲକ ଅଞ୍ଚଳରେ ଧାନପେଟା ଭିଜିଯାଇଛି ।

ଅମଳ ଧାନ ନଷ୍ଟ ହେଲା

ତଳଗାଁ,୧୮।୧୨(ଡି.ଏନ.ଏ.)

ହରଭଙ୍ଗା ବ୍ଲକରେ ଅଦିନିଆ ବର୍ଷାରେ ଜମିରେ ପଡିଥିବା କଟାଧାନ ଓ ଖଳାରେ ଥିବା ଅମଳ ଧାନ ନଷ୍ଟ ହେଉଛି । ଚାଷୀମାନେ କାଁ ଭାଁ ଧାନକୁ ତାରପୋଲିନ ଘୋଡାଇ ରଖିଥିବା ଦେଖିବାକୁ ମିଳିଛି । ଯଦି ଠିକ୍ ଭାବେ ଖରା ନ ହୁଏ ଦିନେ ଦୁଇ ଦିନ ଭିତରେ ଧାନ ସବୁ ଗଜା ହୋଇଯିବ । ଏଡି ବ୍ଲକର ଚାଷୀମାନେ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡିର ସମ୍ମୁଖୀନ ହେଉଥିବା ବେଳେ ପେଥେଇ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏପଟେ ଚାଷୀମାନେ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ବେଳେ ଧାନ ବିକ୍ରି କରି ଋଣ ପରିଶୋଧ କରିଥାନ୍ତି । କିନ୍ତୁ ଅଦିନିଆ ବର୍ଷା ଯୋଗୁ ଫସଲ ନଷ୍ଟ ଚାଷୀଙ୍କ ଚିନ୍ତା ବଢାଇଛି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି ।

ଫସଲ କ୍ଷତି, ଚାଷୀ ହତାସ

ଚାଷୀମାନେ ଭିଜିଯାଇଥିବା ଧାନପେଟାକୁ ଶୁଖାଇବା ପାଇଁ ଜମିରୁ ବାହାରକୁ ଆଣୁଛନ୍ତି ।

ଘଣ୍ଟାପଡା, ୧୮।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଅଞ୍ଚଳରେ ପାଥେଇ ଜନିତ ବର୍ଷା ଯୋଗୁ ଧାନ, ମୁଗ, ବିରି, କୋଳଥ, ହରଡ, ଶୋରିଷ, ପନିପରିବା ଫସଲ କ୍ଷତି ଘଟିଛି । ଲଗାତାର ୩ଦିନ ଧରି ବର୍ଷା ଓ ପବନ ଲାଗିରହିଥିବାରୁ ଚାଷୀ ବିଲରୁ ଧାନ ଆଣିପାରିନାହିଁ। ଜମିରେ କଟାଧାନ ବର୍ଷାପାଣିରେ ଭାସୁଛି । କେତେକ ଚାଷୀଙ୍କ ଧାନ ଖରି ଖଳାରେ ଗଦା ହୋଇ ରହିଛି ତ ବାହାଲ ଧାନ ସମ୍ପୂର୍ଣ୍ଣ ରୂପେ ଜମିରେ ପାଣି ଉପରେ ଶୋଇ ରହିଛି । ସେହିପରି ମୁଗ, ବିରି, କୋଳଥ, ହରଡ ଏବଂ ପନିପରିବା ନଷ୍ଟ ହୋଇଥିବା ଜଣାପଡିଛି ।

ଭେଡ଼େନ ରାମଲୀଳା ପାଇଁ କଳାକାରମାନଙ୍କୁ ବରଣ କରାଯାଉଛି ।

ରାମଲୀଳା ମହୋତ୍ସବ ପାଇଁ କଳାକାର ବରଣ

ଭେଡ଼େନ,୧୮।୧୨(ଡ଼ି.ଏନ.ଏ)

ଭେଡ଼େନ ଠାରେ ୨୦୧୯ ଜାନୁୟାରୀ ୨୭ ତାରିଖରୁ ହେବାକୁ ଥିବା ଷୋଡ଼ଶ ବାର୍ଷିକ ବିରାଟ ରାମଲୀଳା ମହୋତ୍ସବ–୨୦୧୯ ପାଇଁ ସୋମବାର ବିଭିନ୍ନ ଭୂମିକା ପାଇଁ କଳାକାର ବରଣ କରାଯାଇଛି । ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାମ ଭୂମିକା ପାଇଁ ମହେନ୍ଦ୍ର ସେଠ, ଲକ୍ଷ୍ମଣ ସଚିନ ମହାପାତ୍ର, ହନୁମାନ ଶାନ୍ତନୁ ସାହୁ, କୁବେର ରାଜ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଭୂମିକା ପାଇଁ ସେବାରାମ ନାଏକ, ସୁବାଷ ମହାରଣା, ଶୁକଦେବ ମେହେର, ବୁନ୍ନୁ ଦେହେରୀ, ହିରାଲାଲ ବଢ଼େଇ, ମୀନକେତନ ଭୋଇ, ଦଶରଥ ଦନ୍ତା ପ୍ରମୁଖ ୪୫ ଜଣ କଳାକାରଙ୍କୁ ବରଣ କରାଯାଇଥିଲା । ଏହି ଅବସରରେ ରାମଲୀଳା କମିଟିର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ । ପରେ ସମସ୍ତ କଳାକାର ବାବା ସିଦ୍ଧେଶ୍ୱରଙ୍କ ଦର୍ଶନ କରିବା ସହ ନାମଯଜ୍ଞ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଜୀରାକୁଳ ଆଶ୍ରମର ବାବା ହରିଚରଣ ଦାଶଙ୍କ ଆଶୀର୍ବାଦ ଲାଭ କରିଥିଲେ ।

କୁମ୍‌କରନ ନିଦ୍‌ରେ ପରଶାସନ

ଗାଁର ଲାଇନ୍‌ଜୁରି ସଫାକଲେ ଭେଁଡିଆପିଲେ

ଅତାବିରା, ୧୮।୧୨ (ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ପଁଚେଟ୍‌ର ମହୁଲପାଲି ଗାଁର ହରିଜନ ପଡ଼ାର ଭେଁଡିଆମାନେ ମଂଗଳବାର ରାସ୍ତା ତରାର ଲାଇନଜୁରି, ଗଦା ହେଇଥିବାର ମଏଲା ଜଗଡ଼ା ସଫା କରିଛନ୍। ପଡ଼ାବାସୀ ଗାଁର ଅସକୁରା ପରିବେଶ ବାବ୍‌ଦେ ପରଶାସନକେ ଅବଗତ କରିଥିଲେ । ହେଲେ କେହି ନାଇଁ ଶୁନ୍‌ଲେ କି ଇଥିର ଉପରେ ଧିଆନ ନାଇଁଦେଲେ। ଶେଷେ ହରିଜନ ପଡ଼ାର ଭେଁଡିଆପିଲାମାନେ ଗାଁର ପରିମଲ ବେବସ୍ଥା ଠିକ୍ କରବାକେ ଅଁଟା ଭିଡି ଗାଁର ସାଫ୍‌ସଫେଇ କରିଥିଲେ। କେନ୍ଦ୍ର ଆର ରାଏଜ୍ ସରକାର ସ୍ୱଚ୍ଛ ଭାରତ ନାଁରେ କୋଟି କୋଟି ଟଁକା ସାରୁଛନ୍, ହେଲେ ପରଶାସନ ଆର ଅଧିକାରୀମାନକର କୁମ୍‌କରନ ନିଦ୍ ଲାଗି ଇ ସବୁ ମହତ୍ ଯୋଜ୍‌ନା ଫସର ଫାଗୁଛେ। ଇ ପଁଚେଟ୍‌ରେ ପରିମଲ ବେବସ୍ଥା ଗୁଟେ ପରକାର ଭୁଷଲି ଯାଇଛେ। ଲଗୁଚାପ ବର୍ଷାରେ ଲାଇନ୍‌ଜୁରିର ମଏଲା ପାଏନ ରାସ୍ତାକେ ଉଠି ଆସି ଗୁଟେ ଅସକୁରା ପରିବେଶ ସୁରୁଷ୍‌ଟି କରିଥିଲା। ମାଏସ୍ ମଏନା ଲାଇନ୍‌ଜୁରିମାନେ ସଫାସୁତର ନାଇଁ ହେବାର ଲାଗି ମଶା, ମାଛିକର ସରଗ ପାଲଟିଛେ। ଯେନ୍‌ଥିରଲାଗି ଗାଁରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଲେଖେଁ ରୋଗ୍ ବହିପିବାର ବଡ଼ଭାରି ଆଶଁକା ରହିଥିଲା। ସେଥିରଲାଗି ଗାଁର ବିମଲେଶ୍ୱର ବିଭାର, ରମେଶ ଭୋଇ, କ୍ଷୀରେଶ୍ୱର ଜୁଅଁର, ସୋମନାଥ ଭୋଇ, ଗଜିନ୍ଦ୍ର ଛୁରିଆ, ଗଜପତି ଭୁଏ ପରମୁଖ ପଡାର ଭେଁଡିଆପିଲାମାନେ ପରଶାସନକେ ଆଶ୍‌ରେ ନାଇଁକରି କରି ନିଜେ ସଫେଇ କାମ୍ କରିଥିଲେ।

ମହୁଲପାଲି ଗାଁର ଭେଁଡିଆପିଲେ ସଫେଇ କରୁଛନ୍ ।

Office of the Chief Engineer
Dam Safety Secha Sadan, Unit-V, Odisha, Bhubaneswar
Phone: 0674 - 2531935 / Fax - 0674 - 2531934
E-mail: cedamsafety.odisha@gmail com
No-CE-DS-DRIP-160/2018- Dated the

CANCELLATION OF E-PROCUREMENT NOTICE No. CEDS-03/2018-19

No.975-A: This is for the information of all concerned that the e-procurement Notice No CEDS- 03/2018-19 dated 26.11.2018 for the work "Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organization of Odisha under DRIP at Bhubaneswar - Project funded by World Bank" is hereby cancelled on administrative ground.

32314/11/0026/1819 **Sd./- Chief Engineer, Dam Safety**

TENDER CALL NOTICE

Tender Notification No.: 2684 **Dt.: 17.12.2018**

No. 124-L: Deputy Director of Horticulture, Mayurbhanj, Baripada invites Technical & Financial Bids from the registered firms and producers for supply of Lemon Grass Slips of variety Krishna (Cymbopogon flexosus) for utilization in RKVY and MGNREGS plantations during 2018-19. An earnest money deposit of Rs.5,000/- (Rupees five thousand) only per product & the tender must be accompanined with EMD in shape of Bank Draft in any Nationalzied Bank payable at Baripada in favour of Deputy Director of Horticulture, Mayurbhanj, Baripada. The tender paper can be obtained from O/o. DDH, Mayurbhanj on payment of Rs.500/- (Rupees five hundred) only (non-refundable) in working days from the date of publication of this notice till 27.12.2018. The same can be downloaded from the district website at **www.mayurbhanj.nic.in** and in such case the DD of Rs.500/- on refund is to be attached with tender paper towards cost of tender paper.

Tender paper completed in all respect along with all required documents should reach at Office of the DDH, Mayurbhanj, Baripada on or before 27.12.2018.

Date of Closing of Sale of Tender Paper	-	27.12.2018 at 5.00 P.M.
Date of Closing of submission of Technical Bid and Financial Bid	-	27.12.2018 at 5.00 P.M.
Date of Opening of Technical and Financial Bid	-	28.12.2018 at 11.00 A.M.

Sd./- Deputy Director of Horticulture
Mayurbhanj, Baripada
01059/11/0002/1819

ବରଗଡ଼ ଜିଲା ବିଜେପୁର ଡିଗ୍ରୀ କଲେଜର ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି ।

୯୦ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ବିଜେପୁର, ୧୮।୧୨ (ଡି.ଏନ.ଏ)

ବିଜେପୁର ଡିଗ୍ରୀ କଲେଜରେ ଦୁଇ ସପ୍ତାହ ବ୍ୟାପୀ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ସାମ୍ପ୍ରତିକ ସମୟରେ ଯୁବତୀମାନେ ନିଜକୁ କିଭଳି ଅସାମାଜିକ ବ୍ୟକ୍ତିଙ୍କ କବଳରୁ ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ କଲେଜ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କଲେଜରେ ଅଧ୍ୟୟନରତ ୯୦ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ । ରୀତାଞ୍ଜଳି ସାହୁ, କବିତା ବୁଡେକ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତ ଶିବିର ପରିଚାଳନା କରିଥିଲେ ।

ବୌଦ୍ଧ ସହର ପାଇଁ ନୂତନ ମାଷ୍ଟର ପ୍ଲାନ

ବୌଦ୍ଧ,୧୮।୧୨(ସ୍ୱ.ପ୍ର)

ବୌଦ୍ଧ ସହର ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଜନା ବୋର୍ଡର ସ୍ୱତନ୍ତ୍ର ବୈଠକ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଯୋଜନା ବୋର୍ଡର ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମିଶ୍ର ଯୋଗଦେଇ ବୌଦ୍ଧ ସହର ପାଇଁ ଫିଡ୍‌ବ୍ୟାକ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମାଷ୍ଟର ପ୍ଲାନ୍ ସମ୍ପର୍କରେ ସୂଚନା ଦେଇଥିଲେ । ୧୯୯୬ ମସିହାରେ ୨୦୧୧ ପାଇଁ ବୌଦ୍ଧଗଡ ଏନ୍‌ଏସି ପକ୍ଷରୁ ୨୦.୧୫ ବର୍ଗ କି.ମି. ଅଞ୍ଚଳରେ ମାଷ୍ଟର ପ୍ଲାନ କରାଯାଇଥିଲା । ବର୍ତ୍ତମାନ ସେହି ଏରିଆ ଭିତରେ ୨୦୩୬ ମସିହାକୁ ଦୃଷ୍ଟିରେ ରଖି ନୂତନ ଭାବେ ପ୍ଲାନ ପ୍ରସ୍ତୁତ କରାଯାଇଛି । ତେବେ ଏହାକୁ ପରିବର୍ତ୍ତନ କରିବା ପାଇଁ ଉପସ୍ଥିତ ଅଧିକାରୀ ଓ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ବୌଦ୍ଧ ସହର ପାଇଁ ବାଇପାସ୍ ରୋଡ, ରେଲୱେ ଷ୍ଟେଶନ ଓ ମର୍ଜାକୁଦ ସେତୁକୁ ଆଖିଆଗରେ ରଖି ସେତିକି ଏରିଆରେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ସୁଧା ମାଷ୍ଟର ପ୍ଲାନ କାର୍ଯ୍ୟାଳୟ କନ୍ଧମାଳ ଜିଲା ଅଧୀନରେ ରହିଥିବାରୁ ବୌଦ୍ଧରେ ନୂତନ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାରଙ୍କୁ ଚିଠି ଦେବା ସହିତ ଆସନ୍ତା ଜାନୁଆରୀ ମାସରୁ ବୌଦ୍ଧରେ ସପ୍ତାହରେ ୨ଦିନ ଅଫିସ୍ ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ, ଫିଡ୍‌ବ୍ୟାକ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଗଜେନ୍ଦ୍ର କୁମାର ସିଂ, ଆସିଷ୍ଟାଣ୍ଟ ମ୍ୟାନେଜର ବିଜୟ ମହାନ୍ତି, ଏନଏସି ନିର୍ବାହୀ ଅଧିକାରୀ ମନୋରନ ପଣ୍ଡା, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବିଭାଗୀୟ ଅଧିକାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଶେଷରେ ନୂତନ ମାଷ୍ଟର ପ୍ଲାନ ଶୀଘ୍ର ପ୍ରସ୍ତୁତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ ।

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଜନା ବୋର୍ଡର ସ୍ୱତନ୍ତ୍ର ବୈଠକ ଚାଲିଛି ।

ଏକାଠି ହେଲେ ଦମ୍ପତି

ଅଞ୍ଜଳି ଓ ଜିତେନ୍ଦ୍ର ।

ବୌଦ୍ଧ,୧୮।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣର ଉଦ୍ୟମରେ ଏକ ଦମ୍ପତି ଏକାଠି ହୋଇଛନ୍ତି । ସୂଚନା ମୁତାବକ, ଜିଲାର ବାଉଁଶୁଣୀ ଥାନା ଗଜରାଜପୁର ଗ୍ରାମର ଅଞ୍ଜଳି ସୁନା ତାଙ୍କ ସ୍ୱାମୀ ଜିତେନ୍ଦ୍ର ସୁନାଙ୍କ ଠାରୁ ପାରିବାରିକ କଳହକୁ ନେଇ ପ୍ରାୟ ବର୍ଷେ ହେବ ଅଲଗା ହୋଇ ରହିଆସୁଥିଲେ। ଅଞ୍ଜଳିଙ୍କ ଏକ ୭ ବର୍ଷର ଝିଅ ଅଛନ୍ତି । ଏ ନେଇ ଅଞ୍ଜଳି ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତରେ ଏକ ଘରୋଇ ବୁଝାମଣା ମାମଲା ଦାଏର କରିଥିଲେ। ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣର ବିଚାରପତି ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଆଲୋଚନା କରି ଫଇସଲା କରିଥିଲେ। ବୁଝାମଣା ପରେ ଉଭୟ ସ୍ୱାମୀ ସ୍ତ୍ରୀ ପୁନର୍ବାର ଏକତ୍ର ରହିବାକୁ ରାଜି ହୋଇଥିଲେ ।

Government of Odisha, Department of Water Resources,
OFFICE OF THE SUPERINTENDING ENGINEER
BOLANGIR IRRIGATION CIRCLE, BOLANGIR
e-mail-sebalangir@gmail.com, Phone No.-06652-250483
e-Procurement Notice No. SEBOIC 07 of 2018-19
BID IDENTIFICATION NO. – SEBOIC-BID-07 OF 2018-19
No. / Dated,

No.968-A:- The Superintending Engineer, Balangir Irrigation Circle, Balangir on behalf of His Excellency, the Governor of Odisha invites online Percentage rate tenders in double cover system to be received in online mode only for the works as detailed below.

1. Nature of work : Civil
2. Number of works. : Three
3. Approximate amount put to tender. : Rs.118.65 lakh to Rs.131.78 lakh
4. Period of completion : 3 (Three) Calendar months.
5. Date & time of availability of Bid document in the portal : Dt. 26.12.2018-10.00 AM to 10.01.2019 up to 5.00 PM
6. Last date & time of seeking Tender clarification. : Dt. 26.12.2018 - 10.00 AM to 10.01.2019 up to 5.00 PM during office hours
7. Last date & time of receipt of Bids in the portal. : Dt. 10.01.2019- up to 5.00 PM
8. Date, time & place of opening of bids in the portal.
   a) Technical Bids (Cover-I) : Dt. 11.01.2019 at 11.30 AM- in the office of the Superintending Engineer, Balangir Irrigation Circle, Balangir
   b) Financial Bids (Cover-II) : To be intimated after evaluation of Technical Bids.
9. Name & address of the officer Inviting bid. : Superintending Engineer, Balangir Irrigation Circle, Balangir. At-Laltikra, P.O- Rajendra College, Dist: Balangir, PIN-767002.
10. Any corrigendum required will be made available in Govt. web-site only.

Further details can be seen from the e-procurement portal- https://tendersorissa.gov.in

SUPERINTENDING ENGINEER
32172/11/0010/1819 **BALANGIR IRRIGATION CIRCLE, BALANGIR**

ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

ସଂକ୍ଷେପରେ

ଜାନୁୟାରୀ ୭ରୁ ସର୍ବଭାରତୀୟ ପାଟଣା କପ୍

ପାଟଣାଗଡ, ୧୮।୧୨ (ଡି.ଏନ.ଏ.): ପାଟଣାଗଡ ରମାଇ ହାଇସ୍କୁଲ ପଡିଆରେ ଜାନୁୟାରୀ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ୧୮ତମ ସର୍ବଭାରତୀୟ ପାଟଣା କପ କ୍ରିକେଟ ଟୁର୍ନାମେଣ୍ଟ ହେବାକୁ ସ୍ଥିର କରାଯାଇଛି। ଏହି ଉପଲକ୍ଷେ ପାଟଣାଗଡ କ୍ରିକେଟ କ୍ଲବଠାରେ ସୋମବାର ରାତିରେ କ୍ଲବ ସଭାପତି ଅଲେଖ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବାହାରୁ ୬ଟି ଦଳ ରାଞ୍ଚି, ଝାରଖଣ୍ଡ, ଭିଲାଇ ଛତିଶଗଡ, ଲାଲବାଗ ଛତିଶଗଡ, ଆନ୍ଦ୍ରା ପଶ୍ଚିମବଙ୍ଗ, ବିଶାଖାପାଟନାମ, ବିଲାଶପୁର ଛତିଶଗଡ ଏବଂ ରାଜ୍ୟର ୨ଗୋଟି ଦଳ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ପାଟଣାଗଡ ଦଳ ଯୋଗଦେବେ। ବିଜୟୀ ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩୦ହଜାର ଟଙ୍କା ଏବଂ ଟ୍ରଫି ଦେବା ପାଇଁ ସ୍ଥିର କରାଯାଇଥିଲା। ଟୁର୍ନାମେଣ୍ଟର ସଫଳ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। କ୍ଲବ ଉପସଭାପତି ରମାନାଥ ହୋତା, ସମ୍ପାଦକ ସମୀର ପାଣିଗ୍ରାହୀ, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ସହସମ୍ପାଦକ ରାନା ଚିନ୍ଦା, ସଦସ୍ୟ ବୁଲୁ କୁଅଁର, ମୁନା ଠାକୁର, ଚିଣ୍ଟୁ ପାଣିଗ୍ରାହୀ, ତନ୍ମୟ ଦାସ, ବାବୁଲୁ ଦାସ, ପିଙ୍କୁ ବୁଡେକ, ଲିଟନ କର, ଦୟା ମେହେର, ସାଗର ପରୁଆ, ହାରାଧର ବରିହା ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

ଶ୍ରମିକ ସଚେତନତା ଶିବିର

ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୋନପୁର,୧୮।୧୨(ନି.ପ୍ର.): ସୁବର୍ଣ୍ଣପୁର ଜିଲା ସିଲାଟି ପଞ୍ଚାୟତ କାର୍ଯ୍ୟାଳୟରେ ଅଣସଂଗଠିତ ଶ୍ରମିକଙ୍କୁ ସଚେତନତା ଓ ପଞ୍ଜିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାଯର୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁନିତା ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇଥିଲେ। ଡିଏସପି ଏସ. ଏମ. ରହମାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା ଯୋଗଦାନ କରି ଅଣ ସଂଗଠିତ ଶ୍ରମିକ ମାନଙ୍କ ପାଇଁ ସରକାରୀ ଯୋଜନା ବିଷୟରେ ବୁଝାଇଥିଲେ। ୫ ଏକରରୁ କମ୍ ଚାଷ ଜମି ଥିବା ଚାଷୀ, ଟ୍ରଲି ଚାଳକ ଓ ହକରମାନେ ପଞ୍ଜିକୃତ ହୋଇ ସହାୟତା ପାଇପାରିବେ ବୋଲି କହିଥିଲେ। ଶ୍ରମ ନିରୀକ୍ଷକ ପାରାମଣି ସୋରେନ, ଗଣିଆ ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝି ଓ ପିଏଲଭି କର୍ମୀ ବିଶି ଉପସ୍ଥିତ ଥିଲେ। ଶତାଧିକ ଶ୍ରମିକ ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ଡିଏଲଏସଏ କର୍ମଚାରୀ ବିନ୍ଦୁସାର ମହାପାତ୍ର, ବିବେକାନନ୍ଦ ପଣ୍ଡା, ନରେନ୍ଦ୍ର କୁମାର ସିଂ ଓ ଶ୍ୟାମ ସୁନ୍ଦର ବାରିକ୍ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ପାଟଣାଗଡ, ୧୮।୧୨ (ଡି.ଏନ.ଏ.): ପାଟଣାଗଡ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ରମାଇ ହାଇସ୍କୁଲ ଖେଳ ପଡିଆଠାରେ ସୋମବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ସୁନା, ବିଜେଡି ନେତା ଇନ୍ଦୁଭୂଷଣ ଠାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବାଳକ ବିଭାଗର ବରିଷ୍ଠ ବିଭାଗରେ ହୃଷିକେଶ ବାଗ ଓ କନିଷ୍ଠ ବିଭାଗରେ ସାଗର ବନଗୁଲା ଚାମ୍ପିୟନ ହୋଇଥିଲେ। ମ୍ୟାନେଜିଙ୍ଗ ଟ୍ରଷ୍ଟି ଶେଖ ଅବଦୁଲ କାସମ୍ ଉଦଯାପନୀୟ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦୀପ ପଣ୍ଡା ସଭା ପରିଚାଳନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ନାରାୟଣ ପଟ୍ଟନାୟକ ଏବଂ ଉପାଧ୍ୟକ୍ଷ ନାରାୟଣ ମିଶ୍ରଙ୍କ ସହିତ ଖେଳ ଶିକ୍ଷକ ଅଜିତ ଦଳପତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗତ ୩ଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ ରମାଇ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବିଶ୍ୱାଳ ଏବଂ ପୂର୍ବତନ ଖେଳ ଶିକ୍ଷକ ପ୍ରଫୁଲ୍ଲ ସିଂଦେଓ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

■ବୀରମହାରାଜପୁର କୃଷି ଜିଲାରେ ଲଘୁଚାପ ବର୍ଷାର ପ୍ରଭାବ

ତିତ୍‌ଲି ଆଣିଥିଲା ଆଶ୍ୱସ୍ତି, ପେଥାଇ ଦେଲା ଦୁଃଖ

ବୀରମହାରାଜପୁର, ୧୮।୧୨ (ଡି.ଏନ୍.ଏ.)

- ଦୁଇଦିନରେ ୮୮.୪ ମିମି ବର୍ଷା,ଏବେବି ଛାଡିନି
- ଖେତରେ ଭିଜୁଛି କାଟିଲା ଧାନ ପେଟା
- ମଣ୍ଡିରେ ପଡିଛି ହଜାର ହଜାର ବସ୍ତା ଧାନ

ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର କାନପୁର ଚାଷଜମିରେ କଟାହୋଇ ପଡିଥିବା ଧାନପେଟା ପାଣିରେ ଭିଜୁଛି।



ହିଲୁଙ୍ଗ ପ୍ରାକ୍ସର ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଥିବା ଧାନ ବସ୍ତା।

ସମ୍ପ୍ରତି ଲଘୁଚାପର ରୂପ ନେଇଥିବା ଘୂର୍ଣ୍ଣିବଳୟ ପେଥାଇ ସୁବର୍ଣ୍ଣପୁର ରାଜସ୍ୱ ଜିଲାର ବୀରମହାରାଜପୁର କୃଷି ଜିଲାକୁ ବହୁ ଭାବରେ ପ୍ରଭାବିତ କରିଛି। ଗତ ରବିବାରଠାରୁ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଓ ଶୀତୁଆ ପବନ ସାଧାରଣ ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରିଥିବା ବେଳେ ଚାଷୀଙ୍କୁ ଅଥୟ କରିଛି। କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚିତ ଏହି ଉପଖଣ୍ଡର ୩୨ଟି ଯାକ ପଞ୍ଚାୟତର ଧାନ କୃଷିକ୍ଷେତ୍ର କ୍ଷତିଗ୍ରସ୍ତ ହେବା ସହ ଧାନ ଫସଲ ଅନେକାଂଶରେ ନଷ୍ଟ ହୋଇଥିବା ଖବର ମିଳିଛି।

ରବିବାର ଓ ସୋମବାର ଉପଖଣ୍ଡର ଉଲୁଣ୍ଡା ବ୍ଲକରେ ଯଥାକ୍ରମେ ୧୬ମିମି ଓ ୭୨.୪ ମିମି ବର୍ଷା ହୋଇଥିବା ବେଳେ ବୀରମହାରାଜପୁରରେ ୧୩ ଓ ୬୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମଙ୍ଗଳବାର ମଧ୍ୟ ସାରା ଅଞ୍ଚଳରେ ବର୍ଷା ଲାଗି ରହିଛି। ଅଦିନିଆ ବର୍ଷା ହେତୁ କ୍ଷେତରେ ଓ ଖଳାରେ କଟାଯାଇଥିବା ଧାନପେଟାଗୁଡିକ ପାଣିରେ ଭିଜୁଥିବା ଦେଖିବାକୁ ମିଳୁଛି। ସେହିଭଳି ଅମଳ ହେବାପରେ ମଣ୍ଡିକୁ ଯାଇଥିବା ହଜାରହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। ଆକସ୍ମିକ ବର୍ଷା ଯୋଗୁଁ ଅପ୍ରସ୍ତୁତ ଚାଷୀ ନାହିଁ ନ ଥିବା ଦୁର୍ଦଶାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ରବିଚାଷ ଓ ବାଡି ବଗିଚା ଚାଷ ବର୍ଷା ଏବଂ ପବନରେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବର୍ଷାଜଳ ଉପରେ ନିର୍ଭର କରି ଆସୁଥିବା ଏହି କୃଷିଜିଲାର ଖରଫ ଧାନଚାଷ ବର୍ଷାଭାବ ଯୋଗୁଁ ମରୁଡିର ସମ୍ମୁଖୀନ ହେବାକୁ ବସିଥିବା ବେଳେ ତିତ୍‌ଲି ପ୍ରଭବରେ ହୋଇଥିବା ସାମୟିକ ବର୍ଷା ତହିଁରୁ ରକ୍ଷା କରିବା ସଙ୍ଗେସଙ୍ଗେ ଚାଷୀଙ୍କୁ ଆଶ୍ୱସ୍ତି ଆଣି ଦେଇଥିଲା। ହେଲେ, ବର୍ତ୍ତମାନର ପେଥାଇ ଅଞ୍ଚଳର ଚାଷୀକୂଳଙ୍କ ପାଇଁ ଦାଉ ସାଧିଛି ବୋଲି ଅନୁଭବ କରାଯାଉଛି। ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପେଥାଇର ପୂର୍ବାନୁମାନ କୃଷି ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ଏଥିଯୋଗୁଁ ବହୁ ଚାଷୀ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବା ବେଳେ କ୍ଷେତରେ ଅମଳ ହୋଇ ପଡିଥିବା ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେନେଇ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଆକଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ପକ୍ଷରେ ମଣ୍ଡି ମାନଙ୍କରେ ପଡି ରହିଥିବା ଧାନର ସ୍ଥିତି ନେଇ ଏଆରସିଏସ ଭୀମସେନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ମଣ୍ଡିଦ୍ୱାରା ଧାନ ସଂଗ୍ରହ ନ କରିବା ସକାଶେ ବୀରମହାରାଜପୁର ଉପଖଣ୍ଡର ସମସ୍ତ ୨୦ଟି ଯାକ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତାଛଡା ସୁବଳୟା, ମହଦା ଓ ଚଡେଇପଙ୍କଠାରେ ଥିବା ଗୋଦାମମାନଙ୍କରେ ବିକ୍ରି ପାଇଁ ଚାଷୀଙ୍କ ଧାନ ରଖାଯାଇ ପାରିଥିବାରୁ ସେସବୁ ସ୍ଥାନରେ ଚାଷୀଙ୍କ ଧାନ ନଷ୍ଟ ହୋଇନାହିଁ । ତେବେ ଅନ୍ୟାନ୍ୟ ପ୍ୟାକ୍ସର ସମ୍ପାଦକ ମାନଙ୍କଠାରୁ ଅଦ୍ୟବଧି କୌଣସି ରିପୋର୍ଟ ହସ୍ତଗତ ହୋଇନାହିଁ । ସମବାୟ ବିଭାଗ କର୍ତ୍ତୃପକ୍ଷଙ୍କ ଏଭଳି ମତାମତ ଭିତରେ ଅନୁସନ୍ଧାନରୁ ଜଣା ପଡିଛି ଯେ, ବୀରମହାରାଜପୁର ବ୍ଲକର ହିଲୁଙ୍ଗ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) କାର୍ଯ୍ୟାଳୟ ବାହାରେ ଅସୁରକ୍ଷିତ ଭାବେ ଖୋଲା ଆକାଶତଳେ ହଜାରେରୁ ଊର୍ଦ୍ଧ୍ୱ ଧାନବସ୍ତା ପଡିରହିଛି। ବିଭାଗୀୟ କର୍ମକର୍ତ୍ତାମାନଙ୍କ ଅବହେଳା ଯୋଗୁଁ ହିଲୁଙ୍ଗ ଭଳି ଅନ୍ୟ ପ୍ୟାକ୍ସରେ ମଧ୍ୟ ବିକ୍ରିପାଇଁ ଆସିଥିବା ଚାଷୀ ଧାନ ସାମ୍ପ୍ରତିକ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି।

ବାଳଜ୍ୟୋତି କାର୍ଯ୍ୟକ୍ରମରେ ଉପସ୍ଥିତ ଦୃଷ୍ଟିବାଧିତ ଶିଶୁଙ୍କ ମେଳରେ ଜିଲାପାଳ ଓ ଅନ୍ୟାନ୍ୟ ଅତିଥି।

ବ୍ଲକସ୍ତରୀୟ ବାଳଜ୍ୟୋତି କାର୍ଯ୍ୟକ୍ରମ

■ସ୍କୁଲ ପିଲାଙ୍କ ଚକ୍ଷୁ ପରୀକ୍ଷା ସହ ଦିଆଗଲା ଚିକିତ୍ସା ସେବା

ବୀରମହାରାଜପୁର, ୧୮।୧୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବାଳଜ୍ୟୋତି କାର୍ଯ୍ୟକ୍ରମ ବୀରମହାରାଜପୁର ବ୍ଲକ ମେଣ୍ଡାମାଳଠାରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ଉଚ୍ଚପ୍ରାଥମିକ ସ୍କୁଲ ପରିସରରେ ଆୟୋଜିତ ଶିବିରରେ ବ୍ଲକ ଅନ୍ତର୍ଗତ ୬୦ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୨୧୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚକ୍ଷୁ ବିଶେଷଜ୍ଞ ମଣ୍ଡଳୀର ପରୀକ୍ଷଣ ପରେ ଚିହ୍ନଟ ହୋଇଥିବା ଦୃଷ୍ଟିବାଧିତ ଶିଶୁମାନଙ୍କ ମଧ୍ୟରୁ ୭୫ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୨୫ଜଣଙ୍କୁ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା। ଏହାବାଦ୍ ୧୭ ଜଣ ଚକ୍ଷୁ ରୋଗୀଙ୍କର ଉଚ୍ଚତର ଚିକିତ୍ସା ପାଇଁ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। ଏହି କାର୍ଯ୍ୟକ୍ରମକୁ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ମଧୁସୂଦନ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ଅବନୀ କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ସଂଯୋଜନା କରିଥିଲେ ସିଆରସିସି ଅକ୍ଷୟ କୁମାର ରାୟ। ପ୍ରାରମ୍ଭରେ ଅନ୍ୟତମ ସିଆରସିସି ଅଭିମନ୍ୟୁ ବଗର୍ତ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହରିବନ୍ଧୁ ଭୋଇ ପ୍ରାକ୍ ସୂଚନା ଦେଇଥିଲେ। ଶେଷରେ ଭାବଗ୍ରାହୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଆଇଇଡି କୋଅର୍ଡିନେଟର ସଙ୍ଗୀତା ମହାପାତ୍ର ଓ ଦିଲ୍ଲୀପ ମହାକୁଡଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ନିୟନ୍ତ୍ରଣକୁ ଆସିଲା ଝାଡ଼ାବାନ୍ତି

ସୋନପୁର,୧୮।୧୨(ନି.ପ୍ର.)

ସୁବର୍ଣ୍ଣପୁର ସହର

- ଆରମ୍ଭ ହେବ ପାଇପ ଯୋଗେ ଜଳଯୋଗାଣ

ନିୟନ୍ତ୍ରଣକୁ ଆସିଛି ସୁବର୍ଣ୍ଣପୁର ସହରରେ ଝାଡାବାନ୍ତି। ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମ ଫଳରେ ୮ଦିନ ପରେ ସହରର ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିପାରିଛି। ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁଯାୟୀ ମଙ୍ଗଳବାର ସହରରେ କେହି ଝାଡାବାନ୍ତିରେ ଆକ୍ରାନ୍ତ ହୋଇନାହାନ୍ତି। ପୂର୍ବରୁ ଆକ୍ରାନ୍ତ ହୋଇ ୧୪ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେଥିମଧ୍ୟରୁ ୧୦ଜଣ ସୁସ୍ଥ ହେବା ପରେ ଛାଡି ଦିଆଯାଇଛି। ବାକି ୪ଜଣ ଚିକିତ୍ସିତ ଅଛନ୍ତି। ସେମାନେ ମଧ୍ୟ ସୁସ୍ଥ ହୋଇ ଆସିଲେଣି। ଦୂଷିତ ପାନୀୟ ଜଳ ଯୋଗୁଁ ଗତ ୧୦ତାରିଖରୁ ସହରରେ ଝାଡାବାନ୍ତି ବ୍ୟାପିଥିଲା। ୪ଟି ପଡାରୁ ଆରମ୍ଭ ହୋଇ ପୁରା ସହରକୁ ବ୍ୟାପିଥିଲା। ଶତାଧିକ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସାଳୟରେ ସ୍ଥାନାଭାବ ସୃଷ୍ଟି ହୋଇଥିଲା। ସହରକୁ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଜଳଯୋଗାଣ ବନ୍ଦ ରହିଲା। ବିଶୁଦ୍ଧ ଜଳ ଯୋଗାଣ ପାଇଁ ସରକାର ୧୧ଟି ଜିଲାରୁ ପାଣି ଟ୍ୟାଙ୍କର ମଗାଇ ବିଶୁଦ୍ଧ ପାନୀୟ ଜଳଯୋଗାଣ କଲେ। ପାଇପ୍ ଲିକେଜ୍‌କୁ ସଜଡା ଯିବା ସହ ବିଶୋଧନ କରାଗଲା। ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କଲେ। ଅନ୍ୟପକ୍ଷେ ଜିଲା ଡାକ୍ତରଖାନାରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ଜିଲା ସଦର ମହକୁମାର ସମସ୍ତ ଡାକ୍ତରଙ୍କୁ ନିୟୋଜିତ କରାଯିବା ସହ ଜିଲାର ବିଭିନ୍ନ ପିଏଚସି ଓ ସିଏଚସିରୁ ଡାକ୍ତରମାନଙ୍କୁ ଅଣାଗଲା। ପଡୋଶୀ ବୌଦ୍ଧ, ସମ୍ବଲପୁର ଓ ଭୁବନେଶ୍ୱରରୁ ଡାକ୍ତରମାନେ ଆସି ରୋଗୀ ସେବା କରିଥିଲେ। ପ୍ରଭାବିତ ଅଞ୍ଚଳରେ ୪ଟି ଭ୍ରାମ୍ୟମାଣ ଚିକିତ୍ସାକାରୀ ଦଳ ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରତିଷେଧକମୂଳକ ଔଷଧ ବଣ୍ଟନ କରିଥିଲେ। ପାଇପ ବିଶୋଧନ ସରିବା ପରେ ମଙ୍ଗଳବାର କିଛି ୱାର୍ଡରେ ପାଇପ ଯୋଗେ ଜଳଯୋଗାଣ କରାଯାଇଛି। ଭଗବତୀ ପ୍ଲଟ, ଗୋକର୍ଣ୍ଣେଶ୍ୱରପଡା ଓ ମଝିପଡାରେ ୫୦% କାମ ବାକି ରହିଛି। ବିଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବୁଧବାର ପୁରା ସହରରେ ପାଇପ ଯୋଗେ ପାନୀୟ ଜଳଯୋଗାଣ କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅଧ୍ୟକ୍ଷଣ ଯନ୍ତ୍ରୀ ଇଂ ଅମୂଲ୍ୟ କୁମାର ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷେ ଝାଡାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଜାଣିବା ପାଇଁ ଜଳ ଓ ଝାଡା ନମୂନା ଭୀମଭୋଇ ମେଡିକାଲ କଲେଜକୁ ପଠାଯାଇଛି। ୬ଦିନ ପରେ ବି ଏହି ରିପୋର୍ଟ ଆସିନି। ଫଳରେ ପାନୀୟ ଜଳରେ କ୍ଷତିକାରକ ଜୀବାଣୁ ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇପାରିନି।

କ୍ଲଷ୍ଟରସ୍ତରୀୟ ଶିଶୁ ସଞ୍ଚୟନ କାର୍ଯ୍ୟକ୍ରମ

ଅମରପାଲି, ୧୮।୧୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଚୁରପଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ଶିଶୁ ସଞ୍ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ରବିଚନ୍ଦ୍ର ଡାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଏବଂ ଜିଲା ଶିକ୍ଷା ଅଧିକାରିଣୀ ପୁଷ୍ପା ମିଞ୍ଜ, ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ପ୍ରତ୍ୟହ କିଛି ନା କିଛି ସଞ୍ଚୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରବୀର କୁମାର ଦାଶଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ ଝିଅ ନୁହେଁ ତୁ ମୋ ସୁନା ପୁଅ ପରିବେଷିତ ହୋଇଥିଲା। ଅତିଥିମାନେ ସ୍କୁଲର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବିତରଣ କରିଥିଲେ। ଶେଷରେ ସ୍କୁଲ ପରିଚାଳନା କମିଟିର ସଭାପତି ଜୟକୃଷ୍ଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

କଟା ହୋଇ ଖେତରେ ପଡିଥିବା ଧାନ

ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ, ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

ସଂକ୍ଷେପରେ

ଯାତ୍ରା ପଡ଼ିଆରୁ ବାଇକ ଚୋରି

ଖପ୍ରାଖୋଲ, ୧୮।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ ଦେଦର୍ହ ଲକ୍ଷ୍ମୀ ପୂଜା ନିକଟରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପାଇକମାଲ ଥାନା ଛିନ୍ଦେକେଲା ଗାଁର ରାମକୃଷ୍ଣ ହଂସ ନିଜ ବାଇକ ନଂ. ଓଡି୨୬ ଏ ୨୧୩୧କୁ ଯାତ୍ରା ପଡିଆ ନିକଟରେ ରଖି ଯାତ୍ରା ଦେଖିବାକୁ ଯାଇଥିଲେ। ଫେରିଲା ବେଳକୁ ବାଇକ ନ ଥିବା ଦେଖିବାକୁ ପାଇ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ .୧୫୮/୧୮) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

୩୨ ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ

କଣ୍ଟାବାଞ୍ଜି, ୧୮।୧୨(ଡି.ଏନ୍.ଏ.): କଣ୍ଟାବାଞ୍ଜି ଜିଲା ଦାବୀ ନେଇ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ମଙ୍ଗଳବାର ୩୨ତମ ଦିନରେ ପହଞ୍ଚିଛି। ଦିବସର ଧାରଣାକୁ ସମର୍ଥନ ଦେବା ପାଇଁ ବିରିପାଲି ଓ ବେଡ଼ାପଡା ଗ୍ରାମର ଜନସାଧାରଣ ଦାରରାସ୍ଥଳକୁ ଆସିଥିଲେ। ଧାରଣାରେ ଉଭୟ ଗ୍ରାମର ସୀତା ସାହୁ, ରୀତା ସାହୁ, ରତ୍ନା ସାହୁ, କୁରେଶ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ରଣା, ଗରିବ ମହାନନ୍ଦ, ମାନ୍ଧୁ ତାଣ୍ଡି, ମନ୍ତ୍ରୀ କୁମାର, ଶ୍ରୀକାନ୍ତ ମହାନନ୍ଦ, ସୁରୁ ଦିପ, ଗୌତମ ରଣା ପ୍ରମୁଖ ସାମିଲ ହୋଇଥିଲେ।

ପେଥାଇ ମାଡ଼ରେ ଚାଷୀ ସର୍ବସ୍ୱାନ୍ତ

ବଲାଙ୍ଗୀର ଅଫିସ, ୧୮।୧୨

ପେଥାଇ ପ୍ରଭାବରେ ଗତ ଦୁଇଦିନର ଲଗାଣ ବର୍ଷାରେ ସବୁଠୁ ବେଶୀ ପ୍ରଭାବିତ ହୋଇଛନ୍ତି ଚାଷୀକୂଳ । କ୍ଷେତରେ ଏବଂ ଖଳାରେ ଥିବା କଟାଧାନ ଲଗାଣ ବର୍ଷାରେ ଭିଜିଯିବା ପରେ ଚାଷୀଙ୍କ ଆଶା ଫସଲ ଅମଳ ଆଶା ମଉଳି ଯାଇଛି । ପ୍ରଥମରୁ ମରୁଡି ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଚକଡା ଉପଦ୍ରବ ଓ ଏବେ ଲଘୁଚାପଜନିତ ଲଗାଣ ବର୍ଷାରେ ସର୍ବସ୍ୱାନ୍ତ ହୋଇଛି । ଗତ ଦୁଇଦିନର ଲଗାଣ ବର୍ଷ ଫଳରେ ଜିଲାର ପ୍ରାୟ ୧୪ଟି ବ୍ଲକରେ ଚାଷୀଙ୍କ ଫସଲ ବେଶ୍ ପ୍ରଭାବିତ ହୋଇଛି । କ୍ଷେତରେ ଥିବା କଟାଧାନ ଏବେ ଲଗାଣ ବର୍ଷା ଜଳରେ ଭାସୁଛି । ଯେଉଁ ଚାଷୀମାନେ ଧାନକୁ ଖଳାକୁ ନେଇ ଆସିଥିଲେ ସେମାନେ ମଧ୍ୟ ଧାନକୁ ବର୍ଷା ଦାଉରୁ ରକ୍ଷା କରିପାରିନାହାନ୍ତି । ସମସ୍ତ ଧାନ ଭିଜି ଯିବା ଫଳରେ ଚାଷୀ ଯେଉଁ ଧାନ ପାଇବା ଆଶା ରଖିଥିଲେ ତାହା ମଉଳି ଯାଇଛି । ଗତ ଦୁଇ ଦିନ ମଧ୍ୟରେ ଜିଲାରେ ୫୬.୫୧ ହାରରେ ୭୯୧ ମିଲିଲିଟର ବର୍ଷା ରେକର୍ଡ କରାଯାଇଛି। କେବଳ ମଙ୍ଗଳବାର ଦିନ ବଲାଙ୍ଗୀର ବୃଷ୍ଟିପାତ୍ କେନ୍ଦ୍ରରେ ସର୍ବାଧିକ ୯୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମଙ୍ଗଳବାର ପୁଇଁତଲାରେ ୭୩ ମିଲିଲିଟର, ଟିଟିଲାଗଡରେ ୬୧ ମିଲିଲିଟର, ସଇଁତଲାରେ ୬୦ ମିମି, ଟୁରେକେଲାରେ ୫୭.୪ ମିଲିଲିଟର ଓ ଖପ୍ରାଖୋଲରେ ୫୭ ମିଲିଲିଟିର ବର୍ଷା ରେକର୍ଡ କରାଯାଇଛି । ଏହାସହିତ ମୁରିବାହାଲରେ ୪୫, ଲୋଇସିଂହାରୋ ୪୪, ଦେଓଗାଁରେ ୩୦ ମିଲିଲିଟିର ଓ ଗୁଡଭେଲା ଠାରେ ୧୮ ମିଲିଲିଟର ବର୍ଷା ରେକର୍ଡ କରାଯାଇଛି । ଏହି ଲଗାଣ ବର୍ଷାରେ ଜିଲାର ଧାନ ଓ କପା ବିଶେଷ ଭାବରେ ପ୍ରଭାବିତ ହୋଇଛି । ଜିଲାର ୧୪ଟି ବ୍ଲକ୍‌ର ୧ ଲକ୍ଷ ୯୦ ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା । ସେଥିରୁ ୧୦ଟି ବ୍ଲକ୍‌ରେ ପ୍ରାୟ ୩୦ ହଜାର ହେକ୍ଟର ଜମିରେ ମରୁଡି ଯୋଗୁଁ ଧାନ ଫସଲ ପ୍ରଭାବିତ ହୋଇଥିବା ଆକଳନରୁ ଜଣାପଡିଥିଲା । ଏହା ସହିତ ଜିଲାରେ ଚକଡା ଉପଦ୍ରବ କାରଣରୁ ଚାଷୀ ବେଶ୍ କ୍ଷତି ସହିଥିଲେ । ମରୁଡି ଓ ଚକଡା ଉପଦ୍ରମ ପରେ ବଞ୍ଚିଥାଇଥିବା ଧାନ ଫସଲରୁ ଚାଷୀ ଅମଳ କରିବା ଆଶା ରଖିଥିଲେ ମଧ୍ୟ ପେଥାଇ ଜନିତ ଲଗାଣ ବର୍ଷା ଚାଷୀଙ୍କ ଆଶାକୁ ଧୂଳିସାତ୍ କରିଦେଇଛି । ଜିଲାର ବିଭିନ୍ନ ଗାଁରେ କ୍ଷତିଗ୍ରସ୍ତ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଅମଳକ୍ଷମ ଧାନକୁ ବର୍ଷାରେ ଭିଜିଯାଉଥିବା ଦେଖି ଚାଷୀ ଏକପ୍ରକାର ମ୍ରିୟମାଣ ହୋଇପଡିଛି । ଜିଲା କୃଷି ବିଭାଗ ପକ୍ଷରୁ ଲଘୁଚାପଜନିତ କ୍ଷୟକ୍ଷତିର ଆକଳନ ଆରମ୍ଭ କରାଯାଇଥିବା କୁହାଯାଇଥିଲେ ମଧ୍ୟ ପ୍ରକୃତରେ କେତେ ଧାନ ପ୍ରଭାବିତ ହୋଇଛି ଜଣାପଡିନାହିଁ । ଏଭଳି ପରିସ୍ଥିତିରେ ଚାଷୀ ସରକାରୀ ସହାୟତାକୁ ଅନେଇ ବସିଲେଣି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୦କେଇର ଶୀକାର ହୋଇଥିବା ଚାଷୀ ମରୁଡି, ଚକଡା ପୋକ ଓ ପେଥାଇ ଲଘୁଚାପ ବର୍ଷାଜନିତ କ୍ଷତିର ସହାୟତା ପାଇବ ନା' ନାହିଁ ଏବେଠୁ ଚିନ୍ତାରେ ପଡିଲେଣି । ଅନେକ ମଣ୍ଡିରେ ମଧ୍ୟ ଚାଷୀଙ୍କ ଧାନ ଭିଜିଯାଇ କ୍ଷତି ହୋଇଛି । ଏସବୁର ସଠିକ୍ ଆକଳନ ନ ହେଲେ ଚାଷୀ ବଡଧରଣର କ୍ଷତି ସହିବା ସ୍ପଷ୍ଟ ହୋଇଗଲାଣି ।

ବଲାଙ୍ଗୀର କନ୍ଧପାଲି ଠାରେ ଖଳାରେ ଭଜିଯାଇଥିବା ଧାନ (ବାମ) । ପୁଇଁତଲା ବ୍ଲକ୍ ତଲଗଜ ଗ୍ରାମରେ ଜଣେ ଚାଷୀ ଭିଜିଯାଇଥିବା ଧାନକୁ ଦେଖାଉଛନ୍ତି ।

ଭିଜିଗଲା କଟାଧାନ

- ଜିଲାରେ ୫୬.୫୧ ହାରରେ ବର୍ଷା ରେକର୍ଡ
- ବଲାଙ୍ଗୀର ବ୍ଲକ୍‌ରେ ସର୍ବାଧିକ ୯୨.୪ ମିଲିମିଟର ବର୍ଷା
- ବର୍ଷା ପାଣିରେ ଉବୁଡୁବୁ ଧାନ ଫସଲ

ଏମାନେ ଯାହା କୁହନ୍ତି...

ଲଗାଣ ବର୍ଷାରେ ମୋର ୫ଏକର ଧାନ ଫସଲ ସମ୍ପୂର୍ଣ୍ଣ ଭିଜି ନଷ୍ଟ ହୋଇଯାଇଛି । ଆମେ ସର୍ବସ୍ୱାନ୍ତ ହୋଇଯାଇଛୁଁ କହିଲେ ଅତ୍ୟୁକ୍ତି ହେବନାହିଁ ।
-**ଶ୍ରୀକର ପଧାନ, ପଡିଆବାହାଲ, ଛତାମଖନା**

୫ ଏକର ଜମିରେ ମୋର ଧାନପେଟା ପଡିଛି । ଲଗାଣ ବର୍ଷା ଯୋଗୁଁ ଏହି କଟାଧାନକୁ ଆଉ କୌଣସି ଜାଗାକୁ ନିଆଯାଇ ପାରିଲାନାହିଁ । ସେସବୁ ଭିଜି ନଷ୍ଟ ହୋଇଯାଇଛି ।
-**ଶେଷଦେବ ପୁଟେଲ, ଶଗଡଘାଟ୍, ଟିଟିଲାଗଡ**

ବର୍ଷାରେ ମୋର ୩ ଏକର କପା ଓ ୬ ଏକର ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପ୍ରାରମ୍ଭିକ ମରୁଡିରୁ ବହୁ କଷ୍ଟରେ ଏସବୁ ବଞ୍ଚାଯାଇଥିଲା । ଏବେ ଲଗାଣ ବର୍ଷାରେ ସବୁ ନଷ୍ଟ ହୋଇଗଲା।।
- **ଦେବକାନ୍ତ ପାଣିଗ୍ରାହୀ, ଧଣ୍ଡାମୁଣ୍ଡା, ଖପ୍ରାଖୋଲ**

ଲଗାଣ ବର୍ଷାରେ ଯେଉଁ ଫସଲ କ୍ଷୟକ୍ଷତି ହୋଇଛି ତାର ଆକଳନ ଆରମ୍ଭ କରାଯାଇଛି । ଜିଲାରେ ୯୦ ପ୍ରତିଶତ ଧାନ କଟା ସରିଥିଲା । ତେବେ କେତେ ପରିମାଣର ଧାନ ଜମିରେ ରହିଥିଲା ଓ କେତେ କ୍ଷତି ହୋଇଛି ଏ ରିପୋର୍ଟ ଆସିଲା ପରେ ଆମେ ସରକାରଙ୍କ ପାଖକୁ ପଠାଇବୁ ।
- **ଶ୍ରୀଧର ଦାସ, କୃଷି ଉପନିର୍ଦ୍ଦେଶକ**, ବଲାଙ୍ଗୀର

ବର୍ଷାରେ ଚାଷୀର ଅକଲ ଗୁଡୁମ୍

ସଇଁତଲା, ୧୮।୧୨ (ଡି.ଏନ.ଏ.)

ଗଲା ଦୁଇଦିନ ହେଲା ବର୍ଷା ଲାଗି ରହିଛେ, ଛାଡ଼ବାର ନାଁ ନିଧରବାର। ଏହେଦେ ଚାଷୀ ଧାନ ଅମଳ କରବାର ସମିଆ ଆଏ। ଇ ସମିଆରେ ବର୍ଷାଟା ଚାଷୀ ସମାଜ ଉପରେ ଚଡକ୍ ପଡ଼ଲା ଲେଖେଁ ହେଇଛେ। ପେଥାଇ ପରଭାବରେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଂଚଳରେ ଦୁଇଦିନ ହେଲା ବର୍ଷା ହେଉଛେ। ଇତାର ଆଗରୁ ଗଲା ୧୩ ତାରିଖ ଗୁରୁବାର ବର୍ଷା ହେଇଥିଲା। କ୍ଷେତେ ଥିବାର ଧାନ ଉଦା ହେଇଯାଇଥିଲା। ତାହାକେ ଶୁଖାବାର ଚେଷ୍ଟା କଲାବେଳେ ସୋମବାର, ମଂଗଲବାର ହେଇଥିବାର ବର୍ଷାରେ ସେଟା ଫେନ୍‌ଘାଏ ଭିଜିଗଲା। ଚାଷୀ ଯେନ୍ ଧାନ୍‌ଦୁରା ପାଏବାର ଆଶ୍ କରିଥିଲା ଏହେଦେ ପାଏବାକି ନାଇଁ ଯେ ଚିନ୍‌ତାରେ ଅଛେ। ପରଶାସନ ପେଥାଇ ଆସୁଛେ ବଲି ଡାକବାଜିରେ ପରଚାର କରବାର କଥା, ହେଲେ ସେଟା ବି ନାଇଁକଲା। ହେଲେ ବି ଚାଷୀ ଯେତ୍‌କି ପାରଲେ ଢ଼ପାଢୁପି କଲେ। ହେଲେ ବଡ଼ଭାଗି ଧାନ ପେଟା ହିସାବେ କ୍ଷେତେ ପଡ଼ି ରହେଲା। ଏତେ ଧାନ୍, ଏତେ ଜଲଦି ଚାଷୀ କେନ୍‌କେ ନେବା। ଏହେଦେ ବର୍ଷାର ଲାଗି କ୍ଷେତମାନକେ ପେଟା ପାଏନ୍‌ରେ ପହଁରୁଛେ। ଦିନେ ଦୁଇଦିନ୍ ଭିତରେ ଖରା ନିହେଲେ ଧାନ୍ ଗଜା ହେବାରଟା ସାର ଆଏ। ଯେନ୍‌ଟାକେ ଚାଷୀ ବିକି ନିପାରେ କି ଫିକି ନିପାରେ। ସଇଁତଲା ବ୍ଲକ୍‌ରେ ୨୨ଟା ପଁଚେତ୍‌ରେ ବର୍ଷା ଲାଗି ଧାନ୍ ଖରାପ ହେବାବଲି ଚାଷୀମାନେ କହିଛନ୍। ଇହାଦେ ରାଏଜ୍ ସରକାର ଯଦି ଚାଷୀମାନକର ଲାଗି କିଛି ବେବସ୍‌ତା ନିକରବେ ତ ଚାଷୀକର ଅବସ୍‌ତା ଆହୁରି ଖରାପ ହେବା ବଲି କହିଛନ୍ ଚାଷୀନେତା ସତ୍ୟନାରାୟଣ ପଣ୍ଡା।

ଇମାନେ ଯାହା କହିଛନ୍...

ଅଦିନିଆଁ ବର୍ଷାଟା ପନିପରିବା ଚାଷ୍ ଲାଗି ମାରକ୍ ହେଇଛେ। ଏହେଦେ ପନିପରିବାରେ ଯାହାକୁ ଯେତେ ପୋକ୍‌ଜୋକ୍ ଲାଗ୍‌ବେ, ଯାହା ହେଇଛେ ସେଟାକେ ବି ପୋକ୍ ଚରିଯିବେ।
-**ନିତ୍ୟାନନ୍ଦ, ଚାଷୀ।**

ଧାନ୍ ନିଶୁଖିଲେ ମୋର ଖାଏବାରଟା ମୁଠାକ ବି ନିବାହାରେ। ମୋର ନାଁରେ ଲୋନ ଅଛେ, ଲାଗବରମସ କରି ଚାଷ୍ କରିଛେଁ। ଏହେଦେ ସେ ସବୁ କେନ୍‌ନୁ ସୁଝମି ଭାବି ନିପାରବାର।
-**ବାବୁଲାଲ କର୍ମୀ, ଚାଷୀ**

ଇ ଚାଷ୍‌ବାସ ଛଡା ମୋର ଅଲଗା କିଛି ବେପାର ନାଁଇଁନ। ଯଦି ଇ ବର୍ଷା ଲାଗି ଧାନ ଦୁରା ନିପାଏଁ ମୁଇଁ କାଣା କରମି। ଇ ଧାନ ଦୁରାକ ବଛରକୁତା ମୋର କୁଟମର ପେଟ ପାଲୁଛେ।
-**ଗୋକୁଳ ଭୋଇ**

ଦାଉ ସାଧିଲା ପେଥାଇ

ଦେଓଗାଁ, ୧୮।୧୨(ଡି.ଏନ.ଏ.)

ଦେଓଗାଁ ବ୍ଲକରେ ଚକଡା ରୋଗରେ ଧାନଚାଷ କ୍ଷତି ପରେ ଏବେ ପେଥେଇ ଚାଷୀଙ୍କୁ ଦାଉ ସାଜିଛି । ଗତ ଦୁଇଦିନ ହେଲା ପେଥେଇ ପ୍ରଭାବରେ ଲଗାଣ ବର୍ଷାରେ ଦେଓଗାଁ ବ୍ଲକର ଅନେକ ଚାଷୀଙ୍କ ପାଚିଲା ଧାନ ସାଙ୍ଗକୁ କପା, ପନିପରିବା ଓ ଡାଲିଜାତୀୟ ଶସ୍ୟ ନଷ୍ଟ ହୋଇଛି । ଚାଷୀ ଏବେ ବିଲରେ ବର୍ଷା ପାଣିରେ ବୁଡି ରହିଥିବା ପାଚିଲା ଧାନକୁ ଦେଖି ଦୁଃଖରେ ଭାଙ୍ଗିପଡିଛି । ପ୍ରକୃତିର ଲୁଚକାଳି ଖେଳରେ ଏବେ ନିରୂପାୟ ହୋଇ ବର୍ଷତମାମ କେମିତି ଧାରକରଜ ସୁଝିବ ଓ ପେଟ ପୋଷିବ ସେ ନେଇ ଚିନ୍ତାରେ ପଡିଥିବା ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି । ଅଦ୍ୟାବଧି ଯେଉଁ ଚାଷୀମାନେ ବିଲରେ ଧାନକାଟି ପକାଇ ରଖିଥିଲେ ତାହା ଭିଜି ଏବେ ଗଜା ହୋଇଯାଇଛି । ଏହି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କ ଜମି ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ଦାବି ହୋଇଛି। ସରକାର ତୁରନ୍ତ ଚାଷୀଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଏଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗୋଷ୍ଠୀ କୃଷକ ମହାମଞ୍ଚ ଆବାହକ ଶ୍ୟାମ ସୁନ୍ଦର ଦାଶ ସୂଚନା ଦେଇଛନ୍ତି। ଦେଓଗାଁ ବ୍ଲକର ୨୬ ଟି ପଞ୍ଚାୟତ ଅନ୍ତର୍ଗତ ୧୨୭ ଖଣ୍ଡ ରାଜସ୍ୱ ଗାଁରେ ହୋଇଥିବା ଧାନଚାଷ ମଧ୍ୟରୁ ଅନେକ ଜମିରେ ଧାନ ଅଦ୍ୟାବଧି ଅମଳ ହୋଇ ନ ଥିବାରୁ ପେଥେଇ ପ୍ରଭାବରେ ବ୍ୟାପକ କ୍ଷତି ହୋଇଥିବା କୃଷି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କୁ ପଚାରିବାରୁ ସମସ୍ତ କର୍ମଚାରୀ ଚାଷୀଙ୍କ ଜମିକୁ ଯାଇ ତଦନ୍ତ କରୁଛନ୍ତି। ରିପୋର୍ଟ ସଂଗ୍ରହ ପରେ ସରକାରଙ୍କୁ ଦିଆଯିବ ବୋଲି କହିଛନ୍ତି।

ଦେଓଗାଁ କଛାରପାଲିର ଏକ ଚାଷଜମିରେ କଟାଯାଇଥିବା ପାଚିଲା ଧାନ ବର୍ଷାରେ ଭିଜୁଛି ।

■ ଅବ୍ୟବସ୍ଥାରେ ଦେଓଗାଁ ପ୍ୟାକ୍ସ

ବର୍ଷାରେ ଭିଜିଲା ବସ୍ତାବସ୍ତା ଧାନ

ଦେଓଗାଁ, ୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପ୍ୟାକ୍ସ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ନିଜସ୍ୱ ଗୋଦାମ ଘର ନ ଥିବାରୁ ପେଥେଇ ପ୍ରଭାବ ଜନିତ ଲଗାଣ ବର୍ଷାରେ ମଙ୍ଗଳବାର ମଣ୍ଡିକୁ ଆସିଥିବା ୭ଶହ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନବସ୍ତା ପାଣିରେ ଭିଜି ଯାଇଛି । ଫଳରେ ପ୍ୟାକ୍ସରେ ଟ୍ୟାଗ ହୋଇଥିବା ମିଲର୍ସମାନେ ଏହି ପାଣିଭିଜା ଧାନକୁ ନେବାପାଇଁ ଅମଙ୍ଗ ହୋଇଥିଲେ। ଆପୋଷ ବୁଝାମଣା ପରେ ମଙ୍ଗଳବାର ଅପରାହ୍ନରେ ପାଣିଭିଜା ଧାନବସ୍ତାଗୁଡିକୁ ମିଲରମାନେ ନେଇଥିବା ଦେଖା ଯାଇଥିଲା । ବ୍ଲକର ଅନ୍ୟାନ୍ୟ କୃଷିସେବା ସମବାୟ ସମିତି ମାନଙ୍କରେ ୨/୩ ବର୍ଷ ମଧ୍ୟରେ ସଂପୃକ୍ତ ବିଭାଗ ତରଫରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିଜସ୍ୱ ଗୋଦାମ ଘର ମାନ ନିର୍ମାଣ ହୋଇଥିବା ବେଳେ ବ୍ଲକ ମୁଖ୍ୟାଳୟ ପ୍ୟାକ୍ସରେ ନିଜସ୍ୱ ଗୋଦାମ ଘର ପାଇଁ ବିଭାଗ ତରଫରୁ ଅଣଦେଖା କରାଯିବା ପରିତାପର ବିଷୟ ବୋଲି ଦେଓଗାଁ ଓ ଗାଇବାହାଲ ପଞ୍ଚାୟତର ସମସ୍ତ ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି । ଏ ଦିଗରେ ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେଇ ଆସନ୍ତା ବର୍ଷକୁ ନଜରରେ ରଖି ଗୋଦାମ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

ଦେଓଗାଁ ପ୍ୟାକ୍ସରେ ଗୋଦାମ ଘର ନ ଥିବାରୁ ମଣ୍ଡିକୁ ଅଣାଯାଇଥିବା ଧାନବସ୍ତା ପାଣିରେ ଭିଜିଯାଇଛି ।

ଅଦିନିଆ ବର୍ଷାରେ ଭିଜିଲା ଫସଲ

ଚିକ୍ରାପଡା,୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଚିକ୍ରାପଡା, ଯୁରାବନ୍ଧ, ଝିଙ୍କିଡୁଙ୍ଗୁରି, କରମତଲା ପଞ୍ଚାୟତ ଅଞ୍ଚଳରେ ସୋମବାର ଦିନ ଓ ରାତିସାରା ବର୍ଷା ଯୋଗୁଁ କଟା ହୋଇଥିବା ଓ ଅମଳ ହେବାକୁ ଥିବା ଧାନ ତଥା କପା ଫସଲ ଓଦା ହୋଇଯାଇଛି। ଅମଳ ପାଇଁ କଟାହୋଇ କ୍ଷେତରେ ପଡିଥିବା ପେଟା ଓ ଖଳାରେ ଥିବା ଖରିଧାନ ଗଜା ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। କ୍ଷେତରେ ବର୍ଷା ପାଣି ଭର୍ତ୍ତି ହୋଇ ରହିଥିବାରୁ ଚାଷୀ ମହଲରେ ନିରାଶା ଦେଖା ଦେଇଛି।

ଚିକ୍ରାପଡାର ଏକ କ୍ଷେତରେ ଭିଜିଯାଇଥିବା ଧାନକୁ ଜଣେ ଚାଷୀ ଦେଖାଉଛନ୍ତି।

ଦୁଇଦିନରେ ୬୪ ମିମି ବର୍ଷା

ଉଜୁଡ଼ିଗଲା କପା ଫସଲ

କ୍ଷତିଗ୍ରସ୍ତ କପାଖେତ।

ଖପ୍ରାଖୋଲ, ୧୮।୧୨(ଡି.ଏନ.ଏ.)

ଘୁର୍ଣ୍ଣିଝଡ ପେଥେଇ ପ୍ରଭାବରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଦୁଇ ଦିନରେ ୬୪ ମିମି ବର୍ଷା ହୋଇଛି । କୃଷି ବିଭାଗ ସୂତ୍ର ଅନୁଯାୟୀ ଲଗାଣ ବର୍ଷା ଏବଂ ପବନ ପ୍ରଭାବରେ ବ୍ଲକର ଶହଶହ ଏକର କପା ଓ ଧାନ ଫସଲ ନଷ୍ଟ ହୋଇଛି। ଚଳିତବର୍ଷ ଚାଷ ଆରମ୍ଭରୁ ଭଲ ବର୍ଷା ହୋଇଥିଲେ ବି ନବାନ୍ନ ପରେ ଆଉ ବର୍ଷା ନହେବାରୁ ଚାଷ ପ୍ରଭାବିତ ହେବା ସହ ମରୁଡି ଦେଖା ଦେଇଥିଲା । ଏସବୁ ସତ୍ତ୍ୱେ ବିଭିନ୍ନ ଉପାୟରେ ଚାଷୀ ଯେଉଁ ଧାନ ଓ କପାକୁ ବଞ୍ଚାଇଥିଲା ପେଥେଇ ପ୍ରଭାବରେ ଏବେ ତାହା ନଷ୍ଟ ହୋଇଛି। କପା ଫସଲ ପ୍ରଥମ ତୋଳା ସରିଥିବା ବେଳେ ଶହଶହ ଏକର ଜମିରେ କପା ଅମଳ ଉପଯୋଗୀ ହୋଇ ରହିଥିଲା। ହେଲେ ବର୍ଷା ଯୋଗୁଁ ବିଲରେ ହିଁ କପା ଓଦା ହୋଇ ରହିଛି। ଅନେକ କପା ବର୍ଷା ମାଡରେ ଝଡି ପଡିଛି। ସେହିପରି ଧାନକାଟି କେତେକ ଚାଷୀ ଜମିରେ ପକାଇଥିବା ବେଳେ ଅନ୍ୟ କେତେକ ଅମଳ ପାଇଁ ଖଳାରେ ରଖିଛନ୍ତି। ଏସବୁକୁ ଦାଉ ସାଧିଛି ପେଥେଇ ବର୍ଷା। ପ୍ରଶାସନ କି କୃଷି ବିଭାଗ ତରଫରୁ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ବର୍ଷା ନେଇ ଜାଣି ପାରି ନ ଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ନେତା ଗଜରାଜ ନାଗ, ଗୁପ୍ତେଶ୍ୱର କୁଅଁର, କ୍ଷମାନିଧି ଭୋଇ, ବବୁ ସାହୁ ପ୍ରମୁଖ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଖପ୍ରାଖୋଲ ବ୍ଲକରେ ମୋଟ ୨୯ ହଜାର ହେକ୍ଟର ଚାଷ ଜମି ରହିଥିବା ବେଳେ ୧୩ ହଜାର ୬୦୯ ହେକ୍ଟର ଜମିରେ ଧାନ ଏବଂ ୭ହଜାର ୮୦୦ ହେକ୍ଟର ଜମିରେ କପା ଫସଲ ହୋଇଥିଲା। ଅବଶିଷ୍ଟ ୭ହଜାର ୫୯୧ ହେକ୍ଟର ଜମିରେ ଚିନା ବାଦାମ, ଡାଲିଜାତୀୟ ଫସଲ, ପନିପରିବା ଆଦି ଚାଷ ହୋଇଥିଲା। ଏ ନେଇ ଖପ୍ରାଖୋଲ ବ୍ଲକ ସହକାରି କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ରଙ୍କୁ ଯୋଗଯୋଗ କରାଯାଇଥିଲା। ପେଥେଇ ପ୍ରଭାବରେ ଧାନ ଏବଂ କପା ଫସଲ କେତେ ନଷ୍ଟ ହୋଇଛି ସେ ନେଇ କୃଷି ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ଆକଳନ କଲା ପରେ ଜଣା ପଡିବ ବୋଲି ସେ କହିଛନ୍ତି।

ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

ସଂକ୍ଷେପରେ

ଜାନୁୟାରୀ ୭ରୁ ସର୍ବଭାରତୀୟ ପାଟଣା କପ୍

ପାଟଣାଗଡ, ୧୮।୧୨ (ଡି.ଏନ.ଏ.): ପାଟଣାଗଡ ରମାଇ ହାଇସ୍କୁଲ ପଡିଆରେ ଜାନୁୟାରୀ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ୧୮ତମ ସର୍ବଭାରତୀୟ ପାଟଣା କପ କ୍ରିକେଟ ଟୁର୍ନାମେଣ୍ଟ ହେବାକୁ ସ୍ଥିର କରାଯାଇଛି। ଏହି ଉପଲକ୍ଷେ ପାଟଣାଗଡ କ୍ରିକେଟ କ୍ଲବଠାରେ ସୋମବାର ରାତିରେ କ୍ଲବ ସଭାପତି ଅଲେଖ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବାହାରୁ ୬ଟି ଦଳ ରାଞ୍ଚି, ଝାରଖଣ୍ଡ, ଭିଲାଇ ଛତିଶଗଡ, ଲାଲବାଗ ଛତିଶଗଡ, ଆନ୍ଧ୍ରା ପଶ୍ଚିମବଙ୍ଗ, ବିଶାଖାପାଟନାମ, ବିଲାଶପୁର ଛତିଶଗଡ ଏବଂ ରାଜ୍ୟର ୨ଗୋଟି ଦଳ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ପାଟଣାଗଡ ଦଳ ଯୋଗଦେବେ। ବିଜୟୀ ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩୦ହଜାର ଟଙ୍କା ଏବଂ ଟ୍ରଫି ଦେବା ପାଇଁ ସ୍ଥିର କରାଯାଇଥିଲା। ଟୁର୍ନାମେଣ୍ଟର ସଫଳ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। କ୍ଲବ ଉପସଭାପତି ରମାନାଥ ହୋତା, ସମ୍ପାଦକ ସମୀର ପାଣିଗ୍ରାହୀ, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ସହସମ୍ପାଦକ ରାନା ଚିନ୍ଦା, ସଦସ୍ୟ ବୁଲୁ କୁଅଁର, ମୁନା ଠାକୁର, ଚିଣ୍ଟୁ ପାଣିଗ୍ରାହୀ, ତନ୍ମୟ ଦାସ, ବାବୁଲୁ ଦାସ, ପିଙ୍କୁ ବୁଡେକ, ଲିଟନ କର, ଦୟା ମେହେର, ସାଗର ପରୁଆ, ହୀରାଧର ବରିହା ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

ପ୍ରସନ୍ନ ପଟ୍ଟନାୟକ ରାଷ୍ଟ୍ରୀୟ ଜୋନାଲ ସଭାପତି ମନୋନୀତ

ଭବାନୀପାଟଣା,୧୮।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଦୌରାଜଜ୍ କୋର୍ଟ କର୍ମଚାରୀ ପ୍ରସନ୍ନ ପଟ୍ଟନାୟକଙ୍କୁ ରାଷ୍ଟ୍ରୀୟ ଜୋନାଲ ସଭାପତି ଭାବେ ମନୋନୀତ କରାଯାଇଛି । ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ମୁଖ୍ୟ କାର୍ଯ୍ୟାଳୟଠାରେ ରାଷ୍ଟ୍ରୀୟ ବିଚାର ବିଭାଗୀୟ କର୍ମଚାରୀ ସଂଘ ରାଷ୍ଟ୍ରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ରାଷ୍ଟ୍ରୀୟ ବିଚାର ବିଭାଗୀୟ କର୍ମଚାରୀ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ସକିଲ ମୋଇନି, ସାଧାରଣ ସମ୍ପାଦକ ବୋଧା ଲକ୍ଷ୍ମଣ ରେଡ୍ଡି, ବିଚାରପତି ଟି. ରଜନୀଙ୍କ ସମେତ ଭାରତ ବର୍ଷରୁ ୨୩ଟି ରାଜ୍ୟର ସଭାପତି ଏବଂ ସାଧାରଣ ସମ୍ପାଦକ ଉପସ୍ଥିତ ରହି ବିଚାର ବିଭାଗ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ନିରାକରଣ ଉପରେ ଆଲୋଚନା କରାଯାଇଥିଲା । ପରେ ଏହି ମହାସମାବେଶରେ ରାଷ୍ଟ୍ରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା । କଳାହାଣ୍ଡି ଜିଲା ଏବଂ ଦୌରାଜଜ୍‌ରେ କାର୍ଯ୍ୟରତ କର୍ମଚାରୀ ତଥା ଓଡିଶା ରାଜ୍ୟ ବିଚାର ବିଭାଗୟ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ, କେନ୍ଦ୍ରୀୟ ଜୋନାଲ୍ (ପୂର୍ବତଟ) ସଭାପତି ଭାବେ ମନୋନୀତ ହୋଇଥିଲେ । ପଟ୍ଟନାୟକଙ୍କୁ ରାଷ୍ଟ୍ରୀୟ ଜୋନାଲ ସଭାପତି ଭାବେ ମନୋନୀତ କରାଯାଇଥିବାରୁ କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗରେ କାର୍ଯ୍ୟରତ କର୍ମଚାରୀ ଏବଂ ଓଡିଶାର ବିଭିନ୍ନ ଜିଲାରେ ବିଚାର ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି ।

ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ପାଟଣାଗଡ, ୧୮।୧୨ (ଡି.ଏନ.ଏ.): ପାଟଣାଗଡ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ରମାଇ ହାଇସ୍କୁଲ ଖେଳ ପଡିଆଠାରେ ସୋମବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ସୁନା, ବିଜେଡି ନେତା ଇନ୍ଦୁଭୂଷଣ ଠାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବାଳକ ବିଭାଗର ବରିଷ୍ଠ ବିଭାଗରେ ହୃଷିକେଶ ବାଗ ଓ କନିଷ୍ଠ ବିଭାଗରେ ସାଗର ବନଗୁଲା ଚାମ୍ପିୟନ ହୋଇଥିଲେ। ମ୍ୟାନେଜିଙ୍ଗ ଟ୍ରଷ୍ଟି ଶେଖ ଅବଦୁଲ କାସମ୍ ଉଦଯାପନୀୟ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦୀପ ପଣ୍ଡା ସଭା ପରିଚାଳନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ନାରାୟଣ ପଟ୍ଟନାୟକ ଏବଂ ଉପାଧ୍ୟକ୍ଷ ନାରାୟଣ ମିଶ୍ରଙ୍କ ସହିତ ଖେଳ ଶିକ୍ଷକ ଅଜିତ ଦଳପତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗତ ୩ଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ ରମାଇ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବିଶ୍ୱାଳ ଏବଂ ପୂର୍ବତନ ଖେଳ ଶିକ୍ଷକ ପ୍ରଫୁଲ୍ଲ ସିଂଦେଓ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ବୀରମହାରାଜପୁର କୃଷି ଜିଲାରେ ଲଘୁଚାପ ବର୍ଷାର ପ୍ରଭାବ

ତିତ୍‌ଲି ଆଣିଥିଲା ଆଶ୍ୱସ୍ତି, ପେଥାଇ ଦେଲା ଦୁଃଖ

- ଦୁଇଦିନରେ ୮୮.୪ ମିମି ବର୍ଷା,ଏବେବି ଛାଡିନି
- ଖେତରେ ଭିଜୁଛି କାଟିଲା ଧାନ ପେଟା
- ମଣ୍ଡିରେ ପଡିଛି ହଜାର ହଜାର ବସ୍ତା ଧାନ

ବୀରମହାରାଜପୁର, ୧୮।୧୨ (ଡି.ଏନ୍.ଏ.)

ସମ୍ପ୍ରତି ଲଘୁଚାପର ରୂପ ନେଇଥିବା ଘୂର୍ଣ୍ଣିବଳୟ ପେଥାଇ ସୁବର୍ଣ୍ଣପୁର ରାଜସ୍ୱ ଜିଲାର ବୀରମହାରାଜପୁର କୃଷି ଜିଲାକୁ ବହୁ ଭାବରେ ପ୍ରଭାବିତ କରିଛି। ଗତ ରବିବାରଠାରୁ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଓ ଶୀତୁଆ ପବନ ସାଧାରଣ ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରିଥିବା ବେଳେ ଚାଷୀଙ୍କୁ ଅଥୟ କରିଛି। କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚିତ ଏହି ଉପଖଣ୍ଡର ୩୨ଟି ଯାକ ପଞ୍ଚାୟତର ଧାନ କୃଷିକ୍ଷେତ୍ର କ୍ଷତିଗ୍ରସ୍ତ ହେବା ସହ ଧାନ ଫସଲ ଅନେକାଂଶରେ ନଷ୍ଟ ହୋଇଥିବା ଖବର ମିଳିଛି।

ବୀରମହାରାଜପୁର ବ୍ଲକ ଉପୁଲା ପଞ୍ଚାୟତର କାନପୁର ଚାଷଜମିରେ କଟାହୋଇ ପଡିଥିବା ଧାନପେଟା ପାଣିରେ ଭିଜୁଛି।

ହିଲୁଙ୍ଗ ପ୍ରାକ୍ସର ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଥିବା ଧାନ ବସ୍ତା।

ରବିବାର ଓ ସୋମବାର ଉପଖଣ୍ଡର ଉଲୁଣ୍ଡା ବ୍ଲକରେ ଯଥାକ୍ରମେ ୧୬ମିମି ଓ ୭୨.୪ ମିମି ବର୍ଷା ହୋଇଥିବା ବେଳେ ବୀରମହାରାଜପୁରରେ ୧୩ ଓ ୬୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମଙ୍ଗଳବାର ମଧ୍ୟ ସାରା ଅଞ୍ଚଳରେ ବର୍ଷା ଲାଗି ରହିଛି। ଅଦିନିଆ ବର୍ଷା ହେତୁ କ୍ଷେତରେ ଓ ଖଳାରେ କଟାଯାଇଥିବା ଧାନପେଟାଗୁଡିକ ପାଣିରେ ଭିଜୁଥିବା ଦେଖିବାକୁ ମିଳୁଛି। ସେହିଭଳି ଅମଳ ହେବାପରେ ମଣ୍ଡିକୁ ଯାଇଥିବା ହଜାରହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। ଆକସ୍ମିକ ବର୍ଷା ଯୋଗୁଁ ଅପ୍ରସ୍ତୁତ ଚାଷୀ ନାହିଁ ନ ଥିବା ଦୁର୍ଦଶାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ରବିଚାଷ ଓ ବାଡି ବଗିଚା ଚାଷ ବର୍ଷା ଏବଂ ପବନରେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବର୍ଷାଜଳ ଉପରେ ନିର୍ଭର କରି ଆସୁଥିବା ଏହି କୃଷିଜିଲାର ଖରଫ ଧାନଚାଷ ବର୍ଷାଭାବ ଯୋଗୁଁ ମରୁଡିର ସମ୍ମୁଖୀନ ହେବାକୁ ବସିଥିବା ବେଳେ ତିତ୍‌ଲି ପ୍ରଭବରେ ହୋଇଥିବା ସାମୟିକ ବର୍ଷା ତହିଁରୁ ରକ୍ଷା କରିବା ସଙ୍ଗେସଙ୍ଗେ ଚାଷୀଙ୍କୁ ଆଶ୍ୱସ୍ତି ଆଣି ଦେଇଥିଲା। ହେଲେ, ବର୍ତ୍ତମାନର ପେଥାଇ ଅଞ୍ଚଳର ଚାଷୀକୂଳଙ୍କ ପାଇଁ ଦାଉ ସାଧିଛି ବୋଲି ଅନୁଭବ କରାଯାଉଛି। ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପେଥାଇର ପୂର୍ବାନୁମାନ କୃଷି ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ଏଥିଯୋଗୁଁ ବହୁ ଚାଷୀ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବା ବେଳେ କ୍ଷେତରେ ଅମଳ ହୋଇ ପଡିଥିବା ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେନେଇ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଆକଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ପକ୍ଷରେ ମଣ୍ଡି ମାନଙ୍କରେ ପଡି ରହିଥିବା ଧାନର ସ୍ଥିତି ନେଇ ଏଆରସିଏସ ଭୀମସେନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ମଣ୍ଡିଦ୍ୱାରା ଧାନ ସଂଗ୍ରହ ନ କରିବା ସକାଶେ ବୀରମହାରାଜପୁର ଉପଖଣ୍ଡର ସମସ୍ତ ୨୦ଟି ଯାକ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତାଛଡା ସୁବଳୟା, ମହଦା ଓ ଚଡେଇପଙ୍କଠାରେ ଥିବା ଗୋଦାମମାନଙ୍କରେ ବିକ୍ରି ପାଇଁ ଚାଷୀଙ୍କ ଧାନ ରଖାଯାଇ ପାରିଥିବାରୁ ସେସବୁ ସ୍ଥାନରେ ଚାଷୀଙ୍କ ଧାନ ନଷ୍ଟ ହୋଇନାହିଁ । ତେବେ ଅନ୍ୟାନ୍ୟ ପ୍ୟାକ୍ସର ସମ୍ପାଦକ ମାନଙ୍କଠାରୁ ଅଦ୍ୟବଧି କୌଣସି ରିପୋର୍ଟ ହସ୍ତଗତ ହୋଇନାହିଁ । ସମବାୟ ବିଭାଗ କର୍ତ୍ତୃପକ୍ଷଙ୍କ ଏଭଳି ମତାମତ ଭିତରେ ଅନୁସନ୍ଧାନରୁ ଜଣା ପଡିଛି ଯେ, ବୀରମହାରାଜପୁର ବ୍ଲକର ହିଲୁଙ୍ଗ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) କାର୍ଯ୍ୟାଳୟ ବାହାରେ ଅସୁରକ୍ଷିତ ଭାବେ ଖୋଲା ଆକାଶତଳେ ହଜାରେରୁ ଊର୍ଦ୍ଧ୍ୱ ଧାନବସ୍ତା ପଡିରହିଛି। ବିଭାଗୀୟ କର୍ମକର୍ତ୍ତାମାନଙ୍କ ଅବହେଳା ଯୋଗୁଁ ହିଲୁଙ୍ଗ ଭଳି ଅନ୍ୟ ପ୍ୟାକ୍ସରେ ମଧ୍ୟ ବିକ୍ରିପାଇଁ ଆସିଥିବା ଚାଷୀ ଧାନ ସାମ୍ପ୍ରତିକ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି।

ଶ୍ରମିକ ସଚେତନତା ଶିବିର

ସୋନପୁର,୧୮।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସିଲାଟି ପଞ୍ଚାୟତ କାର୍ଯ୍ୟାଳୟରେ ଅଣସଂଗଠିତ ଶ୍ରମିକଙ୍କୁ ସଚେତନତା ଓ ପଞ୍ଜିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାଯର୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁନିତା ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇଥିଲେ। ଡିଏସପି ଏସ. ଏମ. ରହମାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା ଯୋଗଦାନ କରି ଅଣ ସଂଗଠିତ ଶ୍ରମିକ ମାନଙ୍କ ପାଇଁ ସରକାରୀ ଯୋଜନା ବିଷୟରେ ବୁଝାଇଥିଲେ। ୫ ଏକରରୁ କମ୍ ଚାଷ ଜମି ଥିବା ଚାଷୀ, ଟ୍ରଲି ଚାଳକ ଓ ହକରମାନେ ପଞ୍ଜିକୃତ ହୋଇ ସହାୟତା ପାଇପାରିବେ ବୋଲି କହିଥିଲେ। ଶ୍ରମ ନିରୀକ୍ଷକ ପାରାମଣି ସୋରେନ, ଗଣିଆ ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝି ଓ ପିଏଲଭି କର୍ମୀ ବିଶି ଉପସ୍ଥିତ ଥିଲେ। ଶତାଧିକ ଶ୍ରମିକ ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ଡିଏଲଏସଏ କର୍ମଚାରୀ ବିନ୍ଦୁସାର ମହାପାତ୍ର, ବିବେକାନନ୍ଦ ପଣ୍ଡା, ନରେନ୍ଦ୍ର କୁମାର ସିଂ ଓ ଶ୍ୟାମ ସୁନ୍ଦର ବାରିକ୍ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

Office of the Chief Engineer
Dam Safety Secha Sadan, Unit-V, Odisha, Bhubaneswar
Phone: 0674 - 2531935 / Fax - 0674 - 2531934
E-mail: cedamsafety.odisha@gmail com
No-CE-DS-DRIP-160/2018- Dated the

CANCELLATION OF E-PROCUREMENT NOTICE No. CEDS-03/2018-19

No.975-A: This is for the information of all concerned that the e-procurement Notice No CEDS- 03/2018-19 dated 26.11.2018 for the work "Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organization of Odisha under DRIP at Bhubaneswar - Project funded by World Bank" is hereby cancelled on administrative ground.

32314/11/0026/1819 **Sd./- Chief Engineer, Dam Safety**

TENDER CALL NOTICE

Tender Notification No.: 2684 **Dt.: 17.12.2018**

No. 124-L: Deputy Director of Horticulture, Mayurbhanj, Baripada invites Technical & Financial Bids from the registered firms and producers for supply of Lemon Grass Slips of variety Krishna (Cymbopogon flexosus) for utilization in RKVY and MGNREGS plantations during 2018-19. An earnest money deposit of Rs.5,000/- (Rupees five thousand) only per product & the tender must be accompanined with EMD in shape of Bank Draft in any Nationalzied Bank payable at Baripada in favour of Deputy Director of Horticulture, Mayurbhanj, Baripada. The tender paper can be obtained from O/o. DDH, Mayurbhanj on payment of Rs.500/- (Rupees five hundred) only (non-refundable) in working days from the date of publication of this notice till 27.12.2018. The same can be downloaded from the district website at **www.mayurbhanj.nic.in** and in such case the DD of Rs.500/- on refund is to be attached with tender paper towards cost of tender paper.

Tender paper completed in all respect along with all required documents should reach at Office of the DDH, Mayurbhanj, Baripada on or before 27.12.2018.

Date of Closing of Sale of Tender Paper	-	27.12.2018 at 5.00 P.M.
Date of Closing of submission of Technical Bid and Financial Bid	-	27.12.2018 at 5.00 P.M.
Date of Opening of Technical and Financial Bid	-	28.12.2018 at 11.00 A.M.

Sd./- Deputy Director of Horticulture
Mayurbhanj, Baripada
01059/11/0002/1819

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

ପ୍ରତିକୂଳ ପାଗରେ ବି ଆନ୍ଦୋଳନ ଜାରି

ହାଇକୋର୍ଟ ବେଞ୍ଚ ପୁନଃ ସ୍ଥାପନ ଦାବିରେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣା ।

ବଲାଙ୍ଗୀର ଅଫିସ, ୧୮।୧୨

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ଜାରି ରହିଛି । ମଙ୍ଗଳବାର ପେଥାଇ ପ୍ରଭାବିତ ପ୍ରତିକୂଳ ପାଗରେ ବି ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଥିଲେ । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ମଙ୍ଗଳବାର ୧୬ ଦିନରେ ପହଞ୍ଚିଥିଲା । ପେଥାଇ ପ୍ରଭାବ ଲଗାଣ ବର୍ଷା ସତ୍ତ୍ୱେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏହି ଧାରଣା କାର୍ଯ୍ୟକ୍ରମରେ ଜନମୋର୍ଚ୍ଚାର ବାସୁଦେବ ରଥ, ଆଡଭୋକେଟ୍ ଗୋପାଳ ହୋତା, ଅନନ୍ତ ବିଶ୍ୱାଲ, ସତ୍ୟ ନାଏକ, ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ, ନାଗରିକ କମିଟି ସଭାପତି ଭବାନ ଶତପଥି, ବିଜେଡି ନେତା ଅଶୋକ ରଥ ଓ ଅନ୍ୟମାନେ ଧାରଣାରେ ବସିଥିଲେ । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଘୋଷଣା ନହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜାରି ରଖିଯିବ ବୋଲି ବକ୍ତାମାନେ କହିଥିଲେ। ଏଠାରେ ସରକାରୀ ବିରୋଧୀ ନାରାବାଜି କରାଯାଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନକାରୀମାନେ ଅପରାହ୍ଣ ସାଢ଼େ ୨ଟା ପର୍ଯ୍ୟନ୍ତ ଧାରଣା ଜାରି ରଖିଥିଲେ । ଆଗାମୀ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯାଇ ଜିଲାପାଳ କାର୍ଯ୍ୟାଳୟ, ସିଭିଲ କୋର୍ଟ, ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରି ଅଫିସ ସହ ବଲାଙ୍ଗୀର ସହରର ସମସ୍ତ ବ୍ୟାଙ୍କ, ସରକାରୀ ଅଫିସ, ବୀମା ପ୍ରତିଷ୍ଠାନକୁ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ବ୍ଲକସ୍ତରୀୟ ବାଳଜ୍ୟୋତି କାର୍ଯ୍ୟକ୍ରମ

ବୀରମହାରାଜପୁର, ୧୮।୧୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବାଳଜ୍ୟୋତି କାର୍ଯ୍ୟକ୍ରମ ବୀରମହାରାଜପୁର ବ୍ଲକ ମେଣ୍ଡାମାଳଠାରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ଉଚ୍ଚପ୍ରାଥମିକ ସ୍କୁଲ ପରିସରରେ ଆୟୋଜିତ ଶିବିରରେ ବ୍ଲକ ଅନ୍ତର୍ଗତ ୬୦ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୨୧୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚକ୍ଷୁ ବିଶେଷଜ୍ଞ ମଣ୍ଡଳୀର ପରୀକ୍ଷଣ ପରେ ଚିହ୍ନଟ ହୋଇଥିବା ଦୃଷ୍ଟିବାଧିତ ଶିଶୁମାନଙ୍କ ମଧ୍ୟରୁ ୭୫ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୨୫ଜଣଙ୍କୁ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା। ଏହାବାଦ୍ ୧୭ ଜଣ ଚକ୍ଷୁ ରୋଗୀଙ୍କର ଉଚ୍ଚତର ଚିକିତ୍ସା ପାଇଁ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। ଏହି କାର୍ଯ୍ୟକ୍ରମକୁ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ମଧୁସୂଦନ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ଅବନୀ କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ସଂଯୋଜନା କରିଥିଲେ ସିଆରସିସି ଅକ୍ଷୟ କୁମାର ରାୟ।

ବସନ୍ତ ପାଲ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ଭବାନୀପାଟଣା ସ୍ପୋର୍ଟସ୍ ହଷ୍ଟେଲ ବିଜୟୀ

ବଲାଙ୍ଗୀର ଅଫିସ, ୧୮।୧୨

ବଲାଙ୍ଗୀର ମିଶନ୍ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ବସନ୍ତ ପାଲ (ଘନା) ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଭବାନୀପାଟଣା ସ୍ପ

ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ତ ତୁଳସୀଦାସ

ସଂକ୍ଷେପରେ

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ବୋଡେନ,୧୮।୧୨(ଡି.ଏନ.ଏ.)
ନୂଆପଡ଼ା ଜିଲା ବୋଡେନ ବ୍ଲକ ସଭାଗୃହଠାରେ ସୋମବାର ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆପଡା ଡିଆରଡିଏ ପିଡି ଭୃଷଭ ଚନ୍ଦ୍ର ନାଏକ, ପୋଲିସ ବିଭାଗର ଡିଆଇଜି, ବୋଡେନ ବିଡିଓ ମନୋଜ ମହାନ୍ତି, ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ, ସିଡିପିଓ ସବିନା ଲାକ୍ରା, ତହସିଲଦାର ନରେନ୍ଦ୍ର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଆସୁତୋସ ପଟନାଏକ ପ୍ରମୁଖଙ୍କ ସହ ଜିଲା ଓ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଶୁଣାଣି ଶିବିରରେ ସାମୂହିକ ୩ଟି ଏବଂ ବ୍ୟକ୍ତିଗତ ୧୯ ଟି ଅଭିଯୋଗପତ୍ରର ଶୁଣାଣି କରାଯାଇଥିଲା । ବିଶେଷ କରି ଇନ୍ଦିରା ଆବାସ ଗୃହ ସମ୍ପର୍କରେ ଅଭିଯୋଗ କରାଯାଇଥିଲା ।

ରାହୁଲଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

ନୂଆପଡା ଅଫିସ,୧୮।୧୨
ରାଫେଲ ଡିଲ ସମ୍ପର୍କୀତ କଂଗ୍ରେସ ସଭାପତି ମିଥ୍ୟା ବୟାନ ଦେଇଥିବା ସୁପ୍ରିମ କୋର୍ଟ ସ୍ପଷ୍ଟ କରିଛି । ରାହୁଲ ଏହାକୁ ନେଇ ଦେଶବାସୀଙ୍କ ନିକଟରେ ଭୁଲ ପାଇଁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଭାଜପା ଦାବି କରିବା ସହ ରାହୁଲଙ୍କ କୁଶ ପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛି। ମଙ୍ଗଳବାର ସ୍ଥାନୀୟ ଏକତା ଛକ ନିକଟରେ କୁଶ ପୁତ୍ତଳିକା ଦାହ କରି ପ୍ରତିବାଦ କରାଯାଇଛି ।
ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ସଭାପତିତ୍ୱରେ ସ୍ଥାନୀୟ ଭାଜପା ଜିଲା କାର୍ଯ୍ୟାଳୟଠାରୁ ଏକ ରାଲିରେ କର୍ମକର୍ତ୍ତାମାନେ ବାହାରିଥିଲେ। ଏକତା ଛକ ନିକଟରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ କୁଶ ପୁତ୍ତଳିକାରେ ନିଆଁ ଲଗାଇଥିଲେ। ଏଥିରେ ଭାଜପାର ରାଜ୍ୟ କାର୍ଯ୍ୟ କାରିଣୀ ଯଦୁମଣୀ ପାଣିଗ୍ରାହୀ, ଖଡିଆଳ ବିଧାନସଭା ପ୍ରଭାରୀ ଦୃଷ୍ଟିଚନ୍ଦ୍ର ମାଝି, ସୁବ୍ରତ ଠାକୁର, ଖାମସିଂ ମାଝି, ମୁନା ମହାପାତ୍ର, ମୁରଲୀଧର ସୁନା, ଚତୁର୍ଭୁଜ ଶର୍ମା, ମାର୍କଣ୍ଡ ଗହୀର, ମନିଶ ତିୱାରୀ, ଟିଙ୍କୁ ପଣ୍ଡା, ମାର୍କଣ୍ଡ ଗହୀର, ଦିଲୀପ ନିର୍ମଳକର ପ୍ରମୁଖ ସାମିଲ ହୋଇଥିଲେ ।

ପୂର୍ବତନ କାଉନସିଲରଙ୍କ ବିୟୋଗରେ ଶୋକସଭା

ଭବାନୀପାଟଣା,୧୮।୧୨(ଡି.ଏନ.ଏ.)
ପୂର୍ବତନ କାଉନସିଲର ଉଦୟଭାନୁ ପାତ୍ରଙ୍କ ବିୟୋଗରେ ଜିଲା କଂଗ୍ରେସ ପକ୍ଷରୁ ଭବାନୀପାଟଣା ସହରସ୍ଥିତ କଂଗ୍ରେସ ଅଫିସଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦୟଭାନୁଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଉଦ୍ଭବ ଚରଣ ସାହୁ, ବ୍ରଜସୁନ୍ଦର ସାହୁ, ସୁରେଶ ପଟ୍ଟନାୟକ, ମହମ୍ମଦ ଅଲ୍ଲୀ, ଶରତ ନାଏକ, ଉଦିଆ ସୁନାନୀ, ଭାଗବତ ଯାଦବ, ବାବା ଅଲ୍ଲାଖାଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାତ୍ରଙ୍କ ଦେହାନ୍ତରେ ପୂର୍ବମନ୍ତ୍ରୀ ଭକ୍ତଚରଣ ଦାସ, ଜଗନ୍ନାଥ ପଟ୍ଟନାୟକ, ରାସ ବିହାରୀ ବେହେରା, ପୂର୍ବ ବିଧାୟକ ଗୋବର୍ଦ୍ଧନ ଦାସ, ଅଜିତ ଦାସ, ଶିବାଜୀ ମାଝି ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

ଅଦିନିଆ ବର୍ଷାରେ ଭିଜିଲା ଧାନ: ଚିନ୍ତାରେ ଚାଷୀ

ଖଡିଆଳ,୧୮।୧୨(ଡି.ଏନ.ଏ.)

ଖଡ଼ିଆଳ ଅଞ୍ଚଳର ଚାଷୀମାନେ ବର୍ଷା ପାଣିରେ ଭିଜିଥିବା ଧାନ ଦେଖାଉଛନ୍ତି ।

ନୂଆପଡା ଜିଲା ଖଡିଆଳ ବ୍ଲକର ଚାଷୀଙ୍କୁ ସମସ୍ୟା ପିଛା ଛାଡିବାର ନାଁ ନେଉ ନାହିଁ । କେତେ ବେଳେ ବର୍ଷା ଅଭାବରୁ ଆଉ କେତେ ବେଳେ ରୋଗ ପୋକ ସହ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଅଦିନିଆ ବର୍ଷାର ସମ୍ମୁଖୀନ ହେଉଥିବା ବେଳେ ଚଳିତବର୍ଷ ମଧ୍ୟ ସେହି ସମାନ ଅବସ୍ଥା । ଚଳିତବର୍ଷ ଖରିଫ ଚାଷ ଆରମ୍ଭରୁ ବର୍ଷା ଅଭାବ ପରେ ଭଲ ବର୍ଷା ହୋଇଥିଲା । ତେବେ ଚାଷ ଅମଳ ହେବାକୁ ଥିବା ବେଳେ ପୁଣି ବର୍ଷାଭାବ ଯୋଗୁ ଛୋଟ ଓ ମଧ୍ୟମ ଧରଣର ଧାନ ସାଙ୍ଗକୁ ଅଣଜଳସେଚିତ ଜମିରେ ଥିବା ଧାନ ଚାଷ ମରୁଡିର ସମ୍ମୁଖୀନ ହୋଇଥିଲା । ଜଳସେଚିତ ଜମିଗୁଡିକରେ ଅମଳକ୍ଷମ ଧାନକୁ କାଟି କିଏ ଜମିରେ ତ ଆଉ କିଏ ଧାନ ମଡାଇବା ପାଇଁ ଖଳାରେ ରଖିଥିଲେ । ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ମେଘୁଆ ପାଗ ସହ ଅଦିନିଆ ବର୍ଷା ଖଡିଆଳ ବ୍ଲକର ଚାଷୀଙ୍କୁ ଅଡୁଆରେ ପକାଇଛି। ଗତ ରବିବାର ରାତିରୁ ଅଦିନିଆ ବର୍ଷା ଲାଗି ରହିଥିବାରୁ ଖଡିଆଳ ବ୍ଲକରେ ବିଶେଷ କରି ଧାନ କଟା ହେବା ପରେ କ୍ଷେତରେ ପଡି ରହିଥିବା ଧାନ ଏବଂ ଧାନ ଖଳାରେ ରଖାଯାଇଥିବା ଧାନଗୁଡିକ ସମ୍ପୂର୍ଣ୍ଣ ଭିଜିଯାଇଛି । ଚାଷ ଜମିରେ ୨ରୁ ୪ ଫୁଟ ପାଣି ମଧ୍ୟ ପ୍ରବାହିତ ହେଉଛି । ଫଳରେ ମେଘୁଆ ପାଗ ସହ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅମଳକ୍ଷମ ଧାନ ଗଜା ହେବାର ଆଶଙ୍କା ଦେଖାଦେଇଛି । ଯାହାକୁ ନେଇ ଚିନ୍ତାରେ ଚାଷୀ । ବର୍ଷାକୁ ଦୃଷ୍ଟିରେ ରଖି କିଏ ଧାନ ଖଳାରେ ପଲିଥିନ ଗୋଡେଇ ତ ଆଉ କିଏ ଘରେ ଆଣି ପଲିଥିନ ଗୋଡେଇ ଧାନକୁ ସୁରକ୍ଷିତ କରି ରଖିବାରେ ଲାଗି ପଡିଛନ୍ତି । ଗୋଟିଏପଟେ ଗତ ୨୦୧୫ଠାରୁ ଲଗାତର ୪ବର୍ଷ ହେଲା ଖଡିଆଳ ବ୍ଲକର ଚାଷୀ ବର୍ଷା ଅଭାବରୁ ମରୁଡିର ସମ୍ମୁଖୀନ ହୋଇ ଆସୁଥିଲେ । ଚଳିତବର୍ଷ କିଏ ଧାର ଉଧାର କରି ତଆଉ କିଏ ବ୍ୟାଙ୍କରୁ ଋଣ ଆଣି ତ ଆଉ କିଏ ବାସନକୁସନଠୁ ଆରମ୍ଭ କରି ସୁନାଗହଣା ପର୍ଯ୍ୟନ୍ତ ବନ୍ଧକ ରଖି ଚାଷ କରିଥିଲେ । ଲଗାତର ବର୍ଷା ଅଭାବରୁ ମରୁଡିର ସମ୍ମୁଖୀନ ହୋଇ ଏକ ପ୍ରକାର ମୁଣ୍ଡ ଉପରେ ନଳିତା ବିଡା ସଦୃଶ ହୋଇ ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଇଛି । ଏ ପରିସ୍ଥିତିରେ ପ୍ରଶାସନ ଗୁରୁତର ସହ ନେଇ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇବା ପାଇଁ ଚାଷୀ ଦାବି ଜଣାଇଛନ୍ତି।

ବୋଡେନ,୧୮।୧୨(ଡି.ଏନ.ଏ.)
ଲଘୁଚାପ ଜନିତ ବର୍ଷା ଯୋଗୁ ନୂଆପଡା ଜିଲା ବୋଡେନ ବ୍ଲକରେ ଧାନ କିଆରିରେ ପାଣି ଜମି ରହି ଫସଲ ନଷ୍ଟ ହୋଇଯାଇଛି। ଗତ ୩ ଦିନ ଧରି ଅଦିନିଆ ବର୍ଷା ସହ ମେଘୁଆପାଗ ରହି ଝିପି ଝିପି ବର୍ଷା ଲାଗି ରହିଥିବା ବେଳେ ଧାନ ଗଦା କରିରଖିଥିବା ବେଳେ ଧାନଗଜା ହେବାକୁ ବସିଲାଣି । ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏବେ ପୁଣି ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଚାଷୀଙ୍କ ଧାନ, କପା, ହରଡ ଡାଲି, ସିମ୍ବ, ଚଣା, କୋଳଥ, ବାଇଗଣ, ଟମାଟୋ, କୋବି ଇତ୍ୟାଦି ଫସଲ ନଷ୍ଟ ହେବାରେ ଲାଗିଛି । ଏଭଳି ସମୟରେ ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

କେସିଙ୍ଗା ସଙ୍କୁଳସ୍ତରୀୟ ଶିଶୁ ଶିବିର ଉଦ୍‌ଯାପିତ

ପଲମ,୧୮।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ସରସ୍ୱତୀ ଶିଶୁ ମନ୍ଦିରଠାରେ କେସିଙ୍ଗା ସଙ୍କୁଳସ୍ତରୀୟରୁ ଶିଶୁ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ କେସିଙ୍ଗା ସଙ୍କୁଳ ଅନ୍ତର୍ଗତ କେସିଙ୍ଗା, ନର୍ଲା, ମ.ରାମପୁର, ରୁପ୍ରାରୋଡ, କର୍ଲାମୁଣ୍ଡା, ରିଷିଡା, ଯୋରାଡବରା ଆଦି ସରସ୍ୱତୀ ଶିଶୁ ମନ୍ଦିରର ଚତୁର୍ଥରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଶିଶୁମାନେ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ, ନୃତ୍ୟ, ଶ୍ଳୋକ ଆଦି ପ୍ରତିଯୋଗିତାରେ ଭାଗ ନେଇ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶିଶୁ ଓ କଳା ବିଭାଗରେ ଉତ୍ତୀର୍ଣ୍ଣ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ମୁଖ୍ୟବକ୍ତା କଳାହାଣ୍ଡି ବିଭାଗ ପ୍ରମୁଖ ବିନାୟକ ଯୋଷୀ, କେସିଙ୍ଗା ସଙ୍କୁଳ ପ୍ରମୁଖ କର୍ଲାପଡା ମହାବିଦ୍ୟାଳୟ ଅଧ୍ୟାପକ ମୋହନ ପୁଟେଲ, ନର୍ଲା ଶିଶୁ ମନ୍ଦିର ଯୁଗ୍ମସମ୍ପାଦକ ରାମଚନ୍ଦ୍ର ପରିଡା ଯୋଗଦେଇ ଛାତ୍ରଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କେସିଙ୍ଗା ସଙ୍କୁଳ ସଂଯୋଜକ ତଥା ନର୍ଲା ପ୍ରଧାନ ଆଚାର୍ଯ୍ୟ କିଶୋର ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା ।

ସଙ୍କୁଳସ୍ତରୀୟରୁ ଶିଶୁ ଶିବିରରେ ମଞ୍ଚାସୀନ ଅତିଥି ।

ବେସାହାରା ପାଲଟିଛନ୍ତି ନାବାଳିକାଙ୍କ ସାହାରା

ଖପ୍ରାଖୋଲ, ୧୮।୧୨(ଡି.ଏନ.ଏ.)
ଦାଦନ ପ୍ରବଣ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ଝାଙ୍କରପାଲି ଗାଁର ସୁଶୀଲ ଭୋଇ(୪୨)। ଗତବର୍ଷ ଅକ୍ଟୋବର ମାସରେ ନାବାଳିକା ଝିଅ ନିଳୀମା(୧୫)କୁ ନେଇ ତେଲେଙ୍ଗାନା ରାଜ୍ୟ ଧୁନ୍ଦିକେଲର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ହେଲେ ଗତ ମାର୍ଚ୍ଚ ମାସରେ ଏକ ସଡକ ଦୁର୍ଘଟଣାରେ ସୁଶୀଲଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ଏକାକୀ ନାବାଳିକା ଝିଅ ଜୁନ ମାସ ଯାଏଁ ଅନ୍ୟମାନଙ୍କ ସହ ସେଠାରେ ରହି ଘରକୁ ଫେରିଥିଲେ। ଛୋଟ ବେଳେ ମା'କୁ ହରାଇଥିବା ଝିଅ ଶେଷରେ ବାପାକୁ ହରାଇ ଘରକୁ ଫେରିଲା। ଏବେ ନିଜ ୭୫ବର୍ଷୀୟା ଦୃଷ୍ଟିଶକ୍ତିହୀନ ବୁଢୀ ମା' ଉପାସୀ ଭୋଇଙ୍କ ସହିତ ଘରେ ରହୁଛନ୍ତି। ବୁଢି ମା'ର ୩ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ୫କେଜି ଚାଉଳ ହିଁ ଭରସା । ଏପରିକି ନାବାଳିକା ଜଣକ ମଧ୍ୟ ଚାଉଳ ପାଉ ନଥିବା ବେଳେ ଅଭାବ ଅସୁବିଧାରେ ବଞ୍ଚୁଛନ୍ତି ଦୁଇପ୍ରାଣୀ । ଶ୍ରମିକ ଜଣକଙ୍କର ତେଲେଙ୍ଗାନାରେ ମୃତ୍ୟୁ ହୋଇଥିବାରୁ ସେଠାରୁ ମୃତ୍ୟୁପ୍ରମାଣ ପତ୍ର ମଧ୍ୟ ଆଣିବାରେ ସମ୍ଭବ ହୋଇନାହିଁ। ଏ ନେଇ ପ୍ରଶାସନ ପାଖରେ ବି ଖବର ନାହିଁ।

ଅନ୍ଧ ଜେଜେମା' ସହ ନିଳୀମା ।

- ଦାଦନ ଖଟିବାକୁ ଯାଇ ବାପା ମୃତ
- ପିଲାବେଳେ ମା'କୁ ହରାଇଥିଲେ
- ଅନ୍ଧ ଜେଜେମା' ପାଖରେ ଅନାଥ ନାବାଳିକା
- ୫ କିଲୋ ଚାଉଳ, ୩ଶହ ଟଙ୍କା ଭତ୍ତା ଭରସା

ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନାଙ୍କୁ ଯୋଗଯୋଗ କରିବାରୁ ଏ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନ ଥିବା କହିଛନ୍ତି। ଯଦି ଉକ୍ତ ପରିବାର ସମସ୍ୟାରେ ଅଛନ୍ତି ତାହା ଦେଖିଲା ପରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ପେଥାଇର ପ୍ରଭାବ ମୋହନଗିରି ଅଞ୍ଚଳରେ ବ୍ୟାପକ କ୍ଷୟ କ୍ଷତି

ମୋହନଗିରି,୧୮।୧୨(ଡି.ଏନ.ଏ.)
ପେଥାଇ ପ୍ରଭାବରେ ମୋହନଗିରି ଅଞ୍ଚଳ ଚାଷୀଙ୍କ ବ୍ୟାପକ ଧାନ କ୍ଷତି ଘଟିଛି । ଧାନ ଅମଳ ସମୟ ହୋଇଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ କ୍ଷେତରେ ପଡିରହିଛି । ବର୍ଷା ଯୋଗୁ କଟାଯାଇଥିବା କିଆରିର ଧାନ ପେଟା ପାଣିରେ ଭାଷୁଛି । ଯାହାକି ଅମଳ ପରେ ବି ଅଧିକାଂଶ ଧାନ ପଚି ଯିବାର ଆଙ୍କକା ଦେଖାଯାଇଛି। ଗତ ୩ଦିନ ଧରି ଝିପିଝିପି ବର୍ଷା ଲାଗି ରହିଥିବାରୁ ଚାଷୀ ଧାନ ଅମଳ ପାଇଁ କୌଣସି ଉପାୟ ପାଇନାହାନ୍ତି । ସରକାରୀସ୍ତରରେ ଏଠାକାର ସେବା ସମବାୟ ସମିତି ମାଧ୍ୟମରେ ଧାନକ୍ରୟ ଆରମ୍ଭ ହୋଇଛି । ଶୁଖା ଓ ଉଚିତ ଧାନ ବିକିବାକୁ ଯାଇ ଚାଷୀମାନେ ଏବର୍ଷ ଧାନ କ୍ରୟ ମଣ୍ଡିରେ କୁଇଣ୍ଟାଲ ପ୍ରତି ୫ରୁ ୭ କେଜି କଟନିର ଶିକାର ହେଉଥିବା ବେଳେ ଲଘୁଚାପ ଜିନିତ ବର୍ଷାରେ ଭିଜିଥିବା ଧାନକୁ ମିଲର୍ସ ଓ ମିଲର୍ସଙ୍କ ଦଲାଲ୍‌ମାନେ ସାଗମାଛ ଦରରେ ମୁଲଚାଲ କରିବେ ବୋଲି ଚାଷୀମାନଙ୍କ ମଧ୍ୟରେ ଭାଲେଣି ପଡିଛି ।

କାର୍ଯ୍ୟକ୍ଷମ ହୋଇ ପାରିନି ବିଦ୍ୟୁତ୍ ଗ୍ରୀଡ

ଲାଠୋର, ୧୮।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଏକ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ଦୁଇଗୋଟି ଜଳଯୋଗାଣ ପ୍ରକଳ୍ପ ରହିଛି। ଏ ସବୁକୁ ଲକ୍ଷ୍ୟ କରି ତା୨୧।୧।୨୦୧୫ ରିଖରେ ଲାଠୋର ମହାବନ୍ଦ ପାଖରେ ୩୩/୧୧ କେଭି ଏକ ଗ୍ରୀଡ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଶିଳାନ୍ୟାସ କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ବିଭାଗୀୟ ନିଷ୍କ୍ରିୟତା ଯୋଗୁଁ ଦୀର୍ଘ ୪ବର୍ଷ ହେବ ଗ୍ରୀଡକାମ ସମ୍ପୂର୍ଣ୍ଣ ହୋଇପାରନାହିଁ। ଅନ୍ୟାନ୍ୟ ସ୍ଥାନମାନଙ୍କୁ କେବୁଲ ତାର ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିବା ବେଳେ ଲାଠୋରରେ ତାହା ସମ୍ଭବ ହୋଇନାହିଁ। ୧୯୭୮ମସିହାରେ ଟଣା ଯାଇଥିବା ସେହି ପୁରୁଣା ଆଲମୁନିୟମ ତାରରେ ହିଁ ବିଦ୍ୟୁତ ଯୋଗାଣ ହେଉଥିବା ଉପଭୋକ୍ତାମାନେ କହିଛନ୍ତି। ଫଳରେ ଟିକିଏ ବର୍ଷା କିମ୍ବା ପବନ ହେଲେ ତାର ଛିଣ୍ଡି ପଡୁଛି ତ, ଆଉ କେଉଁଠି ତାର ଶର୍ଟ ହୋଇଯାଉଛି। ବିଦ୍ୟୁତ ତାର ଛିଣ୍ଡି ବହୁ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ନଜିର ମାନ ରହିଛି। ପ୍ରତିବର୍ଷ ଖୁଣ୍ଟ ତାର ତଥା ଅନ୍ୟାନ୍ୟ ସାମଗ୍ରୀର ମରାମତି ଏବଂ ଆବଶ୍ୟକସ୍ଥଳେ ନୂତନ ସାମଗ୍ରୀ ବ୍ୟବହାର ନିୟମ ଥିବା ବେଳେ ସମସ୍ତ କାର୍ଯ୍ୟ କେବଳ କାଗଜ କଲମରେ ସୀମିତ ରହିଯାଉଛି। ବିଶେଷ କରି ଲାଠୋରରୁ ଖପ୍ରାଖୋଲ ମଝିରେ ଅନେକ ଜାଗରେ ବିଦ୍ୟୁତ ଯୋଗାଣ ଆସିବା ଅସୁବିଧା ରହିଥିଲେ ହେଁ ବିଭାଗ ପକ୍ଷରୁ ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଲାଠୋରରେ କାର୍ଯ୍ୟରତ ଲାଇନମ୍ୟାନଙ୍କ ଅବସର ପରେ ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। କେବଳ ଦୁଇ ଜଣ ହେଲପରଙ୍କୁ ନିଯୁକ୍ତି ହୋଇଛନ୍ତି। ଫଳରେ ଏତେ ବଡ ଅଞ୍ଚଳରେ ସେମାନେ କାର୍ଯ୍ୟ କରିବା କଷ୍ଟକର ହୋଇପଡୁଛି। ଏ ନେଇ ବିଦ୍ୟୁତ ବିଭାଗ ପାଟଣାଗଡ ଏସଡିଓ ରାମଚନ୍ଦ୍ର ମେହେରଙ୍କୁ ଯୋଗାଯୋଗ କରିବାରୁ କହିଚନ୍ତି ଯେ, ମାସେ ଦେଢ଼ ମାସ ଭିତରେ ଗ୍ରୀଡ କାର୍ଯ୍ୟକ୍ଷମ ହେବ। ବାକି ଅନ୍ୟାନ୍ୟ ସମସ୍ୟା ପାଇଁ ଯାହା ମୋ ନଜରକୁ ଆସିଛି ଉପରସ୍ଥ ଅଧିକାରୀଙ୍କୁ ଜଣାଇଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଲାଠୋରରେ ନିର୍ମିତ ଗ୍ରୀଡ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି।

କୁଶର୍ଲା ମକର ମେଳାର ପ୍ରସ୍ତୁତି ବୈଠକ

ପଲମ,୧୮।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ଗ୍ରାମପଞ୍ଚାୟତସ୍ଥିତ କୁଶୁର୍ଲା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଶୈବ ପୀଠରେ ୫୧ ଖଣ୍ଡ ଗ୍ରାମର ଭକ୍ତଙ୍କୁ ନେଇ ଆସନ୍ତା ମକର ମେଳା ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାୟୀ ସଭାପତି ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ କଂସାସୁର ଜାନୀ ଗତ ମକରମେଳାର ଆୟବ୍ୟୟ ପାଠ କରିଥିଲେ । ଏଥିରେ ପୂର୍ବତନ ସମ୍ପାଦକ ନୈରୁତ ଜାନୀ ସହଯୋଗ କରିଥିଲେ। ଆସନ୍ତା ମକର ମେଳା ପାଇଁ ସମସ୍ତ ଭକ୍ତମାନେ ଏକତ୍ରିତ ହୋଇ ସହଯୋଗ କରି ସୂଚାରୁରୂପେ ପାଳନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଛି ।

କମଲେଶ ଚନ୍ଦ୍ର କମିଟି ସୁପାରିଶ ସମ୍ପୂର୍ଣ୍ଣ ଲାଗୁ କରିବା ଦାବିନେଇ ଗ୍ରାମୀଣ ଡାକସେବକ ସଂଘ ଓ ଡାକ କର୍ମଚାରୀମାନେ ବଲାଙ୍ଗୀର ପ୍ରଧାନ ଡାକଘର ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଛନ୍ତି ।

ତୀର୍ଥାଟନ ଉପକାଗଙ୍ଗା ପ୍ରତି କାହାରି ନଜର ନାହିଁ

ନୂଆପଡା ଅଫିସ,୧୮।୧୨
ନୂଆପଡା ଜିଲା ସଦର ମହକୁମାଠାରୁ ଶହେ କିମି ଦୂର ବୋଡେନ ବ୍ଲକ ଅନ୍ତର୍ଗତ ନାଗପଡା ଗ୍ରାମପଞ୍ଚାୟତର ଅଗନାଅଗନୀ ବନସ୍ତରେ ପ୍ରକୃତିର କୋଳରେ ଥିବା ତୀର୍ଥାଟନ ଉପକା ଗଙ୍ଗା ଅବହେଳିତ ହୋଇ ରହିଛି । ଏଥିପ୍ରତି କାହାରି ନଜର ପଡୁ ନ ଥିବାରୁ ଏହା ଧୀରେ ଧୀରେ ଜିଲା ମାନଚିତ୍ରରୁ ଲିଭି ଯାଉଥିବା ଦେଖାଯାଇଛି ।

ଏଠାକୁ ଯିବାକୁ ହେଲେ ଜିଲା ସଦର ମହକୁମାରୁ ଖଡିଆଳ ଦେଇ ବୋଡେନ ବ୍ଲକ ହେଡକ୍ୱାର୍ଟରକୁ ଯିବାକୁ ହୋଇଥାଏ । ସେଠାରୁ ଦୀର୍ଘ ୧୫/୨୦ କି.ମି. ଦୂର ଗଲେ ନାଗପଡା ଗ୍ରାମପଞ୍ଚାୟତର ଝରନାମାଳ ଗାଁ ମୁଣ୍ଡରେ ରହିଛି ଉପକା ଗଙ୍ଗା । ଏଠାରେ ଚିରସ୍ରୋତା ଗଙ୍ଗା ବାହାରୁଛି । କିମ୍ବଦନ୍ତୀ ଅନୁସାରେ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

ସଂକ୍ଷେପରେ

ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହେବାକୁ ପରାମର୍ଶ

ରାଉରକେଲା ଅଫିସ,୧୮।୧୨- ସେକ୍ଟର-୨୧ ଅନ୍ତର୍ଗତ ନୟାବଜାରଠାରେ ଥିବା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଛାତ୍ର ସଂସଦ ଉଦ୍‌ଘାଟନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ବସନ୍ତମଞ୍ଜରୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗଦେଇଥିଲେ। ଉପଦେଷ୍ଟା ଭାବାନିପ୍ରସାଦ ଦାସ, ଛାତ୍ର ସଂସଦ କର୍ମକର୍ତ୍ତାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଅଧ୍ୟକ୍ଷା ରାୟ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ କହିଥିଲେ ଗୁଣାତ୍ମକ ଶିକ୍ଷାର ବିକାଶ ନେଇ ଏହି ଅନୁଷ୍ଠାନ ପ୍ରତିଶ୍ରୁତି ବଦ୍ଧ ରହିଛି । ମୁଖ୍ୟ ଅତିଥି ସାରଦା ନାୟକ ନିଜ ବକ୍ତବ୍ୟରେ କହିଥିଲେ, ଶିକ୍ଷକ ତାଲିମ ନେଉଥିବା ଛାତ୍ରୀଛାତ୍ର ନିଜ ଦକ୍ଷତା ବୃଦ୍ଧି ଦିଗରେ ଯତ୍ନବାନ ହେବା ସହ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ।

ହମ୍ପ୍ସ ବଢ଼ାଉଛି ସମସ୍ୟା

ରାଉରକେଲା ଅଫିସ,୧୮।୧୨ ଦୁର୍ଘଟଣା ରୋକିବାକୁ ଜାତୀୟ ରାଜପଥ ଉପରେ ଲୋକଙ୍କ ଦାବି ଅନୁସାରେ ରାତି ଅଧିଆ ତରବରିଆ ଭାବେ ସ୍ପିଡ ବ୍ରେକର ହମ୍ପସ ନିର୍ମାଣ କରାଯାଉଛି। ତେବେ ଛୋଟ ଛୋଟ କାରଣରୁ ଏହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଓଲଟା ଆମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ୧୪୩ନଂ ଜାତୀୟ ରାଜପଥ ଦେଓଗାଁ ନିକଟରେ ପାଖାପାଖି ଏଭଳି ଦୁଇଟି ସ୍ଥାନରେ ହମ୍ପ୍ସ ନିର୍ମାଣ କରାଯାଇଛି। ଏଥିରେ ନିୟମାନୁସାରେ ଧଳା ରଙ୍ଗ ଦିଆଯାଇ ନ ଥିବାରୁ ରାତି ଅନ୍ଧାରରେ ଗାଡି ଚାଳକମାନେ ସ୍ପିଡ ବ୍ରେକରରେ ଧକ୍କା ଖାଇ ଦୁର୍ଘଟଣାର ସମ୍ମୁଖୀନ ହେବା ଅଭିଯୋଗ ହେଉଛି।

ଶ୍ରମିକଙ୍କୁ ମିଳୁନି ବକେୟା ପାଉଣା

ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କୁ ଅଣଦେଖା

ରାଉରକେଲା ଅଫିସ,୧୮।୧୨

ହଟ୍ ଷ୍ଟ୍ରିପ ମିଲ୍
- ମଜୁରି ପ୍ରଦାନରେ ଟାଳଟୁଳ ନୀତି
- ଇସ୍ପାତ କର୍ମଚାରୀ ସଂଘର ଫେରାଦ
- ଶ୍ରମିକ ଆଇନର ଖୋଲା ଉଲ୍ଲଂଘନ ଅଭିଯୋଗ

ଦେଓଗାଁ ନିକଟ ନିର୍ମାଣାଧିନ ହଟ ଷ୍ଟ୍ରିପ ମିଲରେ ନିୟୋଜିତ କିଛି ଠିକା ସଂସ୍ଥା ଶ୍ରମିକଙ୍କ ମଜୁରିବା ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଆପଣାଇଥିବା ଅଭିଯୋଗ ହୋଇଛି। କାମ ନେଇଥିବା ଠିକା ସଂସ୍ଥା ବିଭିନ୍ନ ଆଳରେ ଶ୍ରମିକଙ୍କୁ ଦରମା ନ ଦେଇ ସମୟ ଗଡାଇବା ଓ କାମ ଶେଷ ପରେ କାରଖାନା ଛାଡି ଚାଲିଯିବା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏ ନେଇ ମଙ୍ଗଳବାର ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ କେନ୍ଦ୍ର ଆଞ୍ଚଳିକ ଶ୍ରମ କମିଶନରଙ୍କ ନିକଟରେ ଅଭିଯୋଗ କରାଯାଇଛି। ନିର୍ଦ୍ଦିଷ୍ଟ ଏକ ଠିକା ସଂସ୍ଥା ଗତ କିଛି ମାସ ହେବ କେତକ ଶ୍ରମିକଙ୍କୁ ଦରମା ନ ଦେଇ ଠକି ଆସୁଥିବା ଅଭିଯୋଗ କରିଛନ୍ତି ୟୁନିୟନ ସାଧାରଣ ସମ୍ପାଦକ ରମେଶ ସାହୁ। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଉପରୋକ୍ତ ସଂସ୍ଥା ଅଧିନରେ ଫିଟର ଏସକେ ଦାସଶର୍ମା, ଗ୍ରାଇଣ୍ଡର ଅଶୋକ ମହାପାତ୍ର, ଫିଟର ମୋହନ ମୁଣ୍ଡାରୀ, ଗିଗର କାନାଇ ମାରାଣ୍ଡି, ହେଲପର ଏମ ଟୁଡୁ ଅଲୀ, ବିଲୁଶେଖର ବୀରୁଆ, ଅଜୟ ଲୋହାର, ଟୁକୁନା କିଶାନ ଓ ସୁକାନ୍ତ ସେଠୀ ପ୍ରମୁଖ ଗତ ଏପ୍ରିଲରୁ ଡିସେମ୍ବର ୨ପର୍ଯ୍ୟନ୍ତ କାମ କରୁଥିଲେ। ଏମାନଙ୍କୁ ପାଉଣା ନ ଦେଇ ସମ୍ପୃକ୍ତ ଠିକା ସଂସ୍ଥା ବେଆଇନ ଭାବେ କାମରୁ ବାହାର କରିଦେଇଛି। ଯାହା କାରଖାନା ଓ ଠିକା ଶ୍ରମିକ ଆଇନର ଖୋଲା ଉଲ୍ଲଂଘନ ବୋଲି ସାହୁ ଅଭିଯୋଗ କରିଛନ୍ତି। ମିଲ୍ ନିର୍ମାଣ କାମରେ ରାଜ୍ୟ ତଥା ଜିଲା ବାହାରୁ ବହୁ ସଂସ୍ଥା ନିୟୋଜିତ ଥିବାବେଳେ ଏମାନେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଶ୍ରମ ନୀତିକୁ ପାଳନ କରୁ ନାହାଁନ୍ତି। ଠିକା ଶ୍ରମିକଙ୍କୁ କେନ୍ଦ୍ରିୟ ହାରରେ ଧାର୍ଯ୍ୟ ମଜୁରି ପ୍ରଦାନ ନେଇ ନିର୍ଦ୍ଦେଶ ରହିଥିବାବେଳେ ଏହାକୁ ପାଳନ କରାଯାଉନି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁ ନାହାଁନ୍ତି ସମ୍ପୃକ୍ତ ସଂସ୍ଥା। ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ତଥା ପିଏଫ କିମ୍ବା ଇଏସଆଇ ପ୍ରଦାନ କରାଯାଉନି। ଅନେକଙ୍କୁ ରାଜ୍ୟ ସରକାରଙ୍କ ଧାର୍ଯ୍ୟ ମଜୁରୀ ସୁଦ୍ଧା ପ୍ରଦାନ କରାଯାଉ ନ ଥିବା ସାହୁ ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ନିରୀହ ଶ୍ରମିକଙ୍କୁ କାମରେ ଲଗାଇ ମୁନାଫା ଉଠାଉଥିବା କିଛି ଠିକା ସଂସ୍ଥା କାମ ଶେଷ ପରେ ଶ୍ରମିକଙ୍କୁ ଫାଇନାଲ ପେମେଣ୍ଟ ପ୍ରଦାନ ନ କରି ଖସିଯାଉଥିବା ସେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ସ୍ଥାନୀୟ ଶ୍ରମିକଙ୍କୁ କାମ ମିଳୁ ନ ଥିବା ବେଳେ ରାଜ୍ୟ ବାହାରୁ ଆସି ଏଠାରେ ଶହସ୍ରାଧିକ ଶ୍ରମିକ ନିୟୋଜିତ ହେବା ଘଟଣା ଆମକୁ ଚକିତ କରିଛି ବୋଲି ସାହୁ କହିଛନ୍ତି। ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଗାଇଡ ଲାଇନ ଏଠାରେ ଖୋଲା ଉଲ୍ଲଂଘନ କରାଯାଇଛି। ଏ ନେଇ କେନ୍ଦ୍ର ଶ୍ରମ କମିଶନର ଦୃଷ୍ଟି ଦେବା ସହ ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ ନେଇ ପଦକ୍ଷେପ ନେବାକୁ ସାହୁ ଦୃଢ ଦାବି କରିଛନ୍ତି।

ମୋ ରାଉରକେଲା

ସମତା ଓ ମମତାର ଭଣ୍ଡାର

ଶ୍ରୀଚରଣ ସାମଲ, ସାମାଜିକ କର୍ମୀ

ଦିନେ କର୍ମ ଅନ୍ୱେଷଣରେ ମୁଁ ଏ ସହରରେ ପାଦ ଥାପିଥିଲି। ଇତି ମଧ୍ୟରେ ୪୦ବର୍ଷ ଗତି ଗଲାଣି । ଅନେକ ଅନୁଭୂତି ଓ ଏଥିରୁ ପ୍ରାପ୍ତ ଜ୍ଞାନ ବଳରେ ମୁଁ ମୋ ନିଜ ପାଇଁ ଏହି ସହରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ସ୍ୱରୋଜଗାର ସହ ପଦ ପ୍ରତିଷ୍ଠା ପାଇଛି। ମୋ ନିଜ ଜନ୍ମମାଟି ପରି ଇସ୍ପାତ ସହରକୁ ଖୁବ ଆପଣାର ମଣିଛି। ବହୁ ଭାଷା, ସଂସ୍କୃତି, ପରମ୍ପରା ଓ ସମ୍ପ୍ରଦାୟକୁ ନେଇ ଏଠି ଲୋକସମ୍ପର୍କ ବେଶ ନିବିଡ। ଗାଁ ପରି ଆପଣାପଣ ଭାବ ହିଁ ଏ ସହରକୁ ନିଆରା କରିଛି। ମଣିଷ ପଣିଆର ନିଛକ ଚିତ୍ର ଦେଖିବାକୁ ମିଳେ ଏଠି। ଭେଦଭାବ ପଛକୁ ଠେଲି ପରସ୍ପର ଦୁଃଖସୁଖରେ ସହଭାଗୀ ହୁଅନ୍ତି ଇସ୍ପାତ ସହରବାସୀ। ପର୍ବ ପର୍ବାଣୀ ମେଳା ମହୋତ୍ସବକୁ ମିଳିମିଶି ପାଳନ କରନ୍ତି। ସାମ୍ପଦାୟିକ ସଦ୍‌ଭାବ ନେଇ ହାତ ମିଶାନ୍ତି। ସଙ୍କଟରେ ଅଯାଚିତ ଭାବେ ସହଯୋଗର ହାତ ବଢାନ୍ତି। ବନ୍ଧୁ ପଣିଆର ବନ୍ଧନରେ ମୁଁ ଏଠି ଛନ୍ଦି ହୋଇପଡିଛି। ଦିନକ ପାଇଁ ସହର ବାହାରକୁ ଚାଲି ଆସିଲେ ଖୁବ ମନେ ପଡେ ଇସ୍ପାତ ସହର। ସାଇ ପଡିଶା ଓ ବନ୍ଧୁମାନଙ୍କ ଅଦେଖା ହାତ ଫେରି ଯିବାକୁ ହାତ ଠାରି ଡାକେ। ସବୁଜ ସୁନ୍ଦର ଏ ସହର ଆମ ଭାତ ହାଣ୍ଡି। ପର ଆପଣା ଭୁଲି ସମସ୍ତଙ୍କୁ ନିଜର କରିଛି। ସମତା ଓ ମମତାର ଭଣ୍ଡାର ଇସ୍ପାତ ସହର ମୋ ପାଇଁ ମା' ମାଟି ସମାନ। ଏଣୁ ଏ ମାଟିକୁ ମୋର କୋଟି କୁହାର।

ସମର କଳା ଉଷୁ ପ୍ରତିଯୋଗିତା

ରାଉରକେଲା ଅଫିସ,୧୮।୧୨

ରାଜଗାଙ୍ଗପୁର ଅନ୍ତର୍ଗତ ବିଜୁ କଲ୍ୟାଣ ମଣ୍ଡପଠାରେ ଦ୍ୱିତୀୟ ସୁନ୍ଦରଗଡ ଉଷୁ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଚାଇନା ସମରକଳା ଭାବେ ପରିଚିତ ଓ ସ୍ୱୀକୃତିପ୍ରାପ୍ତ କ୍ରୀଡା ଉଷୁରେ ଜିଲାର ୨୫ଶାଖାରୁ ୩ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଜିଲା ଉଷୁ ସଂଗଠନ ସଭାପତି ବିବେକ ଗୁପ୍ତା, ସାଧାରଣ ସମ୍ପାଦକ ଶରତ ଦାସ, ରାଜଗାଙ୍ଗପୁର ସାଂଗଠନିକ ସମ୍ପାଦକ ଏମଡି ଆବିଦଙ୍କ ପ୍ରଚେଷ୍ଟାରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇ ଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ସାମାଜିକକର୍ମୀ ମନଜିତ ସିଂ ସାଲୁଜା, ବିଜେଡି ଟାଉନ ସଭାପତି ଅମରେଶ ପଣ୍ଡା ସ୍ଥାନୀୟ ଡିଭିଏମ ସ୍କୁଲ ଅଧ୍ୟକ୍ଷ ଡଃ. ରଘୁବେନ୍ଦ୍ର ଦ୍ୱିବେଦୀ, ସଙ୍ଗୀନି ମହିଳା ମଣ୍ଡଳ ସଭାନେତ୍ରୀ ସୁନୀତା ଗୁପ୍ତା, ପ୍ରିୟଙ୍କା ଭାରତୀ ଓ ବେନଜିର ନାଜ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଭାରତ କ୍ରୀଡା ମନ୍ତ୍ରଣାଳୟ ଓ ଅଲମ୍ପିକ ସଂଘ ଦ୍ୱାରା ସ୍ୱୀକୃତ ଉଷୁ ଅଲମ୍ପିକ, ଏସିଆନ ଗେମ, ସାଉଥ ଏସିଆନ ଗେମ, ବ୍ରିକ୍ସ ଗେମ, ନେଶନାଲ ଗେମ୍ସ, ଏଫଆଇ ଗେମ, ସିବିଏସଇ ଗେମ ଓ ପାଇକା ଗେମ୍ସରେ ଅନ୍ତର୍ଭୁକ୍ତ ହୋଇ ସାରିଛି ବୋଲି ଏଥିରେ ଉପସ୍ଥିତ ଉଷୁ ସଂଗଠନ କର୍ମକର୍ତ୍ତା ସୂଚନା ପ୍ରଦାନ କରିଥିଲେ। ଶାଂସୁ ଓ ତାଉଲୁ ନାମରେ ବିଭକ୍ତ ଉଷୁରେ ମୁଷ୍ଟି, ଗୋଇଠା ଓ କଚାଡିବା ଭଳି ଶାରିରୀକ କୌଶଳ ସହ ଖଣ୍ଡା, ବାଡି ଓ ବର୍ଚ୍ଛା ଚାଳନା ଆଦି ଖେଳ ଏଠାରେ ପ୍ରଦର୍ଶନ କରାଯାଇଥିଲା। ପ୍ରତିଯୋଗିତାରେ ରାଉରକେଲାର ବିଭିନ୍ନ ଶାଖାରୁ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସାମାରୋହରେ ମୁଖ୍ୟ ଅତିଥି ଭାବେ ସନ୍ତୋଷ ଅମାତ, ଉଷୁ ସଂଗଠନ ସଭାପତି ବିବେକ ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ପୃଥ୍ୱୀରାଜ ହରିଚନ୍ଦନ, ଶୁଭେନ୍ଦୁ ସାମନ୍ତରାୟ, ସୁଧାଂଶୁ ପଣ୍ଡା ଯୋଗଦେଇଥିବାବେଳେ ଏଥିରେ ସୁଜନ ରଥ, ଅଜୟ ଲାକ୍ରା, ଶମ୍ଭୁ ନାଥ, ରୂପକ ପ୍ରସାଦ, ରାକେଶ ବେହେରା ଓ ରତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମିଳିଲା ଅନୁକମ୍ପା ନିଯୁକ୍ତି

ରାଉରକେଲା ଅଫିସ,୧୮।୧୨

ରାଉରକେଲା ଇସ୍ପାତ କାରଖାନା ସିପିପି-୧ ବିଭାଗ କୋଲ ହ୍ୟାଣ୍ଡଲିଂ ପ୍ଲାଣ୍ଟରେ କାର୍ଯ୍ୟରତ ଥିବା ଶୁକରାମ ସିଂଙ୍କ ଆଇଜିଏଚରେ ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉଚ୍ଚ ରକ୍ତଚାପ ଯୋଗୁ ବ୍ରେନ ହାମରେଜ ଘଟିବାରୁ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ସେ ଡ୍ୟୁଟି ସମୟରେ ଅସୁସ୍ଥ ହୋଇଥିବାରୁ ତାଙ୍କ ପରିବାରକୁ ଅନୁକମ୍ପା ମୂଳକ ନିଯୁକ୍ତି ଦିଆଯିବା ନେଇ ବିଏମଏସ ପକ୍ଷରୁ ଦାବି କରାଯାଇଥିଲା। ଦାବିକୁ ଆରଏସ୍‌ପି କର୍ତ୍ତୃପକ୍ଷ ଗ୍ରହଣ କରି ପର୍ସନାଲ ବିଭାଗ ମ୍ୟାନେଜର ଜୟନ୍ତ ଦାସ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ହିମାଂଶୁ ବଳ, ରାଖାଲ ଦାସ, ସୁବାଶ ସାହୁ, ବି ପଲାଇ ଓ ରାଜକିଶୋର ଯାଦବ ଉପସ୍ଥିତ ଥିଲେ।

ନିଃଶୁଳ୍କ ଆୟୁର୍ବେଦ, ପଞ୍ଚକର୍ମ ପରାମର୍ଶ ଶିବିର

ରାଉରକେଲା ଅଫିସ,୧୮।୧୨

ଗାୟତ୍ରୀ ଯୋଗ ସାଧନା ଟ୍ରଷ୍ଟ ପରିଚାଳିତ ଉତ୍କଳ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ ପକ୍ଷରୁ ନିଶୁଳ୍କ ଚିକିତ୍ସା ପରାମର୍ଶ ଶିବିର ଆସନ୍ତା୨୧ରୁ ୨୩ ପର୍ଯ୍ୟନ୍ତ ସେକ୍ଟର-୨ଠାରେ ଅନୁଷ୍ଠିତ ହେବ । ଏଥିରେ ଦେଶର ପ୍ରସିଦ୍ଧ ସେବା ନିବୃତ ଡାକ୍ତରମାନେ ଯୋଗ ଦେବେ। ଏମାନଙ୍କ ମଧ୍ୟରେ ପ୍ରଫେସର ଡାକ୍ତର ଦେବପ୍ରସାଦ ଦାସ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଭୂତକାୟା ଓ ପଞ୍ଚକର୍ମ ବିଶାରଦ ଲୋକଙ୍କୁ ମାଗଣା ପରାମର୍ଶ ପ୍ରଦାନ କରିବେ। ଏହା ସକାଳ ୭ରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଶିବିରରେ ଆଣ୍ଠୁଗଣ୍ଠି ବାତ, ଅଣ୍ଟା ବିନ୍ଧା, କାନ୍ଧ ଓ ବେକ ଦରଜ, ପେଟ ସମ୍ବନ୍ଧୀୟ ସମସ୍ତ ରୋଗ, ଉଚ୍ଚ ଓ ନିମ୍ନ ରକ୍ତଚାପ, ମଧୁମେହ, ଦମା, ମାନସିକ ଅବସାଦ ଓ ଧାତୁ ବିକାର ଭଳି ସମସ୍ତ ରୋଗ ସମ୍ପର୍କରେ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ପ୍ରଦାନ କରାଯିବ। ହରିଶଙ୍କର ଅଗ୍ରୱାଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଯାଉଥିବା ଶିବିରରେ ଉପରୋକ୍ତ ରୋଗୀଙ୍କ ଆଶୁ ଅରୋଗ୍ୟ ନେଇ ପ୍ରାକୃତିକ ଉପାୟରେ ଚିକିତ୍ସା ବ୍ୟବସ୍ଥାକୁ ଆଗାମୀ ଦିନରେ ବଜାୟ ରଖିବାକୁ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି।

ଫଟୋରେ ଖବର



ଲଘୁଚାପ ବର୍ଷାକୁ ଖାତିର ନ କରି ରାଉରକେଲା ରିଂ ରୋଡ୍‌ରେ ସୋମବାର ୨ ଶିଶୁ ବେଲୁନ ବିକିବାକୁ ବାହାରିଛନ୍ତି।

ରାଉରକେଲା ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ସଫଳତା

ନ୍ୟାଶନାଲ ଜର୍ନାଲ ପାଇଁ ମନୋନୀତ

ରାଉରକେଲା ଅଫିସ,୧୮।୧୨

ଗବେଷଣା ନିବନ୍ଧ ପାଇଁ ବିଜ୍ଞାନ ଶିକ୍ଷୟିତ୍ରୀ ସୁଚିସ୍ମିତା ମହାପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ନ୍ୟାଶନାଲ କାଉନସିଲ ଫର ସାଇନ୍ସ ଏଣ୍ଡ ଟେକନୋଲୋଜି କମ୍ୟୁନିକେଶନ (ଏନସିଏସଟିସି), ଡିପାର୍ଟମେଣ୍ଟ ଅଫ ସାଇନ୍ସ ଏଣ୍ଡ ଟେକନୋଲୋଜି (ଡିଏସଟି) ଏବଂ ଭାରତ ସରକାରଙ୍କ ମିଳିତ ଆନୁକୂଲ୍ୟରେ ବିକ୍ରମ ଏ ସରାଭାଇ କମ୍ୟୁନିଟି ସାଇନ୍ସ ସେଣ୍ଟର ଦ୍ୱାରା ଅହମ୍ମଦାବାଦଠାରେ ଗତ ୧୪ରୁ ୧୬ଡିସେମ୍ବର ଯାଏ ଅନୁଷ୍ଠିତ ହୋଇଥିବା ଜାତୀୟ ଶିକ୍ଷକ ବିଜ୍ଞାନ କଂଗ୍ରେସ(ଏନଟିଏସସି)ରେ ଭାଗନେଇ ସେକ୍ଟର-୧୬ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର କୃତ କାର୍ଯ୍ୟ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଯେ, ଡିଜାଇନ ଲିଟେରାସି ଫର୍ ଇଫେକ୍ଟିଭ ସାଇନ୍ସ କମ୍ୟୁନିକେଶନ ଫୋକାଲ ଥିମ୍ ଉପରେ ସାରା ଦେଶର ବିଜ୍ଞାନ ଶିକ୍ଷକଙ୍କଠାରୁ ଗବେଷଣାତ୍ମକ ନିବନ୍ଧ ଆହ୍ୱାନ କରାଯାଇଥିଲା। ଏଥିରେ ମହାପାତ୍ରଙ୍କ ନିବନ୍ଧ ବେଷ୍ଟ ୨୮ମଧ୍ୟରେ ସ୍ଥାନ ପାଇଛି। ଯାହା ନେଶନାଲ ଜର୍ନାଲରେ ପ୍ରକାଶ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ମହାପାତ୍ର ସୁନ୍ଦରଗଡ ଜିଲାର ଏକମାତ୍ର ପ୍ରତିଯୋଗୀ ଭାବେ ସେଠାରେ ଉତ୍କଳୀୟ କଳା, ସଂସ୍କୃତି ଓ ବେଶଭୂଷା ପ୍ରଦର୍ଶନ କରିବାକୁ ଭୁଲି ନ ଥିଲେ। ଏହି କ୍ରମରେ ସେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ଉଚ୍ଚ ଅତିଥିଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ତାଙ୍କର ଏହି କୃତିତ୍ୱ ନେଇ ସୁନ୍ଦରଗଡ ଜିଲା ଶିକ୍ଷକ ସମୁହ, ବିଭିନ୍ନ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

କବାଡ଼ି ପ୍ରତିଯୋଗିତା: ରାଉରକେଲା ଏ' ବିଜୟୀ

ରାଉରକେଲା ଅଫିସ, ୧୮।୧୨

ସୁନ୍ଦରଗଡ କବାଡି ଡେଭଲପମେଣ୍ଟ ସୋସାଇଟି ଦ୍ୱାରା ଆୟୋଜିତ ପ୍ରଥମ ବ୍ରାହ୍ମାନନ୍ଦ ସତପଥି ସୁନ୍ଦରଗଡ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସେକ୍ଟର-୨୦ ଇସ୍ପାତ ଇନଡୋର ଷ୍ଟାଡିୟମଠାରେ ଆୟୋଜିତ ଦ୍ୱିଦିବସୀୟ ଟୁର୍ନାମେଣ୍ଟ ଲିଗ୍ ଓ ନକ ଆଉଟ ଆଧାରରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନମେଣ୍ଟର ପୁରୁଷ ବର୍ଗରେ ରାଜଗାଙ୍ଗପୁର ମା' ତାରିଣୀ କ୍ଲବ ଓ ବଣାଇଁ ବି ଦଳ ମଧ୍ୟରେ ଖେଳାଯାଇଥିଲା। ମା' ତାରିଣୀ ବଣାଇଁକୁ ୩୧-୨୫ ସ୍କୋରରେ ପରାଜିତ କରିଥିଲା। ବିଜେତା ଦଳକୁ ଟ୍ରଫି ସହ ୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମହିଳା ବର୍ଗରେ ରାଉରକେଲା ଏ ଦଳ ରାଉରକେଲା ବି ଦଳକୁ ୩୧-୧୪ ରନ୍‌ରେ ପରାଜିତ କରି ଟ୍ରଫି ସହ ନଗଦ ୫ହଜାର ଟଙ୍କା ପୁରସ୍କାର ରାଶି ହାସଲ କରିଥିଲା। ଉପ ବିଜେତା ଦଳକୁ ଟ୍ରଫି ସହ ୩ହଜାର ଟଙ୍କା ପୁରସ୍କାର ରାଶି ବିତରଣ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ରୂପେ ଜାତୀୟ କବାଡି ଖେଳାଳି ତଥା ସେକ୍ଟର-୭ ଥାନାଧିକାରୀ ଗୁରୁବାରୀ ହେମ୍ବରମ, ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ସୁନୀତା ସିଂ, ନାଗ୍ରା ତନ୍ତି ସମାଜ କଲ୍ୟାଣ ସମିତି ସଭାପତି ରୋହିତ ତନ୍ତି, ସାମାଜିକକର୍ମୀ ପ୍ରଶାନ୍ତ ସେଠୀ, ଓଏସଏପି ଡାକ୍ତର ପ୍ରଫୁଲ୍ଲ ଦାସ, ରାଉରକେଲା ଜାଗରଣ ମଞ୍ଚ ସଭାପତି ଅମିତାଭ ସାମଲ, ସମ୍ପାଦକ ଆଫ୍ରୋଜ ଅହମ୍ମଦ, ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ରୋହିତ ସାମଲ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ସଂଗଠନ ସଭାପତି ହିତେନ୍ଦ୍ର ସାହି, ସାଧାରଣ ସମ୍ପାଦକ ଶୁକ୍ରୁ ତନ୍ତି, ବିଶ୍ୱନାଥ ଲେଙ୍କା, କାମେଶ୍ୱର ସିଂ ଓ ରଞ୍ଜିତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ବିଜେତା ମହିଳା ଦଳ ସହ ଅତିଥି।

ସେଠ ବଲଭଦ୍ରୁଆଜୀ କାୟଲ ଜାତୀୟ ହକି ଟୁର୍ନାମେଣ୍ଟ

ସେଲ୍ ହକି ଏକାଡେମୀ ଚାମ୍ପିୟନ

ରାଉରକେଲା ଅଫିସ,୧୮।୧୨

ମହାରାଷ୍ଟ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

ସଂକ୍ଷେପରେ

ପେଥାଇ ନେଲା ଜୀବନ

ଝାରସୁଗୁଡା ଅଫିସ,୧୮।୧୨- ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ଝାରସୁଗୁଡା ସମେତ ପଶ୍ଚିମ ଓଡ଼ିଶାରେ ଗତ ଦୁଇ ଦିନ ଧରି ଅଦିନିଆ ବର୍ଷା ଲାଗି ରହିଛି। ଝିଡ଼ିଝିଡ଼ି ବର୍ଷା ସାଙ୍ଗକୁ କୋହଲା ପବନ ସାଧାରଣ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି କରିଥିଲା। ଫଳରେ ଏହି ପ୍ରତିକୂଳ ପାଣିପାଗ ଯୋଗୁ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ଝାରସୁଗୁଡା ବଡମାଲ ଥାନା କୁକୁର୍ଜଙ୍ଗାର ପ୍ରଦୀପ ସିଂ(୫୫)। କୁକୁର୍ଜଙ୍ଗା ରଥଯାତ୍ରାରେ ଛେରାପହଁରା ଦେଉଥିବା ଜମିଦାର ପ୍ରଦୀପ ସିଂ ରବିବାର କୌଣସି କାମରେ ଘରୁ ବାହାରିଥିଲେ। ସେହିଦିନ ଆଉ ଘରକୁ ଫେରି ନ ଥିଲେ। ତେଣୁ ଜମିଦାରଙ୍କ ପୁଅ ବଡମାଲ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଛାନଭିନ କରୁଥିବାବେଳେ ଅଚାନକ୍ ସୋମବାର ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳ ଏକ ଜଙ୍ଗଲରୁ ତାଙ୍କୁ ମୁମୂର୍ଷୁଃ ଅବସ୍ଥାରେ ରେଙ୍ଗାଲି ପୋଲିସ ଉଦ୍ଧାର କରିଥିଲା। ରବିବାର ରାତି ସାରା ଏବଂ ସୋମବାର ବର୍ଷା ଏବଂ ଜାଡରେ ପ୍ରଦୀପଙ୍କ ଶରୀର ଶୀଥିଳ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ରେଙ୍ଗାଲି ହସ୍ପିଟାଲ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସୋମବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବଡମାଲ ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ ହୋଇଛି।

ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା

ବଡ଼ଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ବଡଗାଁ ବ୍ଲକ। ମାଟ୍ରିକ ଶିକ୍ଷା ପାଇଁ ଏହି ଅଞ୍ଚଳର ସର୍ବ ପୁରାତନ ଅନୁଷ୍ଠାନ ବଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ। ୬୩ ବର୍ଷର ଏହି ହାଇସ୍କୁଲରେ ବିଗତ କିଛି ବର୍ଷ ହେଲା ଶ୍ରେଣୀ କୋଠରି ଅଭାବ ଯୋଗୁ ଶିକ୍ଷାରେ ସମସ୍ୟା ଦେଖାଦେଇଛି । ଏହାର ସମାଧାନ ପାଇଁ ରାଜନୈତିକ ନେତୃବୃନ୍ଦଙ୍କ ଇଚ୍ଛାଶକ୍ତିର ଅଭାବ ଓ ସରକାରୀ କଳର ଉଦାସୀନତା ଯୋଗୁ ଦୀର୍ଘ ୮ବର୍ଷ ହେଲା ଅନେକ ଶ୍ରେଣୀ କୋଠରି ଭଙ୍ଗାଦଦରା ଅବସ୍ଥାରେ ପଡି ରହିଛି। ସ୍କୁଲର ୪ଟି ଶ୍ରେଣୀ କୋଠରି ଭାଙ୍ଗି ଯାଇଥିଲା ବେଳେ ସୋମବାର ରାତିରେ ଗଛ ପଡିବାରୁ ଆଉ ଏକ କୋଠରି ଭାଙ୍ଗିଯାଇଛି।

ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪ଶହରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ୧୨ଟି ଶ୍ରେଣୀ ଗୃହରୁ ୫ଟି ଅନୁପଯୋଗୀ ହୋଇଥିବାରୁ ୭ଟି ଶ୍ରେଣୀ କୋଠରିରେ ପାଠପଢ଼ା ହେଉଛି। ୨୦୧୬ ଡିସେମ୍ବର ୨୧ ତାରିଖ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ସ୍କୁଲକୁ ଆସିଥିଲାବେଳେ ଗ୍ରାମବାସୀ ଓ ସ୍କୁଲ ଷ୍ଟାଫ୍ ଶ୍ରେଣୀ

ସୋମବାର ରାତିରେ ଗଛପଡି ଭାଙ୍ଗିଥିବା ଶ୍ରେଣୀ ଗୃହ ।

କୋଠରି ଅଭାବ ଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପି ଓରାମ ଏଥିପାଇଁ ପାଣ୍ଠି ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨ବର୍ଷ ପୂରିବାକୁ ବସିଲାଣି ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ପ୍ରତିଶ୍ରୁତି ପ୍ରତାରଣା ହେଲା ବୋଲି ଆଲୋଚନା ହେଉଛି। ପ୍ରଧାନଶିକ୍ଷକ ସତ୍ୟପ୍ରିୟ ପଟେଲଙ୍କଠାରୁ ମିଳିଥିବା ସୂଚନାନୁଯାଇ, ୨୦୧୬ ଡିସେମ୍ବର ୨୧ ତାରିଖ ଏମ୍‌ପିଙ୍କୁ କୁହାଯାଇଥିଲା । ଜୁନ ୧୬ ତାରିଖ ଗ୍ରାମ୍ୟ ଉନ୍ନୟନ (ଆର୍‌ଡ଼ି)

- ବଡ଼ଗାଁ ହାଇସ୍କୁଲର ଭଙ୍ଗା ଶ୍ରେଣୀ ଗୃହ
- ଏମ୍‌ପିଙ୍କ ନିର୍ମାଣ ପ୍ରତିଶ୍ରୁତିକୁ ୨ବର୍ଷ ପୂରିବ

ବିଭାଗକୁ ୬ଟି କୋଠରି ମରାମତି ପାଇଁ ଚିଠି କରାଯାଇଥିଲା । ତନ୍ମଧ୍ୟରୁ ୨ଟି ମରାମତି କରାଗଲା। ବାରମ୍ବାର ଚିଠି କରାଯାଇଥିବା ସେ କହିଛନ୍ତି। ତେବେ ଏମ୍‌ପି. ଜୁଏଲ ଓରାମ ପ୍ରତିଶ୍ରୁତିଦେଇ ୨ବର୍ଷ ଗଡାଇନେଇଥିଲାବେଳେ ବାରମ୍ବାର ଆର୍‌ଡି ବିଭାଗକୁ ଜଣାଇ ନିରାଶ ହେବାକୁ ପଡିଥିବା ଦେଖିଲେ ଶିକ୍ଷାର ଭିତ୍ତିଭୂମୀ ପ୍ରସ୍ତୁତ କରିବାରେ ଜନପ୍ରତିନିଧି, ନେତା ଓ ସରକାରୀ ଅଧିକାରୀମାନେ କିପରି ଅବହେଳା ଓ ଦାୟୀତ୍ୱ ସମ୍ପାଦନ କରୁଛନ୍ତି ବୁଝାପଡ଼େ। ୨ବର୍ଷ ପୂର୍ବରୁ ପାଣ୍ଠି ଦେଲେ ଲୋକେ ଭୁଲିଯିବା ସମ୍ଭାବନା ଥିବାରୁ ନିର୍ବାଚନ ପାଖେଇ ଆସିଲେ ଅନୁଦାନ ମିଳିବ ବୋଲି ଚର୍ଚ୍ଚା ଆଲୋଚନା ହେଉଛି। ତେବେ ବିଳମ୍ବରେ ହେଉ ପଛେ ଅନୁଦାନ ମିଳୁ। ପ୍ରତିଶ୍ରୁତି ପ୍ରତାରଣା ନ ହେଉ ବୋଲି କୁହାଯାଉଛି।

ତେଲେନପାଲିରେ ମହିମା ଆଶ୍ରମ ଉଦ୍‌ଘାଟିତ

ଲଖନପୁର,୧୮।୧୨ (ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତେଲେନପାଲି ଗ୍ରାମରେ ନିର୍ମିତ ହୋଇଥିବା ଅଲେଖ ମହିମା ଆଶ୍ରମ କୋଠାକୁ ମଙ୍ଗଳବାର ବାବା କ୍ଷେତ୍ରବାସୀ ଦାସ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାବା କ୍ଷେତ୍ରବାସୀ ମହିମାଧର୍ମ ରୀତିନୀତିରେ ପୂଜା ଅର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟା ଆଳତୀ କରି ବିଶ୍ୱର ମଙ୍ଗଳ କାମନା କରିଥିଲେ । ଏଥିରେ ତେଲେନପାଲି ଓ ଏହାର ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏଥି ମଧ୍ୟରେ ସତ୍ୟାନନ୍ଦ ବିଶି, ଉଦ୍ଧବ ପ୍ରଧାନ, ଡୋଲାମଣି ପ୍ରଧାନ, ନୀରାକର ଖମାରୀ, ବାହାବଳ ସା, ଗୋବର୍ଦ୍ଧନ ପ୍ରଧାନ, ଶରତ ପ୍ରଧାନ, ଲକ୍ଷ୍ମଣ ଖମାରୀ, ପ୍ରମୋଦ ପ୍ରଧାନ, ପ୍ରଶାନ୍ତ ସା, ଭରତ ବିଶି, ଗୌର ସା, ଦେବ ଖମାରୀ ପ୍ରମୁଖ ଶ୍ରଦ୍ଧାଳୁ ଉପସ୍ଥିତଥିଲେ । ସୂଚନାଯୋଗ୍ୟ, ଗ୍ରାମରେ ଏକ ମହିମା ଆଶ୍ରମ ନିର୍ମାଣ କରିବା ପାଇଁ ବାବା କ୍ଷେତ୍ରବାସୀ ଦାସ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲେ । ଏଥିପାଇଁ ଏକ ଅସ୍ଥାୟୀ ସ୍ଥାନରେ ଦୀର୍ଘ ବର୍ଷ ହେବ ଯଜ୍ଞ ଓ ଭଜନ ଆଦି ଚାଲିଆସୁଥିଲା । ବାବାଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମମୁଣ୍ଡରେ ଏକ ସ୍ଥାୟୀ ଆଶ୍ରମ ଗଢି ଉଠିଛି । ଏଥିପାଇଁ ବ୍ଲକ୍ ପାଣ୍ଠିରୁ ସାଢେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କୋଠା ନିର୍ମିତ ହୋଇଛି ।

ଆଶ୍ରମ ଉଦ୍‌ଘାଟନ ଉତ୍ସବରେ ବାବା କ୍ଷେତ୍ରବାସୀ ଦାସ ଓ ଶ୍ରଦ୍ଧାଳୁମାନେ ।

ଲଖନପୁର ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ସଭାପତି ଶୋଭନାଥ, ସମ୍ପାଦକ ମୃତ୍ୟୁଞ୍ଜୟ

ଲଖନପୁର,୧୮।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ମଙ୍ଗଳବାର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିନୋଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବସମ୍ମତିକ୍ରମେ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏଥିରେ ପର୍ଯ୍ୟବେକ୍ଷକଭାବେ ପ୍ରଶାନ୍ତ ପାଟ୍ଟଯୋଶୀ, ପ୍ରହ୍ଲାଦ ନାୟକ ଓ ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ । ସଂଘର ନୂତନ କର୍ମକର୍ତ୍ତାଭାବେ ସଭାପତି ଶୋଭନାଥ ରାଉତ, ଉପସଭାପତି ନରେନ୍ଦ୍ର ରାଉତ ଓ ନିରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ବିଶ୍ୱାଳ, ଜୋନ୍‌ସ୍ତରୀୟ ସମ୍ପାଦକ ସୁଶୀଲ ଜୟପୁରିଆ, ଲଳିତ ପ୍ରଧାନ ଓ ଅରୁଣ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ବିଜୟ ସାହୁ, ମନୋହର ଓ ରୀନାରାଣି ଦେହୁରୀ, କୋଷାଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସହକୋଷାଧ୍ୟକ୍ଷ କାର୍ତ୍ତିକ ପାଣ୍ଡେ, ସମୀକ୍ଷକ ଭାବେ ଅନିରୁଦ୍ଧ ଡନ୍‌ସେନା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜିତା ନାୟକ, ସମ୍ପାଦିକା ମମତା ଗର୍ଡିଆ ପ୍ରମୁଖ କର୍ମକର୍ତ୍ତା ମନନୀତ ହୋଇଛନ୍ତି । ଏଥି ମଧ୍ୟରେ ସଂଘ ଆଗାମୀ ଦିନରେ ଜିଲା ଶିକ୍ଷକ ସଂଘ ଜରିଆରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧନ ଦିଗରେ ଚେଷ୍ଟା କରିବ । ଏ ନେଇ ସଂଘ ସମସ୍ତ ସଦସ୍ୟଙ୍କ ଏକତା ବଳରେ ଲଢେଇ ଜାରି ରଖିବବୋଲି ଦୃଢୋକ୍ତି ପ୍ରକାଶ କରିଛି । ସଂଘ ତରଫରୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ନାୟକଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବ୍ଲକ୍‌ର ବହୁଶିକ୍ଷୟିତ୍ରିଶିକ୍ଷକ ଯୋଗଦେଇଥିଲେ ।

ମନୋନୀତ ହୋଇଥିବା ସଂଘର ନୂତନ କର୍ମକର୍ତ୍ତାମାନେ ।

ସିଆର୍‌ସିସିଙ୍କ ରାଜନୈତିକ ସମ୍ପୃକ୍ତି ମାମଲା

କାରଣ ଦର୍ଶାଅ ନୋଟିସ ଦେଇ ବିଭାଗ ଚୁପ୍

କୋଲାବିରା,୧୮।୧୨ (ଡି.ଏନ୍.ଏ.)

କୋଲାବିରା ବିଇଓଙ୍କ ଅଧୀନରେ କାର୍ଯ୍ୟରତ ସିଆର୍‌ସିସି ସନ୍ତୋଷ କିଷାନଙ୍କ ରାଜନୈତିକ ସମ୍ପୃକ୍ତିକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିବା ବେଳେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ କେବଳ କାରଣ ଦର୍ଶାଅ ନୋଟିସ ଦେଇ ମାମାଲାକୁ ଶିଥିଳ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏକ ଟିଭି ଚାନେଲକୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସମର୍ଥନରେ ସିଆର୍‌ସିସି କିଷାନ ବୟାନ ଦେବା ପରେ ବିଭିନ୍ନ ମହଳରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଜିଲା ଡିଇଓ ଓ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ କରାଯାଇ ସିଆର୍‌ସିସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ ଦ୍ୱୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ଘଟଣାକୁ ୧୫ରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ କୋଲାବିରା ବିଇଓ ଗିରିଧାରୀ ଭୋଇଙ୍କୁ ପଚାରିବାରୁ ସେ କହିଲେ, ସିଆର୍‌ସିସି କିଷାନଙ୍କୁ ଗତ ୧୨ ତାରିଖରେ କାରଣ ଦର୍ଶାଆ ନୋଟିସ ଜାରି କରାଯାଇଛି। ମାତ୍ର ୪ ଦିନ ମଧ୍ୟରେ ପକ୍ଷ ରଖିବାକୁ ନୋଟିସରେ ନିର୍ଦ୍ଦେଶ ରହିଛି ବୋଲି ସେ କହିଥିଲେ। ତେବେ ୬ଦିନ ପରେ ମଧ୍ୟ କିଷାନ କାହିଁକି ଉତ୍ତର ଦେଇନାହାନ୍ତି ବୋଲି ପଚରାଯିବାରୁ ନୋଟିସ ଦିଆଯାଇଛି, ଉତ୍ତର ଦେଇଦେବେ ବୋଲି ବିଇଓ ଭୋଇ ଅତି ହାଲୁକା ଭାବରେ କହିଥିଲେ। ସୂଚନାଯୋଗ୍ୟ, ଗତ ୨ ତାରିଖ ଲଇକେରା ବ୍ଲକ ଅଞ୍ଚଳରେ ଝାରସୁଗୁଡ଼ା ବିଧାୟକ ନବ ଦାସ ଏକ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ବିଧାୟକ କର୍ମୀଙ୍କ ସମର୍ଥନ ଜୁଟାଇବାକୁ ପ୍ରୟାସ କରିଥିଲେ। ସିଆର୍‌ସିସି କିଷାନ ଉକ୍ତ କର୍ମୀ ସମ୍ମିଳନୀରେ ସାମିଲ ହୋଇ ଏକ ଟିଭି ଚାନେଲକୁ ବୟାନ ଦେଇ ବିଧାୟକ ଦାସଙ୍କ ପ୍ରତି ଖୋଲାଖୋଲି ସମର୍ଥନ ଜଣାଇଥିଲେ। କିଷାନଙ୍କ ଏହି ବୟାନ ମଧ୍ୟ ସମ୍ପୃକ୍ତ ଟିଭି ଚାନେଲରେ ପ୍ରସାରିତ ହୋଇଥିଲା। ସରକାରୀ ଚାକିରିରେ ଥାଇ ମଧ୍ୟ ଏକ ରାଜନୈତିକ ଦଳ ପାଇଁ ନିଜକୁ ନିୟୋଜିତ ରଖିବା କେତେଦୂର ଆଇନ ସଙ୍ଗତ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟ୍ରେନ୍ ଲାଇନ୍ କଡ଼ରୁ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୧୮।୧୨

ଝାରସୁଗୁଡା ସାହ୍ଲେଟିକ୍ରା ଟ୍ରେନ୍ ଲାଇନ୍ କଡରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଙ୍କ ବୟସ ୨୨ ବୋଲି ପୋଲିସ ଅନୁମାନ କରିଛି। ହେଲେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୋମବାର ରାତିରେ ମୃତଦେହ ଠାବ ହୋଇଥିବାବେଳେ ବୁଧବାର ଉଦ୍ଧାର କରାଯାଇଛି। ଟ୍ରେନ୍ ଧକ୍କାରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଝାରସୁଗୁଡା ଜିଆରପି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷଣ କରାଯାଇଛି।

ପୋଷାକ ବିତରଣ କାର୍ଯ୍ୟକ୍ରମ

ନୂଆଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସୋରଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଗହଣରେ ବିଇଓ ସସ୍ମିତା ବେହେରା ସେମାନଙ୍କୁ ପାଠପଢ଼ାରେ ଧ୍ୟାନ ଦେବା ସହ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ । ପୂର୍ବତନ ଶିକ୍ଷକ ବଳରାମ ପଣ୍ଡା, ସିଆରସିସି ମଙ୍ଗଳ କେର୍କେଟା ଯୋଗଦେଇ ସରକାରଙ୍କ ସ୍କୁଲ ପ୍ରତି ଯେଉଁ ଯେଉଁ ଯୋଜନା କାର୍ଯ୍ୟକାରୀ ହେଉଛି ସେଗୁଡିକ ଉପରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଧାରଣା ଦେଇଥିଲେ । ସ୍କୁଲର ପ୍ରଧାନଶିକ୍ଷକ ଫିରୋଜ ଉଦ୍ଦିନ ଖାନ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲ କମିଟିର ସଭାପତି, ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ପ୍ରଥମ ଥର ପାଇଁ ଛାତ୍ରୀଛାତ୍ରଙ୍କୁ ପୋଷାକ ସହ ଜୋତା ଓ ମୋଜା ଦିଆଯାଇଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସ୍କୁଲର ଶିକ୍ଷକ ଆଶିଷ ନାଏକ, ନାଜମା ଖାତୁନ, ଭାନୁଲତା ନାଏକ, ରେବତୀ ତ୍ରିପାଠୀ, ଜ୍ୟୋତ୍ସାରାଣୀ ପଣ୍ଡା ପ୍ରମୁଖ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟନ୍ତୀ ପାଇଲେ ବ୍ୟକ୍ତିଗତ ଚାମ୍ପିୟନ ପୁରସ୍କାର

ବେଲପାହାଡ଼,୧୮।୧୨(ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବେଲପାହାଡ଼ ପୌରପରିଷଦ ଉପାଧ୍ୟକ୍ଷା ଅନୁପମା ଭଇଁଷା ମୁଖ୍ୟଅତିଥି ଏବଂ ଡୁମଲିଆ ମହାବିଦ୍ୟାଳୟର ଅଧ୍ୟାପିକା ଧରିତ୍ରୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ଡ଼ିଭିଜନ(ରୋଡ୍ ଆଣ୍ଡ ବ୍ରିଜ୍) ଏସଡ଼ିଓ ଗାୟତ୍ରୀ ପଟେଲ, ବରିଷ୍ଠ ନାଗରିକ ଅଖତର ହୁସେନ ଓ କାଉନସିଲର ପ୍ରିୟଙ୍କା କଂସାରୀ ଯୋଗଦେଇଥିଲେ । ଏହି ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଭବିଷ୍ୟତ ଗଠନ କରିବା ପାଇଁ ଏବଂ ସମାଜ ପାଇଁ କିଛି ଭଲ କାମ କରିବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ । ୧୦୦ମିଟର ଦୌଡ଼ ଜୁନିୟର ବିଭାଗରେ ଜୟନ୍ତୀ କିସାନ, ୨୦୦ମିଟର ଦୌଡ଼ରେ ପୂଜା ଭୋଇ, ପୁଟିଂ ଦି ସଟ୍‌ରେ ଜାଗୃତି ବେହେରା, ଜାଭେଲିଂ ଥ୍ରୋରେ ଅନୀତା ଦିଗି, ଡ଼ିସକସ୍ ଥ୍ରୋରେ ବିନିତା ଖଡ଼ିଆ, ଲଙ୍ଗ୍ ଜମ୍ପରେ ଜୟନ୍ତୀ କିସାନ, ହାଇଜମ୍ପରେ ସରିତା ଛତ୍ରିଆ, ସ୍ଲୋ ସାଇକେଲିଂରେ ଲକ୍ଷ୍ମୀ କିଣ୍ଡୋ ଏବଂ ମ୍ୟୁଜିକ ଚେୟାରରେ ଆରତୀ ଯାଦବ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସେହିପରି ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ବିନିତା ଖଡ଼ିଆ, କୁଇଜ୍ ପ୍ରତିଯୋଗିତାରେ ମେଘା ପଟ୍ଟନାୟକ ଓ ବର୍ଷା ସେଠ୍ ଏବଂ ସଙ୍ଗୀତରେ ଡିଲେଶ୍ୱରୀ ଖଣ୍ଡିତ ପ୍ରଥମ ପୁରସ୍କାର ପାଇଛନ୍ତି। ନୃତ୍ୟ ପ୍ରତିଯୋଗିତାରେ ସୋନାଲି ବିଶ୍ୱାଳ, ଲବେଶ୍ୱରୀ କିସାନ, ପୂଜା ପଟେଲ, ଶିବାନୀ ମହାନନ୍ଦିଆ ଓ ତାରା ବିଶ୍ୱାଳ ପ୍ରଥମ ହୋଇଛନ୍ତି। ରଙ୍ଗୋଲି ପ୍ରତିଯେଗିତାରେ ବିନିତା ଖଡ଼ିଆ ପ୍ରଥମ, ରାଖୀ ମେହେର ଦ୍ୱିତୀୟ ଓ ଲିଳାବତୀ ସାହୁ ତୃତୀୟ ପୁରସ୍କାର ପାଇଛନ୍ତି । ଇକୋ କ୍ଲବ୍ ପ୍ରଦର୍ଶନୀରେ ଭିତିସ୍ମିତା ପୂଜାରୀ ଓ ଗଜାଲା ପରଭିନ ପ୍ରଥମ ପୁରସ୍କାର ପାଇଛନ୍ତି । ଛାତ୍ରୀ ଜୟନ୍ତୀ କିସାନଙ୍କୁ ବ୍ୟକ୍ତିଗତ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଛି ।

ବେଲପାହାଡ଼ସ୍ଥିତ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

Office of the Chief Engineer
Dam Safety Secha Sadan, Unit-V, Odisha, Bhubaneswar
Phone: 0674 - 2531935 / Fax - 0674 - 2531934
E-mail: cedamsafety.odisha@gmail com
No-CE-DS-DRIP-160/2018- Dated the

**CANCELLATION OF E-PROCUREMENT NOTICE No. CEDS-03/2

ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ

ସଂକ୍ଷେପରେ

କେନ୍ଦ୍ରମନ୍ତ୍ରୀଙ୍କ କେସିପି ହାଇସ୍କୁଲ ପରିଦର୍ଶନ ଛାତ୍ରୀନିବାସ ନିର୍ମାଣ ସକାଶେ ୪୦ଲକ୍ଷ ଘୋଷଣା

ଲେଫ୍ରିପଡା,୧୮।୧୨(ଡି.ଏନ.ଏ) - ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା କେଶବଚନ୍ଦ୍ର ପୃଷ୍ଟେଠ୍ (କେସିପି) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଜିଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପୁରସ୍କୃତ ହୋଇଥିବାରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମଙ୍ଗଳବାର ସ୍ୱତନ୍ତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସକାଶେ ରହିବା ପାଇଁ ବିଶେଷ ଅସୁବିଧା ହେଉଥିବାରୁ ତୁରନ୍ତ ବିଦ୍ୟାଳୟକୁ ୪୦ଲକ୍ଷ ଟଙ୍କା ବିନିମୟରେ ଛାତ୍ରୀ ନିବାସ ନିର୍ମାଣ କରାଯିବ ବୋଲି ଘୋଷାଣା କରିଥିଲେ। ଏଥିସକାଶେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତୃଘ୍ନ ମିଶ୍ର ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପରିଦର୍ଶନରେ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ଭାଜପା ଜିଲା ସଭାପତି ବଟକିଶୋର ମିଶ୍ର ସମେତ ଅନ୍ୟାନ୍ୟ ଭାଜପାର ନେତୃମଣ୍ଡଳୀ ଯୋଗଦାନ କରିଥିଲେ।

ହାତୀ ଉପଦ୍ରବ ଜାରି : ଲୋକେ ଆତଙ୍କିତ

ବଡ଼ଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି।

ବଡ଼ଗାଁ ବନଖଣ୍ଡ

- ହାତୀ ୩ ଡିଜେଲ ପମ୍ପ, ଘର ଭାଙ୍ଗିଲା
- ଚାଷ ନଷ୍ଟ କଲା, ଧାନ ଖାଇଲା
- ହାତୀ ଆକ୍ରମଣାତ୍ମକ ହେଉଛି
- ଗ୍ରାମବାସୀଙ୍କ ଧନଜୀବନ ହାନି ଆଶଙ୍କା

ପଟୁଆବେଡା ଗ୍ରାମର ହାତୀ ଭାଙ୍ଗିଥିବା ଆନନ୍ଦ ପ୍ରଧାନଙ୍କ ଘର। ଚନ୍ଦ୍ରଶେଖର ସାଙ୍କ କୋବି ବଗିଚା ନଷ୍ଟ ହୋଇଛି।

ହାତୀ ଉପଦ୍ରବରେ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କ୍ଷତି ଘଟିଚାଲିଛି। ବିଶେଷକରି ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ମରୁଡି ପରିସ୍ଥିତି, ଅଦିନିଆ ବର୍ଷାରେ ଚାଷୀ ଧାନ ଓ ପନିପରିବା ଚାଷରେ କ୍ଷତି ସହିଥିଲାବେଳେ ହାତୀ ଉପଦ୍ରବ ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ସୂଚନାନୁଯାଇ, ୧୮ଟି ହାତୀ ଥିବା ପଲରୁ ବାହାରି ଆସିଥିବା ଏକ ଦାନ୍ତ ଥିବା ହାତୀ ବରଙ୍ଗାକଛାର ପଞ୍ଚାୟତ ଅଞ୍ଚଳରେ ଦୈନନ୍ଦିନ ଉପଦ୍ରବ କରୁଥିଲାବେଳେ ଗ୍ରାମବାସୀ ବନ ଅଧିକାରୀଙ୍କୁ ଜଣାଇଛନ୍ତି। ସପ୍ତାହେ ହେଲା, ହାତୀ ପଟୁଆବେଡା ଜଙ୍ଗଲରେ ଦିନବେଳେ ଅବସ୍ଥାନ କରୁଥିଲାବେଳେ ସଞ୍ଜ ହେଲେ ଗ୍ରାମର ଗାଧୁଆ ମୁଣ୍ଡା (ପୋଖରୀ)ରେ ଗାଧୋଇ ଗାଁ ଭିତରକୁ ପଶୁଛି। ୯ତାରିଖ ବନ କର୍ମଚାରୀମାନେ ହାତୀପଲକୁ ଘଉଡାଇ କୁଲଗାଁ ଜଙ୍ଗଲକୁ ପଠାଇଦେଇଥିଲା ବେଳେ ପଲରୁ ଗୋଟିଏ ହାତୀ ପଟୁଆବେଡା ଜଙ୍ଗଲରେ ରହିଯାଇଥିଲା। ଏହି ହାତୀ ରବିବାର ରାତିରେ ପଟୁଆବେଡା ଗ୍ରାମର ଜୟ ନାରାୟଣ ସା, ଅଶୋକ ପୃଷ୍ଟେଟ, ଶୋଭା ପ୍ରଧାନଙ୍କ ବାଡିରେ ଥିବା ଡିଜେଲ ପମ୍ପଗୁଡିକୁ ଭାଙ୍ଗି ଦେଲାପରେ ଅଶୋକ, ଭଗବାନ ପୃଷ୍ଟେଟ ଓ ଭୁବନେଶ୍ୱର ପୃଷ୍ଟେଟଙ୍କ ଧାନ ଖାଇଦେଇଛି। ସୋମବାର ରାତି ସାଢ଼େ ୧୦ଟାରେ ପଟୁଆବେଡା ଗ୍ରାମର ଆନନ୍ଦ ପ୍ରଧାନଙ୍କ ଘର ଭାଙ୍ଗି ଦେଇଥିଲା ବେଳେ ଚନ୍ଦ୍ରଶେଖର ସାଙ୍କ କୋବି ଚାଷ ନଷ୍ଟ କରିଦେଇଛି। ଏହାପରେ ଗଙ୍ଗାଧର ବେହେରା, ପୁଷ୍ପମିତ୍ର ନାଏକ ଓ ଝସକେତନ ବେହେରାଙ୍କ ବାହାଲ ଧାନ ଖାଇଦେଇଛି । ହାତୀକୁ ଘଉଡାଉଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଯେ, ଫଟକା ଫୁଟାଇଲେ ମଧ୍ୟ ଡରୁନାହିଁ । କେବଳ ଲାଇଟ ପକାଇଲେ ପଛକୁ ଯାଉଛି। ହାତୀ ଆକ୍ରମଣାତ୍ମକ ହେଉଥିବାରୁ ଗ୍ରାମବାସୀ ଧନଜୀବନ ହାନୀ ଆଶଙ୍କା କରୁଛନ୍ତି ।

ରଷ୍ଟି ଗ୍ରାମରେ ହାତୀ ଉପଦ୍ରବ: ଭାଙ୍ଗିଲା ଘର

ବାଲିଶଙ୍କରା, ୧୮।୧୨ (ଡି.ଏନ.ଏ)

ଉଜ୍ଜଳପୁର ଫରେଷ୍ଟ ରେଞ୍ଜ ଅଧିନ କିଞ୍ଜିରକେଲା ସେକ୍ସନ ରଷ୍ଟି ଗ୍ରାମରେ ସୋମବାର ରାତିରେ ଏକ ଜଙ୍ଗଲି ହାତୀ ଗାଁ ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି। କିଞ୍ଜିରକେଲା ବନ ବିଭାଗ କହିବା ଅନୁଯାୟୀ ବିଳମ୍ବିତ ରାତ୍ରିରେ ଏକ ବଣୁଆ ହାତୀ ଗାଁ ଭିତରକୁ ପଶି ଗ୍ରାମର ତରଣୀ ସାହୁ, ଦିପ କଟାର, ଜଗନ୍ନାଥ କାଲୋ, ଜନ୍ମ ସଂକିଆ, ଚମାର ମୁଣ୍ଡାଙ୍କ ଘରକୁ ଭାଙ୍ଗି ଦେଇଛି। ଜିତେନ ମୁଣ୍ଡାଙ୍କ ଘରକୁ ମଧ୍ୟ ଭାଙ୍ଗି ନଷ୍ଟ କରିଥିବା ଜଣାପଡିଥିବା ବେଳେ ଧାନ ଚାଉଳ ଖାଇବା ସାଙ୍ଗକୁ ବ୍ୟାପକ କ୍ଷୟକ୍ଷତି କରି ଥିବା ଜଣାପଡିଛି। ଦୀର୍ଘ ମାସେ କାଳ ଧରି ଉକ୍ତ ହାତୀ ଉକ୍ତ ଜଙ୍ଗଲ ଛାଡୁ ନ ଥିବା ବେଳେ ସନ୍ଧ୍ୟା ହେବା ମାତ୍ରେ ଗାଁ ଭିତରକୁ ଚାଲି ଆସୁଛି। ହାତୀକୁ ନିକଟସ୍ଥ ଜଙ୍ଗଲରୁ ସ୍ଥାନାନ୍ତରିତ କରିବା ସାଙ୍ଗକୁ କ୍ଷୟକ୍ଷତି ହୋଇଥିବା ପରିବାରକୁ ତୁରନ୍ତ କ୍ଷତିପୁରଣ ପ୍ରଦାନ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

ହାତୀ ଲୋକଙ୍କ ଘରକୁ ଭାଙ୍ଗି ଦେଇଛି।

ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ୟାରିୟର ଗାଇଡେନ୍ସ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ.)

ସ୍ଥାନୀୟ ରାଣୀ ଜାନକୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଗତ ୨ଦିନ ଧରି ବାଳିକାମାନଙ୍କ ସକାଶେ କ୍ୟାରିୟର ଗାଇଡେନ୍ସ କାର୍ଯ୍ୟକ୍ରମ (କାର୍ଯ୍ୟନିର୍ବାହ ପନ୍ଥା ପ୍ରଦର୍ଶନ) ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ କିପରି ପାଠପଢା ସରିବା ପରେ କେଉଁ ବାଟରେ ଗଲେ ନିଜ ସୁଭବିଷ୍ୟତ ପାଇଁ ନିଜ ପସନ୍ଦ ଅନୁସାରେ କେଉଁ ପନ୍ଥା ବାଛି ବିଭିନ୍ନ କ୍ଷେତ୍ରରେ କିଭଳି ସଫଳତା ହାସଲ କରିବେ ସେ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମାର୍ଗଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ଆଇନଜୀବୀ ନମିତା ନାଏକ, ବୁର୍ଲା ବୈଷୟିକ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ପ୍ରଜ୍ଞା ମହାନ୍ତି, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଚିଫ୍ ମ୍ୟାନେଜର ଶାଶ୍ୱତ ସାହୁ ନିଜ ବିଭାଗରେ ଚାକିରୀ କରିବାକୁ ହେଲେ କିପରି ପ୍ରସ୍ତୁତ କରିବାକୁ ହେବ ସେ ସମ୍ପର୍କରେ ବୁଝାଇଥିଲେ।

କ୍ୟାରିୟର ଗାଇଡାନ୍ସ କାର୍ଯ୍ୟକ୍ରମରେ ଶିକ୍ଷାବିତ, ଆଇନଜୀବୀ ମଞ୍ଚାସୀନ।

ମଙ୍ଗଳବାର ଦ୍ୱିତୀୟ ଦିବସରେ ସୁନ୍ଦରଗଡ ସଦର ବ୍ଲକ ବିଡିଓ ଅନାମିକା ସିଂ, ପ୍ରାଣୀ ଚିକିତ୍ସକ ଡାଃ ସୁମନ କୁମାରୀ ଯୋଶୀ, କ୍ରୀଡା ପ୍ରଶିକ୍ଷିକା ସୁସ୍ମିତା ଦତ୍ତ, କଳ୍ପନା ଭୋଳ ନିଜ ବିଭାଗରେ ନିଯୁକ୍ତି ପାଇବାକୁ ହେଲେ କିପରି ପ୍ରବେଶିକା ପରୀକ୍ଷା ଦେଇ ଉକ୍ତ ବିଷୟରେ କିଭଳି କୃତକାର୍ଯ୍ୟ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସଂଯୁକ୍ତା ବହିଦାର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହାଣି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ବୀରବିକ୍ରମ ସିଂଦେଓ ଧନ୍ୟବାଦ ଦେଇଥିଲେ।

ତେଲେନଡିହି ସେଣ୍ଟ୍ ଥୋମାସ୍ ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ

ଶିକ୍ଷାର ଉନ୍ନତିରେ ଦେଶର ବିକାଶ ସମ୍ଭବ

ଲେଫ୍ରିପଡା, ୧୮।୧୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସେଣ୍ଟ ଥୋମାସ୍ ଉଚ୍ଚ ବିଦ୍ୟାଳୟରେ ରଜତ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବିଦ୍ୟାଳୟର ମ୍ୟାନେଜିଂ କମିଟି ସଭାପତି ଫାଦର ଥୋମାସ୍ ବାଆଙ୍କ ସଭାପତିତ୍ୱରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିକ୍ଷାର ଉନ୍ନତିରେ ଦେଶର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷ ପିତୃଶ ଟପୋ, ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ଭାଜପା ଜିଲା ସଭାପତି ବଟ କିଶୋର ମିଶ୍ର, ସହଦେବ ଖାଖା, ବ୍ଲକ୍ ଏମ୍‌ପି ପ୍ରତିନିଧି କୌତୁକ ଚୌଧୁରୀ, ପ୍ରେମସାଗର ଓରାମ୍, ଯଶୋବନ୍ତ ନାଏକ, ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଗିରିଶଚନ୍ଦ୍ର ସାହୁ ଯଶୋବନ୍ତ ନାଏକ ପ୍ରମୁଖ ଯୋଗଦାନ କରି ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେଲବେସ୍ତର ଡୁଙ୍ଗ୍‌ଡୁଙ୍ଗ୍ ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ବିଦ୍ୟୁତ୍ ଟ୍ରାନସଫରମର ଏବଂ ଗଭୀର ନଳକୂପକୁ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ୍ ପ୍ରଦାନ କରିଥିଲେ। ରଜତ୍ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ରାଉରକେଲା ବିସପ୍ କିଶୋର କୁମାର କୁଜୁର ମୁଖ୍ୟଅତିଥି, ଫାଦର ବିଜୟ କୁମାର ଏକ୍କା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ତଲସରା ବିଧାୟକ ପ୍ରଫୁଲ୍ଲ ମାଝୀ, ପଶ୍ଚିମ ଓଡିଶା ବିକାଶ ପରିଷଦର ବୈଷୟିକ ସଦସ୍ୟ ବିନୟ ଟପୋ, ବିଦ୍ୟାଳୟର ପୂର୍ବତନ ପ୍ରଥମ ପ୍ରଧାନଶିକ୍ଷକ ପାଡ୍ରିସ୍ ସିଆ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ସୁଶିଲ ଚଉଁରିଆ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରଂଜିତା ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶାନ୍ତି କୁମାରୀ ତିର୍କୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ପୂରାତନ ଛାତ୍ରୀଛାତ୍ର ସମେତ ଅଭିଭାବକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସମେତ ବିଦ୍ୟାଳୟର ଅଭିଭାବକ ଏବଂ ପୂରାତନ ଛାତୀଛାତ୍ର ପରିଚାଳନା ଦିଗରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସେଣ୍ଟ ଥୋମାସ୍ ଉଚ୍ଚ ବିଦ୍ୟାଳୟରେ ରଜତ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଜଙ୍ଗଲ ଅଧିକାର ଆଇନ ନେଇ ସାମାଜିକ ସମୀକ୍ଷା

ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ)

ଜଙ୍ଗଲ ଅଧିକାର ଆଇନ ଉପରେ ସାମାଜିକ ସମୀକ୍ଷା ମଙ୍ଗଳବାର ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଆରଟିଡି ଓ ଆଦିବାସୀ ଏକତା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ସୁନ୍ଦରଗଡ ସମେତ ପଡୋଶୀ ଛତିଶଗଡ ଏବଂ ଓଡିଶାର କୋରାପୁଟ, କନ୍ଧମାଳ, ନବରଙ୍ଗପୁର ଜିଲାର ଜଙ୍ଗଲ ଜମି ହିତାଧିକାରୀ ଓ ଜଙ୍ଗଲ ଜମି ଅଧିକାର ନେଇ କ୍ଷେତ୍ରସ୍ତରରେ କାମ କରୁଥିବା ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ -୨୦୦୬ ଅନୁସାରେ ଜଙ୍ଗଲ ଜମିରେ ଚାଷବାସ କରି ଦୀର୍ଘବର୍ଷ ଧରି ଜୀବନ ଜୀବିକା ନିର୍ବାହ କରୁଥିବା ହିତାଧିକାରୀମାନେ ଜଙ୍ଗଲ ଜମିର ଅଧିକାରପତ୍ର ପାଇବା ପାଇଁ କ,ଖ ଓ ଗ ଫର୍ମପୂରଣ କରି ଜଙ୍ଗଲ ଅଧିକାର କମିଟି ଜରିଆରେ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜିଲାରେ ମାତ୍ର ୨ଟି ଗ୍ରାମକୁ ଗୋଷ୍ଠୀଗତ ଅଧିକାର ପତ୍ର ମିଳିଥିବା ବେଳେ କିଛି ପରିବାରକୁ ବ୍ୟକ୍ତିଗତ ଅଧିକାରପତ୍ର ମିଳିଛି। ଏହି ଆଇନ ଉପରେ ହୋଇଥିବା ସାମାଜିକ ସମୀକ୍ଷାରେ ଯୁଗ୍ମ ତଦନ୍ତର ଅଭାବ, ଜିପିଏସ ରିଡିଂର ଅଭାବ, ଆବଶ୍ୟକୀୟ ପ୍ରମାଣପତ୍ରର ଅଭାବ, ଆବେଦନ କରିଥିବା ଜମି ପରିମାଣରୁ କମ୍ ଜମିର ଅଧିକାର ପତ୍ର ମିଳିବା, ଗୋଟିଏ ଗ୍ରାମର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୬୦ରୁ ୭୦ ପ୍ରତିଶତଙ୍କୁ ଜମି ମିଳିବା ଫଳରେ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଥିବା ଜଣାଯାଇଛି। ଜଙ୍ଗଲ ଅଧିକାର ଆଇନ୍‌ର ଠିକ ରୂପାୟନ ହେଉ ନଥିବା ବୈଠକରେ ଜଣାପଡିଛି। ଅନୁଷ୍ଠାନର କର୍ମୀ ସୁପ୍ରିୟାନ ଖାଖା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସିସିଲିଆ କାଣ୍ଡୁଲାନା ଧନ୍ୟବାଦ ଦେଇଥିଲେ ।

ଟ୍ରକ୍ ଚାପାରେ ଯୁବକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୧୮।୧୧(ଡ଼ି.ଏନ.ଏ.)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଟ୍ରକ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେଶ ରାମ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ ଦାବି କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ଗ୍ରାମୀଣ ଡାକସେବକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବଡ଼ଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ଉପଡାକ ଘରର ସମସ୍ତ ଗ୍ରାମୀଣ ଡାକସେବକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦୀର୍ଘବର୍ଷରୁ ସର୍ବଭାରତୀୟ ଗ୍ରାମୀଣ ଡାକସେବକ ଦାବିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଥିଲେ ମଧ୍ୟ ସରକାର ବୈମାତୃକ ଭାବ ପୋଷଣ କରିଆସୁଛନ୍ତି। କମଳେଶ ଚନ୍ଦ୍ର କମିଟି ରିପୋର୍ଟ ଅନୁସାରେ ୧୦ ଦଫା ଦାବି ଉପରେ କାର୍ଯ୍ୟକାରୀ କରାଯାଉନାହିଁ। ୨୦୧୬ ଜାନୁୟାରୀରୁ ଅତିରିକ୍ତ ଦରମା ବୃଦ୍ଧି, ଚାକିରି ନିୟମିତ, ପେନସନ ଅନ୍ତର୍ଭୁକ୍ତ କରିବା, ୮ଘଣ୍ଟା ଡ୍ୟୁଟି ପାଇଁ ଉପଯୁକ୍ତ ଦରମା ଓ ବିଭାଗୀୟ କର୍ମଚାରୀ ମାନ୍ୟତା ଆଦି ୧୦ଦଫା ଦାବି ହୋଇଆସୁଛି। ସଂଘ ସଭାପତି ପର୍ଶୁରାମ ଦାସ, ସମ୍ପାଦକ ଯୁଗଳ କିଶୋର ମହାପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଉଛି। ଡାକ କାର୍ଯ୍ୟାଳୟ ବନ୍ଦ ଯୋଗୁ ଗ୍ରାହକ ସେବା ଠପ୍ ହୋଇଯାଇଛି।

ଆନ୍ଦୋଳନରତ ଗ୍ରାମୀଣ ଡାକ ସେବକ।

ଏନଟିପସ ନମତ ଗରଆ ନାଳା ସେତୁ ଉଦ୍‌ଘାଟିତ

ହେମଗିର, ୧୮।୧୨ (ଡି.ଏନ.ଏ)

ଏନଟିପିସି ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ କଳାମେଘା ଗରିଆ ନାଳା ଉପରେ ହୋଇଥିବା ସେତୁର ମଙ୍ଗଳବାର ଉଦଘାଟନ ହୋଇଯାଇଛି। ଏହାକୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ହେମଗିର ଗସ୍ତରେ ଆସି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଲୋକଙ୍କ ପକ୍ଷରୁ ବହୁଦିନରୁ ହେଉଥିବା ଦାବିକୁ କମ୍ପାନୀ କର୍ତ୍ତୃପକ୍ଷ ବିଳମ୍ବରେ କରିଥିଲେ ହେଁ ଏହା ଏକ ଜନହିତକର ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ। ସେତୁ ତିନି କୋଟି ଟଙ୍କା ବ୍ୟୟରେ ତଥା ଉନ୍ନତମାନର ହୋଇଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ ହୋଇଥିଲେ। ପରେ ମନ୍ତ୍ରୀ ଏନଟିପିସି ଦ୍ୱାରା ନିର୍ମାଣଧିନ ଆରଏଣ୍ଡଆର କଲୋନି ବୁଲି ଦେଖିଥିଲେ। ଏହା କମ୍ପାନୀ ଦ୍ୱାରା କୋଇଲା ଖଣି ପାଇଁ ବିସ୍ଥାପିତ ହେଉଥିବା ତୁଲିଙ୍ଗା, ମଝାପଡା, ବେଲଡିହି, କପୁରିକଛାର ଗ୍ରାମବାସୀଙ୍କ ପାଇଁ ପ୍ରାୟ ୪୦୦ କ୍ୱାର୍ଟର୍ସ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଚିତ୍ତରଞ୍ଜନ ବାରିକ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ମନ

ଅହଂକାରୀ ଲୋକ ଅନ୍ୟର ପରାମର୍ଶ ଗ୍ରହଣ କରେନାହିଁ।
କାରଣ ସେ ସବୁକିଛି ଜାଣିଛି ବୋଲି ଧରିନେଇଥାଏ।
- ସକ୍ରେଟିସ

ସଂକ୍ଷେପରେ

କାର୍ଯ୍ୟରତ କନଷ୍ଟେବଳଙ୍କ ଅସ୍ୱାଭାବିକ ମୃତ୍ୟୁ

ଭବାନୀପାଟଣା,୧୮।୧୨(ଡି.ଏନ.ଏ.) ଭବାନୀପାଟଣା ଟାଉନ୍ ଥାନା ଅଧୀନ କଲେଜ ଛକରେ ଥିବା ପୋଲିସ ଆଉଟ୍ ପୋଷ୍ଟରେ ୧୬ ତାରିଖ ରାତିରେ ଡ୍ୟୁଟିରେ ଥିବା ଜଣେ କନଷ୍ଟେଟବଳଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ କନଷ୍ଟେବଳ ଜଣକ ହେଲେ ବୃନ୍ଦାବନ ଶବର। ତାଙ୍କ ଘର ସଦର ଥାନ ଅନ୍ତର୍ଗତ କୁସୁମଦର ଗାଁ। ୧୬ ତାରିଖ ରାତିରେ ବୃନ୍ଦାବନ ଏବଂ ଆଉ ଜଣେ କନଷ୍ଟେବଳ ରାତିରେ ଆଉଟ୍ ପୋଷ୍ଟରେ ଡ୍ୟୁଟିରେ ଥିଲେ। ତେବେ ସୋମବାର ସକାଳୁ ବୃନ୍ଦାବନ ନ ଉଠିବାରୁ ସାଥୀ କର୍ମଚାରୀ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ସେ ନ ଉଠିବାରୁ ତୁରନ୍ତ ତାଙ୍କୁ ଡକ୍ତରଖାନାକୁ ନିଆଯାଇଥିଲା। ସେଠାରେ ବୃନ୍ଦାବନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ୍ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ଘଟଣାର ତଦନ୍ତ ଚାଳାଇଛି। ପ୍ରାଥମିକ ତଦନ୍ତରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି।

ଭବାନୀପାଟଣା ବସ୍‌ଷ୍ଟାଣ୍ଡରୁ ୧୪ ଦାଦନ ଉଦ୍ଧାର

ଭବାନୀପାଟଣା,୧୮।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ନୂଆବସଷ୍ଟାଣ୍ଡଠାରୁ ଚାଲାଣ ହେଉଥିବା ୧୪ ଦାଦନଙ୍କୁ ଟାଉନ ଥାନା ପୋଲିସ ୧୭ ତାରିଖ ରାତିରେ ଉଦ୍ଧାର କରିଛି। ନବରଙ୍ଗପୁର ଜିଲାର ଡାବୁଗାଁର ୧୪ ଜଣ ଦାଦନ ଶ୍ରମିକ ଏକ ଘରୋଇ ବସ ଯୋଗେ କଟକ ଅଭିମୁଖେ ଯାଉଥିଲେ। ସୂଚନା ପାଇ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତ୍ୱରେ ବସଷ୍ଟାଣ୍ଡରେ ପହଞ୍ଚି ଉକ୍ତ ବସରେ ଚଢାଉ କରିଥିଲେ। ୧୪ ଜଣ ଦାଦନଙ୍କୁ ଉଦ୍ଧାର କରି ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ। ଶ୍ରମ ଅଧିକାରୀ ଘଟଣାର ତଦନ୍ତ କରି ପୋଲିସ ସହାୟତାରେ ୧୪ ଜଣଙ୍କୁ ୨ଟି ବୋଲେରୋରେ ସେମାନଙ୍କ ଗାଁ ଡାବୁଗାଁକୁ ପଠାଇଥିଲେ।

କ୍ରିୟା ଯୋଗଧ୍ୟାନ କେନ୍ଦ୍ରର ବାର୍ଷିକ ଉତ୍ସବ

ଭବାନୀପାଟଣା,୧୮।୧୨(ଡି.ଏନ.ଏ.) ଭବାନୀପାଟଣା ସହରସ୍ଥିତ ବାହାଦୂର ବଗିଚାପଡାର କ୍ରିୟା ଯୋଗ ଧ୍ୟାନ କେନ୍ଦ୍ରର ୩୨ତମ ଦୁଇଦିନିଆ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଚଣ୍ଡୀ ଯଜ୍ଞ ହେବା ସହିତ ଦୁଇ କ୍ରିୟା ଯୋଗ ପାଇଁ ଧର୍ମ, ଅର୍ଥ ଓ ମୋକ୍ଷ ବିଷୟରେ ପରମହଂସ ଆତ୍ମାନନ୍ଦ ଜୀ ଉଦବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଗବତ ଗୀତା ଆବୃତ୍ତି ପାଇଁ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଧ୍ୟାନକେନ୍ଦ୍ରର ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ସୁନିଲ ବେହେରା, ରଘୁନାଥ ମହାଖୁଣ୍ଟ, ସୁବାସ ଚାନ୍ଦ, ସମ୍ପାଦକ ପଞ୍ଚାନନ ମୁଣ୍ଡ, କୋଷାଧ୍ୟକ୍ଷ ସୁରେନ୍ଦ୍ର ନେଗୀ ପ୍ରମୁଖ ସହଯୋଗ କରିଥିଲେ ।

ଅଦିନିଆ ବର୍ଷା: ଚାଷୀ ଆତଙ୍କିତ

ବାତ୍ୟା ପେଥାଇ ଉଜୁଡ଼ାଇଲା ଫସଲ

ପାଣିରେ ବୁଡି ରହିଛି ଧାନ

ଜଣେ ଚାଷୀ କଟା ଯାଇଥିବା ଧାନକୁ ପାଣିରୁ ବାହାର କରି ଆଣୁଛି।

କର୍ଲାମୁଣ୍ଡା,୧୮।୧୨(ଡି.ଏନ.ଏ.)

ସାମଦ୍ରିକଝଡ ପେଥାଇ ଉଜୁଡାଇ ଦେଇଛି ଚାଷୀଙ୍କ ବର୍ଷର ଫସଲ। ଝିପି ଝିପି ବର୍ଷା ଯୋଗୁ ବିଲରେ କଟା ହୋଇଥିବା ଧାନ ପାଣିରେ ଭାଶୁଛି। ଅଦିନିଆ ବର୍ଷା ଯୋଗୁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଚାଷୀ ବର୍ତ୍ତମାନ ଆଶା ଓ ଆଶଙ୍କାରେ ରହିଛନ୍ତି। ବିଭିନ୍ନ ସଙ୍କଟରୁ କିଛି ମାତ୍ରାରେ ବଞ୍ଚି ରହିଥିବା ଧାନକୁ ଅମଳ କରି ବର୍ଷକର ଗୁଜୁରାଣ ମେଣ୍ଟାଇବା ଆଶା ରଖିଥିବା ଚାଷୀଙ୍କ ଉପରେ ଅମଳ ବେଳକୁ ଲଘୁଚାପ ଜନିତ ବାତ୍ୟା 'ପେଥାଇ' ପୁଣି ଦାଉ ସାଧିଲା । ରବିବାର ଦିପ୍ରହରଠାରୁ ଝିପି ଝିପି ବର୍ଷା ଯୋଗୁ ଚାଷୀଙ୍କୁ ବିଲରୁ ଧାନ ଆଣିବା ପାଇଁ ସମୟ ମିଳିଲାନି । ଦିନ ରାତି ବର୍ଷା ଲାଗି ରହିବା ଯୋଗୁ ବିଲରେ ପଡିଥିବା ଧାନ ଏବେ ପାଣିରେ ଭାଶୁଛି । ଯାହାକୁ ଦେଖି ଚାଷୀ ଆଖିରେ ଲୁହ ଆସିଛି। ଚାଷୀ ପରିବାର ପ୍ରତିପୋଷଣ ଏବେ ବର୍ଷକ ପାଇଁ ଚିନ୍ତାରେ ପଡ଼ିଛନ୍ତି। ସରକାରୀ ତଥ୍ୟ ମୁତାବକ ମଙ୍ଗଳବାର ସକାଳ ସୁଦ୍ଧା କର୍ଲାମୁଣ୍ଡା ବ୍ଲକରେ ୩୬ରୁ ଅଧିକ ମି.ମି. ବର୍ଷା ରେକର୍ଡ ହୋଇଛି। ଫଳରେ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଛି। ଶୁଖିଲା ପାଗ ନ ହେବା ଯାଏଁ ଚାଷୀ ବିଲରୁ ବାହାରକୁ କଟା ଧାନ ଆଣିବା ପାଇଁ ମୁସ୍କିଲ ହୋଇ ପଡିଛି । କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଧାନକୁ ବାତ୍ୟା କବଳରୁ ସୁରକ୍ଷିତ ସ୍ଥାନରେ ରଖିବାକୁ ସୂଚନା ଦିଆଯାଇଥିଲେ ହେଁ ଚାଷୀଙ୍କୁ ଏଥିପାଇଁ କୌଣସି ସମୟ ମିଳି ନ ଥିଲା। ଗୋଟିଏପଟେ ଶ୍ରମିକ ଅଭାବ ସାଙ୍ଗକୁ ଅନ୍ୟପଟେ ଧାନ ଅମଳ କରୁଥିବା ମେଶିନ ଠିକ୍ ସମୟରେ ମିଳୁ ନ ଥିବାରୁ ଚାଷୀ ଉପଯୁକ୍ତ ସମୟରେ ଅମଳ କରି ପାରି ନ ଥିଲେ। ଯାଫଳରେ ଖଳାରେ ଥିବା ଧାନ ମଧ୍ୟ ଭିଜି ଯାଇଛି। ଝିପି ଝିପି ବର୍ଷା ସାଙ୍ଗକୁ ପବନ କଟା ହୋଇ ନ ଥିବା ଧାନ ଗଛ ବିଲରେ ପଡି ଯାଇଛି। ଅନ୍ୟପଟେ କର୍ଲାମୁଣ୍ଡା ବ୍ଲକର କର୍ଲାମୁଣ୍ଡା, ଯୋରାଡବ୍ରା, ରିଷିଡା ସମବାୟ ସମିତି ଜରିଆରେ ୬୧୦ ଜଣ ଚାଷୀଙ୍କ ୨୨ ହଜାର ୩୬୭ କୁଇଣ୍ଟାଲ ୬୪ କେଜି ଧାନ କ୍ରୟ ହୋଇଥିଲେ ହେଁ ଏନାଲେସିସ ଅନୁଯାୟୀ ୪/୫ କେଜି କଟନିରେ ଧାନ ଉଠିଥିଲା । ଅନ୍ୟପକ୍ଷେ ଭିଜା ଧାନ ମଣ୍ଡିକୁ ବିକ୍ରୟ ପାଇଁ ନେଲେ ମିଲର୍ସମାନେ କ୍ରୟ କରୁ ନ ଥିବାରୁ ସେ ଧାନକୁ ଚାଷୀ କିପରି ବିକ୍ରି କରିବ ତାହା ଏବେ ଚାଷୀ ପାଇଁ ଚିନ୍ତାର ବିଷୟ ପାଲଟିଛି। ସେଥିପାଇଁ କ୍ଷୟକ୍ଷତିର ଠିକ ଆକଳନ କରି ଚାଷୀଙ୍କୁ ସହାୟତା ରାଶି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଝିପି ଝିପି ବର୍ଷା, ହାଡଭଙ୍ଗା ଶୀତ

ଧାନ ଚାଷ ନଷ୍ଟ ଆଶଙ୍କା, ଚିନ୍ତାରେ ଚାଷୀ

ଜୁନାଗଡ,୧୮।୧୨(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ଜୁନାଗଡ ବ୍ଲକ ବଣ୍ଡାକୁଟ୍ରା ଗ୍ରାମର ଏକ ଚାଷ ଜମିର ଧାନ ଓହଳି ପଡିଛି।

ସାମଦ୍ରିକଝଡ ପେଥାଇର ପ୍ରଭାବରେ କଳାହାଣ୍ଡି ଜିଲାରେ ରବିବାରଠାରୁ ଝିପିଝିପ ବର୍ଷା ସାଙ୍ଗକୁ ହାଡଭଙ୍ଗା ଶୀତ ଜାରି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଜିଲାର ଜୁନାଗଡ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୪୦ ପ୍ରତିଶତ ଜମିର ଧାନ କଟା ଯାଇପାରିନାହିଁ। ସେହିପରି ୩୦ପ୍ରତିଶତ ଧାନ ଖଳାରେ ରାଶି ଆକାରରେ ଓ କର୍ପା (ଧାନବିଡା) ଆକାରରେ ପଡିରହିଛି। ଅବଶିଷ୍ଟ ପ୍ରତିଶତ ଧାନ ମଣ୍ଡିରେ ଚାଷୀମାନେ ବିକ୍ରି କରିସାରିଛନ୍ତି। ତେବେ ପେଥାଇ ପ୍ରଭାବରେ ଝିପିଝିପି ବର୍ଷା ଜାରି ରହିଥିବାରୁ ଖେତରେ ଥିବା ଧାନଗୁଡିକ ଏବେ ଓହଳି ପଡିଥିବା ଦେଖିବାକୁ ମିଳିଛି। ଫଳରେ ସେଠାକାର ଧାନ ଚାଷ ନଷ୍ଟ ହେବା ଆଶଙ୍କା କରାଯାଉଛି। ସେହିପରି ଖଳାରେ ରାଶି ଆକାରରେ ଓ ବିଡା ଆକାରରେ ଥିବା ଧାନ ମଧ୍ୟ ବର୍ଷା ଯୋଗୁ ଭିଜିଯାଇଛି। ଚାଷୀମାନେ ନିଜ ଉଦ୍ୟମରେ ତାରପୋଲିନ, ପାଳ ଆଣି ଧାନକୁ ଢାଙ୍କିବାକୁ ଚେଷ୍ଟା କରିଥିଲେ ମଧ୍ୟ ଲଗାଣ ବର୍ଷାରେ ତାହା ଭିଜିଯାଇଛି। ଯଦି ଆଉ କିଛିଦିନ ବର୍ଷା ଲାଗି ରହେ ଧାନ ଗଜା ହେବା ମଧ୍ୟ ଆଶଙ୍କା କରାଯାଉଛି। ପେଥାଇ ପ୍ରଭାବରେ ଝିପିଝିପି ବର୍ଷା ସାଙ୍ଗକୁ ହାଡଭଙ୍ଗା ଶୀତ ହେଉଥିବାରୁ ଲୋକେ ରେନ କୋଟ ନା ଶୀତବସ୍ତ୍ର ପିନ୍ଧିବେ ତାହାକୁ ନେଇ ଦ୍ୱନ୍ଦରେ ପଡିଛନ୍ତି। ସେପଟେ ବିଜୁଳିର ଲୁଚାକାଳି ଖେଳ ସାଧାରଣଙ୍କୁ ଅତିଷ୍ଠ କରିଛି। ଦିନକୁ ୭/୮ ଘଣ୍ଟା ବିଦ୍ୟୁତ କାଟ ହେଉଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯାହାକୁ ନେଇ ବିଦ୍ୟୁତ ବିଭାଗ ଉପରେ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ବର୍ଷା ଛାଡିଲା ପରେ ଧାନ ଚାଷ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡିବ।

କେସିଙ୍ଗା ବ୍ଲକରେ କପା ଓ ଧାନ ବ୍ୟାପକ ନଷ୍ଟ

କେସିଙ୍ଗା,୧୮।୧୨(ଡି.ଏନ.ଏ.) ଗତ ରବିବାରଠାରୁ ଲଘୁଚାପ ପେଥାଇ ପ୍ରଭାବରେ ମଙ୍ଗଳବାର ଯାଏ କେସିଙ୍ଗା ବ୍ଲକରେ ଝିପିଝିପି ବର୍ଷା ଲାଗି ରହିଛି । ଫଳରେ କେସିଙ୍ଗା ବ୍ଲକ ଚାଷୀଙ୍କ କପା ଓ ଧାନ ବ୍ୟାପକ ଭାବେ ନଷ୍ଟ ହୋଇଯାଇଛି। ଚଳିତ ଖରିଫ ଋତୁରେ କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତରେ ୯ ହଜାର ହେକ୍ଟରରେ କପା ଓ ୯ ହଜାର ହେକ୍ଟରରେ ଧାନ ଚାଷ କରାଯାଇଥିଲା । କେସିଙ୍ଗା ବ୍ଲକରେ ଗତ ଜୁନଠାରୁ ଅଗଷ୍ଟ ଯାଏ ଭଲ ବର୍ଷା ହୋଇଥିବାରୁ ଧାନ, କପା ଭଲ ଫସଲ ହୋଇଛି । ଅଧିକାଂଶ ଚାଷୀ ପ୍ରାୟ ୫୦ ପ୍ରତିଶତ ଚାଷୀ ଧାନ ଓ କପା ଅମଳ କରିସାରିଲେଣି । କିନ୍ତୁ ଧାନ କ୍ଷେତରେ ବହୁ ଚାଷୀଙ୍କ ଅଛି, କିଏ ଧାନ କାଟି କ୍ଷେତରେ ଗଦା କରି ରଖିଛି । ବହୁ ଚାଷୀ ଧାନ କାଟି ଖଳାରେ ପଲିଥିନ ଘୋଡାଇ ଧାନକୁରଖିଛନ୍ତି । ବିଲରେ ବର୍ଷା ପାଣି ଭରି ରହିଥିବାରୁ କଟା ଧାନଗୁଡିକ ଭିଜି ନଷ୍ଟ ହୋଇଯାଇଛି। କପା ଚଷ ମଧ୍ୟ ଲଘୁଚାପ ଜନିତ ବର୍ଷା ଜଳରେ ଭିଜି ନଷ୍ଟ ହୋଇଯାଇଛି । ସେହିପରି କାନ୍ଦୁଳ ଚାଷ ମଧ୍ୟ ୩୫୦ ହେକ୍ଟର କରାଯାଇଛି । କାନ୍ଦୁଳ ଗଛରେ ଫୁଲଗୁଡିକ ବର୍ଷାରେ ନଷ୍ଟ ହୋଇଯାଇଛି । ମୁଗ ଚାଷ ୫୬୦ ହେକ୍ଟରେ କରାଯାଇଛି। କ୍ଷେତରେ ଲଘୁଚାପ ଜନିତ ବର୍ଷା ଭରିଯାଇ ଥିବାରୁ ମୁଗ ଚାଷ ମଧ୍ୟ ନଷ୍ଟ ହେବା ବହୁ ସମ୍ଭାବନା ରହିଛି। ହଠାତ୍ ଲଘୁଚାପ ପେଥାଇ ଆସିଯିବାରୁ ଗତ ରବିବାରଠାରୁ ମଙ୍ଗଳବାର ୩ ଦିନ ବ୍ୟାପି ଝିପିଝିପି ବର୍ଷା ଲାଗି ରହିଛି । ଏହା ସହିତ ଥଣ୍ଡା ପବନ ବୋହିବାରୁ ବୁଢ଼ାବୁଢ଼ୀଠାରୁ ଯୁବକ, ଯୁବତୀ, ମହିଳା ଥଣ୍ଡାରେ ଘରୁ ବାହାରି ପାରୁନାହାନ୍ତି। ଏ ନେଇ କେସିଙ୍ଗା କୃଷି ବିଭାଗ କୃଷି ଓଭରସିୟର ତନୁଚରଣ ନାଏକଙ୍କୁ ପଚାରିବାରୁ କପା, ଧାନ ବର୍ଷାରେ ସେମିତି ବହୁତ କ୍ଷତି ହୋଇନାହିଁ। କିନ୍ତୁ ବର୍ଷା ହୋଇଥିବାରୁ ଧାନ, କପା ଓଦା ହୋଇ ଆଂଶିକ କ୍ଷତି ହୋଇଛି ବୋଲି ପ୍ରକାଶ କରିଥିଲେ ।

କ୍ରିକେଟ ଟୁର୍ନାମେଣ୍ଟ: କେସିଙ୍ଗା ଚାମ୍ପିୟନ

ପଲମ,୧୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍ରୁଟି ପଞ୍ଚାୟତସ୍ଥିତ ମୁସ୍ରୁଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆଠାରେ ଚାଲିଥିବା ଗ୍ରାମାଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କେସିଙ୍ଗା ବନାମ ଧଅଁରାମାଲ (ଉଫେର) ମଧ୍ୟରେ ହୋଇଥିଲା । ଧଅଁରାମାଲ ଦଳ ନିର୍ଦ୍ଧାରିତ ଓଭରରେ ୬୭ ରନ୍ କରିଥିଲା । ଜବାବରେ କେସିଙ୍ଗା ଦଳ ୨୨ ବଲ ପୂର୍ବରୁ ୩ ଉଇକେଟ ହରାଇ ୬୮ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ରୁପ୍ରା ପ୍ୟାକ୍ସ ସଭାପତି ସରୋଜ ରାଉତ, ସମ୍ମାନିତ ଅତିଥି ଭାବେ ଜଗବନ୍ଧୁ ମହାନ୍ତି, ଗୋବର୍ଦ୍ଧନ ନାଏକ, ଦୁଲ୍ଲଭ ମାହାର, ରାମେଶ୍ୱର ସା, ଅଭିମନ୍ୟୁ ସାହୁ, ପୂର୍ଣ୍ଣଚନ୍ଦ୍ର ସୁନ୍ଦରରାଏ, ପୁରୁତ୍ତମ ଗଉଡ, ଗଙ୍ଗାଧର ସୁନା ଓ ବଳଦେବ ଭୋଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ପରିଚାଳନା ଗୁଡୁ ସାହୁ, ସତମା ନାଏକ କରିଥିଲେ। ଦୁଲ୍ଲଭ ମାହାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୦ଟି ଦଳ ଯୋଗଦେଇଥିଲେ।

ଚାମ୍ପିୟନ୍ ଦଳକୁ ପୁରସ୍କୃତ କରାଯାଉଛି।

ଦଳିତଙ୍କ ସମସ୍ୟା ଓ ନିରାକରଣ ଆଲୋଚନାଚକ୍ର

ଭବାନୀପାଟଣା,୧୮।୧୨(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ କଳାହାଣ୍ଡି ଜନବାଦୀ ଲେଖକ ମଞ୍ଚ ପକ୍ଷରୁ ଦଳିତଙ୍କ ସମସ୍ୟା ଓ ନିରାକରଣ ସମ୍ବନ୍ଧୀୟ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଇକଞ୍ଚ ଗୁଳିକାଣ୍ଡ ୧୮ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡର ପ୍ରସିଦ୍ଧ ଲେଖିକା ଜସିଂତା କେରକେଟା ଯୋଗଦେଇ ଶିଳ୍ପାୟନ ଯୋଗୁ କିଭଳି ଆଦିବାସୀ ଦଳିତମାନେ ଶୋଷିତ ଓ ନିଷ୍ପେଷିତ ହେଉଛନ୍ତି ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡର ଆମ୍ବେଡ଼କରବାଦୀ ଗୋଲଡି ଜଜ୍, ମାନବାଧିକାର କର୍ମୀ ଦେବରଞ୍ଜନ, ରଞ୍ଜନା ପାଢୀ, ନିସାନର ସମ୍ପାଦକ ଲେନିନ କୁମାର ପ୍ରମୁଖ ଦଳିତଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସେମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ କୁମୁଦ ରଞ୍ଜନ ନାୟକଙ୍କ ପରିବାରକୁ ଜନବାଦୀ ଲେଖକ ମଞ୍ଚ ପକ୍ଷରୁ ଭାତୃତ୍ୱ ସମ୍ମାନ ୨୦୧୮ରେ ସମ୍ମାନିତ କରାଯାଇଥିଲା। ହେମନ୍ତ ଦଳପତିଙ୍କ ନିର୍ଦ୍ଦେଶିତ ନାଟକ 'ଆମେ ନାଟ କରମା' ପରିବେଷଣ କରାଯାଇଥିଲା।

ବର୍ଷାରେ ଭିଜିଲା କପା, କ୍ଷତିରେ ଚାଷୀ

ଭବାନୀପାଟଣା,୧୮।୧୨(ଡି.ଏନ.ଏ.)

ଅଦିନିଆ ବର୍ଷା ଯୋଗୁ ଏବେ କଳାହାଣ୍ଡି ଜିଲାର ଅନେକ ସ୍ଥାନରେ କପା ନଷ୍ଟ ହୋଇଯାଇଛି। ଫଳରେ ସହାୟକ ମୂଲ୍ୟ ଆଉ ପାଇବ କି ନାହିଁ ତାହା ନେଇ ଆଶଙ୍କ ଦେଖାଦେଇଛି। ବର୍ଷା ଯୋଗୁ ଚାଷୀ ବହାରେ ରଖିଥିବା କପା ଭିଜି ଯାଇଥିବା ବେଳେ ପରିପକ୍ୱ ହୋଇ ଗଛରେ ଥିବା କପାର ମାନ ବି ଖରାପ ହେବା ଚାଷୀ କହିଲେଣି। ମଣ୍ଡି ବିଳମ୍ବରେ ଆରମ୍ଭ ହେବାରୁ ପ୍ରଥମେ ଚାଷୀ ଦଲାଲର ଶିକାର ହେଲା । ଏବେ ଧର୍ମକୁ ଆଖିଠାର ଭଳି ମଣ୍ଡି ଚାଲିଛି। ମଣ୍ଡିରୁ ଏଯାଏ ପ୍ରାୟ ୧୦ ହଜାର କୁଇଣ୍ଟଲ କପା ଉଠିଛି। ମଣ୍ଡିରୁ ଚାଷୀ ଗଲେ କପାର ମାନ ନେଇ ହଇରାଣ କରଯାଉଛି। ଫଳରେ କପା ଆଣିବା ପାଇଁ ଚାଷୀ ଡରୁଛି। ଏହାର ଫାଇଦା ନେଇ କପା ବେପାରୀମାନେ ଚାଷୀମାନଙ୍କଠାରୁ କାମ ଦରରେ କପା କିଣି ବାହାର ଜିଲାକୁ ନେଉଛନ୍ତି। ଏଠି ବି ସଂସ୍ଥାମାନେ ବିନା ମଣ୍ଡିରେ କମ ଦରରେ କପା କିଣୁଛନ୍ତି।

ବିଭିନ୍ନ ମଣ୍ଡି ପରିଦର୍ଶନ କଲେ ଜିଲାପାଳ

ଜୁନାଗଡ,୧୮।୧୨(ଡି.ଏନ.ଏ.)

ମଣ୍ଡିରେ ଚାଷୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ସାମୁଦ୍ରିକ ଝଡ ପେଥାଇର ପ୍ରଭାବରେ କଳାହାଣ୍ଡି ଜିଲାରେ ରବିବାରଠାରୁ ମଙ୍ଗଳବାର ଯାଏ ଝିପିଝିପି ବର୍ଷା ଲାଗି ରହିଛି। ବର୍ଷା ପୂର୍ବରୁ ଜୁନାଗଡ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମଣ୍ଡିର ଚାଷୀଙ୍କୁ ଧାନ ଢାଙ୍କିବା ପାଇଁ ପ୍ୟାକ୍ସ ଜରିଆରେ ତାରପୋଲିନ ଯୋଗାଣ କରାଯାଇଥିଲା। ଚାଷୀମାନେ ଉକ୍ତ ତାରପୋଲିନକୁ ନିଜ ଧାନ ଗଦାରେ ଢାଙ୍କି ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରିଛନ୍ତି। ଏପଟେ ଧାନ ବିକ୍ରି କରିବା ଆଶା ନେଇ ମଣ୍ଡିରେ ଜଗିଥିବା ଚାଷୀଙ୍କୁ ଭେଟିବା ପାଇଁ ମଙ୍ଗଳବାର କଳାହାଣ୍ଡି ଜିଲାପାଳ ଡଃ ପରାଗ ହର୍ଷଦ ଗାଭାଲି ଓ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ପ୍ରମୁଖ ଜୁନାଗଡ ଓ କୋକସରା ବ୍ଲକର ବିଭିନ୍ନ ମଣ୍ଡିଗୁଡିକୁ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ଚାରବାହାଲ, ମହିଚଲା, ଜୁନାଗଡ, କୋକସରା, ଟେମରି ପ୍ରମୁଖ ମଣ୍ଡିଗୁଡିକୁ ପରିଦର୍ଶନ କରି ସେଠାକାର ଚାଷୀଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର ଧାନ ଉଠାଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଚାଷୀମାନେ ଅମଳ କରି ରଖିଥିବା ଧାନକୁ ଶୀଘ୍ର ମଣ୍ଡିକୁ ନେଇ ବିକ୍ରି କରିବା ପାଇଁ ଜୁନାଗଡ ଆରଏମସି ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗାଁକୁ ଗାଁ ଯାଇ ସଚେତନ କରାଯାଉଛି। ଦିନକୁ ଜଣେ ଚାଷୀ ୧୫୦ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ ଓ ଖୋଲା ଆକାଶ ତଳେ ଚାଲିଥିବା ମଣ୍ଡିମାନଙ୍କରୁ ଦୈନିକ ୩ ହଜାରରୁ ୩୫ ଶହ କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଜୁନାଗଡ ଆରଏମସି ସମ୍ପାଦକ ବସନ୍ତ କୁମାର ସେଠି ପ୍ରକାଶ କରିଛନ୍ତି। ସେହିପରି ୱେଗ୍ ବ୍ରିଜ ରହିଥିବା ମଣ୍ଡିରେ ୫ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ସେ କହିଛନ୍ତି।

କଳାହାଣ୍ଡି ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ଭବାନୀପାଟଣା,୧୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ ସଦର ଥାନା ଅନ୍ତର୍ଗତ ମେରକୁଲ ଗ୍ରାମଠାରେ ଏକ ଜନସମ୍ପର୍କ ଶିବିର ଆୟୋଜିତ ହୋଇଛି। ଏଥିରେ ଏସପି ଡି ଗଙ୍ଗାଧର, ଅତିରିକ୍ତ ଏସପି ନିରୋଜ ମିଶ୍ର, ରିଜର୍ଭ ଆରଆଇ ରଞ୍ଜିତ କୁମାର ବାର୍ଲା ଅତିଥି ଭାବରେ ଯୋ

ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ତ ତୁଳସୀଦାସ

ସଂକ୍ଷେପରେ

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ବୋଡେନ,୧୮।୧୨(ଡି.ଏନ.ଏ.)
ନୂଆପଡ଼ା ଜିଲା ବୋଡେନ ବ୍ଲକ ସଭାଗୃହଠାରେ ସୋମବାର ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆପଡା ଡିଆରଡିଏ ପିଡି ଭୃଷଭ ଚନ୍ଦ୍ର ନାଏକ, ପୋଲିସ ବିଭାଗର ଡିଆଇଜି, ବୋଡେନ ବିଡିଓ ମନୋଜ ମହାନ୍ତି, ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ, ସିଡିପିଓ ସବିନା ଲାକ୍ରା, ତହସିଲଦାର ନରେନ୍ଦ୍ର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଆସୁତୋସ ପଟନାଏକ ପ୍ରମୁଖଙ୍କ ସହ ଜିଲା ଓ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଶୁଣାଣି ଶିବିରରେ ସାମୂହିକ ୩ଟି ଏବଂ ବ୍ୟକ୍ତିଗତ ୧୯ ଟି ଅଭିଯୋଗପତ୍ରର ଶୁଣାଣି କରାଯାଇଥିଲା । ବିଶେଷ କରି ଇନ୍ଦିରା ଆବାସ ଗୃହ ସମ୍ପର୍କରେ ଅଭିଯୋଗ କରାଯାଇଥିଲା ।

ରାହୁଲଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

ନୂଆପଡା ଅଫିସ,୧୮।୧୨
ରାଫେଲ ଡିଲ ସମ୍ପର୍କୀତ କଂଗ୍ରେସ ସଭାପତି ମିଥ୍ୟା ବୟାନ ଦେଇଥିବା ସୁପ୍ରିମ କୋର୍ଟ ସ୍ପଷ୍ଟ କରିଛି । ରାହୁଲ ଏହାକୁ ନେଇ ଦେଶବାସୀଙ୍କ ନିକଟରେ ଭୁଲ ପାଇଁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଭାଜପା ଦାବି କରିବା ସହ ରାହୁଲଙ୍କ କୁଶ ପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛି। ମଙ୍ଗଳବାର ସ୍ଥାନୀୟ ଏକତା ଛକ ନିକଟରେ କୁଶ ପୁତ୍ତଳିକା ଦାହ କରି ପ୍ରତିବାଦ କରାଯାଇଛି ।
ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ସଭାପତିତ୍ୱରେ ସ୍ଥାନୀୟ ଭାଜପା ଜିଲା କାର୍ଯ୍ୟାଳୟଠାରୁ ଏକ ରାଲିରେ କର୍ମକର୍ତ୍ତାମାନେ ବାହାରିଥିଲେ। ଏକତା ଛକ ନିକଟରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ କୁଶ ପୁତ୍ତଳିକାରେ ନିଆଁ ଲଗାଇଥିଲେ। ଏଥିରେ ଭାଜପାର ରାଜ୍ୟ କାର୍ଯ୍ୟ କାରିଣୀ ଯଦୁମଣୀ ପାଣିଗ୍ରାହୀ, ଖଡିଆଳ ବିଧାନସଭା ପ୍ରଭାରୀ ଦୃଷ୍ଟିଚନ୍ଦ୍ର ମାଝି, ସୁବ୍ରତ ଠାକୁର, ଖାମସିଂ ମାଝି, ମୁନା ମହାପାତ୍ର, ମୁରଲାଧର ସୁନା, ଚତୁର୍ଭୁଜ ଶର୍ମା, ମାର୍କଣ୍ଡ ଗହୀର, ମନିଶ ତିୱାରୀ, ଟିଙ୍କୁ ପଣ୍ଡା, ମାର୍କଣ୍ଡ ଗହୀର, ଦିଲାପ ନିର୍ମଳକର ପ୍ରମୁଖ ସାମିଲ ହୋଇଥିଲେ ।

ପୂର୍ବତନ କାଉନସିଲରଙ୍କ ବିୟୋଗରେ ଶୋକସଭା

ଭବାନୀପାଟଣା,୧୮।୧୨(ଡି.ଏନ.ଏ.)
ପୂର୍ବତନ କାଉନସିଲର ଉଦୟଭାନୁ ପାତ୍ରଙ୍କ ବିୟୋଗରେ ଜିଲା କଂଗ୍ରେସ ପକ୍ଷରୁ ଭବାନୀପାଟଣା ସହରସ୍ଥିତ କଂଗ୍ରେସ ଅଫିସଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦୟଭାନୁଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଉଦ୍ଧବ ଚରଣ ସାହୁ, ବ୍ରଜସୁନ୍ଦର ସାହୁ, ସୁରେଶ ପଟ୍ଟନାୟକ, ମହମ୍ମଦ ଅଲ୍ଲୀ, ଶରତ ନାଏକ, ଉଦିଆ ସୁନାନୀ, ଭାଗବତ ଯାଦବ, ବାବା ଅଲ୍ଲାଖାଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାତ୍ରଙ୍କ ଦେହାନ୍ତରେ ପୂର୍ବମନ୍ତ୍ରୀ ଭକ୍ତଚରଣ ଦାସ, ଜଗନ୍ନାଥ ପଟ୍ଟନାୟକ, ରାସ ବିହାରୀ ବେହେରା, ପୂର୍ବ ବିଧାୟକ ଗୋବର୍ଦ୍ଧନ ଦାସ, ଅଜିତ ଦାସ, ଶିବାଜୀ ମାଝି ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

ଅଦିନିଆ ବର୍ଷାରେ ଭିଜିଲା ଧାନ: ଚିନ୍ତାରେ ଚାଷୀ

ଖଡିଆଳ,୧୮।୧୨(ଡି.ଏନ.ଏ.)

ଖଡ଼ିଆଳ ଅଞ୍ଚଳର ଚାଷୀମାନେ ବର୍ଷା ପାଣିରେ ଭିଜିଥିବା ଧାନ ଦେଖାଉଛନ୍ତି ।

ନୂଆପଡା ଜିଲା ଖଡିଆଳ ବ୍ଲକର ଚାଷୀଙ୍କୁ ସମସ୍ୟା ପିଛା ଛାଡିବାର ନାଁ ନେଉ ନାହିଁ । କେତେ ବେଳେ ବର୍ଷା ଅଭାବରୁ ଆଉ କେତେ ବେଳେ ରୋଗ ପୋକ ସହ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଅଦିନିଆ ବର୍ଷାର ସମ୍ମୁଖୀନ ହେଉଥିବା ବେଳେ ଚଳିତବର୍ଷ ମଧ୍ୟ ସେହି ସମାନ ଅବସ୍ଥା । ଚଳିତବର୍ଷ ଖରିଫ ଚାଷ ଆରମ୍ଭରୁ ବର୍ଷା ଅଭାବ ପରେ ଭଲ ବର୍ଷା ହୋଇଥିଲା । ତେବେ ଚାଷ ଅମଳ ହେବାକୁ ଥିବା ବେଳେ ପୁଣି ବର୍ଷାଭାବ ଯୋଗୁ ଛୋଟ ଓ ମଧ୍ୟମ ଧରଣର ଧାନ ସାଙ୍ଗକୁ ଅଣଜଳସେଚିତ ଜମିରେ ଥିବା ଧାନ ଚାଷ ମରୁଡିର ସମ୍ମୁଖୀନ ହୋଇଥିଲା । ଜଳସେଚିତ ଜମିଗୁଡିକରେ ଅମଳକ୍ଷମ ଧାନକୁ କାଟି କିଏ ଜମିରେ ତ ଆଉ କିଏ ଧାନ ମଡାଇବା ପାଇଁ ଖଳାରେ ରଖିଥିଲେ । ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ମେଘୁଆ ପାଗ ସହ ଅଦିନିଆ ବର୍ଷା ଖଡିଆଳ ବ୍ଲକର ଚାଷୀଙ୍କୁ ଅଡୁଆରେ ପକାଇଛି। ଗତ ରବିବାର ରାତିରୁ ଅଦିନିଆ ବର୍ଷା ଲାଗି ରହିଥିବାରୁ ଖଡିଆଳ ବ୍ଲକରେ ବିଶେଷ କରି ଧାନ କଟା ହେବା ପରେ କ୍ଷେତରେ ପଡି ରହିଥିବା ଧାନ ଏବଂ ଧାନ ଖଳାରେ ରଖାଯାଇଥିବା ଧାନଗୁଡିକ ସମ୍ପୂର୍ଣ୍ଣ ଭିଜିଯାଇଛି । ଚାଷ ଜମିରେ ୨ରୁ ୪ ଫୁଟ ପାଣି ମଧ୍ୟ ପ୍ରବାହିତ ହେଉଛି । ଫଳରେ ମେଘୁଆ ପାଗ ସହ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅମଳକ୍ଷମ ଧାନ ଗଜା ହେବାର ଆଶଙ୍କା ଦେଖାଦେଇଛି । ଯାହାକୁ ନେଇ ଚିନ୍ତାରେ ଚାଷୀ । ବର୍ଷାକୁ ଦୃଷ୍ଟିରେ ରଖି କିଏ ଧାନ ଖଳାରେ ପଲିଥିନ ଗୋଡେଇ ତ ଆଉ କିଏ ଘରେ ଆଣି ପଲିଥିନ ଗୋଡେଇ ଧାନକୁ ସୁରକ୍ଷିତ କରି ରଖିବାରେ ଲାଗି ପଡିଛନ୍ତି । ଗୋଟିଏପଟେ ଗତ ୨୦୧୫ଠାରୁ ଲଗାତର ୪ବର୍ଷ ହେଲା ଖଡିଆଳ ବ୍ଲକର ଚାଷୀ ବର୍ଷା ଅଭାବରୁ ମରୁଡିର ସମ୍ମୁଖୀନ ହୋଇ ଆସୁଥିଲେ । ଚଳିତବର୍ଷ କିଏ ଧାର ଉଧାର କରି ତଆଉ କିଏ ବ୍ୟାଙ୍କରୁ ଋଣ ଆଣି ତ ଆଉ କିଏ ବାସନକୁସନଠୁ ଆରମ୍ଭ କରି ସୁନାଗହଣା ପର୍ଯ୍ୟନ୍ତ ବନ୍ଧକ ରଖି ଚାଷ କରିଥିଲେ । ଲଗାତର ବର୍ଷା ଅଭାବରୁ ମରୁଡିର ସମ୍ମୁଖୀନ ହୋଇ ଏକ ପ୍ରକାର ମୁଣ୍ଡ ଉପରେ ନଳିତା ବିଡା ସଦୃଶ ହୋଇ ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଇଛି । ଏ ପରିସ୍ଥିତିରେ ପ୍ରଶାସନ ଗୁରୁତର ସହ ନେଇ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇବା ପାଇଁ ଚାଷୀ ଦାବି ଜଣାଇଛନ୍ତି।

ବୋଡେନ,୧୮।୧୨(ଡି.ଏନ.ଏ.)
ଲଘୁଚାପ ଜନିତ ବର୍ଷା ଯୋଗୁ ନୂଆପଡା ଜିଲା ବୋଡେନ ବ୍ଲକରେ ଧାନ କିଆରିରେ ପାଣି ଜମି ରହି ଫସଲ ନଷ୍ଟ ହୋଇଯାଇଛି। ଗତ ୩ ଦିନ ଧରି ଅଦିନିଆ ବର୍ଷା ସହ ମେଘୁଆପାଗ ରହି ଝିପି ଝିପି ବର୍ଷା ଲାଗି ରହିଥିବା ବେଳେ ଧାନ ଗଦା କରିରଖିଥିବା ବେଳେ ଧାନଗଜା ହେବାକୁ ବସିଲାଣି । ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏବେ ପୁଣି ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଚାଷୀଙ୍କ ଧାନ, କପା, ହରଡ ଡାଲି, ସିମ୍ବ, ଚଣା, କୋଳଥ, ବାଇଗଣ, ଟମାଟୋ, କୋବି ଇତ୍ୟାଦି ଫସଲ ନଷ୍ଟ ହେବାରେ ଲାଗିଛି । ଏଭଳି ସମୟରେ ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

କେସିଙ୍ଗା ସଙ୍କୁଳସ୍ତରୀୟ ଶିଶୁ ଶିବିର ଉଦ୍‌ଯାପିତ

ପଲମ,୧୮।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ସରସ୍ୱତୀ ଶିଶୁ ମନ୍ଦିରଠାରେ କେସିଙ୍ଗା ସଙ୍କୁଳସ୍ତରୀୟରୁ ଶିଶୁ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ କେସିଙ୍ଗା ସଙ୍କୁଳ ଅନ୍ତର୍ଗତ କେସିଙ୍ଗା, ନର୍ଲା, ମ.ରାମପୁର, ରୁପ୍ରାରୋଡ, କର୍ଲାମୁଣ୍ଡା, ରିଷିଡା, ଯୋରାଡବରା ଆଦି ସରସ୍ୱତୀ ଶିଶୁ ମନ୍ଦିରର ଚତୁର୍ଥରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଶିଶୁମାନେ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ, ନୃତ୍ୟ, ଶ୍ଳୋକ ଆଦି ପ୍ରତିଯୋଗିତାରେ ଭାଗ ନେଇ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶିଶୁ ଓ କଳା ବିଭାଗରେ ଉତ୍ତୀର୍ଣ୍ଣ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ମୁଖ୍ୟବକ୍ତା କଳାହାଣ୍ଡି ବିଭାଗ ପ୍ରମୁଖ ବିନାୟକ ଯୋଷୀ, କେସିଙ୍ଗା ସଙ୍କୁଳ ପ୍ରମୁଖ କର୍ଲାପଡା ମହାବିଦ୍ୟାଳୟ ଅଧ୍ୟାପକ ମୋହନ ପୁଟେଲ, ନର୍ଲା ଶିଶୁ ମନ୍ଦିର ଯୁଗ୍ମସମ୍ପାଦକ ରାମଚନ୍ଦ୍ର ପରିଡା ଯୋଗଦେଇ ଛାତ୍ରଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କେସିଙ୍ଗା ସଙ୍କୁଳ ସଂଯୋଜକ ତଥା ନର୍ଲା ପ୍ରଧାନ ଆଚାର୍ଯ୍ୟ କିଶୋର ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା ।

ସଙ୍କୁଳସ୍ତରୀୟରୁ ଶିଶୁ ଶିବିରରେ ମଞ୍ଚାସୀନ ଅତିଥି ।

କୁଶର୍ଲା ମକର ମେଳାର ପ୍ରସ୍ତୁତି ବୈଠକ

ପଲମ,୧୮।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ଗ୍ରାମପଞ୍ଚାୟତସ୍ଥିତ କୁଶୁର୍ଲା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଶୈବ ପୀଠରେ ୫୧ ଖଣ୍ଡ ଗ୍ରାମର ଭକ୍ତଙ୍କୁ ନେଇ ଆସନ୍ତା ମକର ମେଳା ହେବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାୟୀ ସଭାପତି ନିରାକାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ କଂସାସୁର ଜାନୀ ଗତ ମକରମେଳାର ଆୟବ୍ୟୟ ପାଠ କରିଥିଲେ । ଏଥିରେ ପୂର୍ବତନ ସମ୍ପାଦକ ନୈରୁତ ଜାନୀ ସହଯୋଗ କରିଥିଲେ । ଆସନ୍ତା ମକର ମେଳା ପାଇଁ ସମସ୍ତ ଭକ୍ତମାନେ ଏକତ୍ରିତ ହୋଇ ସହଯୋଗ କରି ସୂଚାରୁରୂପେ ପାଳନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଛି । ଆସନ୍ତା ଜାନୁୟାରୀ ୧୨ ତାରିଖରେ ମନ୍ଦିର ପ୍ରବେଶ ଓ ୧୩ ତାରିଖରେ ଦେବତାବରଣ, ୧୪ରେ ମହାସମାରୋହରେ ମକର ମେଳା ପାଳନ, ୧୫ ତାରିଖ ଶିବପାବର୍ତୀଙ୍କଠାରେ ହୋମଯଜ୍ଞ ପୂଜାର୍ଚ୍ଚନା, ୧୬ ଓ ୧୭ ତାରିଖ ଅନ୍ୟାନ୍ୟ ଦେବାଦେବୀଙ୍କୁ ପୂଜା, ୧୮ ତାରିଖରେ ମା' ଚଣ୍ଡିଙ୍କଠାରେ ପିଲୀ ଭୋଗପ୍ରଦାନ ହେବା ପାଇଁ ସ୍ଥିର କରାଯାଇଛି । ପ୍ରତ୍ୟେକ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ହେବା ପାଇଁ ମଧ୍ୟ ସ୍ଥିର କରାଯାଇଛି ।

କୁଶର୍ଲା ମକର ମେଳା ନେଇ ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି ।

ପେଥାଇର ପ୍ରଭାବ

ମୋହନଗିରି ଅଞ୍ଚଳରେ ବ୍ୟାପକ କ୍ଷୟ କ୍ଷତି

ମୋହନଗିରି,୧୮।୧୨(ଡି.ଏନ.ଏ.)
ପେଥାଇ ପ୍ରଭାବରେ ମୋହନଗିରି ଅଞ୍ଚଳ ଚାଷୀଙ୍କ ବ୍ୟାପକ ଧାନ କ୍ଷତି ଘଟିଛି । ଧାନ ଅମଳ ସମୟ ହୋଇଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ କ୍ଷେତରେ ପଡିରହିଛି । ବର୍ଷା ଯୋଗୁ କଟାଯାଇଥିବା କିଆରିର ଧାନ ପେଟା ପାଣିରେ ଭାଷୁଛି । ଯାହାକି ଅମଳ ପରେ ବି ଅଧିକାଂଶ ଧାନ ପଚି ଯିବାର ଆଙ୍କଳା ଦେଖାଯାଇଛି। ଗତ ୩ଦିନ ଧରି ଝିପିଝିପି ବର୍ଷା ଲାଗି ରହିଥିବାରୁ ଚାଷୀ ଧାନ ଅମଳ ପାଇଁ କୌଣସି ଉପାୟ ପାଇନାହାନ୍ତି । ସରକାରୀସ୍ତରରେ ଏଠାକାର ସେବା ସମବାୟ ସମିତି ମାଧ୍ୟମରେ ଧାନକ୍ରୟ ଆରମ୍ଭ ହୋଇଛି । ଶୁଖା ଓ ଉଚିତ ଧାନ ବିକିବାକୁ ଯାଇ ଚାଷୀମାନେ ଏବର୍ଷ ଧାନ କ୍ରୟ ମଣ୍ଡିରେ କୁଇଣ୍ଟାଲ ପ୍ରତି ୫ରୁ ୭ କେଜି କଟନିର ଶିକାର ହେଉଥିବା ବେଳେ ଲଘୁଚାପ ଜନିତ ବର୍ଷାରେ ଭିଜିଥିବା ଧାନକୁ ମିଲର୍ସ ଓ ମିଲର୍ସଙ୍କ ଦଲାଲ୍‌ମାନେ ସାଗମାଛ ଦରରେ ମୁଲଚାଲ କରିବେ ବୋଲି ଚାଷୀମାନଙ୍କ ମଧ୍ୟରେ ଭାଲେଣି ପଡିଛି ।

୧୫ ଘଣ୍ଟା ଧରି ଜଳବନ୍ଦୀ କାଞ୍ଜି ହାଉସପଡା ଲୋକେ

ଖଡିଆଳ,୧୮।୧୨(ଡି.ଏନ.ଏ.)
ନୂଆପଡା ଜିଲା ଖଡିଆଳ ଏନଏସି ୱାର୍ଡ ନଂ. ୩ କାଞ୍ଜି ହାଉସ ପଡାର ୧୦ଟି ପରିବାର ୧୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜଳବନ୍ଦୀ ଥିଲେ । ପ୍ରଶାସନର ହସ୍ତକ୍ଷେପ ପରେ ବର୍ଷା ପାଣି ନିଷ୍କାସନ ହେବାରୁ ପଡାବାସୀଙ୍କୁ ଆଶ୍ୱସ୍ତି ମିଳିଥିଲା । ମିଳିଥିବା ସୂଚନା ଅନୁସାରେ ଖଡିଆଳ ସହର ମୁଖ୍ୟ ରାସ୍ତା ଉପରେ ଦୀର୍ଘ ବର୍ଷ ହେଲା କାଞ୍ଜିହାଉସ ପଡା ଗଢ଼ି ଉଠି ଜନବସତି ହୋଇ ଲୋକେ ରହି ଆସୁଥିଲେ । ପଡାରେ ରହୁଥିବା ସମସ୍ତେ ହରିଜନ ସମ୍ପ୍ରଦାୟର । ତେବେ ଉକ୍ତ ପଡାରେ ବର୍ଷା ପାଣି ନିଷ୍କାସନ ପାଇଁ ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ସାମନାରେ ମୁଖ୍ୟରାସ୍ତାରେ ଏକ ପୋଲ ନିର୍ମାଣ ହୋଇ ଏକ ବେସରକାରୀ ଜମିରୁ ବିଶି ବନ୍ଦ ଦେଇ ପାଣି ନିଷ୍କାସିତ ହେଉଥିଲା। ତେବେ ଉକ୍ତ ବେସରକାରୀ ଜମି ବିକ୍ରି କରି କିଛି ବ୍ୟବସାୟୀ ଉକ୍ତ ଜମି କିଣି ଉକ୍ତ ଜମିରେ ଅନ୍ୟ ସ୍ଥାନରୁ ମାଟି ଆଣି ପୋତିବା ସହ ପୋଲକୁ ବନ୍ଦ କରି ଦେଇଥିଲେ । ଫଳରେ ଗତ ରବିବାର ରାତିରୁ ଅଦିନିଆ ବର୍ଷା ଲାଗି ରହିଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି କାଞ୍ଜି ହାଉସ ପଡାର ୧୦ଟି ପରିବାର ଜଳବନ୍ଦୀ ଭାବେ ରହିଥିଲେ । ଏଥିଯାଗୁ ଚୁଲି ଜଳିବା ବନ୍ଦ ହୋଇଥିବା ବେଳେ ରାତି ସାରା ଭୋକ ଉପାସରେ ୧୦ ପରିବାର ଅନିଦ୍ରାରେ ରହିଥିଲେ । ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ନେଇ ନ ଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଖଡିଆଳ ତହସିଲଦାର ସିନ୍ଧୁସୂତା ପାତ୍ର, ଆଇଆଇସି ସଦାନନ୍ଦ ପୂଜାହାରୀ, ଏସଆଇ ଆଦିତ୍ୟ ମହାକୁଡ ପ୍ରମୁଖ ପହଞ୍ଚି ଥିଲେ । ଉକ୍ତ ଘଟଣାକୁ ଗୁରୁତର ନେଇ ଜମି ମାଲିକମାନଙ୍କୁ ଡକାଇ ଆଲୋଚନା ପରେ ଦମକଳ ବାହିନୀ ସହାୟତାରେ ନାଳ ଖୋଳି ବର୍ଷା ପାଣି ନିଷ୍କାସିତ କରିଥିଲେ। ତହସିଲଦାର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଉକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରି କାଞ୍ଜି ହାଉସ ପଡା ଲୋକଙ୍କ ପାଇଁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

ଖଡିଆଳ ଏନଏସି ୱାର୍ଡ ନଂ. ୩ କାଞ୍ଜି ହାଉସପଡା ପାଣି ଘେରରେ ରହିଛି ।

ଉଦ୍ଧାର କଲା ପ୍ରଶାସନ

ସିନାପାଲି ବ୍ଲକରେ ମଦ ବିରୋଧୀ ଅଭିଯାନ

ଅବକାରୀ ଅଫିସ ଘେରାଉ କରିବେ ମହିଳା

ନୂଆପଡା ଅଫିସ,୧୮।୧୨

ନେତୃତ୍ୱ ନେଉଛି ଆମ ଆଦମୀ ପାର୍ଟି

ନୂଆପଡ଼ା ଜିଲାରେ ମରୁଡି ପରିସ୍ଥିତି ଲାଗି ରହିଥିବା ବେଳେ ଅବକାରୀ ବିଭାଗର ଉଦାସୀନତା ଯୋଗୁ ମଦ ଭାଟି ଗୁଡିକରୁ ବେଆଇନ ଭାବେ ବେଧଡକ ମଦ ବିକ୍ରି ଚାଲିଛି । ଲୋକେ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। ଏହା ବିରୋଧରେ ନୂଆପଡ଼ା ଜିଲା ସିନାପାଲି ବ୍ଲକର ନିଲଜୀ ଗ୍ରାମପଞ୍ଚାୟତର ମହିଳାମାନେ ଅଣ୍ଟା ଭଡିଛନ୍ତି । ଆସନ୍ତା ୨୦ ତାରିଖରେ ଏହାକୁ ନେଇ ଆମ ଆଦମୀ ପାର୍ଟି ତରଫରୁ ଅବକାରୀ ବିଭାଗ, ସିନାପାଲି ଥାନା ଘେରାଉ କରାଯିବାକୁ ସ୍ଥିରି କରିଥିବା କୁହାଯାଇଛି।

ପ୍ରକାଶ ଯେ, ସିନାପାଲି ବ୍ଲକର ବିଶେଷ କରି ନିଲଜୀରେ ବେଆଇନ ଭାବେ ଲାଇସେନ୍ସ ନ ଥିବା ଦୋକାନୀମାନଙ୍କୁ ଭାଟିବାଲା ମଦ ଯୋଗାଣ କରି ଦିନ ଦ୍ୱିପ୍ରହରେ ବିକ୍ରି କରିଚାଲିଛି । ଏପରିକି ପ୍ରାଥମିକ ବିଦ୍ୟାଳୟରୁ ୪୦ ମିଟର ମଧ୍ୟରେ ମଦ ଭାଟି ରହିଛି । ଏହା ଉପରେ ଗ୍ରାମବାସୀ ବାରମ୍ବାର ପ୍ରତିବାଦ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ତେବେ ଏହାକୁ ନେଇ ଆମ ଆଦମୀ ପାର୍ଟି ଜିଲା ସଭାପତି ରଙ୍ଗାଧର ମାଝିଙ୍କ ସଭାପତିତ୍ୱରେ ନିଲଜୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଲଜୀ ଗ୍ରାମପଞ୍ଚାୟତର ସମସ୍ତ ଗାଁର ମହିଳା ସ୍ୱଂୟ ସହାୟକ ଦଳ ମହିଳାମାନେ ଯୋଗଦେଇଥିଲେ । ଏଠିକାର ମଦ ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯିବାଯାଏଁ ଆମେ ଚୁପ ରହିବୁ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହା ଉପରେ ମହିଳାମାନେ ବାରମ୍ବାର ସିନାପାଲି ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ସେଠାରେ ସବୁବେଳେ ତାଲା ପଡିଥିବା ଦେଖିଛନ୍ତି । ଅଧିକାରୀମାନେ କେବେ ହେଲେ ରହୁ ନ ଥିବାରୁ ସେମାନେ ଅବା କିପରି ବେଆଇନ ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମହିଳା ନେତ୍ରୀମାନେ ଉଦବେଗ ପ୍ରକାଶ କରିଛନ୍ତି । ଆନ୍ଦୋଳନ ଦିନ ଏହି ଅଫିସରେ କୌଣସି ଅଧିକାରୀ ନ ଥିଲେ କାର୍ଯ୍ୟାଳୟରେ ସବୁ ଦିନ ପାଇଁ ତାଲା ପକାଇଦେବେ ବୋଲି ଆମ ଆଦମୀ ପାର୍ଟି ଜିଲା ଯୁବ ସଭାପତି ହିତେଶ କୁମାର ପାଣ୍ଡେ କହିଛନ୍ତି ।

ସିନାପାଲି ଅବକାରୀ ବିଭାଗ କାର୍ଯ୍ୟାଳୟରେ ତାଲା ଝୁଲୁଛି ।

ତୀର୍ଥାଟନ ଉପକାଗଙ୍ଗା ପ୍ରତି କାହାର ନଜର ନାହିଁ

ନୂଆପଡା ଅଫିସ,୧୮।୧୨
ନୂଆପଡା ଜିଲା ସଦର ମହକୁମାଠାରୁ ଶହେ କିମି ଦୂର ବୋଡେନ ବ୍ଲକ ଅନ୍ତର୍ଗତ ନାଗପଡା ଗ୍ରାମପଞ୍ଚାୟତର ଅଗନାଅଗନୀ ବନସ୍ତରେ ପ୍ରକୃତିର କୋଳରେ ଥିବା ତୀର୍ଥାଟନ ଉପକା ଗ